# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୭/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, February 17/2023 | Page 18 ₹ 7.00

୪୯ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 85 ମୂଲ୍ୟ₹୭/-




**ଚେତନ ସାକାରିୟା ପ୍ରଭାବୀ ବୋଲିଂ**

ବେଙ୍ଗଲ ବିପକ୍ଷ ରଣଜୀ ଫାଇନାଲରେ ସୌରାଷ୍ଟ୍ର ବୋଲର ଚେତନ ସାକାରିୟା ପ୍ରଭାବୀ ବୋଲିଂ କରି ୩ ଉଇକେଟ ଅକ୍ତିଆର କରିଛନ୍ତି।

୧୮

୧୨

**ବଡ଼ ପରଦାରେ କାର୍ତ୍ତିକଙ୍କ 'ଶେହଜାଦା'**

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ୟ୍ୟାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଶେହଜାଦା' ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି।



**ଆଜିର ସମ୍ପାଦକୀୟ**

ଏକଚ୍ଛତ୍ରବାଦ ପଥେ ଇସ୍ରାଏଲ

**ଆଜିର ମନ୍ତବ୍ୟ**

"ସମାଜବାଦୀ ପାର୍ଟିର କର୍ମକର୍ତ୍ତା ଟେଲିଭିଜନରେ ପ୍ରସାରିତ ହେଉଥିବା ସାମ୍ପ୍ରଦାୟିକ ଘଟଣାବଳୀ ଚର୍ଚ୍ଚାରୁ ନିଜକୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ଭାଜପା ସରକାର ନେତାଙ୍କୁ ମୁଖ୍ୟ ପ୍ରସଙ୍ଗରୁ ବାଟବଣା କରିବାକୁ ଚେଷ୍ଟା କରୁଛି।

– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ






# ସ୍ଥାପନ ହେବ ୧ ହଜାର ଶୀତଳଭଣ୍ଡାର

**ଆରମ୍ଭ ହେଲା ୩ ଦିନିଆ କୃଷି ଓଡ଼ିଶା-୨୦୨୩**

- ସୌର ଶକ୍ତିରେ ଚାଲିବ
- ପ୍ରତି ୟୁନିଟ୍ ପାଇଁ ୧୫ ଲକ୍ଷ ଖର୍ଚ୍ଚ ହେବ
- ନୂଆ ଜ୍ଞାନକୌଶଳରେ ଅଣଧାନ ଫସଲ କରିବାକୁ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୬।୨(ବ୍ୟୁରୋ)



ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ କୃଷି ଓଡ଼ିଶା ୨୦୨୩ ଉଦ୍‌ଘାଟନୀ ଅବସରରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ମେମେଣ୍ଟୋ ପ୍ରଦାନ କରୁଛନ୍ତି।

ପନିପରିବା ସଂରକ୍ଷଣ ପାଇଁ ରାଜ୍ୟରେ ୧୦୦୦ କ୍ଷୁଦ୍ର ଶୀତଳଭଣ୍ଡାର ନିର୍ମାଣ କରାଯିବ। ଗ୍ରାମାଞ୍ଚଳର ଯେଉଁ ସ୍ଥାନରେ ପନିପରିବା ଉତ୍ପାଦନ ଅଧିକ ହେଉଥିବ ସେଠାରେ ଏହି ଶୀତଳଭଣ୍ଡାର ସ୍ଥାପନ କରାଯିବ। ପ୍ରତ୍ୟେକ କେନ୍ଦ୍ରର ସଂରକ୍ଷଣ କ୍ଷମତା ୧୦ରୁ ୧୫ ମେଟ୍ରିକ୍ ଟନ ହେବ। ଗୁରୁବାର ଭୁବନେଶ୍ୱରଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ କୃଷି ଓଡ଼ିଶା ଅବସରରେ ବିଭାଗୀୟ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶୀତଳଭଣ୍ଡାରଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ ହେବ। ମିଶନ ଶକ୍ତି ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ କୃଷି ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ଏଥିରେ ସାମିଲ କରାଯିବ। ଭଣ୍ଡାରଗୁଡ଼ିକ ଆକାର ୧୦ରୁ ୧୫ ଫୁଟ ମଧ୍ୟରେ ହେବ। ୧୭ ଡିଗ୍ରୀ ତାପମାତ୍ରା ମଧ୍ୟରେ ପନିପରିବାକୁ ରଖାଯିବ। ଯେଉଁ ପରିବାଗୁଡ଼ିକ ଅଧିକ ଦିନ ରହିପାରିବ ସେଗୁଡ଼ିକୁ ସେଠାରେ ସଂରକ୍ଷିତ କରାଯିବ। ଏହା ଚାଷୀମାନଙ୍କୁ ସେମାନଙ୍କ ଆୟ ବୃଦ୍ଧି ଦିଗରେ ସହାୟକ ହେବ। ବଡ଼ ଶୀତଳଭଣ୍ଡାରଗୁଡ଼ିକ ସଫଳ ହେଉ ନ ଥିବାରୁ ଛୋଟ ଶୀତଳଭଣ୍ଡାର ଲକ୍ଷ୍ୟ ସଫଳ ହେବା ନେଇ କୃଷି ବିଭାଗ ଆଶା ରଖିଛି। ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ଏହି ଶୀତଳଭଣ୍ଡାର ସ୍ଥାପନ କରାଯିବ। ଗୋଟିଏ ୟୁନିଟ୍ ପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ଯୋଜନା ଓ ଜାତୀୟ ଉଦ୍ୟାନ କୃଷି ଯୋଜନା ଅର୍ଥରେ ଏହି ଛୋଟ ଶୀତଳଭଣ୍ଡାରଗୁଡ଼ିକ ନିର୍ମାଣ ହେବ। ସୌରଶକ୍ତିରେ ଚାଲୁଥିବାରୁ ଏହାକୁ ରକ୍ଷଣାବେକ୍ଷଣ କରିବାରେ ସେପରି କିଛି ସମସ୍ୟା ହେବ ନାହିଁ ବୋଲି ସଚିବ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ ବରମୁଣ୍ଡା ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାର୍ଷିକ କୃଷି ମହୋତ୍ସବ 'କୃଷି ଓଡ଼ିଶା' ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପସ୍ଥିତ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ ☞ପୃଷ୍ଠା–୪

# ତ୍ରିପୁରାରେ ୮୧% ମତଦାନ

ଅଗରତାଳା,୧୬।୨

ତ୍ରିପୁରା ବିଧାନସଭା ନିର୍ବାଚନ ଲାଗି ଭୋଟଗ୍ରହଣ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ନିର୍ବାଚନରେ ରେକର୍ଡ ୮୧ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ନିର୍ବାଚନ କମିଶନ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୬୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ମୋଟ ୨୫୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିଲେ। ୨୮.୧୩ ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ମତଦାନକୁ ଶାନ୍ତିପୂର୍ଣ୍ଣ କରାଇବା ଲାଗି ରାଜ୍ୟ ପୋଲିସ ସମେତ ୪୦୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହୋଇଥିଲେ। ଅପରାହ୍ନ ୪ଟା ସୁଦ୍ଧା ମତଦାନ ହାର ୮୧.୧୧ ପ୍ରତିଶତ ଥିବାବେଳେ ଭୋଟ କେନ୍ଦ୍ର ବାହାରେ ଆଉ ପ୍ରାୟ ୫୦ ହଜାର ମତଦାତା ଧାଡ଼ିରେ ଅପେକ୍ଷା କରିଥିଲେ। ଯେଉଁମାନେ ଧାଡ଼ିରେ ଥାଇ ୪ଟା ସୁଦ୍ଧା ଟୋକନ ନେଇଥିଲେ, ସେମାନଙ୍କୁ ସନ୍ଧ୍ୟା ୬ଟା ପରେ ମଧ୍ୟ ଭୋଟ ଦେବା ଲାଗି ସୁଯୋଗ ଦିଆଯାଇଥିଲା। ୨୦୧୮ ବିଧାନସଭା ନିର୍ବାଚନ ବେଳେ ରାତି ୯.୩୦ ପର୍ଯ୍ୟନ୍ତ ମତଦାନ ହୋଇଥିଲା ଏବଂ ଭୋଟ୍ ହାର ୭୯ ପ୍ରତିଶତ ରହିଥିଲା। ଏଥର ବ୍ରୁ ଶରଣାର୍ଥୀମାନେ ପ୍ରଥମ ଥର ଭୋଟଦେବା ସୁଯୋଗ ପାଇଛନ୍ତି। ସକାଳ ୭ଟାରୁ ସମସ୍ତ ୩୩୩୭ଟି ବୁଥ୍‌ରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଦୁଇଟି ସ୍ଥାନରେ ଗଣ୍ଡଗୋଳ ଘଟି ୩ ଜଣ ସିପିଆଇଏମ୍ କର୍ମୀ ଆହତ ହୋଇଛନ୍ତି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ଭାଜପା ସର୍ବାଧିକ ୫୫ ଆସନରେ ଲଢୁଥିବାବେଳେ ଏହାର ସହଯୋଗୀ ☞ପୃଷ୍ଠା–୪

# ଦେବ୍ରିଗଡ଼କୁ ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ସମ୍ବଲପୁର ଜିଲାର ଦେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା ମିଳିଛି। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ମଞ୍ଜୁରୀ ଦେଇଛି। ଏହି ଘୋଷଣା ପରେ ଆସନ୍ତା ୨ ମାସ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ ହେବ। ୮୦୪.୫୧ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଏହି ପ୍ରକଳ୍ପ ହେବ। ଶିମିଳିପାଳ ଓ ସାତକୋଶିଆ ପରେ ରାଜ୍ୟର ତୃତୀୟ ବ୍ୟାଘ୍ର ପ୍ରକଳ୍ପ ଭାବେ ଦେବ୍ରିଗଡ଼ ନାଁ ଘୋଷଣା କରାଯାଇଛି। ବ୍ୟାଘ୍ର ପ୍ରକଳ୍ପ ପାଇଁ ଦେବ୍ରିଗଡ଼ର ୮ଟି ପରିବାର ଓ ଝାଗଡେ ବେହେରାର ୩୭ ପରିବାରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ମୋଟ ୪୫ଟି ପରିବାରକୁ ସ୍ଥାନାନ୍ତର କରାଯାଇଛି। ସୁନାବେଡା ଅଭୟାରଣ୍ୟ ଓ ଛତିଶଗଡ଼ର ଉଦନ୍ତି ସୀତାନଦୀକୁ ଦେବ୍ରିଗଡ଼ ବ୍ୟାଘ୍ର ପ୍ରକଳ୍ପ ସଂଯୋଗ କରୁଛି। ସେହିପରି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ମଧ୍ୟ ସଂଯୋଗ କରୁଛି।

# ହୋମ୍‌ଗାର୍ଡଙ୍କ ଉପରେ ମାଡ଼ିଗଲା ଟ୍ରକ୍

## ରାସ୍ତାରେ ଖଣ୍ଡ ବିଖଣ୍ଡିତ ମୃତଦେହ

କେନ୍ଦୁଝର/ଆନନ୍ଦପୁର, ୧୬।୨ (ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଷିପୁରା ଥାନା ଅଧୀନ ଦେଓଗାଁ ବଜାରରେ ଗୁରୁବାର ବିଳମ୍ବିତ ରାତିରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଜଣେ ହୋମଗାର୍ଡଙ୍କ ଉପରେ ମାଡିଯାଇଥିଲା। ଦୁର୍ଘଟଣା ଏଭଳି ବୀଭତ୍ସ ଥିଲା ଯେ, ହୋମଗାର୍ଡଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ରାସ୍ତାରେ ଛିଟିକି ପଡିଥିଲା। ଏହି ଘଟଣା ଜଣାପଡିବା ପରେ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ବିକ୍ରମ ଭୂୟାଁ କହିଛନ୍ତି। ମୃତ ହୋମଗାର୍ଡ଼ ହେଲେ ଘଷିପୁରା ବ୍ଲକ ଅଧୀନ ତରିମୂଳ ଗ୍ରାମର ସୁରେଶ ରାଉତ (୪୮)। ସେ ଘଷିପୁରା ଥାନାରେ କାର୍ଯ୍ୟ କରୁଥିଲେ। ସେ ଡ୍ୟୁଟିରେ ଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବା ଥାନା ଅଧିକାରୀ ଭୂୟାଁ କହିଛନ୍ତି। ସୂଚନା ଅନୁଯାୟୀ, ସବୁଦିନ ଭଳି ସେ ଦେଓଗାଁ ବଜାର ବ୍ରିଜ ନିକଟରେ ଡ୍ୟୁଟି କରୁଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ଲୁହାପଥର ବୋଝେଇ ଟ୍ରକ ଚାପି ଦେଇ ପଳାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନା ପକ୍ଷରୁ ମାମଲା (ନଂ.୪୬/୨୩) ରୁଜୁ ହୋଇଛି। ଟ୍ରକ୍‌କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଅଞ୍ଚଳ ଦେଇ ଲୁହାପଥର ବୋଝେଇ ଯାନ ଯିବାର କୌଣସି ବ୍ୟବସ୍ଥା ନାହିଁ। କେଉଁ ପରିସ୍ଥିତିରେ ଏହି ଯାନ ସେଇ ପଥରେ ଆସିଥିଲା ତାହା ତଦନ୍ତସାପେକ୍ଷ।

# ମୋତେ ମାରିବାକୁ ଉଦ୍ୟମ ହୋଇଥିଲା: ଜୟନାରାୟଣ

## ସର୍କିଟ ହାଉସରେ ପଶି ବିଜେଡି କର୍ମୀଙ୍କ ଭଙ୍ଗାରୁଜା

ସମ୍ବଲପୁର,୧୬।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଜଣେ ପୋଲିସ ଏଏସ୍‌ଆଇ ଗୁଳି କରି ହତ୍ୟା କରିଥିଲେ। କେବଳ ନବ ଦାସ ନୁହନ୍ତି, ରାଜ୍ୟରେ ଘଟିଥିବା ଅନେକ ହତ୍ୟା ଘଟଣାରେ ବିଜେଡିର ମନ୍ତ୍ରୀ, ବିଧାୟକଙ୍କ ସମ୍ପୃକ୍ତି ରହିଛି। କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ସମାଲୋଚନା କରିଥିଲି। ସିବିଆଇ ତଦନ୍ତ ଦାବି କରିବା ପରେ ମୋତେ ସରକାର ଟାର୍ଗେଟ କରିଛନ୍ତି। ନବଙ୍କୁ ଯେଭଳି ପୋଲିସ ଲଗାଇ ହତ୍ୟା କଲେ, ସେଭଳି ବୁଧବାର ଜଣେ ମହିଳା ଥାନା ଅଧିକାରୀଙ୍କୁ ନିୟୋଜିତ କରି ହତ୍ୟା ଯୋଜନା କରିଥିଲେ। ତାହା ହୋଇ ନ ପାରିବାରୁ ଗୁରୁବାର ସମ୍ବଲପୁର ସର୍କିଟ ହାଉସରେ ଶତାଧିକ ବିଜେଡି କର୍ମୀ ଓ ଗୁଣ୍ଡା ପଶି ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ସୌଭାଗ୍ୟବଶତଃ ସେମାନେ ଆସିବା ପୂର୍ବରୁ ମୁ ସର୍କିଟ ହାଉସ ଛାଡି ଭାଜପା କାର୍ଯ୍ୟାଳୟକୁ ଚାଲିଆସିଥିଲି।



ଜୟନାରାୟଣ ମିଶ୍ର

ଫଳରେ ମୋ ଜୀବନ ବଞ୍ଚିଗଲା ବୋଲି ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟରେ ବିଜେଡି ସରକାର ଚାଲିଛି। ମୁଁ ବିରୋଧୀ ଦଳ ନେତା। ଏତେ ମହିଳାପୁରୁଷ ଏକାଠି ହୋଇ ମୋ ପାଖକୁ ଆସିବାର ଆବଶ୍ୟକତା ନାହିଁ। ମୋତେ ଗିରଫ

**ସେ କେତେ ଦମ୍‌ଦାର ଲୋକ ସମସ୍ତେ ଜାଣନ୍ତି**

କରିବା ସହ ଇସ୍ତଫା ଦେବାକୁ ସେମାନେ ଦାବି କରୁଛନ୍ତି। ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରନ୍ତୁ। ରାଜ୍ୟ ପୋଲିସ ଓ ପ୍ରଶାସନ ଉପରେ ଭରସା ନାହିଁ। ତେଣୁ ନ୍ୟାୟ ପାଇଁ ଭାଜପା ଜନତାଙ୍କ ପାଖକୁ ଯିବ। ସେମାନେ ନ୍ୟାୟ ପ୍ରଦାନ କରିବେ। ଥାନା ଅଧିକାରୀଙ୍କୁ ମୁଁ ମାଡ଼ ମାରିନି। ସେ ମୋ ପାଖକୁ ଆସି ଅଯଥାରେ ଯୁକ୍ତି କରି ହାତ ଉଠାଇଥିଲେ। ଜଣେ ବିରୋଧୀ ଦଳ ନେତାଙ୍କୁ ସର୍ବସମ୍ମୁଖରେ ମହିଳା ପୋଲିସ ହାତ ଉଠାଇବା କେତେ ଗଣତାନ୍ତ୍ରିକ। ଆଜି ବିଜେଡି କର୍ମୀମାନେ ଯେଭଳି ହତ୍ୟା ଉଦ୍ୟମ କଲେ ତାହାକୁ ☞ପୃଷ୍ଠା–୪

# ଷଣ୍ଢପଣିଆ ଦେଖାଉଛି, ଗୋଟେ ଚାପୁଡ଼ା ପଡ଼ିଲେ ସେଇଠି ପଡ଼ିଯିବ: ଅରୂପ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ଷଣ୍ଢପଣିଆ ଦେଖାଉଛି। ଗୋଟିଏ ଚାପୁଡ଼ା ପଡ଼ିଗଲେ ସେ ସେଇଠି ପଡ଼ିଯିବ। ଖଣ୍ଡାଫଣ୍ଡା ଦରକାର ନାହିଁ, ତାକୁ ଗୋଟିଏ ଜାବଡା ଦରକାର। ପୋଲିସ ଭାଇଙ୍କୁ ଟିକେ ଚାନ୍ସ ଦେଇଦିଅ, ସେମାନେ ହଟାଇଦେବେ। ଗୁରୁବାର ବିଏମ୍‌ସି ଅଫିସ ସମ୍ମୁଖରେ ବିଜେଡି ପ୍ରତିବାଦ ସଭାରେ ବିଜେଡି ନେତା ଅରୂପ ପଟ୍ଟନାୟକ ଏପରି କଡ଼ା ମନ୍ତବ୍ୟ ଦେଇଛନ୍ତି। ମହିଳା ଆଇଆଇସିଙ୍କୁ ଧକ୍କା ମାରିବା ପ୍ରସଙ୍ଗରେ କାହାର ନାଁ ନ ନେଇ ସେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ପରୋକ୍ଷରେ ଶାଣିତ ଆକ୍ରମଣ କରିଛନ୍ତି।

ଅରୂପ କହିଛନ୍ତି, ୩୬ ବର୍ଷ ଧରି ପୋଲିସ ଅଫିସର ଥିଲି। ମୋ' ଆଗରେ ଯେଉଁ ପୋଲିସ ଭାଇମାନେ ଅଛନ୍ତି, ମୁଁ



ଅରୂପ ପଟ୍ଟନାୟକ

ତାଙ୍କ ଆଡ଼କୁ ଅନାଇପାରୁନି। ଯେଉଁ ଅଫିସରଙ୍କୁ ଧକ୍କା ମରାଯାଇଛି, ସେ ମାଆ ନୁହନ୍ତି, ଜଣେ ପୋଲିସ ଅଫିସର। ସେଇଟା ଭାବି କାର୍ଯ୍ୟକ୍ରମ କରିବ। ଗତକାଲି ଯେଉଁ ଲୋକଟା ଏମିତି କଲା, ଏବେ ମୋ ହାବୁଡ଼ରେ ପଡ଼ିଗଲେ, କ'ଣ ହେବ ସେ ଜାଣିନି ବୋଲି ଅରୂପ କହିଛନ୍ତି। ଆମ ଦଳର ଜଣେ ବିଧାୟକ କ'ଣ ଗୋଟେ ବଚସା କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନବୀନବାବୁ ଦଳରୁ ବହିଷ୍କାର କରିଦେଲେ। କିନ୍ତୁ ଏମାନେ ଏୟା କରୁଛନ୍ତି ଓ କହୁଛନ୍ତି। ଆମକୁ ଧକ୍କା ମାରିଲେ। ତାଙ୍କ ବିରୋଧରେ ନନ୍‌ବେଲେବୁଲ୍ ଦଫା ଲାଗିଛି। ଏହି ଦଫାରେ ମହାରାଷ୍ଟ୍ରରେ ବେଲ୍ ମିଳିବ ନାହିଁ। ହେଲେ ସେ ଲୋକଟା ବୁଲୁଛି କେମିତି। ତାହା ମୁଁ ବୁଝିପାରୁନାହିଁ। ମୁଁ ଏବେ ଜଣେ ରାଜନେତା ନୁହେଁ, ଜଣେ ପୋଲିସ ଭାବେ ଏ କଥା କହୁଛି। ୩୬ ବର୍ଷ ଧରି ମହାରାଷ୍ଟ୍ରରେ ଚାକିରି କରିଛି। ଯାହା ଟିକେ ପରିଚୟ ରହିଛି, ରାଜନେତା ନୁହେଁ, ପୋଲିସ ଅଧିକାରୀ ଭାବେ। ଏମାନେ ଯାହାକାଣ୍ଡ ଘଟାଇଲେ, ତାହାର ଜବାବ ଆମ ସରକାର ଭଲ ଭାବେ ଦେବେ ବୋଲି ମୋର ଆଶା ଓ ପ୍ରାର୍ଥନା ବୋଲି ଅରୂପ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବିପର୍ଯ୍ୟସ୍ତ ☞ପୃଷ୍ଠା–୪

# ସିଗାରେଟ୍ ପାଇଁ ଉଲଗ୍ନ

ମସ୍କୋ, ୧୬।୨

ବିମାନରେ ଧୂମପାନ କରିବା ଲାଗି ମନା କରିବାରୁ ରୁଷିଆର ଷ୍ଟାଭରୋପୋଲରୁ ମୋସ୍କୋ ଅଭିମୁଖେ ବିମାନ ଯାତ୍ରା କରୁଥିବା ଜଣେ ମହିଳା ଉଲଗ୍ନ ହୋଇପଡ଼ିଛନ୍ତି। ମହିଳାଙ୍କ ଏ ପ୍ରକାର ଆଚରଣ ପାଇଁ ବିମାନର ଅନ୍ୟଯାତ୍ରୀ ଏବଂ କର୍ମଚାରୀମାନଙ୍କୁ ହଟହଟା ହେବାକୁ ପଡ଼ିଛି। ଆଞ୍ଜେଲିକା ମୋସ୍କଭିଟିନା (୪୯) ନାମ୍ନୀ ମହିଳା ଏରୋଫ୍ଲୋଟ ଫ୍ଲାଇଟ୍‌ରେ ଯାତ୍ରା କରୁଥିବାବେଳେ ସିଗାରେଟ ଟାଣିବା ପାଇଁ ନିଜକୁ ଟଏଲେଟ୍‌ରେ ବନ୍ଦ କରିଥିଲେ। ବିମାନ ଆଲାରାମ ବାଜିବା ପରେ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ମୋସ୍କଭିଟିନାଙ୍କୁ ବିମାନରେ ସିଗାରେଟ୍ ଟାଣିବାକୁ ମନା କରିଥିଲେ। କିନ୍ତୁ ତାଙ୍କର ଏକା ଜିଦ୍ ଥିଲା ଯେମିତି ହେଲେ ବି ସେ ସିଗାରେଟ ଟାଣିବେ। ଶେଷରେ ସେ



ଉଲଗ୍ନ ହେବାକୁ ମଧ୍ୟ ପଛାଇ ନ ଥିଲେ।

ରୁଷିଆର ଏରୋଫ୍ଲୋଟ ଫ୍ଲାଇଟ୍ ଷ୍ଟାଭରୋପୋଲରୁ ମୋସ୍କୋ ଅଭିମୁଖେ ଯାତ୍ରା କରୁଥିଲା। ୩୩,୦୦୦ଫୁଟ ଉଚ୍ଚତାରେ ଉଡୁଥିବା ବିମାନରେ ମହିଳା ଜଣକ ସିଗାରେଟ ଟାଣିବା ପାଇଁ ଜିଦ୍ କରିଥିଲେ। ଏପରି କାର୍ଯ୍ୟରୁ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ଯୁବ କ୍ରିଉ ମେମ୍ବରଙ୍କୁ ମଧ୍ୟ ସେ କାମୁଡ଼ିଥିଲେ। ଶେଷରେ ସେ ଅନ୍ୟ ଯାତ୍ରୀଙ୍କ ସାମ୍ନାରେ ଦେହରୁ ଟପ୍ସ ଖୋଲି ଉଲଗ୍ନ ହୋଇଯାଇଥିଲେ। ଖାଲି ସେତିକି ନୁହେଁ ମୋସ୍କଭିଟିନା କକ୍‌ପିଟ୍ (ବିମାନର ଡେସ୍କ ବୋର୍ଡ, ଯେଉଁଥିରେ ଥିବା ସୁଇଚ୍ ଯୋଗେ ବିମାନ ନିୟନ୍ତ୍ରିତ ହୋଇଥାଏ) ଖୋଲିବା ଲାଗି ମଧ୍ୟ ଚେଷ୍ଟା କରିଥିଲେ। ଘଟଣାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଟପ୍ସ ଖୋଲି ବାହାର କରିବା ଦେଖି ବିମାନରେ ଏ ପ୍ରକାର ଅଶୋଭନୀୟ ଆଚରଣ କରିବା ଅନୁଚିତ୍, ଛୋଟ ପିଲାମାନେ ମଧ୍ୟ ଏଠାରେ ଅଛନ୍ତି। ସେମାନଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ। ଏପରି କରି ସେ ବିମାନ ଯାତ୍ରାର ନିୟମ ଉଲ୍ଲଂଘନ କରୁଥିବା ଜଣେ କ୍ରିଉ ମେମ୍ବର କହିଥିଲେ। ଏହାର ଉତ୍ତରରେ ମୋସ୍କଭିଟିନା କହିଥିଲେ ☞ପୃଷ୍ଠା–୪

# ୬ ମାସ ପରେ ପୁରୁଷବନ୍ଧୁ ସୌମ୍ୟଜିତ୍ ଗିରଫ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

**ବହୁଚର୍ଚ୍ଚିତ ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଆତ୍ମହତ୍ୟା ଘଟଣା**

- ରାଜ୍ୟ ବାହାରକୁ ଖସିଯିବାକୁ ଯୋଜନା କରିଥିଲେ
- ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା ଅବଧି ସରିଯାଇଥିଲା

ବହୁଚର୍ଚ୍ଚିତ ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ଘଟଣାରେ କମିଶନରେଟ ପୋଲିସ ୬ ମାସ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରେମ ପ୍ରତାରଣାର ଶିକାର ହୋଇ ଶ୍ୱେତା ଆତ୍ମହତ୍ୟା କରିଥିବା ପ୍ରମାଣ ପାଇଥିବା ଚନ୍ଦ୍ରଶେଖରପୁର ଥାନା ପୋଲିସ ସମ୍ବଲପୁର ଜିଲା ବରେଇପାଲି ଥାନା ଅଧୀନ ବଂଶୀଧରନଗରସ୍ଥିତ ଘରୁ ପୁରୁଷବନ୍ଧୁ ସୌମ୍ୟଜିତ୍ ମହାପାତ୍ରଙ୍କୁ ଗୁରୁବାର ଭୋର୍ ସମୟରେ ଗିରଫ କରିଥିଲା। ଏହାପରେ ସୌମ୍ୟଜିତ୍‌ଙ୍କୁ ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଶ୍ୱେତାଙ୍କ ଘର ଭଦ୍ରକ ଟାଉନସ୍ଥିତ ଗବସାହିରେ ହୋଇଥିବାବେଳେ ୨୦୧୮ରୁ ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ ଆପାର୍ଟମେଣ୍ଟରେ ରହି ଏକ ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ସଫ୍ଟୱେୟର ଇଞ୍ଜିନିୟର ଭାବେ ଚାକିରି କରୁଥିଲେ। ସୌମ୍ୟଜିତ୍ ମଧ୍ୟ ସେହି ସମୟରେ ସେଠାରେ ଚାକିରି କରୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଉଭୟ ଏକାଠି



ଶ୍ୱେତା ଉତ୍କଳ କୁମାରୀ



ସୌମ୍ୟଜିତ ମହାପାତ୍ର

ମଧ୍ୟ ରହୁଥିଲେ। ତେବେ ୨୦୨୧ରେ ସୌମ୍ୟଜିତ ଉକ୍ତ ଚାକିରି ଛାଡ଼ି ଏକ ଘରୋଇ କଲେଜରେ ଏମ୍‌ବିଏ ପଢ଼ିଥିଲେ। ଏହି ପଢ଼ା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଶ୍ୱେତା ତାଙ୍କୁ ଟଙ୍କା ଦେଉଥିଲେ। ପରେ ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ଉଭୟଙ୍କ ପରିବାର ଲୋକ ମଧ୍ୟ ଜାଣିଥିଲେ। ସୌମ୍ୟଜିତ୍‌ଙ୍କ ଏମ୍‌ବିଏ ପଢ଼ା ପାଇଁ ତାଙ୍କ ପରିବାର ଲୋକେ ଶ୍ୱେତାଙ୍କ ପରିବାରକୁ ☞ପୃଷ୍ଠା–୪


ସମ୍ବଲପୁରରେ ମହିଳା ଆଇଆଇସିଙ୍କୁ ମାଡ଼ ମାରିବା ଘଟଣାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିରୋଧୀଙ୍କୁ ଏକାଠି କରାଇବାକୁ ତେଜସ୍ୱୀଙ୍କ ଉଦ୍ୟମ

**ପାଟନା, ୧୬।୨**

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ୨୦୨୪ ମିଶନ ପାଇଁ ବିରୋଧୀ ଦଳଗୁଡ଼ିକୁ ନେଇ ଭାଜପା ବିରୋଧରେ ମେଣ୍ଟ କରିବା ଲାଗି ପ୍ରସ୍ତୁତି ଚଳାଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ଏଥିରେ ପଛରେ ପଡ଼ିନାହାନ୍ତି। ସେ ବିରୋଧୀ ନେତାମାନଙ୍କୁ ଏକାଠି କରିବାରେ ଲାଗିପଡ଼ିଛନ୍ତି। ଗତ କିଛି ମାସ ମଧ୍ୟରେ ତେଜସ୍ୱୀ ବିଭିନ୍ନ ବିରୋଧୀ ଦଳର ଶୀର୍ଷ ନେତା ଏବଂ ମୁଖ୍ୟମନ୍ତ୍ରୀମାନଙ୍କୁ ଭେଟିଲେଣି। ଗତ ମଙ୍ଗଳବାର ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ସୁପ୍ରିମୋ ଅରବିନ୍ଦ କେଜ୍‌ରିୱାଲଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଭେଟି ବର୍ତ୍ତମାନର ସାମାଜିକ, ରାଜନୈତିକ ଓ ଆର୍ଥିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭାଜପା ସରକାର ରାଷ୍ଟ୍ରାୟତ୍ତ ସେକ୍ଟର ୟୁନିଟ୍, ଦେଶର ସମ୍ବଳ ଓ ଜାତୀୟ ସମ୍ପତ୍ତିକୁ ପୁଞ୍ଜିପତିମାନଙ୍କ ନିକଟରେ ବନ୍ଧା ପକାଇଛି। ଦେଶକୁ ବଞ୍ଚାଇବାକୁ ହେଲେ ଆମ ସମସ୍ତଙ୍କୁ ଏକାଠି ହେବାକୁ


ତେଜସ୍ୱୀ ଯାଦବ

ପଡ଼ିବ ବୋଲି ତେଜସ୍ୱୀ ଟୁଇଟ୍ କରିଥିଲେ।

ସେହିପରି ଗତ ଶନିବାର ତେଜସ୍ୱୀ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ୍‌ଙ୍କୁ ରାଞ୍ଚିରେ ଭେଟିଥିଲେ। ୨୦୨୪ ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବା ପାଇଁ ସେ ସୋରେନ୍‌ଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। କେନ୍ଦ୍ରରେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବାକୁ ହେଲେ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ବିରୋଧୀ ଦଳଗୁଡ଼ିକୁ ଏକାଠି ହେବାକୁ ପଡ଼ିବ ବୋଲି ଆର୍‌ଜେଡି ନେତା ଖବରଦାତାମାନଙ୍କୁ କହିଥିଲେ। ଗତବର୍ଷ ତେଜସ୍ୱୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନଙ୍କୁ ଭେଟିଥିଲେ। ଏହା ବ୍ୟତୀତ ସେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଏକାଧିକ ଥର ଭେଟିଥିବାବେଳେ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ନେତା ଆଦିତ୍ୟ ଠାକ୍‌ରେଙ୍କୁ ପାଟନାରେ ସ୍ୱାଗତ କରିଥିଲେ। ତେଜସ୍ୱୀ ଦୁଇଟି ଲକ୍ଷ୍ୟ ନେଇ ବିରୋଧୀ ଦଳ ନେତାମାନଙ୍କୁ ଭେଟୁଥିବା କୁହାଯାଉଛି। ପ୍ରଥମ ହେଲା ନିଜର ରାଜନୈତିକ ଭାବମୂର୍ତ୍ତି ବଢ଼ାଇବା ଏବଂ ବିହାର ବାହାରେ ନିଜର ଗ୍ରହଣୀୟତାକୁ ସୁନିଶ୍ଚିତ କରାଇବା। ଦ୍ୱିତୀୟ ଉଦ୍ଦେଶ୍ୟ ହେଲା ୨୦୨୪ ନିର୍ବାଚନ ଲାଗି ବିରୋଧୀମାନଙ୍କୁ ଏକାଠି କରାଇବାରେ ନୀତୀଶଙ୍କୁ ସହାୟତା କରିବା। ତେବେ ବିରୋଧୀ ନେତାମାନଙ୍କୁ ଏକାଠି କରାଇବା ପାଇଁ ନୀତୀଶ ତାଙ୍କୁ ଦାୟିତ୍ୱ ଦେଇ ନ ଥିବା ଆର୍‌ଜେଡି ସୂତ୍ରରୁ ଜଣାପଡ଼ିଛି।

# ‘ଭାଜପା ବହିଷ୍କାର ନ କଲେ ଆନ୍ଦୋଳନ ତୀବ୍ର ହେବ’

**ଜୟନାରାୟଣଙ୍କ ବିରୋଧରେ ପ୍ରତିବାଦ କଲା ମହିଳା ବିଜେଡି**

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କୁ ମାଡ଼ ମାରିବା ପ୍ରତିବାଦରେ ଗୁରୁବାର ମହିଳା ବିଜେଡି ରାସ୍ତାକୁ ଓହ୍ଲାଇଛି। ଜୟନାରାୟଣଙ୍କ ଏପରି ଆଚରଣ ବିରୋଧରେ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କର ଗିରଫ ଦାବି ମଧ୍ୟ କରିଛନ୍ତି। ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ସମାବେଶ ସହିତ ଜୟନାରାୟଣଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ଜୟନାରାୟଣ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ରାସ୍ତା ଉପରେ ଖଣ୍ଡା ବୁଲାଇ ହିଂସା ସୃଷ୍ଟି କରି ଅନ୍ୟକୁ ଭୟଭୀତ କରନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସରକାରୀ ଅଫିସରଙ୍କୁ ମାଡ଼ମାରି ହାତ ଭାଙ୍ଗିବା, ବିଧାୟକ ସୁବାସ ପାଣିଗ୍ରାହୀ ଆଦିବାସୀ ବିଡିଓଙ୍କୁ ମାଡ଼ ମାରିବା ଏବଂ ଏମ୍‌ପି ଜୁଏଲ ଓରାମ ନିଜ ଦଳର ମହିଳା ନେତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଆଦି ଭାଜପାର ନିତିଦିନିଆ ଅଭ୍ୟାସ ହୋଇଛି ବୋଲି ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ କହିଛନ୍ତି।

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ଜନପ୍ରତିନିଧିମାନେ ଆଗରୁ ଏଭଳି କରିବା ଦେଖି ନ ଥିଲେ। ଏହି ଘଟଣାକୁ ନେଇ ଦାବି କରୁଛୁ ଯେ, ବିରୋଧୀ ଦଳ ନେତା ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ। ଏହି ବିକ୍ଷୋଭ ସମାବେଶରେ ସୁମିତ୍ରା ଜେନା, ମୀରା ପରିଡ଼ା, ଗୀତା ବସ୍ତିଆ, ସନ୍ଧ୍ୟା ବିଶ୍ୱାଳ, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ଇପ୍ସିତା ସାହୁ ସାମିଲ ହୋଇ ଜୟନାରାୟଣଙ୍କ ଆଚରଣକୁ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଯଦି ଭାଜପା ଜୟନାରାୟଣଙ୍କୁ ବହିଷ୍କାର ନ କରେ କିମ୍ବା ପୋଲିସ ଗିରଫ ନ କରିବ ତେବେ ମହିଳା ବିଜେଡି ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।

# ଭାଜପାରୁ ଇସ୍ତଫା ଦେଲେ ଆନ୍ଧ୍ରର ବରିଷ୍ଠ ନେତା

**ଅମରାବତୀ, ୧୬।୨**

ଆନ୍ଧ୍ର ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ସଭାପତି କନ୍ନା ଲକ୍ଷ୍ମୀନାରାୟଣ ଗୁରୁବାର ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଗୁଣ୍ଟୁରସ୍ଥିତ ତାଙ୍କ ବାସଭବନରେ ଇସ୍ତଫା ଘୋଷଣା କରି ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର


କନ୍ନା ଲକ୍ଷ୍ମୀନାରାୟଣ

ମୋଦିଙ୍କ ପ୍ରତି ତାଙ୍କର ସମ୍ମାନ ରହିଛି, କିନ୍ତୁ ଦଳର ସ୍ଥାନୀୟ ନେତୃତ୍ୱରେ ସେ ଖୁସି ନୁହଁନ୍ତି। ତେଣୁ ଦଳ ଛାଡିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ରାଜ୍ୟ ବିଭାଜନ ପୂର୍ବରୁ କଂଗ୍ରେସ ସରକାରରେ ମନ୍ତ୍ରୀ ଥିବା ଲକ୍ଷ୍ମୀନାରାୟଣ ହେଉଛନ୍ତି କାପୁ ସମ୍ପ୍ରଦାୟର ଅନ୍ୟତମ ପ୍ରଭାବଶାଳୀ ନେତା।

**ଜୟନାରାୟଣ-ପୋଲିସ କଳି**

# ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭାଜପାର ଜିଲାସ୍ତରୀୟ ପ୍ରତିବାଦ ଏବଂ ବିକ୍ଷୋଭ ଚାଲିଥିବା ବେଳେ ବୁଧବାର ବିରୋଧୀ ଦଳ ନେତା ଓ ଜଣେ ମହିଳା ଆଇଆଇସିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି। ନବଙ୍କୁ ହତ୍ୟା ପ୍ରସଙ୍ଗରେ ଭାଜପା ଶାସକ ଦଳକୁ ଟାର୍ଗେଟ କରୁଥିବା ବେଳେ ଜୟନାରାୟଣଙ୍କ ଘଟଣା ବିଜେଡିକୁ ବେଶ୍ ସୁହାଇଛି। ବିଜେଡି ଏବେ ଜୟନାରାୟଣଙ୍କ କଥାକୁ ଧରି ମହିଳାଙ୍କୁ ଭାଜପା ନେତା ଅସମ୍ମାନ କରୁଥିବା ପ୍ରଚାର ଆରମ୍ଭ କରିଦେଇଛି। ତେବେ ଏହି କଥାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହାର ଉତ୍ତର ମାଗିଛନ୍ତି। ଅନ୍ୟପଟେ ଧର୍ମେନ୍ଦ୍ର ଏହି ପ୍ରସଙ୍ଗରେ ଉତ୍ତର ରଖି ଶାସକ ବିଜେଡିର ଡଜନେ ନେତା, ମନ୍ତ୍ରୀ ବିଭିନ୍ନ ଆପରାଧିକ ଘଟଣାରେ ଅଭିଯୁକ୍ତ ବୋଲି କହିଛନ୍ତି।

ପ୍ରଣବ ପ୍ରକାଶ ଟୁଇଟ୍ କରି କହିଛନ୍ତି, ଧର୍ମେନ୍ଦ୍ର ଭାଇ ଏବେ ଯିଏ ବିରୋଧୀ ଦଳ ନେତା ହୋଇଛନ୍ତି ଅତୀତରେ ସେ ଭାଜପା ରାଜ୍ୟ ସଭାପତିଙ୍କୁ ଚପଲରେ ପିଟି ରକ୍ତାକ୍ତ କରିଦେଇଥିଲେ। ଏଥିଲାଗି ଜୟନାରାୟଣଙ୍କୁ ଦଳରୁ ୬ ବର୍ଷ ସସ୍‌ପେଣ୍ଡ ମଧ୍ୟ କରାଯାଇଥିଲା। ଗୋଟିଏ ପରେ ଗୋଟିଏ ଅପରାଧ କରିଚାଲିଥିବା ଜୟନାରାୟଣ ବୁଧବାର

> **ଭାଜପା ସଭାପତିଙ୍କୁ ପିଟି ରକ୍ତାକ୍ତ କରିଥିଲେ ଜୟନାରାୟଣ: ପ୍ରଣବ**
>
> **ମୂଳ ପ୍ରସଙ୍ଗରୁ ନଜର ହଟାଇବାକୁ ପ୍ରାୟୋଜିତ କାର୍ଯ୍ୟକ୍ରମ: ଧର୍ମେନ୍ଦ୍ର**

ଜଣେ କର୍ତ୍ତବ୍ୟରତ ମହିଳା ଆଇଆଇସିଙ୍କୁ ମାଡ଼ ମାରିଛନ୍ତି। ବିଡ଼ମ୍ବନା ହେଉଛି ଯେଉଁ ଜୟନାରାୟଣଙ୍କଠାରୁ ଦିନେ ରାଜ୍ୟ ସଭାପତି ମାଡ଼ ଖାଇଥିଲେ ସେ ଜୟନାରାୟଣଙ୍କ ପାଇଁ ଭାଜପା ଏବେ ଓକିଲାତି କରିବାକୁ ବାଧ ହେଉଛନ୍ତି। ଭାଜପା ଭଳି ଏକ ରାଷ୍ଟ୍ରୀୟ ଦଳର ରାଜ୍ୟ ସଭାପତିଙ୍କୁ ବିରୋଧୀ ଦଳ ନେତା ଯେଉଁଭଳି ବ୍ୟବହାର କରୁଛନ୍ତି ତାହା ଦେଖି ତାଙ୍କୁ ଦୁଃଖ ଲାଗୁଛି। ଆପଣଙ୍କ ଦଳର ରାଜ୍ୟ ସଭାପତିଙ୍କ ଏଭଳି ଦୟନୀୟ ଅବସ୍ଥା ଦେଖି ନୀରବ ନ ରହିବାକୁ ସେ ଉଲ୍ଲେଖ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ମୂଳ ବିଷୟକୁ ନ ଖୋଜି ଶାସକ ଦଳ ପ୍ରାୟୋଜିତ କାର୍ଯ୍ୟ କରୁଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଶାସକ ଦଳର ଅନେକ ମନ୍ତ୍ରୀ ହତ୍ୟା ଓ ବିଭିନ୍ନ କେଳେଙ୍କାରୀରେ ସାମିଲ ଅଛନ୍ତି। ନୈତିକତା କଥା କିଏ କହୁଛି ବୋଲି ସେ ପଚାରିଛନ୍ତି। ରାଜନୀତିରେ ହିଂସାର ସ୍ଥାନ ନାହିଁ। କିନ୍ତୁ ପ୍ରସଙ୍ଗ କେବଳ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ନୁହେଁ। ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଜଣେ ଏଏସ୍‌ଆଇ ହତ୍ୟାକଲେ, ତାହା ହେଉଛି ମୂଳ ବିଷୟ। ଏହି ହତ୍ୟା ଘଟଣାର ମୂଳ କାରଣକୁ ନ ଖୋଜି ଶାସକ ଦଳର ଏଭଳି ପ୍ରାୟୋଜିତ କାର୍ଯ୍ୟକ୍ରମ ଦୁର୍ଭାଗ୍ୟଜନକ। ଓଡ଼ିଶା ପୋଲିସକୁ ଜୟନାରାୟଣ ବିଶ୍ୱାସକରୁ ନ ଥିବା କଥା କହିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ପୋଲିସ ଲାଞ୍ଚ ନେଉଥିବା କଥା ଯେତେବେଳେ କହିଲେ, ସେହି ସମୟରେ ତାଙ୍କୁ କେହି ସଂସ୍ଥା ବିରୋଧ କରିଥିଲେ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଶାସକ ଦଳ ୩ଟି ବଡ଼ ବଡ଼ ପୋଲିସ ଟିମ୍‌କୁ ଲଗାଇ ପ୍ରାୟୋଜିତ ଭାବେ ଜୟନାରାୟଣଙ୍କୁ ଭୁଲ୍ ମାଗିବା ପାଇଁ ବାଧ କରୁଛି। ତେବେ ଜୟନାରାୟଣ ବିରୋଧୀ ଦଳର ନେତା, କାହାର ଦୟାର ପାତ୍ର ନୁହନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ରାଜ୍ୟରେ ଆଇନ ଶୃଙ୍ଖଳାକୁ ନେଇ ବର୍ଷିଲା ଭାଜପା

## ନବଙ୍କୁ ହତ୍ୟା, ଜୟନାରାୟଣଙ୍କ ସହ ପୋଲିସର ଲଢ଼େଇ ନେଇ ରାଜନୀତି ସରଗରମ


ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗକୁ ନେଇ ରାଜଭବନ ନିକଟରେ ଗୁରୁବାର ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣା ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଗତ ୩ ଦିନ ହେଲା ରାଜ୍ୟବ୍ୟାପୀ ଭାଜପା ପକ୍ଷରୁ ଆନ୍ଦୋଳନ କରାଯାଉଛି। ଏହି ପ୍ରସଙ୍ଗରେ ଗୁରୁବାର ରାଜଧାନୀରେ ହେଭିୱେଟ୍ ନେତାଙ୍କ ପାୱାର ଶୋ’ ଦେଖିବାକୁ ମିଳିଛି। ରାଜଭବନ ଆଗରେ ଭାଜପା ନେତା ଓ କର୍ମୀ ବହୁ ସଂଖ୍ୟାରେ ଏକାଠି ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ଧାରଣାରେ ଭାଜପାର ବହୁ ହେଭିୱେଟ୍ ନେତା ସାମିଲହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ବୁଧବାର ସବୁ ଜିଲାରେ ଭାଜପା ବିକ୍ଷୋଭ ଓ ପ୍ରତିବାଦ କରିଥିଲା। ସମ୍ବଲପୁରରେ ଭାଜପାର ବିକ୍ଷୋଭ ବେଳେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ ଜଣେ ମହିଳା ଆଇଆଇସିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଏହିସବୁ ପ୍ରସଙ୍ଗରେ ଭାଜପା ନେତାମାନେ ଧାରଣା ଦେଇଥିବା ବେଳେ ଏଥିରେ ଏମ୍‌ପି ସୁରେଶ ପୂଜାରୀ, ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ପ୍ରମୁଖ ସାମିଲ ହୋଇଥିଲେ।

ଏହି ଅବସରରେ ସଭାପତି ସମୀର କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଭାଜପା ବିରୋଧ କରୁଥିବାରୁ ବିରୋଧୀ ଦଳ ନେତାଙ୍କୁ ପୋଲିସ ପ୍ରଶାସନ ମାଧ୍ୟମରେ ଅପମାନିତ କରାଯାଉଛି। ପୋଲିସ ପ୍ରଶାସନର ଏପରି ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଅପରାଜିତା କହିଛନ୍ତି, ଯଦି ନିଜ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇପାରୁନ, ଆମେ କିଭଳି ସୁରକ୍ଷିତ ରହିବୁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ କହିଛନ୍ତି, ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ପାଗଳ ବୋଲି ପ୍ରଚାର ହେଉଛି। ସେ ଯଦି ପାଗଳ, ତେବେ ପୋଲିସ ଚାକିରି କିପରି କରିଥିଲେ। ତାକୁ ବନ୍ଧୁକ କିପରି ଦିଆଯାଇଥିଲା। କିଛି ଲୁଚାଇବାକୁ ଏପରି କଥା କୁହାଯାଉଛି। ଜୟନାରାୟଣ ମିଶ୍ରଙ୍କ ଉପରେ ମିଥ୍ୟା ଆରୋପ ଲଗାଯାଉଛି। ତେଣୁ ଜୟନାରାୟଣ ଓଡ଼ିଶାରେ ସୁରକ୍ଷିତ ନୁହନ୍ତି ବୋଲି ସେ କହିଛନ୍ତି। ବୈଜୟନ୍ତ କହିଛନ୍ତି, ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସନ କରୁନାହାନ୍ତି ବୋଲି ସ୍ପଷ୍ଟ ହୋଇଯାଇଛି। ଏହିସବୁ ଘଟଣା ନେଇ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ସେଥିରେ ଉଲ୍ଲେଖ କରାଯାଇଛି, ନବ ଦାସ ହତ୍ୟା ମାମଲାରେ ଜୟନାରାୟଣ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିବାରୁ ତାଙ୍କୁ ପ୍ରାୟୋଜିତ ଭାବେ ଫସାଯାଉଛି। ତାଙ୍କ ସମ୍ମୁଖରେ ମହିଳା ପୋଲିସ ରଖି ଆକ୍ରମଣ କରାଯାଉଛି। ତେଣୁ ତାଙ୍କୁ ମଧ୍ୟ ସୁରକ୍ଷା ଆବଶ୍ୟକ। ଏହାବାଦ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଛି। ତେଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ଜୟନାରାୟଣଙ୍କ କ୍ଷମା ପ୍ରାର୍ଥନା, ଇସ୍ତଫା ଦାବି**

# ସର୍କିଟ୍ ହାଉସ ଘେରିଲା ବିଜେଡି

**ସମ୍ବଲପୁର, ୧୬।୨ (ବ୍ୟୁରୋ)**

ଭାଜପା ପକ୍ଷରୁ ବୁଧବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ଘେରାଉ ସମୟର ଘଟଣାକୁ ନେଇ ବିଜେଡି ପ୍ରତିକ୍ରିୟାଶୀଳ ହୋଇଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରହୁଥିବା ସର୍କିଟ ହାଉସକୁ ଗୁରୁବାର ଦଳର କର୍ମକର୍ତ୍ତା ଘେରାଉ କରିଥିଲେ। ଜିଲା ବିଜେଡି ଆହ୍ୱାନ କ୍ରମେ ଶତାଧିକ ମହିଳା କର୍ମୀଙ୍କ ସହ ଯୁବ ବିଜେଡି କର୍ମକର୍ତ୍ତା ସର୍କିଟ ହାଉସ ଭିତରକୁ ଧସେଇ ପଶିଥିଲେ। ହେଲେ ସେହି ସମୟରେ ସର୍କିଟ ହାଉସରେ ବିରୋଧୀ ଦଳ ନେତା ଅନୁପସ୍ଥିତଥିଲେ। ଭିତରେ ବିଜେଡି କର୍ମକର୍ତ୍ତା ଜୟନାରାୟଣ ମିଶ୍ର ମୁର୍ଦ୍ଦାବାଦ, ଇସ୍ତଫା ଦିଅନ୍ତୁ କହି ନାରାବାଜି କରିଥିଲେ। ସର୍କିଟ ହାଉସକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ମହିଳାମାନେ ଧାରଣାରେ ବସି ବିକ୍ଷୋଭ କରିଥିଲେ। ବିରୋଧୀ ଦଳ ନେତା ଜୟନାରାୟଣ ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନଙ୍କୁ ମାଡ଼ ମାରିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବାରୁ ସର୍ବସମ୍ମୁଖରେ ସେ ମହିଳାମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ଜିଲାପରିଷଦ ସଭାପତି କୁମୁଦିନୀ ନାଏକ ପ୍ରମୁଖ ସାମିଲ ଥିଲେ।


ସମ୍ବଲପୁର ସର୍କିଟ ହାଉସରେ ବିଜେଡି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଏକତରଫା ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା

**ସମ୍ବଲପୁର, ୧୬।୨ (ବ୍ୟୁରୋ):** ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନାମରେ ଏକତରଫା ଭାବେ ଥାନାରେ ମାମଲା ରୁଜୁ ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନରଙ୍କ ପାଖରେ ଅଭିଯୋଗ ହୋଇଛି। ଏନ୍‌ଏଚ୍‌ଆର୍‌ସି କେସ୍ ନମ୍ବର ୨୮୩୧/ଇନ/୨୦୨୩ରେ ମାମଲା ଦାଏର ହୋଇଛି। ‘ନ୍ୟାୟ ପାଇଁ ଲଢେଇ ପରିବାର’ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିରେ ଏହି ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଭାଜପା ନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ପୋଲିସ ବିରୋଧରେ ଦେଇଥିବା ଅଭିଯୋଗର ଏକ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

## ‘କାର୍ଯ୍ୟାନୁଷ୍ଠାନ ନିଆଯାଉ’

**ସମ୍ବଲପୁର, ୧୬।୨ (ବ୍ୟୁରୋ)**

**ପୋଲିସ କର୍ମଚାରୀ ସଂଘର ଡିଜିପିଙ୍କୁ ଦାବିପତ୍ର**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନଙ୍କୁ ଚାପୁଡା ଦେଖାଇବା ସହ ଗାଳିଗୁଲଜ କରିବା ଘଟଣାରେ ପୋଲିସ କର୍ମଚାରୀ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସଂଘ କର୍ମକର୍ତ୍ତା ଗୁରୁବାର ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାରଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ବାରମ୍ବାର ବିରୋଧୀ ଦଳ ନେତା ସମାଲୋଚନା କରୁଛନ୍ତି। ଏପରି କି ଗାଳିଗୁଲଜ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଥିପାଇଁ କାମ କରିବାରେ ମାନସିକ ଚାପ ସୃଷ୍ଟି ହେଉଛି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ବିଭିନ୍ନ ଥାନା ଅଧିକାରିଣୀଙ୍କ ସମେତ ଡିଏସ୍‌ପି ହୋମଗାର୍ଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ପକ୍ଷରୁ ମଧ୍ୟ ଆଇଜିଙ୍କ ଜରିଆରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଟିକେଟ ମିଳିଲେ ନିଶ୍ଚୟ ଲଢ଼ିବି: ବଦ୍ରି

**ସନ୍ତୋଷ ରାଉତ**
**ଆନନ୍ଦପୁର, ୧୬।୨**

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀକୁ ନେଇ ପ୍ରାୟ ସମୟରେ ଚର୍ଚ୍ଚା ଲାଗି ରହିଥାଏ। ଏହା ଜିଲାର ସବୁଠାରୁ ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀ ହୋଇଥିବା ବେଳେ ୨୦୦୯ରୁ ଅଦ୍ୟାବଧି ଏହା ବିଜେଡି ଦଖଲରେ ରହିଛି। ବିଜେଡିର ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ରଙ୍କ ହାତରେ ଉକ୍ତ ଆସନ ଥିବା ବେଳେ ଅସୁସ୍ଥତା କାରଣରୁ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ। ମାତ୍ର ମତ ବଦଳାଇ ଟିକେଟ ମିଳିଲେ ୨୦୨୪ ନିର୍ବାଚନ ଲଢ଼ିବି ବୋଲି କହିଛନ୍ତି। ବିଧାୟକଙ୍କ ଏହି ବୟାନ ପରେ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଜୋର ଧରିଛି।

ଶାରୀରିକ ଅସୁସ୍ଥତା କାରଣରୁ ନିର୍ବାଚନଠାରୁ ଦୂରେଇ ରହି ଯୁବ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ପାଇଁ ପୂର୍ବରୁ ଗଣମାଧ୍ୟମ ଆଗରେ ସେ କହିଥିଲେ। ଫଳରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଥିବା ତାଙ୍କର ଦୁଇ ପୁଅ ଦେବାଶିଷ ଓ ଦେବପ୍ରିୟଙ୍କ ନାଁ ଆଗକୁ ଆସିଥିଲା। ଏହା ସହିତ ଯୁବ ବିଜେଡି ରାଜ୍ୟ


ବଦ୍ରିନାରାୟଣ ପାତ୍ର ।

ଉପସଭାପତି ରାଜା ଚକ୍ରଙ୍କ ଘର ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ରହିଥିବାରୁ ତାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଥିଲା। ମାତ୍ର କିଛି ଦିନ ହେଲା ବଦ୍ରି ପାତ୍ର ନିଜର ସଂଗଠନ ଦକ୍ଷତାକୁ ଦୃଢ଼ କରିବାରେ ଲାଗିପଡ଼ିଛନ୍ତି। ଏହାକୁ ଦେଖି ଗଣମାଧ୍ୟମ ପ୍ରତିନିଧିମାନେ ବିଧାୟକଙ୍କୁ ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବା ନେଇ ପ୍ରଶ୍ନ କରିଥିଲେ। ଏଭଳି ପରିସ୍ଥିତିରେ ଦଳ ପକ୍ଷରୁ ଟିକେଟ୍ ମିଳିଲେ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇ ଲୋକଙ୍କ ସେବା କରିବି ବୋଲି ବିଧାୟକ ପାତ୍ର ଉତ୍ତରରେ କହିଥିଲେ। ପୂର୍ବରୁ ଯୁବ ଗୋଷ୍ଠୀଙ୍କୁ ସୁଯୋଗ ଦେବା

**ନିର୍ବାଚନଠାରୁ ଦୂରେଇ ରହିବାକୁ ଘୋଷଣା କରିଥିଲେ**

ପରିପ୍ରେକ୍ଷୀରେ ଏକ ସାକ୍ଷାତ୍‌କାରରେ ଆଉ ନିର୍ବାଚନ ଲଢିବେ ନାହିଁ ବୋଲି ବଦ୍ରି କହିଥିଲେ। କିନ୍ତୁ ଘସିପୁରା ନିର୍ବାଚନମଣ୍ଡଳୀରେ ତାଙ୍କ ପ୍ରତି ଲୋକଙ୍କ ଭଲପାଇବା ଏବଂ ସହଯୋଗ ତାଙ୍କୁ ପୁଣି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଉତ୍ସାହ କରୁଛି। ଜୀବନ ଥିବାଯାଏ ଲୋକଙ୍କ ସେବା କରିବାର ପ୍ରତିବଦ୍ଧତା ତାଙ୍କୁ ମତ ପରିବର୍ତ୍ତନ କରିବାକୁ ବାଧ କରିଛି ବୋଲି ସେ କହିଛନ୍ତି। ବଦ୍ରି ପୁଣି ନିର୍ବାଚନକୁ ଓହ୍ଲାଇବା କଥା କହିବା ପରେ ବିରୋଧୀଙ୍କ ମଧ୍ୟରେ ଛନକା ପଶିଛି।

ସୂଚନାଯୋଗ୍ୟ, ରାମଚନ୍ଦ୍ରପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ଗଡ଼କୁ ଭାଙ୍ଗି ୧୯୯୦ ରୁ ୯୫ ପର୍ଯ୍ୟନ୍ତ ଜନତା ଦଳରୁ ଟିକେଟ ପାଇ ବଦ୍ରି ବିଧାୟକ ହୋଇଥିଲେ। ୨୦୦୦ ରୁ ୨୦୦୪ରେ ସ୍ୱାଧୀନରୁ ଓ ବିଜେଡି ଟିକେଟରେ ୨୦୦୯-୧୪, ୨୦୧୪-୧୯ ଏବଂ ୨୦୧୯ ରୁ ଅଦ୍ୟାବଧି ବିଧାୟକ ଭାବେ ସେ ନିଜର ଦାୟିତ୍ୱ ତୁଲାଉଛନ୍ତି।




# ବଦଳିଲା ବିଏମ୍‌ସି କାର୍ଯ୍ୟାଳୟ ଠିକଣା

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ବିଏମ୍‌ସି ଆଇସିଓଏମ୍‌ସି ଟାୱାର ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆଇସିଓଏମ୍‌ସି କୋଠା (ଇଣ୍ଟେଲିଜେଣ୍ଟ ସିଟି ଅପରେଶନ୍ସ ଆଣ୍ଡ୍ ମ୍ୟାନେଜମେଣ୍ଟ ସେଣ୍ଟର) ସମ୍ପର୍କିତ ଭିଡିଓ ସ୍କ୍ରିନିଂ ପରେ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତ 'ସଫା' ଆପ୍‌କୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ଏଣିକି ସତ୍ୟନଗରସ୍ଥିତ ଆଇସିଓଏମ୍‌ସି ଟାୱାରରେ ବିଏମ୍‌ସି କାର୍ଯ୍ୟାଳୟ ଚାଲିବ। ଉଦ୍‌ଘାଟନ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ପ୍ରିନ୍ସିପାଲ ସେକ୍ରେଟାରି ଜି. ମାଥି ଭାଥନନ୍, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସି ଆଇସିଓଏମ୍‌ସି ଟାୱାର ଲୋକାର୍ପିତ

ସତ୍ୟନଗରଠାରେ ୪.୦୪ ଏକର ଅଞ୍ଚଳରେ ନିର୍ମିତ ୧୧ ମହଲା ବିଶିଷ୍ଟ ଟାୱାରର ନିର୍ମାଣରେ ୭୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ଟାୱାରର ଲୋୟର ଗ୍ରାଉଣ୍ଡ, ଅପର ଗ୍ରାଉଣ୍ଡ, ତୃତୀୟ ଏବଂ ଚତୁର୍ଥ ମହଲା ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ରହିବ। ସେଥିମଧ୍ୟରେ ଅପରଗ୍ରାଉଣ୍ଡରେ ମେୟର, ଡେପୁଟି ମେୟରଙ୍କ କକ୍ଷ ରହିବା ସହ କର୍ପୋରେଟର ଲାଉଞ୍ଜ, ଏଷ୍ଟାବ୍ଲିସ୍‌ମେଣ୍ଟ ଏବଂ ହେଲ୍‌ଥ ଆଦି ବିଭାଗ ରହିଛି। ତୃତୀୟ ମହଲାରେ ବିଏମ୍‌ସିର ହାଉସିଂ, ଏବିସି, ଓଡିଏ, ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ, ମାର୍କେଟ, ଲ୍ୟାଣ୍ଡ, ଆସେଟ୍, ଲିଗାଲ୍, ପିଏମ୍‌ୟୁ, ରାଜସ୍ୱ, ପ୍ରୋକ୍ୟୁରମେଣ୍ଟ, କ୍ୟାଣ୍ଟିନ୍, ଲାଇବ୍ରେରି ଏବଂ ଜିମ୍ ରହିବ। ସେହିପରି ୪ର୍ଥ ମହଲାରେ କମିଶନରଙ୍କ କକ୍ଷ ରହିବ। ଅପରପକ୍ଷେ ପ୍ରଥମ ଏବଂ ଦ୍ୱିତୀୟ ମହଲା ଆଇସିଓଏମ୍‌ସିକୁ ଦିଆଯାଇଥିବାବେଳେ ୫ମ ମହଲାରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍)ର କାର୍ଯ୍ୟାଳୟ ଏବଂ ୬ଷ୍ଠରୁ ୧୦ମ ମହଲା ପର୍ଯ୍ୟନ୍ତ ଡେଲଏଟ୍‌କୁ ପ୍ରଦାନ କରାଯାଇଛି। ପୂର୍ବରୁ ଡେଲଏଟ୍ ଏଠାରେ ତା'ର କାର୍ଯ୍ୟାଳୟ ଆରମ୍ଭ କରି ସାରିଥିବାବେଳେ ପ୍ରାୟ ସପ୍ତାହତଳେ ସ୍ମାର୍ଟସିଟିର ଠିକଣା ଏଠାକୁ ବଦଳି ସାରିଛି। ବିଏମ୍‌ସିର ନୂତନ କୋଠା ଉଦ୍‌ଘାଟନ ପରେ ଆସନ୍ତା ୨୦ତାରିଖରେ ପ୍ରସ୍ତାବିତ କର୍ପୋରେଶନ ବୈଠକ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ସେହିଭଳି କଳ୍ପନା ଛକରୁ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତର ପରେ ସାମନ୍ତରାପୁରଠାରେ ଭଡ଼ାରେ ଚାଲିଥିବା ବିଏମସିର ଦକ୍ଷିଣ-ପୂର୍ବ ଜୋନାଲ କାର୍ଯ୍ୟାଳୟ ପୁରୁଣା ବିଏମ୍‌ସି କୋଠାକୁ ସ୍ଥାନାନ୍ତର ହେବ ବୋଲି ସୂଚନା ମିଳିଛି।




ଭୁବନେଶ୍ୱର ସତ୍ୟନଗରସ୍ଥିତ ବିଏମ୍‌ସି ଆଇସିଓଏମ୍‌ସି ଟାୱାରକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**କଟକ ଅଫିସ/ ଚୌଦ୍ୱାର, ୧୬।୨ (ଡି.ଏନ୍.ଏ.)**

ଚୌଦ୍ୱାର ଜେଲରେ ରହୁଥିବା ଜଣେ ବିଚାରାଧୀନ କଏଦୀଙ୍କର ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ତଇଲିପଡ଼ା ଗ୍ରାମର ତ୍ରିନାଥ ବେହେରା(୬୫)। ସେ ଏକ ଠକେଇ ମାମଲାରେ ଗିରଫ ହୋଇ ଗତ ଜାନୁୟାରୀ ୧୦ ତାରିଖରେ ଚୌଦ୍ୱାର ଜେଲକୁ ଆସିଥିଲେ। ଗୁରୁବାର ସକାଳ ସାଢେ ୭ଟାରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ଜେଲ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପରିବାର ଅଦାଲତରେ ବର୍ଷାଙ୍କୁ ଜେରା ଅସମ୍ପୂର୍ଣ୍ଣ



**କଟକ ଅଫିସ, ୧୬।୨**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦ ମାମଲାର ଶୁଣାଣି ଗୁରୁବାର କଟକ ପରିବାର ଅଦାଲତରେ ହୋଇଥିଲା। ବର୍ଷାଙ୍କୁ ଦୁଇଟି ପର୍ଯ୍ୟାୟରେ ଜେରା କରାଯାଇଥିବା ଜଣାପଡ଼ିଛି। ହେଲେ ଜେରା ଅସମ୍ପୂର୍ଣ୍ଣ ରହିଛି। ଅନୁଭବଙ୍କ ଓକିଲ ଗୀତା ଲୁଥ୍ରା ଜେରାବେଳେ ପିଟିଶନ୍‌ରେ ଦର୍ଶାଯାଇଥିବା ତଥ୍ୟ ବାହାରୁ କିଛି ପଚାରୁଥିବାରୁ ତାହାର ବିରୋଧ କରାଯାଇଥିବା ବର୍ଷାଙ୍କ ଓକିଲ ସିଦ୍ଧାର୍ଥ ଦାସ କହିଛନ୍ତି। ପ୍ରଶ୍ନ ପଚାରିବାବେଳେ ବର୍ଷା ଅସ୍ୱାଭାବିକ ମନେ କରିଛନ୍ତି। କିଛି ପ୍ରଶ୍ନ ଉପରେ ଆପତ୍ତି ଉଠାଇ କୋର୍ଟଙ୍କୁ ଜଣାଇଥିବା ବର୍ଷାଙ୍କ ଓକିଲ କହିଛନ୍ତି। ଅପରପକ୍ଷରେ ଗୀତା କହିଛନ୍ତି, ଜେରାରେ ଆମର ସବୁବେଳେ ସହଯୋଗ ରହିଆସିଛି ଓ ଆଗକୁ ବି ରହିବ। ଜେରାବେଳେ ଆମର କୌଣସି ପ୍ରଶ୍ନ ଅସ୍ୱାଭାବିକ ନ ଥିଲା ଓ କୋର୍ଟଙ୍କ ନିର୍ଦ୍ଦେଶ ମାନି ଅନୁଭବ ଗୁରୁବାର କୋର୍ଟରେ ହାଜର ହୋଇଥିବା ସେ କହିଛନ୍ତି। ତେବେ ପରବର୍ତ୍ତୀ ଶୁଣାଣି ସମ୍ପର୍କରେ ତାରିଖ ଧାର୍ଯ୍ୟ ହୋଇ ନ ଥିବା ଜଣାପଡିଛି।

# ଦିନକ ପରେ କପିଳାସ ଜାଗରଯାତ୍ରା

**ଢେଙ୍କାନାଳ ଅଫିସ, ୧୬।୨**



କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଶନିବାର ଅନୁଷ୍ଠିତ ହେଉଛି ପ୍ରସିଦ୍ଧ ଜାଗରଯାତ୍ରା। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହାଦେବଙ୍କ ଏହି ବାର୍ଷିକ ଯାତ୍ରା ଉପଲକ୍ଷେ ପ୍ରାତଃ ୪ଟା ୯ରେ ପାଳିଆ ସେବକଙ୍କ ଦ୍ୱାରା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ଏଥିପୂର୍ବରୁ ୩ଟା ୫୫ରେ ବେଢ଼ା ପରିକ୍ରମା ଅନୁଷ୍ଠିତ ହେବ। ମହାଦୀପ ଉଠିବା ପରେ ୪ଟା ୨୫ରେ ପୂଜା ପଣ୍ଡାଙ୍କ ଦ୍ୱାରା ହରିହର ବେଶ ଅନୁଷ୍ଠିତ ହେବ। ଏଥିସହ ଯଥାନୀତି ଷୋଳପୂଜା, ନାଗାଭରଣ ବେଶ, ପଞ୍ଚବକ୍ର ପୂଜା ହେବ। ମହାଦେବଙ୍କ ଏହି ବାର୍ଷିକ ଯାତ୍ରା ଉପଲକ୍ଷେ ମୁଖ୍ୟ ମନ୍ଦିର, ପାର୍ଶ୍ୱ ମନ୍ଦିରଗୁଡ଼ିକରେ ଚୂନଲିପା କାର୍ଯ୍ୟ ଶେଷ ହୋଇଛି। ଯାନବାହନ ନିୟନ୍ତ୍ରଣ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଜାଗର ଉପଲକ୍ଷେ ପୀଠ ପରିସର ଏବଂ ପାଦଦେଶରେ ଉଠା ଦୋକାନୀ ପସରା ମେଲାଇଲେଣି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୬ ପ୍ଲାଟୁନ ପୋଲିସ ମୁତୟନ କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଜାଗର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କପିଳାସ ପାଦଦେଶରେ ମହାଦେବଙ୍କ ଭବ୍ୟ ପ୍ରତିକୃତି ଏବଂ ବାରବାଙ୍କ ଘାଟି ରାସ୍ତାରେ ଚାଲିଥିବା ବିଦ୍ୟୁତୀକରଣ କାର୍ଯ୍ୟ ଲୋକାର୍ପଣ କରାଯିବା କାର୍ଯ୍ୟକ୍ରମ ରହିଛି।






# ୫ଜଣଙ୍କୁ ଆଜୀବନ କାରାଦଣ୍ଡ

■ **ସନ୍ତୋଷ ପ୍ରଧାନୀ ହତ୍ୟା ଘଟଣା**

**ବାଲିଗୁଡା, ୧୬।୨ (ଡି.ଏନ୍.ଏ)**

କନ୍ଧମାଳ ଜିଲା ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ ଦିଲୀପ କୁମାର ବିଶ୍ୱାଳ ଏକ ହତ୍ୟା ଘଟଣାର ବିଚାର କରି ଗୁରୁବାର ୫ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦଣ୍ଡାଦେଶ ପାଇଥିବା ୫ ଦୋଷୀ ହେଲେ ଗଙ୍ଗାଧର ପାତ୍ର, ପ୍ରଦୀପ ଦଣ୍ଡସେନା, ବାରାଣସୀ ପାତ୍ର, ବିନାୟକ ପାତ୍ର ଓ ଗୋଲକ ପୂଜାରୀ । ଅନ୍ୟଜଣେ ଅଭିଯୁକ୍ତ ସନ୍ତୋଷ ପାତ୍ରଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଛି।

ସୂଚନାଯୋଗ୍ୟ, ୨୦୧୪ ମାର୍ଚ୍ଚ ୧୨ରେ ବାଲିଗୁଡା ଥାନା ଅନ୍ତର୍ଗତ ବୁଢ଼ାଗୁଡ଼ା ନେଡ଼ିସାହିର ସନ୍ତୋଷ ପ୍ରଧାନୀଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉପରୋକ୍ତ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିଗୁଡ଼ା ପୋଲିସ ମାମଲା ରୁଜୁ କରି ୬ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ସରକାରୀ ଓକିଲ ରବୀନ ଚନ୍ଦ୍ର ସାହୁ ଓ ମୁଦାଲାଙ୍କ ପକ୍ଷରୁ ସୁରେନ୍ଦ୍ର ପାତ୍ର ମାମଲା ପରିଚାଳନା କରୁଥିଲେ।

# ବାଇକ୍‌କୁ ପିଟିଲା ଟ୍ରକ୍: ବାପ ପୁଅ ମୃତ

**ନୂଆପଡ଼ା ଅଫିସ, ୧୬।୨ (ଡି.ଏନ୍.ଏ)**

ନୂଆପଡ଼ା ଜିଲା ଲଖନା ଥାନା କୁସଦହନାସ୍ଥିତ ବିଜୁ ଏକ୍ସପ୍ରେସ୍ ୱେରେ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋମନା ଥାନା ମିଛାପାଲି ଗାଁର କମଳ ପାଟକୀନାରା (୩୫) ଓ ତାଙ୍କ ପୁଅ ଦୀପକ (୫)। କମଳ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଲଖନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାପ ଓ ପୁଅଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୀପକଙ୍କୁ ଝାଡ଼ାବାନ୍ତି ହେଉଥିବାରୁ ଚିକିତ୍ସା ପାଇଁ କମଳ ନିଜ ବାଇକ୍‌ରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିଲେ। କୁସଦହନା ନିକଟରେ ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ସହ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ବୁଦ୍ଧିରେ ଠାକୁର,
ପର ବୁଦ୍ଧିରେ କୁକୁର।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡେ। ନିଜ ବୁଦ୍ଧି ବିବେକକୁ ପାଥେୟ କରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡି ବାଟ ଚାଲିବା ଉଚିତ ନୁହେଁ। କାରଣ ପର ବୁଦ୍ଧିରେ ପରିଚାଳିତ ହେଲେ ପଛରେ ହୀନସ୍ତା ଭୋଗିବାକୁ ପଡିପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆଲୋ ମୃତୁରୀ ଶୋଇବା;
ତୁ ତ ମୃତୁରୀ, ମୁଁ ତ ମୃତୁରୀ,
ହେଁସ କାହିଁ ପାଇଁ ଧୋଇବା ?**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇ ନ ଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଘରେ ପଶି ମହିଳାଙ୍କୁ ନିର୍ମମ ହତ୍ୟା

ଛତ୍ରପୁର,୧୬।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ବିପୁଲିଙ୍ଗି ଗାଁରେ ବୁଧବାର ବିଳମ୍ବିତ ରାତିରେ ଘରେ ପଶି ଜଣେ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ ଉକ୍ତ ଗାଁର ରାଧାଶ୍ୟାମ ଚୌଧୁରୀଙ୍କ ସ୍ତ୍ରୀ ସୁପ୍ରଭା ଚୌଧୁରୀ। ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ବାରମ୍ବାର ଚୋଟ ପକାଇ ତାଙ୍କୁ ହତ୍ୟା କରାଯାଇଛି। ଗୁରୁବାର ଛତ୍ରପୁର ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ ପରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁସାରେ, ସୁପ୍ରଭାଙ୍କ ସ୍ୱାମୀ ରାଧାଶ୍ୟାମ ଗାଁରେ ଦୋକାନଟିଏ କରିଛନ୍ତି। ପୁଅମାନେ ହାଇଦ୍ରାବାଦରେ ରହୁଛନ୍ତି। ସବୁଦିନ ଭଳି ରାଧାଶ୍ୟାମ ବୁଧବାର ରାତିରେ ଘରେ ଖାଇପିଇ ଦୋକାନକୁ ଶୋଇବାକୁ ଯାଇଥିଲେ। ସୁପ୍ରଭା ଘରେ ଏକାକୀ ଶୋଇଥିଲେ। ବିଳମ୍ବିତ ରାତିରେ ଘର ପଛପଟ କବାଟ ଭାଙ୍ଗି କେହି ଦୁର୍ବୃତ୍ତ ଘରକୁ ଆସି ଶୋଇଥିବା ସୁପ୍ରଭାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ବାରମ୍ବାର ଚୋଟ ପକାଇ ହତ୍ୟା କରିବା ପରେ ଛାତ ଦେଇ ଚାଲିଯାଇଛନ୍ତି। ସକାଳେ ରାଧାଶ୍ୟାମ ଘରକୁ ଆସିଥିବା ବେଳେ ସୁପ୍ରଭାଙ୍କ ମୃତଦେହ ପଡିଥିବା ଦେଖି ଛତ୍ରପୁର ଥାନାକୁ ଖବର ଦେଇଥିଲେ। ଏ ନେଇ ରାଧାଶ୍ୟାମଙ୍କ ଏତଲା ପ୍ରକାରେ ପୋଲିସ ନଂ.୧୨୮/୨୩ରେ ମାମଲା ରୁଜୁ କରିଛି। ଟଙ୍କା, ସୁନା ଓ ବିଭିନ୍ନ ସାମଗ୍ରୀ ମଧ୍ୟ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଛତ୍ରପୁର ଏସ୍‌ଡିପିଓ ଗୌତମ କିଶାନ ପହଞ୍ଚି ଅନୁଧ୍ୟାନ କରଛନ୍ତି।

## ସ୍ଥାପନ ହେବ ୧ ହଜାର...

ପ୍ରଥମ ପୃଷ୍ଠାରୁ...

ମୁଖ୍ୟମନ୍ତ୍ରୀ ଫାର୍ମ ମେକାନାଇଜେଶନ ଓ ଫସଲ ବିବିଧତା ଉପରେ ଗୁରୁତ୍ୱାରୋପ କରି ଚାଷୀମାନଙ୍କୁ ନୂଆ ଜ୍ଞାନକୌଶଳ ବ୍ୟବହାର କରିବା ସହିତ ଅଧିକ ପରିମାଣରେ ଅଣଧାନ ଅର୍ଥକରୀ ଫସଲ ଚାଷ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଟେକ୍ନୋଲୋଜି ହେଉଛି ବିକାଶର ଆଧାର। କୃଷି କ୍ଷେତ୍ରରେ ମଧ୍ୟ ଟେକ୍ନୋଲୋଜିର ବହୁତ ଆବଶ୍ୟକତା ରହିଛି। ଏ ବର୍ଷ ମେଳାରେ କୃଷି କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ଚାଷୀମାନେ ସମସ୍ତେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବେ, ବ୍ୟବହାର କରିବେ ଏବଂ କୃଷି କ୍ଷେତ୍ରରେ ସଫଳ ହୋଇ ନିଜର ଓ ନିଜ ରାଜ୍ୟର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। କୃଷି ଓ କୃଷକମାନଙ୍କ ଉନ୍ନତି ରାଜ୍ୟ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। କୃଷି କ୍ଷେତ୍ରରେ ଓଡ଼ିଶା ଆଜି ଏକ ଆଗୁଆ ରାଜ୍ୟ ହୋଇପାରିଛି। ଖାଦ୍ୟରେ ଅଭାବ ଥିବା ଏକ ରାଜ୍ୟ ଖାଦ୍ୟ ଶସ୍ୟରେ ଏକ ବଳକା ରାଜ୍ୟ ହୋଇ ସାରା ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଇ ପାରୁଛି ବୋଲି ସେ କହିଛନ୍ତି। କାଳିଆ ଯୋଜନା ଦ୍ୱାରା ଚାଷୀମାନଙ୍କୁ ରୋଜଗାର ସୁରକ୍ଷା ମିଳିପାରିଛି ବୋଲି ପ୍ରକାଶ କରି ସେ କହିଲେ, ଫାର୍ମ ମେକାନାଇଜେଶନ ଉପରେ ଗୁରୁତ୍ୱ ଦିଆଯାଇ ଫସଲ ଉତ୍ପାଦକତା ବଢ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ପଣସ ମିଶନ, ଛତୁ ମିଶନ ଆଦି ସ୍ୱତନ୍ତ୍ର ମିଶନ ଜରିଆରେ ଚାଷୀଙ୍କ ରୋଜଗାର ସହିତ ପୁଷ୍ଟି ନିରାପତ୍ତା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ମିଲେଟ ମିଶନ ଆଜି ସାରା ଦେଶ ଓ ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ଏହା ମିଶନ ଶକ୍ତି ମା'ମାନଙ୍କର ରୋଜଗାର ବଢ଼ାଇବାରେ ସହାୟକ ହୋଇପାରିଛି। 'କୃଷି ଓଡ଼ିଶା'ରେ ଉପସ୍ଥିତ ଥିବା ଡବ୍ଲୁଏଫ୍‌ପି, ଆଇଏଫ୍‌ଏଡି ଏବଂ ଏଫ୍‌ଏଓ ଭଳି ସଂସ୍ଥାର ପ୍ରତିନିଧିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କୃଷି କ୍ଷେତ୍ରରେ ସେମାନଙ୍କ ନିରନ୍ତର ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କୃଷି ବିଭାଗ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। କୃଷକମାନଙ୍କ ଆୟବୃଦ୍ଧିରେ କୃଷି ଆନୁଷଙ୍ଗିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବା ସହିତ ଚାଷୀମାନଙ୍କ ରୋଜଗାର ମଧ୍ୟ ବୃଦ୍ଧି କରାଯାଇପାରିଛି ବୋଲି ସେ କହିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିକାଶ ପ୍ରମୁଖ ସଚିବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ପ୍ରେମଚନ୍ଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ଏକ ଗଛରେ ପାଣି ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଛୋଟ ଗଛ ପ୍ରଦାନ କରାଯାଇଥିଲା। 'କୃଷି ଓଡ଼ିଶା' ତିନି ଦିନ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ରାଜ୍ୟ କୃଷି ମହୋତ୍ସବର ଶୀର୍ଷକ ହେଉଛି 'କୃଷି ବିକାଶରେ ନୂତନ ଜ୍ଞାନକୌଶଳ'।

ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଷୀମାନେ ଏହି ମହୋତ୍ସବକୁ ଆସୁଛନ୍ତି। ବିଭିନ୍ନ କମ୍ପାନୀ ଦ୍ୱାରା କୃଷି କ୍ଷେତ୍ରରେ ପ୍ରଦର୍ଶିତ ହେଉଥିବା ମେଶିନ ଓ ଯନ୍ତ୍ରାଂଶ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବ। ପାରମ୍ପରିକ କୃଷି ବ୍ୟତୀତ ନୂତନ ଜ୍ଞାନକୌଶଳରେ କିପରି ଚାଷ କରାଯିବ ସେ ସମ୍ପର୍କରେ ଆଲୋଚନା ହେବ। ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ମଧ୍ୟ ସମୀକ୍ଷା ହେବ।

## ତ୍ରିପୁରାରେ ୮୧%...

ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି) ୬ଟି ଆସନରେ ଲଢୁଛି। ବାମସାମ୍ମୁଖ୍ୟ ୪୭ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଏହାର ସହଯୋଗୀ କଂଗ୍ରେସ ୧୩ଟି ଆସନରେ ଲଢୁଛି। ଆଞ୍ଚଳିକ ଦଳ ଟିପ୍ରା ମୋଥା ୪୨ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୫୮ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମାନିକ୍ ଶାହା ବର୍ଦୋୱାଲି ଟାଉନ ଆସନରୁ ଉପନିର୍ବାଚନରେ ବିଜୟୀ ହୋଇଥିଲେ। ଏଥର ମଧ୍ୟ ସେ ଉକ୍ତ ଆସନରୁ ଲଢୁଛନ୍ତି। ସେହିପରି ବାମଦଳ-କଂଗ୍ରେସ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସିପିଆଇଏମ୍ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ଚୌଧରୀ ସାବ୍ରୁମ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ମାର୍ଚ୍ଚ ୨ରେ ଭୋଟ ଗଣତି ହୋଇ ଫଳ ପ୍ରକାଶ ପାଇବ।

## ମୋତେ ମାରିବାକୁ ଉଦ୍ୟମ...

ଓଡ଼ିଶାବାସୀ ଦେଖିଛନ୍ତି। ସରକାରରେ ଥାଇ ସରକାରୀ ସମ୍ପତ୍ତିକୁ ଭାଙ୍ଗି ନଷ୍ଟ କରିଛନ୍ତି। ଏହାକୁ ନେଇ କାହା ପାଖରେ ଅଭିଯୋଗ କରିବାର ନାହିଁ। ପୋଲିସ ସରକାରୀ କଳକୁ ନେଇ କାମ କରୁଛି। ଭାଜପା ପକ୍ଷରୁ ବୁଧବାର ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ମାମଲାକୁ ଏ ପର୍ଯ୍ୟନ୍ତ ପଞ୍ଜୀକୃତ କରିନାହିଁ। ଏହାକୁ ନେଇ କୋର୍ଟକୁ ଯିବୁ ବୋଲି ଜୟନାରାୟଣ କହିଛନ୍ତି।

ଭୁବନେଶ୍ୱରଠାରେ ଅରୂପ ପଟ୍ଟନାୟକ ବିରୋଧୀ ଦଳ ନେତା ଜୟନାରାୟଣଙ୍କୁ ପରୋକ୍ଷରେ ଧମକ ଦେଇଛନ୍ତି। ଏହାର ପ୍ରତିକ୍ରିୟାରେ ଜୟନାରାୟଣ କହିଛନ୍ତି ଯେ, ମୁମ୍ବାଇ ପୋଲିସ କମିଶନର ଥିବାବେଳେ ଅରୂପ ପଟ୍ଟନାୟକଙ୍କ କାର୍ଯ୍ୟଧାରା ବିଷୟରେ ସମସ୍ତେ ଜାଣିଛନ୍ତି। ବାଂଲାଦେଶୀମାନଙ୍କ ଗୋଟିଏ ଆନ୍ଦୋଳନ ସମୟରେ ତାଙ୍କର ଭୂମିକା କ'ଣ ଥିଲା ଦେଶବାସୀ ଜାଣିଛନ୍ତି। ସେ କେତେ ଦମ୍‌ଦାର ଲୋକ ସମସ୍ତେ ଜାଣନ୍ତି। ଉକ୍ତ ଘଟଣାରେ ତାଙ୍କୁ ତଡ଼ା ଖାଇବାକୁ ପଡ଼ିଥିଲା ବୋଲି ଜୟନାରାୟଣ କହିଛନ୍ତି।

## ଷଣ୍ଢପଣିଆ ଦେଖାଉଛି...

ଆଇନଶୃଙ୍ଖଳା ବିରୋଧରେ ବୁଧବାର ଭାଜପା ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ସାମିଲ ହୋଇ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନଙ୍କୁ ଧକ୍କା ମାରିବା ସହିତ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପ୍ରଧାନ ମଧ୍ୟ ପାଲଟା ଜୟନାରାୟଣଙ୍କୁ ମୁଥ ମାରିଥିବା ଅଭିଯୋଗ ହୋଇଛି। ଅନିତାଙ୍କ ଅଭିଯୋଗକ୍ରମେ ସମ୍ବଲପୁର ଟାଉନ ଥାନା ପୋଲିସ ଜୟନାରାୟଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୂର୍ବରୁ ମଧ୍ୟ ଜୟନାରାୟଣଙ୍କ ନାଁରେ ମାମଲା ରହିଛି।

## ସିଗାରେଟ୍ ପାଇଁ...

ଯେ, ମୁଁ ଛୋଟ ପିଲାଙ୍କୁ ଭଲପାଏ। ମୁଁ ଜାଣିଛି ଏହାପରେ ମୁଁ ମେଣ୍ଟାଲ ହସ୍ପିଟାଲ କିମ୍ବା ଜେଲ ଯିବି। କିନ୍ତୁ ଯାହାହେଲେ ବି ମୁଁ କକ୍‌ପିଟ୍‌କୁ ଯିବି। କ୍ରିଉ ମୋସ୍କଭିଚିନୋଙ୍କୁ ଶାନ୍ତ କରିବା ପାଇଁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିମାନ ଭିତରେ ଉଲଗ୍ନ ହୋଇ ସେ ଚିତ୍କାର କରିବା ବନ୍ଦ କରୁ ନ ଥିଲେ। ଶେଷରେ ଜଣେ ମହିଳା କ୍ରିଉ ଏକ କପଡ଼ାରେ ତାଙ୍କ ଦେହକୁ ଢାଙ୍କି ଥିଲେ ଏବଂ ତାଙ୍କ ହାତରେ ପ୍ଲାଷ୍ଟିକ୍ ହାଣ୍ଡକଫ୍ ପିନ୍ଧାଇଥିଲେ। ବିମାନରେ ଥିବା ଡାକ୍ତର କିଛି ସମୟ ପାଇଁ ମୋସ୍କଭିଚିନୋଙ୍କୁ ମୋନିଟର କରିଥିଲେ। ମସ୍କୋର ଶେରେମେଟିଇଭୋ ବିମାନ ବନ୍ଦରରେ ଫ୍ଲାଇଟ୍ ଲ୍ୟାଣ୍ଡ କଲା ପରେ ପୋଲିସ ତାଙ୍କୁ ଅଟକାଇ ରଖିଥିଲା। ବିମାନରେ ଏ ପ୍ରକାର ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରୁଥିବା ଯାତ୍ରୀଙ୍କ ପାଇଁ ନୂଆ ନିୟମ ଲାଗୁ କରାଯିବାର ଆବଶ୍ୟତା ରହିଥିବା ଏରୋଫ୍ଲୋଟ ଫ୍ଲାଇଟ୍ ପକ୍ଷରୁ କୁହାଯାଇଛି।

## ୬ ମାସ ପରେ...

୩୦ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ଏହାକୁ ମନା କରିବାରୁ ସୌମ୍ୟଜିତ୍‌ଙ୍କ ପରିବାର ଲୋକ ଶ୍ୱେତାଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ଶ୍ୱେତାଙ୍କ ସହିତ ସୌମ୍ୟଜିତ୍ କଥା ହେବା ବନ୍ଦ କରିଦେଇଥିଲେ। ପ୍ରେମ ପ୍ରତାରଣାର ଶିକାର ହୋଇ ଶ୍ୱେତା ଭାଙ୍ଗି ପଡ଼ିଥିଲେ। ୨୦୨୨ ଅଗଷ୍ଟ ୧୯ ରାତିରେ ଆପାର୍ଟମେଣ୍ଟରେ ସାଙ୍ଗମାନେ ନ ଥିବା ବେଳେ ଶ୍ୱେତା ଫ୍ୟାନରେ ଓଢ଼ଣୀ ଦ୍ୱାରା ଆତ୍ମହତ୍ୟା କରିଥିଲେ। ଝିଅ ଫୋନ ନ ଉଠାଇବାରୁ ପରିବାର ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶ୍ୱେତାଙ୍କ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସୌମ୍ୟଜିତ୍‌ଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ସିଆର୍‌ପିସି ୪୧ ଧାରାରେ ନୋଟିସ୍ ଦେଇ ଛାଡ଼ି ଦେଇଥିଲା। ଘଟଣାର ୨ଦିନ ପରେ ଶ୍ୱେତାଙ୍କ ବାପା ସୁଶାନ୍ତ ଦାସ ଥାନାରେ ସୌମ୍ୟଜିତ୍‌ଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ସୌମ୍ୟଜିତ୍‌ଙ୍କ ବିରୋଧରେ ଏକ ମାମଲା (ନଂ.୨୮୩/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଉଭୟଙ୍କ ଅଡିଓ କଲ୍ ଭାଇରାଲ ହୋଇଥିଲା, ଯେଉଁଥିରେ ଶ୍ୱେତାଙ୍କୁ ସୌମ୍ୟଜିତ ଗାଳି ଦେଉଥିବା ଏବଂ ଶ୍ୱେତା ତାଙ୍କ ଜୀବନରୁ ଚାଲିଯିବାକୁ କହୁଥିବା ଜଣାପଡ଼ିଥିଲା। ଏହାପରେ ଗିରଫକୁ ଏଡ଼ାଇବା ପାଇଁ ସୌମ୍ୟଜିତ୍ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରି ଅନ୍ତରୀଣ ସୁରକ୍ଷା ପାଇଥିଲେ। ହେଲେ ୧୦ ଦିନ ତଳେ ଏହାର ଅବଧି ସରିଯାଇଥିଲା। ଇତିମଧ୍ୟରେ ସୌମ୍ୟଜିତ ରାଜ୍ୟ ବାହାରକୁ ଖସିଯିବାକୁ ଯୋଜନା କରି ଫୋନ ମଧ୍ୟ ବ୍ୟବହାର କରୁ ନ ଥିଲେ। ରାଜ୍ୟ ବାହାରକୁ ଯିବା ପାଇଁ ସେ ଟିକେଟ୍ ମଧ୍ୟ କରିଦେଇଥିଲେ।

# ଝିଅ ମୃତଦେହ ଜଙ୍ଗଲରେ ଫିଙ୍ଗିଦେଲେ ବାପା

ସୋନପୁର,୧୬।୨(ନି.ପ୍ର.)

**ଅନ୍ଧବିଶ୍ୱାସ, ପଡ଼ୋଶୀଙ୍କ ବାସନ୍ଦ ଧମକ**

**ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା କଲେ ଶବ ସତ୍କାର**

ଅନ୍ଧବିଶ୍ୱାସ ଓ ସାହିପଡିଶାଙ୍କ ବାସନ୍ଦ ଧମକ ଗ୍ରାମାଞ୍ଚଳରେ ଏବେ ବି ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ଜିଲା ତରଭା ଥାନା ବଡଯୋର ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କମସରା ପଞ୍ଚାୟତ ବଡଯୋର ଗାଁ ରାଜେନ୍ଦ୍ର ଦ୍ୱାରୀଙ୍କ ଝିଅ ସଞ୍ଜୁକ୍ତା(୨୯)ଙ୍କ ପାଚିରେ ଘା' ହୋଇଥିଲା। ଚିକିତ୍ସା ପରେ ବି ସେ ସୁସ୍ଥ ହୋଇ ନ ଥିଲେ। ଗାଁ ଲୋକେ ବସନ୍ତ ହୋଇଥିବା କହି ନାକ ଟେକିଥିଲେ। ମଙ୍ଗଳବାର ସଞ୍ଜୁକ୍ତାଙ୍କ ମୃତ୍ୟୁ ହୋଇଥିଲା। ଜ୍ଞାତି କୁଟୁମ୍ବ, ଗାଁ ଲୋକ ଓ ପଡୋଶୀ ଶବକୁ କାନ୍ଧ ଦେଇ ନ ଥିଲେ। ବାସନ୍ଦ ଭୟରେ ରାଜେନ୍ଦ୍ର ନିଜ ପୁଅ ସହିତ ମିଶି ଝିଅର ମୃତଦେହକୁ ଜଙ୍ଗଲକୁ ନେଇ ଫିଙ୍ଗି ଦେଇଥିଲେ। ମୃତଦେହ ଉପରେ ଡାଳ ପତ୍ର ରଖି ଦେଇ ଆସିଥିଲେ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ମୃତଦେହକୁ ଅସମ୍ମାନ ସମ୍ପର୍କରେ ସୂଚନା ପାଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ବୁଧବାର ରାଜେନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ। ପୋଲିସ ଓ ମୃତାଙ୍କ ପରିବାର ନିକଟରୁ ଅନୁମତି ପାଇ ମୃତଦେହକୁ ସେମାନେ ଜଙ୍ଗଲରୁ ଆଣିଥିଲେ। ବୁଧବାର ସନ୍ଧ୍ୟାରେ ସ୍ୱେଚ୍ଛାସେବୀମାନେ ମୃତଦେହ ବଲାଙ୍ଗୀର ସହର ନେଇ ବିଭୂତିପଡା ଶ୍ମଶାନରେ ସମ୍ମାନର ସହ ସତ୍କାର କରିଥିଲେ।

ସୂଚନା ଅନୁଯାୟୀ, ଗତ ୨ ମାସ ପୂର୍ବରୁ ସଞ୍ଜୁକ୍ତାଙ୍କ ରୋଗ ସମ୍ପର୍କରେ ଜଣାପଡିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କମସରା ସ୍ୱାସ୍ଥ୍ୟକେନ୍ଦ୍ର ଓ ତରଭା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ବଲାଙ୍ଗୀରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ତେବେ ରୋଗ ଭଲ ନ ହେବାରୁ ଝିଅକୁ ଧରି ଘରକୁ ପଳାଇ ଆସିଥିଲେ ରାଜେନ୍ଦ୍ର। ଝିଅକୁ ଭଲ କରିବା ପାଇଁ ଗୁଣିଗାରେଡିର ସହାୟତା ମଧ୍ୟ ନେଇଥିଲେ। ମାତ୍ର ରୋଗ ଭଲ ହୋଇ ନଥିଲା। ସେ କିଛି ଖିଆପିଆ କରୁ ନ ଥିଲେ। ସଞ୍ଜୁକ୍ତାଙ୍କ ଯନ୍ତ୍ରଣା ଦେଖି ନିରୁପାୟ ହୋଇ ପଡିଥିଲେ ରାଜେନ୍ଦ୍ର। ଧାରଉଧାର କରି ଝିଅକୁ କଟକ ଏସ୍‌ସିବିକୁ ନେବା ପାଇଁ ପ୍ରସ୍ତୁତ ହେଉଥିଲେ। ହେଲେ ତା ପୂର୍ବ ଦିନ ଅର୍ଥାତ ମଙ୍ଗଳବାର ସଞ୍ଜୁକ୍ତାଙ୍କ ମୃତ୍ୟୁ ହୋଇଥିଲା। ବସନ୍ତ ରୋଗ ଯୋଗୁ ସଞ୍ଜୁକ୍ତାଙ୍କ ମୃତ୍ୟୁ ହୋଇଥିବା ଗାଁରେ ଗୁଜବ ପ୍ରଚାର ହେଲା। ମୃତଦେହ ସତ୍କାର ପାଇଁ କେହି ଆସିଲେନି। ଗାଁର ପ୍ରଥା ଅନୁସାରେ ବସନ୍ତ ରୋଗରେ କାହାର ମୃତ୍ୟୁ ହେଲେ ମୃତଦେହ ପୋଡା ଯାଇ ନଥାଏ କିମ୍ବା ମାଟି ଖୋଳି ପୋତା ଯାଏନି। ତେଣୁ ଝିଅର ମୃତଦେହକୁ ଜଙ୍ଗଲ ମଝିରେ ଫିଙ୍ଗି ଦେବାକୁ ଗାଁ ଲୋକ କହିଥିଲେ। ଯାହାକୁ ନେଇ ଅଡୁଆରେ ପଡି ଯାଇଥିଲେ ରାଜେନ୍ଦ୍ର। ନିଜର ଅନିଚ୍ଛା ସତ୍ତ୍ୱେ ପୁଅ ଓ ପୁତୁରାଙ୍କ ସହ ମିଶି ଝିଅ ମୃତଦେହକୁ ଖଟରେ ୩ କିଲୋମିଟର ଦୂର ବୋହି ନେଇ ଜଙ୍ଗଲରେ ଫିଙ୍ଗି ଦେଇଥିଲେ ବୋଲି ରାଜେନ୍ଦ୍ର କହିଛନ୍ତି। ତେବେ ବସନ୍ତ ହାଡଫୁଟି ରୋଗର ନିରାକରଣ ହେଲାଣି। ତାର ଔଷଧ ମଧ୍ୟ ବାହାରିଲାଣି। କିନ୍ତୁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇନି। ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ କରିବାରେ ଜିଲା ପ୍ରଶାସନ ଓ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଫଳ ହୋଇଥିବା ଏଭଳି ଘଟଣାରୁ ସ୍ପଷ୍ଟ ହେଉଛି।

# ୩ ବନ କର୍ମଚାରୀଙ୍କୁ କୋର୍ଟ ଚାଲାଣ

**ମୁଖ୍ୟ ସାକ୍ଷୀଙ୍କ ଆତ୍ମହତ୍ୟା ଘଟଣା**

**ଶିମିଳିପାଳରେ ହାତୀ ପୋଡ଼ି, ପ୍ରମାଣ ନଷ୍ଟ ଉଦ୍ୟମ**

ବାରିପଦା ଅଫିସ,୧୬।୨

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବହୁ ଚର୍ଚ୍ଚିତ ଦନ୍ତାହାତୀ ପୋଡ଼ି ଓ ପ୍ରମାଣ ନଷ୍ଟ ଉଦ୍ୟମ ମାମଲାର ମୁଖ୍ୟ ସାକ୍ଷୀ ବିଷପିଇ ଆତ୍ମହତ୍ୟା କରିବା ଘଟଣାରେ ୩ ବନ କର୍ମଚାରୀଙ୍କୁ ଯଶିପୁର ପୋଲିସ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବ ଶଙ୍କର ସାମଲ, ଫରେଷ୍ଟ ଗାର୍ଡ ଚନ୍ଦ୍ରଭାନୁ ବେହେରା ଓ ବିନୋଦ କୁମାର ଦାସ।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ଗତ ଡିସେମ୍ବର ୭ତାରିଖରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ୩ ବନ କର୍ମଚାରୀ ହାତୀ ମୃତଦେହକୁ ପୋଡ଼ି ଅବଶିଷ୍ଟ ଦେହାବଶେଷକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ତେବେ ଏହି ଘଟଣାର ମୁଖ୍ୟ ସାକ୍ଷୀ କୁହାଯାଉଥିବା ଅନ୍ୟତମ ବନ କର୍ମଚାରୀ ତୁରାମ ପୂର୍ତ୍ତି କଥା ପ୍ରଘଟ କରିବା ସନ୍ଦେହ କରି କର୍ମଚାରୀମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଜେଲରେ ଭର୍ତ୍ତି କରିବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ତୁରାମ ବିଷ ପିଇ ଆତ୍ମହତ୍ୟା କରିଥିଲେ। କର୍ମଚାରୀମାନେ ତାଙ୍କୁ ବିଷ ପିଇବାକୁ ବାଧ୍ୟ କରିଥିବା ନେଇ ତୁରାମଙ୍କ ସ୍ତ୍ରୀ ଚିଲମ ପୂର୍ତ୍ତି ଅଭିଯୋଗ କରିଥିଲେ। ଏନେଇ ଯଶିପୁର ଥାନା ପୋଲିସ ଏକ ମାମଲା (ନଂ. ୩୨୦/୨୨)ରୁଜୁ କରି ତଦନ୍ତ ଚଳାଇବା ସହ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ୨ ଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ



ଭୁବନେଶ୍ୱର ବିମାନ ବନ୍ଦରରେ ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ପ୍ରମୁଖ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

**ଆଜି ବଜେଟ ସମ୍ପର୍କିତ ସୂଚନା ଦେବେ**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗୁରୁବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ଖବରଦାନା ସମ୍ମିଳନୀରେ ଯୋଗ ଦେଇ ନିର୍ମଳା ପୋଷ୍ଟ ବଜେଟ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିବେ। ଗତ ୧ତାରିଖରେ ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ସମ୍ପର୍କରେ ସେ ବିସ୍ତୃତ ସୂଚନା ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଏହାପରେ ଖୋର୍ଦ୍ଧା ଅରୁଗୁଳସ୍ଥିତ ଆଇଆଇଟିରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗୁରୁବାର ରାତି ପ୍ରାୟ ୮ଟାରେ ଭୁବନେଶ୍ୱର ବିମାନବନ୍ଦରରେ ସୀତାରାମନ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ଭାଜପା ନେତା ମନମୋହନ ସାମଲ ଏବଂ ଠାକୁର ରଞ୍ଜିତ ଦାସ ପ୍ରମୁଖ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ଦୁର୍ଘଟଣାରେ ଆଈ ମୃତ, ନାତୁଣୀ ଗୁରୁତର

ଉଦଳା,୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଜୁଆଳିଆ ଛକ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆଈଙ୍କ ମୃତ୍ୟୁ ହୋଇଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ସ୍ଥାନୀୟ ହାତୀସାହି ଗ୍ରାମର ନିମିଣି ବେହେରା(୫୮)। ନାତୁଣୀ ରଶ୍ମିରେଖାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଆଈ ଓ ନାତୁଣୀ ମଉଦା ଗ୍ରାମରୁ କାମ ସାରି ଏକ ସ୍କୁଟି ଯୋଗେ ହାତୀସାହିକୁ ଫେରୁଥିଲେ। ଜୁଆଳିଆ ଛକ ନିକଟରେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରି ଫେରୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆଈ, ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଆଈ ନିମିଣିଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଭ୍ୟାନ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସେଥିରେ ବସିଥିବା ସିକ୍ୟୁରିଟି ଗାର୍ଡଙ୍କୁ ପୋଲିସ ଅଟକ ରଖିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧର୍ମସ୍ଥାନରେ ଚନ୍ଦ୍ର ହେତୁ ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନ ଅବଶ୍ୟ ଘଟିବ। କିନ୍ତୁ ଦ୍ୱିଜାନକ୍ଷତ୍ର ଜାତବ୍ୟକ୍ତିମାନେ କାମ ହାସଲ କ୍ଷେତ୍ରରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆକସ୍ମିକ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** ଆଜି ମୃଗଶିରା ନକ୍ଷତ୍ର ଅନିୟମିତ ଆହାର ଗ୍ରହଣରେ ଶରୀର କଷ୍ଟ ଅନୁଭବ କରିପାରନ୍ତି। ଦକ୍ଷତା ଓ ସମୟାନୁବର୍ତ୍ତିତା ହେତୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ମିଳିବ। ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମିଥୁନ** ଶୁଭଚନ୍ଦ୍ରଜନିତ ଆପଣଙ୍କ କାର୍ଯ୍ୟଶୈଳୀର ପ୍ରଶଂସା ମିତ୍ରମାନେ ଗାଇବୁଲିବେ। କ୍ରୀଡା, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ କ୍ଷେତ୍ରରେ ପୁନର୍ବସୁ ନକ୍ଷତ୍ର ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** ବାରମ୍ବାର ପାଇବା ଜିନିଷର ଅନିଶ୍ଚିତତା ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ। ରାହୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ବିଭିନ୍ନ କାରଣକୁ ନେଇ ଅସ୍ଥିରତା ଲାଗିରହିବ। ବନ୍ଧୁଗହଣରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହିଆସିଥିବା ସମସ୍ୟା ସମାଧାନ ହୋଇଯିବ। ପୂର୍ବାଫାଲଗୁନୀ ନକ୍ଷତ୍ର ଜାତ ବ୍ୟକ୍ତିମାନେ ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା** ମଙ୍ଗଳଙ୍କ ଦୃଷ୍ଟିଜନିତ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି କରୁଥିବା କାମ ପାଇଁ ସାହାଯ୍ୟକାରୀ ହେବ। କର୍ମକ୍ଷେତ୍ରରେ ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ଗମ୍ଭୀର ରହିବ କିନ୍ତୁ ଆପଣ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ତୁଳା** ସୁସ୍ଥ ଚିନ୍ତାଧାରା ପ୍ରସୂତ କାର୍ଯ୍ୟଶୈଳୀ ଦ୍ୱାରା ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ନୀରବତା ଅବଲମ୍ବନ ଫଳରେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ।

**ବିଛା** ଅନୁରାଧା ନକ୍ଷତ୍ରର ଆନୁଷ୍ଠାନିକ କାମ ସକାଶେ ଆଜିର ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଶୁଭକାର୍ଯ୍ୟରେ ଯୋଗଦେଇ ଦୀର୍ଘଦିନର ଅଦେଖା ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ସନ୍ଦେହୀ ହୋଇଉଠିବେ।

**ଧନୁ** ଅଷ୍ଟମାଧିପ ଚନ୍ଦ୍ରଙ୍କ ପ୍ରଭାବରେ ବିଭିନ୍ନ ପ୍ରକାରର ଅତୀତ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉନା କାହିଁକି, ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା କର୍ମକ୍ଷେତ୍ରକୁ ସ୍ଥଗିତ ରଖିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘରକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମ କରି ଉପକୃତ ହେବେ।

**କୁମ୍ଭ** ସମସ୍ୟାକୁ ନିୟନ୍ତ୍ରଣ କରିବା ସକାଶେ ପ୍ରିୟ କଥା କହି ସୁଧାରି ନେବେ। ଶତଭିଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା ବୃଦ୍ଧି ପାଇବା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ପରିବହନରେ ସଫଳତା ହାସଲ କରିବେ। ଆର୍ଥିକ ସ୍ଥିତି ବେଳକୁ ବେଳ ଦୁର୍ବଳ ରହିବା କାରଣରୁ କାମଗୁଡିକ ବାଧାପ୍ରାପ୍ତ ହେବ।

**ମୀନ** ମାନସିକ ଅସୁସ୍ଥତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗିରହିବ। ରେବତୀ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତିକରିବ। ବନ୍ଧୁମେଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ଫାଲଗୁନ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଫେବୃୟାରୀ ୧୭ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ପ୍ରତିଷ୍ଠା, ବିଦ୍ୟାରମ୍ଭ, ବିକ୍ରୟ ବାଣିଜ୍ୟ ପାଇଁ ଶୁଭଦିନ। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୮ମି. ଗତେ ଘ.୦୭।୦୪ମି. ମଧ୍ୟେ, ଘ.୦୭।୪୯ମି. ଗତେ ଘ.୦୯।୦୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୫ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ।

DSPL - 455

Government of Odisha

ODISHA
NEW OPPORTUNITIES



# Odisha
## The New Manufacturing Hub of India

**The state has successfully conducted the Make in Odisha Conclave 2022 garnering massive investment interest from investors across sectors and geographies.**

Keeping the Hon'ble Chief Minister's vision of faster conversion of intents to grounding, the Government of Odisha's focus now moves on to the grounding of more & more industrial projects. The Industries Department is pleased to announce...

**16th PHASE**

**Inauguration/Ground Breaking of**
**19 New Industrial Projects* across 7 sectors in 7 Districts**
by
**Shri Naveen Patnaik**
Hon'ble Chief Minister
on
17th February, 2023



"With implementation of our '5T' framework, Odisha has become the investment destination of choice for the investor community.

We welcome you to join our journey of industrial growth."

Shri Naveen Patnaik
Hon'ble Chief Minister, Odisha

**Inauguration**

Ashirvad Pipes Pvt. Ltd. | Supreme Industries Ltd.

**Ground Breaking**

Amrit Dhara Nutrifoods LLP | Aspen Lake Suites LLP | DN Sea Shells Pvt. Ltd. | Globus Spirits Limited
IFGL Refractories Limited | Incture Technologies Pvt. Ltd. | Indian Potash Ltd. | JMS Medicon | JSE Infotech Pvt. Ltd.
KGMI Services Pvt. Ltd. | Luxurio Assets Private Limited | Mayfair Hotels & Resorts Ltd. | Nilachal Engineers
Oricon Enterprises Ltd. | Oriclean Private Limited | Sao Breweries and Distilleries Pvt. Ltd. | SMS India Pvt. Ltd.

***Investment of ₹ 1,650.25 crores with potential employment for 4,527**

#Source: Center for Monitoring Indian Economy (CMIE)

OIPR-14005/13/0059/2223

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। -ଶ୍ରୀମା



# ଏକଚ୍ଛତ୍ରବାଦ ପଥେ ଇସ୍ରାଏଲ



ଇଡୋ ବାଉମ୍

ତିନି ବର୍ଷ ମଧ୍ୟରେ ଇସ୍ରାଏଲରେ ଲଗାତର ୫ଟି ନିର୍ବାଚନ ଅନୁଷ୍ଠିତ ହୋଇଛି। ସେଥିମଧ୍ୟରୁ ୪ଟି ରାଜନୈତିକ ଅଚଳାବସ୍ଥାରେ ଶେଷହୋଇଛି। ତେବେ ଗତବର୍ଷ ଶେଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍‌ନ୍ୟାହୁ କୌଣସି ପ୍ରକାରେ ଦକ୍ଷିଣପନ୍ଥୀ ଏବଂ ଅତି ରୂଢ଼ିବାଦୀ ଦଳଗୁଡ଼ିକୁ ନେଇ ଏକ ମେଣ୍ଟ ସରକାର ଗଢ଼ିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଇସ୍ରାଏଲରେ ସ୍ଥିରତା ଆସିବା ବଦଳରେ ଏବେ ରାଜନୈତିକ ବ୍ୟବସ୍ଥାରେ ନିଷ୍କ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ନେତ୍‌ନ୍ୟାହୁ ତାଙ୍କ ଶାସନର ଷଷ୍ଠ ପାଳିରେ ଏକ ତ୍ୱରିତ ସାମ୍ବିଧାନିକ ପୁନର୍ଗଠନ ବା ସୁଧାରକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କ ପଦବୀକୁ ବ୍ୟବହାର କରୁଛନ୍ତି। ଯଦି ଏ ସମ୍ପର୍କିତ ଆଇନ ଲାଗୁ କରାଯାଏ , ତେବେ ଏହା ଇସ୍ରାଏଲକୁ ଏକ ଏକଚ୍ଛତ୍ରବାଦ ବ୍ୟବସ୍ଥାରେ ପରିଣତ କରିଦେବ। ୨୦୨୦ରେ ଇସ୍ରାଏଲ ସୁପ୍ରିମକୋର୍ଟ ସର୍ବସମ୍ମତିକ୍ରମେ ରାୟ ଦେଇଥିଲେ ଯେ, ଯେ ପର୍ଯ୍ୟନ୍ତ ନେତନ୍ୟାହୁଙ୍କ ବିରୋଧରେ ଚାଲିଥିବା ଦୁର୍ନୀତି ମାମଲା ବିଚାରର ପରିଣାମକୁ ପ୍ରଭାବିତ କରିବାରେ ସେ ତାଙ୍କ ପଦବୀର ଉପଯୋଗ କରିବାରୁ ଦୂରେଇ ରହିବେ ସେପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାରେ ତାଙ୍କୁ ବାଧା ଦିଆଯିବ ନାହିଁ। କିନ୍ତୁ ତାଙ୍କୁ କାର୍ଯ୍ୟାଳୟରୁ ବାହାରେ ରଖାଯିବାର ଷଡଯନ୍ତ୍ର କରାଯାଉଥିବା ଅଭିଯୋଗ ଆଣି ତାଙ୍କ ବିରୋଧରେ ଚାଲିଥିବା ବିଚାରର ପ୍ରୋସେକ୍ୟୁଟରମାନଙ୍କୁ ଲଗାତର ଭାବେ ନେତନ୍ୟାହୁ ଆକ୍ରମଣ ଜାରି ରଖିଛନ୍ତି। ତାଙ୍କ ନୂଆ ସରକାର ଗଢ଼ିବାର କିଛି ଦିନ ପରେ ନ୍ୟାୟମନ୍ତ୍ରୀ ୟାରିଭ ଲେଭିନ ଇସ୍ରାଏଲର ନ୍ୟାୟିକ ବ୍ୟବସ୍ଥାର ପୁନର୍ଗଠନ କରିବାକୁ ଏକ ବ୍ୟାପକ ଯୋଜନା ଘୋଷଣା କରିଥିଲେ। ଲେଭିନଙ୍କ ଯୁକ୍ତି ଥିଲା ଯେ, ପ୍ରସ୍ତାବିତ ପୁନର୍ଗଠନ ଇସ୍ରାଏଲ ଗଣତନ୍ତ୍ରକୁ ସୁଦୃଢ଼ କରି ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ମଧ୍ୟରେ ସମନ୍ୱୟ ସ୍ଥାପନ କରିବ। କିନ୍ତୁ ବାସ୍ତବରେ, କାର୍ଯ୍ୟପାଳିକା ଉପରେ ଅଙ୍କୁଶ ଆଣିବା ଭଳି ନ୍ୟାୟପାଳିକାର କ୍ଷମତାକୁ ହଟାଇଦେବାକୁ ଉକ୍ତ ପ୍ରସ୍ତାବ ଡିଜାଇନ କରାଯାଇଛି। ସରକାରଙ୍କ ଯୋଜନାରେ ଥିବା ଏକ ବ୍ୟବସ୍ଥାରେ ସରକାର ଏକତରଫା ଭାବେ ସୁପ୍ରିମକୋର୍ଟ ସମେତ ଅନ୍ୟ କୋର୍ଟର ବିଚାରପତିମାନଙ୍କୁ ନିଯୁକ୍ତ କରିବାକୁ ଅଧିକାର ପାଇବେ। ଆଉ ଏକ ବ୍ୟବସ୍ଥାରେ ଇସ୍ରାଏଲର ୧୨୦ ସଦସ୍ୟ ବିଶିଷ୍ଟ ନିସେଟ (ପାର୍ଲାମେଣ୍ଟ) ସାଧାରଣ ବହୁମତ ଦ୍ୱାରା ସୁପ୍ରିମକୋର୍ଟ ରାୟକୁ ବି ଅସ୍ୱୀକାର କରିପାରିବେ।

ନାଗରିକ ଅଧିକାରଗୁଡ଼ିକ ନିର୍ଦ୍ଧାରଣ କରିବା ଓ ତାହାକୁ ସୁରକ୍ଷା ଦେବା ପାଇଁ ଇସ୍ରାଏଲ ଏକ ଔପଚାରିକ ସମ୍ବିଧାନ ବଦଳରେ ଅନେକ ମୌଳିକ ଆଇନ ଉପରେ ସମ୍ପୂର୍ଣ୍ଣ ନିର୍ଭରକରୁଛି। ମୌଳିକ ଆଇନଗୁଡ଼ିକୁ ବିରୋଧ କରୁଥିବା ଆଇନ ଉପରେ ତର୍ଜମା କରି ତାହାକୁ ରଦ୍ଦ କରିଦେବାର କ୍ଷମତା ସୁପ୍ରିମକୋର୍ଟଙ୍କ ଥିଲେ ବି ବିଗତ ୩ ଦଶନ୍ଧିରେ ମାତ୍ର ୨୦ ଥର ଏହା କରିଛି। କିନ୍ତୁ ଏହି ସମାନ ସମୟରେ ଆମେରିକା ସୁପ୍ରିମକୋର୍ଟ ୧୦୦ରୁ ଅଧିକ ଆଇନକୁ ରଦ୍ଦ କରିଛି। ଲେଭିନଙ୍କ ପ୍ରସ୍ତାବିତ ଯୋଜନାରେ ୧୨ରୁ ଅତିକମ୍‌ରେ ୫ ଜଣ ବିଚାରପତି ଏକମତ ହେଲେ ହିଁ ସୁପ୍ରିମକୋର୍ଟ ଏଭଳି ନିଷ୍ପତ୍ତି ନେବାକୁ ସକ୍ଷମ ହେବେ। ଏହି ପୁନର୍ଗଠନ ମଧ୍ୟ କୋର୍ଟକୁ ମୌଳିକ ଆଇନଗୁଡ଼ିକର ସଂଶୋଧନ ଉପରେ ସମୀକ୍ଷା କରିବାକୁ ରୋକି ଅନ୍ୟପକ୍ଷରେ ନ୍ୟାୟିକ ଯାଞ୍ଚରୁ ଆଇନକୁ ସୁରକ୍ଷିତ ରଖିବା ଲାଗି ପାର୍ଲାମେଣ୍ଟକୁ ସକ୍ଷମ କରିଛି। କାର୍ଯ୍ୟପାଳିକାର ନିଷ୍ପତ୍ତିକୁ ଅସ୍ୱୀକାର କରିବା ପାଇଁ କୋର୍ଟଗୁଡ଼ିକୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରି ଏହି ପ୍ରସ୍ତାବିତ ପୁନର୍ଗଠନ କୋର୍ଟର ସ୍ୱତନ୍ତ୍ର ଅଧିକାରଗୁଡ଼ିକୁ ଦୁର୍ବଳ କରିଛି। ଉକ୍ତ ପରିବର୍ତ୍ତନ ବଳରେ କ୍ୟାବିନେଟ ମନ୍ତ୍ରୀମାନେ ସରକାରଙ୍କ ଆଇନ ପରାମର୍ଶଦାତାଙ୍କୁ ନିଯୁକ୍ତ କରିବା ଏବଂ ବରଖାସ୍ତ କରିବା ପାଇଁ ସକ୍ଷମ ହୋଇଛନ୍ତି; ଯାହା ନ୍ୟାୟିକ ସ୍ୱାଧୀନତାକୁ ଆହୁରି ଦୁର୍ବଳ କରିଛି।

ଇସ୍ରାଏଲର ବିଧାନମଣ୍ଡଳ ଆମେରିକା କଂଗ୍ରେସ କିମ୍ବା ଜର୍ମାନୀର ସଂଘୀୟ ସଂସଦ ଭଳି ଦୁଇ ଭାଗରେ ବିଭକ୍ତ ହୋଇନାହିଁ। ଫଳରେ ସେଠାରେ ଅନ୍ୟ ଏକ ମୁଖ୍ୟ ସମନ୍ୱୟ ରକ୍ଷାକାରୀ ବ୍ୟବସ୍ଥାର ଅଭାବ ରହିଛି। ଆମେରିକା, ଜର୍ମାନୀ କିମ୍ବା କାନାଡା ଭଳି ପ୍ରାୟ ୧ କୋଟି ଜନସଂଖ୍ୟା ବିଶିଷ୍ଟ ଛୋଟ ଦେଶ ଇସ୍ରାଏଲର ସଂଘୀୟ ବ୍ୟବସ୍ଥା ନାହିଁ। ଆଇନ ଉପରେ ରାଷ୍ଟ୍ରପତି ଭେଟୋ ପ୍ରୟାଗ କରିବାରେ ପ୍ରତିବନ୍ଧକ ମଧ୍ୟ ରହିଛି। ନେତ୍‌ନ୍ୟାହୁଙ୍କ ନ୍ୟାୟିକ ସୁଧାର ଯୋଜନାରେ ଥିବା ଅନେକ ପ୍ରସ୍ତାବ ତାଙ୍କ ପୂର୍ବତନ ସାଥୀମାନଙ୍କ ଦ୍ୱାରା 'କେହେଲେଟ ପଲିସି ଫୋରମ'ରେ ଗଢ଼ାଯାଇଥିଲା। ଏହି ଫୋରମ ହେଉଛି ଚରମପନ୍ଥୀଙ୍କର ଏକ ନବଉଦାରବାଦୀ ଥିଙ୍କ୍‌ଟ୍ୟାଙ୍କ ଓ ଏହାକୁ ଆମେରିକାରେ ଥିବା ଦକ୍ଷିଣପନ୍ଥୀ ଇହୁଦି ଅତି ଧନୀ ବିଶେଷମାନେ ପ୍ରଥମେ ଅର୍ଥ ଯୋଗାଇ ଦେଇଥିଲେ।



ନେତନ୍ୟାହୁଙ୍କ ନ୍ୟାୟିକ ପରିବର୍ତ୍ତନର ବାସ୍ତବ ମଡେଲ ହେଉଛି ହଙ୍ଗେରୀର ଭିକ୍ଟର ଓର୍ବାନଙ୍କ ମଡେଲ। ବିଗତ ଦଶନ୍ଧିଗୁଡ଼ିକରେ ହଙ୍ଗେରୀର ପ୍ରଧାନମନ୍ତ୍ରୀ ମିଡିଆ, ନିର୍ବାଚନ ବ୍ୟବସ୍ଥା ଏବଂ କୋର୍ଟ ଉପରେ ଓର୍ବାନଙ୍କ ଫିଡ୍‌ଜେ ପାର୍ଟିର ନିୟନ୍ତ୍ରଣ ଆଣିବା ଲାଗି ଅନେକ ସାମ୍ବିଧାନିକ ପରିବର୍ତ୍ତନ କରିଛନ୍ତି। ତେବେ ଇସ୍ରାଏଲର ସମ୍ଭାବନାଗୁଡ଼ିକ ହଙ୍ଗେରୀଠାରୁ ଅଧିକ ଅସ୍ପଷ୍ଟ, କାରଣ ହଙ୍ଗେରୀର ଅଥରିଟିଗୁଡ଼ିକ ବାହ୍ୟ ପ୍ରତିବନ୍ଧକ ଉପରେ ଗୁରୁତ୍ୱ ଦିଅନ୍ତି। ୟୁରେପୀୟ ସଂଘ(ଇୟୁ) ମେଣ୍ଟ ଭିତରେ ଥିବା ହଙ୍ଗେରୀର ଲୋକମାନଙ୍କ ଯାତାୟାତ ସ୍ୱାଧୀନତା ଓ ବ୍ୟବସାୟ ଉପରେ କଟକଣା ଲଗାଇପାରିବ। ଅର୍ଥାତ୍ ଦେଶରୁ ନିବେଶକ କିମ୍ବା ଶ୍ରମିକମାନେ କିଭଳି ଦେଶ ଛାଡ଼ି ନ ଯିବେ ତାକୁ ଲକ୍ଷ୍ୟକରି ଓର୍ବାନଙ୍କୁ ଶାସନ କରିବାକୁ ପଡ଼େ। ହେଲେ ନେତ୍‌ନ୍ୟାହୁ ଏଭଳି କୌଣସି କଟକଣାରେ ବାନ୍ଧିହୋଇନାହାନ୍ତି। ନେତନ୍ୟାହୁ ଏସବୁ କଟକଣାର ସମ୍ମୁଖୀନ ନ ହେଲେ ବି ଦେଶର ସାଧାରଣ ନାଗରିକଙ୍କ ଭୀଷଣ ପ୍ରତିରୋଧର ସାମ୍ନା କରିଛନ୍ତି। ଗତ କିଛି ସପ୍ତାହ ହେଲା ଅନେକ ହଜାର ଇସ୍ରାଏଲ ନାଗରିକ ଟେଲ ଆଭିଭ୍, ଜେରୁଜେଲମ ଏବଂ ଅନ୍ୟ ସହରଗୁଡ଼ିକରେ ଆନ୍ଦୋଳନ କରିଛନ୍ତି। ଏହି ସପ୍ତହ ବ୍ୟାପୀ ଆନ୍ଦୋଳନରେ ଆଇନଜୀବୀ, ବୁଦ୍ଧିଜୀବୀ, ସ୍ୱାସ୍ଥ୍ୟ କର୍ମଚାରୀ, ବ୍ୟବସାୟୀ ଏବଂ କଳାକାରମାନେ ସାମିଲ ହୋଇଛନ୍ତି। ଫେବୃୟାରୀ ୧୩ରେ ଆଇନକୁ ନେଇ ଇସ୍ରାଏଲ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବା ଦିନ ଆନ୍ଦୋଳନକାରୀମାନେ ଏକ ବଡ଼ ଆନ୍ଦୋଳନ କରିବାକୁ ଘୋଷଣା କରିବା ସହ ଲକ୍ଷେ ଲୋକ ଜେରୁଜେଲମ୍‌ରେ ରାଲି କରିଥିଲେ। କିନ୍ତୁ ସେମାନଙ୍କ ପ୍ରଭାବ ନେତ୍‌ନ୍ୟାହୁଙ୍କ ଉପରେ କିଛି ପଡ଼ି ନ ଥିଲା। ମିଡିଆ ଶିଳ୍ପକୁ ପୁନର୍ଗଠନ କରିବା ଲାଗି ଲଗାତର ଧମକ ଦେଇ ଇସ୍ରାଏଲ ମିଡିଆକୁ ସେ ହାତମୁଠାରେ ରଖିଛନ୍ତି। ତାଙ୍କ ଯୋଗାଯୋଗ ମନ୍ତ୍ରୀ ନିକଟରେ ଇସ୍ରାଏଲର ସରକାରୀ ଖବର ପ୍ରସାରଣ ସଂସ୍ଥା କାନ୍‌କୁ ବନ୍ଦ କରିଦେବାକୁ ଘୋଷଣା କରିଛନ୍ତି। କାରଣ ଏହାର ଏକ ନ୍ୟୁଜ୍ ନେତ୍‌ନ୍ୟାହୁ ଓ ତାଙ୍କ ସମର୍ଥକଙ୍କୁ କ୍ରୋଧିତ କରିଛି।

ଇସ୍ରାଏଲରେ କେବଳ ଅର୍ଥ ବ୍ୟବସ୍ଥାରେ ନେତ୍‌ନ୍ୟାହୁଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ଥିବା ମନେହେଉଛି। ଜାନୁୟାରୀରେ ୩୦୦ ପ୍ରତିଷ୍ଠିତ ଅର୍ଥନୀତିଜ୍ଞଙ୍କ ସମେତ ନେତ୍‌ନ୍ୟାହୁଙ୍କ କେତେଜଣ ପୂର୍ବତନ ପରାମର୍ଶଦାତା ଏକ ସ୍ୱାକ୍ଷର ସମ୍ବଳିତ ଚିଠିରେ ସତର୍କ କରିଦେଇଛନ୍ତି ଯେ, ଏଭଳି ପୁନର୍ଗଠନ ବା ପରିବର୍ତ୍ତନ ଇସ୍ରାଏଲର ଦୀର୍ଘମିଆଦୀ ଅର୍ଥନୈତିକ ସମ୍ଭାବନା ପ୍ରତି ଗଭୀର କ୍ଷତି ପହଞ୍ଚାଇବ। ପରେ ଏମାନଙ୍କ ସହ ଅନ୍ତର୍ଜାତୀୟ ସ୍ତରରୁ ୧୧ ଜଣ ନୋବେଲ ପୁରସ୍କାର ବିଜେତାଙ୍କ ସମେତ ୫୬ ଜଣ ଜଣାଶୁଣା ଅର୍ଥନୀତିଜ୍ଞ ଯୋଗଦେଇଥିଲେ। ନେତ୍‌ନ୍ୟାହୁ ତାଙ୍କ ସାମ୍ବିଧାନିକ ବ୍ୟବସ୍ଥାର ଆର୍ଥିକ ପରିଣାମ ଉପରେ ବିଚାର କରିବାକୁ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ସେ ତାଙ୍କ ବିରୋଧରେ ଥିବା ଦୁର୍ନୀତି ମାମଲାର ବିଚାରକୁ ବଦଳାଇଦେବା ପାଇଁ ଏହି ସମୟରେ ବ୍ୟକ୍ତିଗତ ଅଗ୍ରହ ଅତ୍ୟଧିକ ପ୍ରକାଶ କରିଛନ୍ତି।

**ସହ- ପ୍ରାଧ୍ୟାପକ, ଆଇନ ବିଭାଗ, ହଇମ୍ ଷ୍ଟାଇକ୍ସ ଲ' ଫାକଲ୍‌ଟି, କଲେଜ ଅଫ୍ ମ୍ୟାନେଜମେଣ୍ଟ, ଇସ୍ରାଏଲ**

## ଏଇ ଭାରତରେ

ନିର୍ମାଣ କ୍ଷେତ୍ରରେ ଇଟାର ଅବଶ୍ୟକତା ପୂରଣ କରିବା ଲାଗି କେରଳର ଏକ କମ୍ପାନୀ ଏଣେତେଣେ ଠୁଳ ହୋଇଥିବା ଅଦରକାରୀ ବାଲି ସଂଗ୍ରହ କରି ସେଥିରୁ ଇଟା ତିଆରି କରୁଛି। ସରକାରଙ୍କ ନିୟନ୍ତ୍ରଣରେ ଥିବା ଅଟୋମାଷ୍ଟ ନାମକ କମ୍ପାନୀ ନୂତନ ଜ୍ଞାନକୌଶଳ ଉପଯୋଗ କରି ଏହି ଇଟା ତିଆରି କରୁଛି। ଗୋଟିଏ ଇଟାରେ ୩୦ରୁ ୪୦ ପ୍ରତିଶତ ବାଲି ରହୁଥିବା ବେଳେ ଅବଶିଷ୍ଟ କଞ୍ଚାମାଲ ଭାବେ କଳାମାଟି ବ୍ୟବହାର କରାଯାଉଛି। ବଡ଼ କଥା ହେଉଛି ଏହି କମ୍ପାନୀ ବିବିନ୍ନ ନିର୍ମାଣ କ୍ଷେତ୍ରରେ ନଷ୍ଟ ହେଉଥିବା ବାଲିକୁ ବ୍ୟବହାର କରୁଛି। ଉଲ୍ଲେଖଯୋଗ୍ୟ ଯେ, ନିର୍ମାଣ କମ୍ପାନୀଗୁଡ଼ିକରୁ ପ୍ରତିମାସରେ ୭୦୦ ଟନ୍ ବର୍ଜ୍ୟବାଲି ବାହାରୁଛି ଓ ତାହା ଏତେତେଣେ ଠୁଳ ହୋଇରହୁଛି। ଏଥିରୁ ବାଲିଇଟା ତିଆରି କରିବା ଦ୍ୱାରା ଏହି ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି। ପ୍ରଥମେ କମ୍ପାନୀ ଗୋଟିଏ ଦିନରେ ୧,୫୦୦ ଇଟା ତିଆରି କରୁଥିବାବେଳେ ଏବେ ଏହି ସଂଖ୍ୟ ୪,୦୦୦ରେ ପହଞ୍ଚିଛି। ବାଲିରୁ ଇଟା ତିଆରି କରିବା ପଦ୍ଧତି କାଉନସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍ଆଇଆର୍) ଏବଂ ଥିରୁଭାନନ୍ତପୁରମ୍‌ର ପାପାନାମକୋଡେ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଫର୍ ଇଣ୍ଟରଡିସିପ୍ଲିନାରି ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍ଆଇଆଇଏସ୍‌ଟି)ର ମିଳିତ ଉଦ୍ୟମରେ ଏହି ନୂଆ ଟେକ୍ନୋଲୋଜି ବିକାଶ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 3 | | 7 | | | | | |
| 2 | | | | 9 | | | | |
| 7 | | | 8 | | | 1 | 2 | |
| | | 3 | | | 8 | | | 5 |
| | | | | | | | | |
| 1 | 7 | | | | | | 9 | 4 |
| | | | 1 | 5 | | | | 7 |
| | 8 | | | 6 | | 9 | | |
| 4 | | | | | 7 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 4 | 7 | 9 | 6 | 8 | 1 |
| 4 | 9 | 6 | 3 | 8 | 1 | 7 | 5 | 2 |
| 8 | 7 | 1 | 6 | 2 | 5 | 4 | 9 | 3 |
| 9 | 8 | 7 | 1 | 5 | 4 | 3 | 2 | 6 |
| 3 | 4 | 2 | 7 | 6 | 8 | 9 | 1 | 5 |
| 1 | 6 | 5 | 9 | 3 | 2 | 8 | 4 | 7 |
| 6 | 1 | 8 | 5 | 4 | 3 | 2 | 7 | 9 |
| 5 | 3 | 4 | 2 | 9 | 7 | 1 | 6 | 8 |
| 7 | 2 | 9 | 8 | 1 | 6 | 5 | 3 | 4 |

ଗତକାଲିର ଉତ୍ତର

# କ୍ଷୁଧାମୁକ୍ତ ଭାରତ ନା କ୍ଷୁଧାମୃତ୍ୟୁ ଭାରତ



ସାରଦା ପ୍ରସାଦ କର

କ୍ଷୁଧା ମୃତ୍ୟୁ ଭାରତର ବିକଳ ଚିତ୍ର କାଛ ଆଉଜା ମାରୁଛି ବିକାଶର ତୈଳଚିତ୍ର ପଛରେ। ୨୦୨୨ ମେ', ଶ୍ରୀଲଙ୍କାର ବିତ୍ତୀୟ ବିପର୍ଯ୍ୟୟରେ ୫.୬ ମିଲିୟନ ଡଲାରର ଚାଉଳ, କ୍ଷୀର ପାଉଡର ଓ ଔଷଧ, ରାଶନ ଯୋଗାଇଥିବା ଭାରତ କ୍ଷୁଧାମୁକ୍ତ ବୋଲି ପ୍ରମାଣ କରିଛି। ସେହିଭଳି ଆଫ୍ରିକା ମହାଦେଶୀୟ ରାଷ୍ଟ୍ର ସୁଦାନ, ଦକ୍ଷିଣ ସୁଦାନ ଓ ଏରିଟ୍ରିଆ ଆଦିଙ୍କୁ ୨୦୨୧ ଅକ୍ଟୋବରରେ ୧୫୫ ମେଟ୍ରିକ୍ ଟନ୍ ଅଟା, ୬୫ ମେଟ୍ରିକ୍ ଟନ୍ ଚାଉଳ ଓ ୫୦ ମେଟ୍ରିକ୍ ଟନ୍ ଚିନି ଯୋଗାଇ ବିଶ୍ୱକୁ କ୍ଷୁଧାମୁକ୍ତ କରିବା ପ୍ରୟାସ କରିଛି ଭାରତ। ଚଳିତ ୨୦୨୩-୨୪ ବଜେଟରୁ ଆଫଗାନିସ୍ତାନକୁ ପଚିଶ ମିଲିୟନ ଡଲାର ଅର୍ଥାତ୍ ୨୦୦ କୋଟିର ମୁକ୍ତ ହସ୍ତ ଦାନ କରିଛନ୍ତି ବିତ୍ତମନ୍ତ୍ରୀ ନିର୍ମଳା ସିଥାରମଣ। ହେଲେ ବର୍ଷ ୨୦୨୨ରେ ୧୨୧ଟି ଦେଶକୁ ନେଇ ପ୍ରକାଶ ପାଇଥିବା ବିଶ୍ୱ ଭୋକିଲା ସୂଚକାଙ୍କରେ ଭାରତର ସ୍ଥାନ ୧୦୭। ଯଦିଓ ଭାରତ ଏ କଥାଟିକୁ ସ୍ୱୀକାର କରିବାକୁ ଅରାଜି ତଥାପି ଅସଲ ସତଟି ହେଲା, ପାଉଡର ମାଖି ମୁହଁ ଯେତେ ଚକ୍ ଚକ୍ କଲେ ବି ଭାରତରେ ପୋଡ଼ିଯାଉଥିବା ପେଟର ବିକଳ ଚିତ୍ର ସାରା ବିଶ୍ୱ ଦେଖିପାରୁଛି।

ସାରା ବିଶ୍ୱର ତିନିଭାଗ ଗରିବ ଲୋକଙ୍କ ଭିତରେ ଭାଗେ ହଉଛନ୍ତି ଭାରତର, ଏ କଥା ସ୍ୱୀକାର କରିବାକୁ ପଡ଼ିବ। ପାକିସ୍ତାନ ଆଉ ବାଂଲାଦେଶ ଆମ ସହ ଯୋଡ଼ିହେଲେ ବିଶ୍ୱ ଦାରିଦ୍ର୍ୟର ଅଧା ଭାଗୀଦାର ଏହି ତିନୋଟି ଦେଶ। ବାର୍ଷିକ ଚାରିଭାଗରୁ ତିନିଭାଗ ସମୟ ଦୈନିକ ଆଠ ଘଣ୍ଟା କାମ ନ ଥିଲେ ବେକାର(୧୮-୬୫ ବର୍ଷ)ବୋଲି ଷଷ୍ଠ ପଞ୍ଚବାର୍ଷିକ ଯୋଜନାରୁ ନିରୂପିତ ସଂଜ୍ଞା ପ୍ରତି ଆମେ ଯେମିତି ଉଦାସୀନ। ପାଠପଢୁଆ ଓ କୁଶଳୀ ଶ୍ରମଶକ୍ତି ଉପଯୋଗ ବିନା ଦେଶରେ ଆପରାଧିକ ମାମଲା ଉପରମୁହାଁ। ସରକାର ମୁଣ୍ଡ ପିଛା ଆୟର ଯେଉଁ ରଚନା ଦେଖଉଛନ୍ତି ତାହା ନେତା, ମନ୍ତ୍ରୀ ଆଉ ଶିଳ୍ପପତିଙ୍କ ଗଚ୍ଛିତ ଧନର ସାଧାରଣ ଲୋକଙ୍କ ମୁଣ୍ଡରେ ସମବଣ୍ଟନ ଖାତାପତ୍ର ବ୍ୟବସ୍ଥା କଥା। ଅଦୃଶ୍ୟ ମୁଦ୍ରା ବା କ୍ରିପ୍‌ଟୋ କରେନ୍‌ସିଠାରୁ ଆହୁରି ବିପଜ୍ଜନକ ଓ ଭୟଙ୍କର ଏହି ମୁଣ୍ଡ ପିଛା ଆୟ ବିଷୟ। ଦେଶର ବାର୍ଷିକ ମୁଣ୍ଡ ପିଛା ଆମିଷ ଭକ୍ଷଣକାରୀଙ୍କ ଭିତରେ ସବୁ ନିରାମିଷାଶୀ ସାଧୁସନ୍ଥଙ୍କୁ ଛନ୍ଦିବା କୌଶଳ ଭଳି ଅର୍ଥନୀତିର ଏହି ଗଣନା ସରକାରଙ୍କୁ ଉତ୍ସାହିତ କରେ। କଳାବଜାରର ପଞ୍ଚତାରକା ହୋଟେଲ ଖାଦ୍ୟରେ ଦେଶର ଭୋକିଲା ପେଟ ପୂରାଏ ଯେମିତି। ଖାଦ୍ୟ ଓ ଖାଦ୍ୟରେ ପୋଷକ ତତ୍ତ୍ୱର ଅଭାବ, ପାଞ୍ଚବର୍ଷରୁ କମ୍ ଶିଶୁ ମୃତ୍ୟୁ ଓ ଅନାହାରକୁ ନେଇ ବିଶ୍ୱବ୍ୟାପୀ ସର୍ବେକ୍ଷଣରେ ଶହେ ମାର୍କରୁ ୨୦-୩୪.୯ ମାର୍କ ପର୍ଯ୍ୟନ୍ତ ଅତି ଜଟିଳ ବର୍ଗରେ ଭାରତର ସ୍ଥାନ ୨୯.୧। ସାଧାରଣ ବଣ୍ଟନ ବ୍ୟବସ୍ଥା (ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ) ୨୦୨୩-୨୪ ବଜେଟରେ ୩୨ ପ୍ରତିଶତ କମେଇ ସରକାର ବିଦେଶକୁ ଦାନକଲେ ଦାନୀ ହେବେ ହେଲେ ଦେଶର ଭୋକିଲା ପେଟ ଲୁଚେଇ ନ ପାରି ଲୋକହସା ହେବେ। ଆଦାନୀଙ୍କ ମିଛ ପଇସାରେ ମୋହର ମାରିଲେ ଦେଶ କେବେ ବି ବୃହତ୍ତମ ଅର୍ଥନୀତି ହେବନାହିଁ।

ପେଟ ଅଛି ମାନେ କ୍ଷୁଧା ରହିବ ହେଲେ କ୍ଷୁଧାମୁକ୍ତ ସମାଜ ପାଇଁ ସରକାର ଲୋକଙ୍କୁ ଯୋଗ୍ୟ କରିବେ। ଉତ୍ପାଦନଭିତ୍ତିକ ଶିଳ୍ପରେ ପଛୁଆ ଓ କର୍ମସଂସ୍ଥାନ ଯୋଗାଡ଼ କରିବାରେ ନିଜ ଅସହାୟତା କାରଣରୁ ଡିସେମ୍ବର ୨୫, ୨୦୦୦ରୁ ସରକାର ଏକ କୋଟି ଅତି ଗରିବଙ୍କ ପାଇଁ ଅନ୍ତ୍ୟୋଦୟ ଅନ୍ନ ଯୋଜନା କଲେ। ମାସିକ ୩୫ କିଲୋ ଖାଦ୍ୟଶସ୍ୟ, ୨ ଟଙ୍କା କିଲୋ ଗହମ ଆଉ ୩ ଟଙ୍କାରେ କିଲୋ ଚାଉଳ ପ୍ରକୃତ ଭୋକିଲା ପେଟ ପାଖରେ ପହଁଚିଲା କି ନାହିଁ ତାହା ଆଜିର ଦସ୍ତାବିଜରୁ ଜଣାପଡୁଛି। କିନ୍ତୁ ଏଥିରେ ବି ବାଟମାରଣା ହେଲା। ଥିଲାବାଲା ବି ଖାଇଲେ। ୧୯୯୯ରୁ ଆରମ୍ଭ ଭତ୍ତାଯୋଗ୍ୟ ବୃଦ୍ଧାବୃଦ୍ଧାଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ଦଶକିଲୋ ଖାଦ୍ୟଶସ୍ୟରେ ବି ବାଟମାରଣା ହେଲା। ସରକାର ନାରା ଦେଲେ ଯେ ଦେଶରେ ବିକାଶ ଆସିଗଲା। ସରକାର ବିଦେଶ ବୁଲି ପ୍ରଚାରସର୍ବସ୍ୱ ହେଲେ, ନବରତ୍ନ ମାନର ଶିଳ୍ପସବୁ କ୍ଷତିଗ୍ରସ୍ତ ହେଲାବେଳେ ସରକାର ସେସବୁରୁ ପୁଞ୍ଜି ପ୍ରତ୍ୟାହାର କରି ନିଜ ଭଣ୍ଡାର ବଢ଼ିଛି କହି ମିଛ ବାଃ ବାଃ ନେଲେ। ନିଯୁକ୍ତି ତ୍ୱରାନ୍ୱିତ କରି ନ ପାରି ସେନାର ସାଧାରଣ ନିଯୁକ୍ତି ପ୍ରକ୍ରିୟାକୁ ସରକାର ନିଜ ଅଙ୍ଗୀକାରବଦ୍ଧତାର ପ୍ରଚାର କଲେ। ଭାରତର ୧.୪ ବିଲିଅନ ଲୋକଙ୍କ ଭିତରୁ କୋଡ଼ିଏ ପ୍ରତିଶତ ଦୈନିକ ଚଳିବା ପାଇଁ ୧.୨୫ ଡଲାର ଖର୍ଚ୍ଚ କରନ୍ତି। ଏହା ହାରାହାରି ହିସାବ ଯେହେତୁ ଏମିତି ବି କେହି ଥାଇପାରନ୍ତି ଯାହାଙ୍କ ପକେଟରେ ଫଟା ପାହୁଲାଟିଏ ବି ନାହିଁ। ଅନେକଙ୍କ ଖାଦ୍ୟ ନିରାପତ୍ତା ବିପନ୍ନ। ୧୬.୩ ପ୍ରତିଶତ, ଯାହାଙ୍କ ଲାଗି ସୁଷମ ଖାଦ୍ୟ ସ୍ୱପ୍ନ।



ବର୍ଷ ୨୦୨୨ ଆରମ୍ଭରୁ ବିଶ୍ୱରେ ଖାଦ୍ୟ ସଙ୍କଟ ୨୮୨ ମିଲିୟନରୁ ୩୪୫ ମିଲିୟନ ଛୁଇଁବାବେଳେ ଆମେ କିନ୍ତୁ ଉତ୍ସାହିତ ଥିଲୁ ଏଥିପାଇଁ କି ଆମ ପାଖରେ ମହଜୁଦ ଖାଦ୍ୟଶସ୍ୟ ରଖିବାକୁ ମଣ୍ଡିରେ ଜାଗା ନ ଥିଲା। ଆମେ ବାହାରକୁ ରପ୍ତାନି କରି ଲାଭାଂଶ କୃଷକଙ୍କୁ ଦେଇ ଚାଷ ପ୍ରତି ଉତ୍ସାହ ସୃଷ୍ଟି କରିବା ପରିବର୍ତ୍ତେ ତାରି ଫସଲ ଉତ୍ପାଦ ତାକୁ ଦେଇ ଦାତାପଣରେ ବାନା ଉଡ଼େଇଲୁ। ଚାଷୀର ଉତ୍ପାଦ ଦୁଇଗୁଣା କରିବାକୁ ଯାଇ ସରକାର ''ଅର୍ଥଶ୍ରାଦ୍ଧ ଚମତ୍କାର'' ପରି ପ୍ରଚାର ନୀତିରେ ରହିଗଲେ। ବିଲ ମୁଣ୍ଡକୁ ଯିଏ ଯିବ ତା' ହାତକୁ ଲାଭାଂଶ ଯିବ କଥାଟି ନ କରି ଭୋକିଲାକୁ ଆହାର ଦେବି କହି କୃଷି ଉତ୍ପାଦନଭିତ୍ତିକ ତଥା ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପକୁ ହିସାବ ଖାତାରେ ରଖିଲେ। ଦେଶରେ ୧୯୦ ମିଲିୟନ (ପାଖାପାଖି କୋଡ଼ିଏ କୋଟି) ଲୋକ ରାତିଟା ଉପାସରେ ଶୋଉଥିବା ଦେଶର ଚିତ୍ର ଅସ୍ପଷ୍ଟ କରି ପଡ଼ୋଶୀ ପାକିସ୍ତାନର କୋଟିଏ କେମିତି ଭୋକରେ ଅଛନ୍ତି ଦେଖେଇଲେ। ଦେଖିବାକୁ ଗଲେ ତୈଳ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଆଉ ଖାଦ୍ୟ ଉତ୍ପାଦନରେ ପଛୁଆ ହେବାରୁ ସର୍ବାଧିକ ଭୋକିଲା ଦେଶ ୟେମେନ୍ ଅପେକ୍ଷା ଆମ ପାଖରେ ଭୋକିଲା ପେଟ ଯଥେଷ୍ଟ ଅଧିକ। କ୍ଷୁଧାମୁକ୍ତ ଭାରତ ନା କ୍ଷୁଧା ମୃତ୍ୟୁର ଦେଶ ଭାରତ ତାହା ସରକାର ନିଜେ ସ୍ପଷ୍ଟ ହୁଅନ୍ତୁ।ବର୍ଷ ୨୦୨୧ ହିସାବ ଅନୁସାରେ, ବିଶ୍ୱର ଦୈନନ୍ଦିନ ଆତ୍ମହତ୍ୟା ୮ ଲକ୍ଷରୁ ଏକୁଟିଆ ଆମ ଭାଗ ୧,୬୪,୦୦୦। ଅଧିକାଂଶ ଋଣ ଚାପରେ ଚାଷୀ ଆଉ ଭୋକିଲା ମଣିଷ।

ମୋ: ୮୨୪୯୮୨୭୧୪୮

# ରୋଗୀ ସେବାରେ ସମ୍ପର୍କୀୟ



ସୁଧୀର କୁମାର ନାୟକ

ରାଜ୍ୟର ସରକାରୀ ଓ ବେସରକାରୀ ହସ୍ପିଟାଲକୁ ପ୍ରତିଦିନ ବିଭିନ୍ନ ଜିଲା ଏବଂ ବାହାର ରାଜ୍ୟର ହଜାର ହଜାର ରୋଗୀ ଆସିଥାନ୍ତି। ରୋଗୀ ସମ୍ପର୍କୀୟମାନେ ଦାୟିତ୍ୱ ନେଇ ଡାକ୍ତରଖାନା ଆଡମିସନଠାରୁ ସମସ୍ତ ଭଲମନ୍ଦ ବୁଝିଥାନ୍ତି। ଏହା ଭିତରେ ରୋଗୀର ଆତ୍ମୀୟ, ସହଯୋଗୀମାନଙ୍କୁ ନାନାଦି ସମସ୍ୟା, କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତାହା କିନ୍ତୁ ବିଭାଗୀୟ ମୁଖ୍ୟମାନେ ବା ସରକାର ହୃଦୟଙ୍ଗମ କରି ନ ଥାନ୍ତି।

ରୋଗୀ ସମ୍ପର୍କୀୟମାନେ ରୋଗୀ ସେବାର ଅନେକ ଦାୟିତ୍ୱ ବହନ କରିଥାନ୍ତି। କେଉଁ ବିଭାଗରେ କେଉଁ ପରୀକ୍ଷା କରାଯିବ, ରିପୋର୍ଟ କେଉଁଠୁ ମିଳିବ, ଫଟୋ କେଉଁଠୁ ଉଠାଯିବ, ରକ୍ତ ନମୁନା କେଉଁ ଲାବରୋଟୋରିକୁ ପଠାଯିବ ଇତ୍ୟାଦି କରାଯାଇଥାଏ। ଆବଶ୍ୟକସ୍ଥଳେ ରୋଗୀଙ୍କୁ ଷ୍ଟ୍ରେଚରରେ ସମ୍ପର୍କୀୟମାନେ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ବୋହି ନେଇଥାନ୍ତି। ଜଣେ ରୋଗୀର ବଳ ଥାଏ ତା'ର ଆତ୍ମୀୟ ସହଯୋଗୀମାନଙ୍କର ସେବା। କେବଳ ଆମ ରାଜ୍ୟ ନୁହେଁ, ଦେଶର ବହୁ ବଡ଼ ବଡ଼ ଡାକ୍ତରଖାନାରେ ସମସ୍ତ ସୁବିଧା ଗୋଟାଏ କ୍ୟାମ୍ପସରେ ଉପଲବ୍ଧ ହୁଏନାହିଁ। ଗୋଟିଏ ବିଭାଗରୁ ଅନ୍ୟ ଗୋଟିଏ ବିଭାଗର ଦୂରତ୍ୱ ମଧ୍ୟ କମ୍ ନ ଥାଏ। ଗୁରୁତର ରୋଗୀମାନଙ୍କୁ ଶଯ୍ୟାରେ ଛାଡ଼ି ବାହାରକୁ ଯିବା ସମସ୍ୟା ହୋଇଥାଏ। ଯଦି କଟକ ବଡ଼ ଡାକ୍ତରଖାନାକୁ ବିଚାରକୁ ନେବା ଏଠି ବର୍ତ୍ତମାନ ଅଧିକାଂଶ ବିଭାଗର ମୁଖ୍ୟ ପ୍ରଫେସର, ସହକାରୀ ପ୍ରଫେସର ଏବଂ ଡାକ୍ତରମାନଙ୍କ ଆବଶ୍ୟକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡୁଥିବାରୁ ଚିକିତ୍ସା ସେବା ବିଳମ୍ବ ହେଉଛି। ଗୁରୁତର ରୋଗୀମାନେ ଏବଂ ତାଙ୍କ ସମ୍ପର୍କୀୟମାନେ ମାସ ମାସ ଧରି ଡାକ୍ତରଖାନାରେ ରହୁଛନ୍ତି। ଏହାଦ୍ୱାରା ମଧ୍ୟ ରୋଗୀ ସମ୍ପର୍କୀୟଙ୍କୁ ଖର୍ଚ୍ଚାନ୍ତ ହେବାକୁପଡ଼ିଥାଏ। ନିଜ ପରିବାର ଛାଡ଼ି ସମ୍ପର୍କୀୟମାନେ ଜଣକ ସେବା ପାଇଁ କେତେ ସମୟ ଡାକ୍ତରଖାନାରେ କଟାଇବାକୁ ପଡ଼େ, ଆଉ କେଡ଼େ ଯନ୍ତ୍ରଣାଦାୟକ ତାହା କେବଳ ଅଙ୍ଗେ ନିଭେଇଥିବା ଲୋକେ ହିଁ ବୁଝିପାରିବେ।

ଡାକ୍ତରଖାନା ପରିସରରେ ସମ୍ପର୍କୀୟମାନଙ୍କ ବିଶ୍ରାମ, ରହଣି ପାଇଁ ସେପରି ସୁବିଧା ନାହିଁ। ଯଦି ଥାଏ, କେଉଁଠି ଭଙ୍ଗାଯାଇଥିବା କୋଠା, ବାରଣ୍ଡା କିମ୍ବା ପରିତ୍ୟକ୍ତ ସ୍ଥାନ। ଡାକ୍ତରଖାନାର ୮୦ ପ୍ରତିଶତ ରୋଗୀ ସହଯୋଗୀମାନେ ରାତିରେ କେଉଁ ଗଛମୂଳେ କିମ୍ବା ରାସ୍ତା ପାର୍ଶ୍ୱ ସିମେଣ୍ଟ ପିଣ୍ଡିରେ ବସି ବସି ରାତି ବିତେଇଥାନ୍ତି। ବର୍ଷା, ଶୀତଦିନେ ସମ୍ପର୍କୀମାନେ ବଡ଼ ଦୁର୍ଦ୍ଦଶା ଭୋଗିଥାନ୍ତି। ବର୍ଷାଦିନେ ବିଶ୍ରାମ ପାଇଁ ଶୁଖିଲା ସ୍ଥାନ ଅଭାବ ଥାଏ। ରୋଗୀଟିଏ ଆଡମିସନ ହେଲେ ତା'ର ସମ୍ପର୍କୀୟ ତା' ପାଖରେ ରହିବା ସ୍ୱାଭାବିକ କଥା। କିନ୍ତୁ ସେହି ସମ୍ପର୍କୀୟମାନଙ୍କ ଦୁଃଖ ଦୁର୍ଦ୍ଦଶା କ'ଣ ସରକାର ବୁଝିପାରନ୍ତି ନାହିଁ। ଯଦି ମହିଳା ସମ୍ପର୍କୀୟ ହୋଇଥିବେ ସେମାନଙ୍କର ସୁରକ୍ଷା ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ରାତ୍ରକାଳରେ ଡାକ୍ତରଖାନାରେ କେହି ନ ଥାନ୍ତି। ଏହା ମଧ୍ୟରେ ସମ୍ପର୍କୀୟମାନଙ୍କ ମୋବାଇଲ, ବ୍ୟାଗ୍, ଜିନିଷପତ୍ର ଚୋରି ହେବାଟା ନିତିଦିନିଆ ଘଟଣା। ସରକାର ଡାକ୍ତରଖାନାରେ ଭିତ୍ତିଭୂମି ବିକାଶ ପାଇଁ ଟଙ୍କା ଅଟକଳ କରୁଥିଲାବେଳେ ରୋଗୀ ସମ୍ପର୍କୀୟ ସହଯୋଗୀମାନଙ୍କ ରାତ୍ରିକାଳୀନ ବିପଦମୁକ୍ତ ବିଶ୍ରାମାଗାର ସ୍ଥାପନ ପାଇଁ ସେପରି କିଛି ପଦକ୍ଷେପ ନିଆଯାଉନାହିଁ। ବଡ଼ ବଡ଼ ଡାକ୍ତରଖାନା ପରିସରରେ ଅସାମାଜିକ ବ୍ୟକ୍ତି, ଦଲାଲମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ବାହାରୁ ଆସୁଥିବା ନିରୀହ ରୋଗୀ ସମ୍ପର୍କୀୟମାନଙ୍କୁ ଠକି ଲୁଟୁଛନ୍ତି। ଦଲାଲମାନେ ଅସାଧୁ ଡାକ୍ତରଖାନା କର୍ମଚାରମାନଙ୍କ ସହଯୋଗରେ ରୋଗୀମାନଙ୍କୁ ସେମାନଙ୍କର ପରିଚିତ ଘରୋଇ ହସ୍ପିଟାଲକୁ ନେଇ ଶୋଷୁଛନ୍ତି। କେତେଦିନ ଏପରି ଚାଲିଥିବ। ବିଶ୍ୱ ମହାମାରୀ କରୋନାର ଯେତେବେଳେ ତୀବ୍ରତା ଅଧିକ ଥିଲା ଡାକ୍ତରଖାନାଗୁଡ଼ିକରେ ରୋଗୀମାନଙ୍କ ପାଇଁ ଯେମିତି ଶଯ୍ୟା ଅଭାବ ପଡ଼ିଲା ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ଛିଡ଼ାହେବା ପାଇଁ ଜାଗା ଅଭାବ ପଡ଼ିଲା।

**ଶ୍ୟାମପୁର, ଧାମନଗର, ଭଦ୍ରକ**
**ମୋ- ୯୯୩୮୦୮୦୨୯୪**

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଫେବୃୟାରୀ ୧୯୯୮

- ସୁରତରେ ମାଟି ଅତଡ଼ା ଧସି ୧୨ ମହିଳାଙ୍କ ସମେତ ୧୫ ଶ୍ରମିକଙ୍କ ମୃତ୍ୟୁ।
- ଏକ ସାମରିକ ଅଭିଯାନ ବେଳେ ଆଲଜେରିଆର ସାମରିକ ବାହିନୀ ୫୨ ଜଣ ମୁସ୍‌ଲିମ ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ହୋର୍ଡିଂ

ମହାଶୟ,

ବାଲେଶ୍ୱର ସହରର କେତେକ ଜନଗହଳି ଛକରେ ବଡ଼ ବଡ଼ ହୋର୍ଡିଂ ଲାଗିଛି। ସେଥିରେ ଲେଖା ଅଛି,୧୪ ଫେବୃୟାରୀକୁ ପାଳନ କରିବା ମାତୃ-ପିତୃ ପୂଜନ ଦିବସ, ସବୁ ବର୍ଗ ଓ ଧର୍ମର ଲୋକଙ୍କୁ ଆହ୍ୱାନ- ପ୍ରେରଣାର ସ୍ରୋତ, ପୂଜ୍ୟ ସନ୍ଥ ଶ୍ରୀ ଆଶାରାମ ବାପୁ । ଉଲ୍ଲେଖ ଯୋଗ୍ୟ କି ଆଶାରାମ ଓ ତାଙ୍କ ପୁତ୍ର ନାରାୟଣ ସାଇ ତାଙ୍କ ଆଶ୍ରମରେ ଯୁବତୀମାନଙ୍କୁ କିପରି ଯୌନ ଶୋଷଣ କରୁଥିଲେ ସମସ୍ତ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ୨୦୧୩ରେ ୟୁ.ପି. ଶାହାଜାନପୁରର ଜଣେ ୧୬ ବର୍ଷୀୟା ନାବାଳିକା ଆଶାରାମଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିଲେ। ରାଜସ୍ଥାନର ଯୋଧପୁର ମନାଇ ଆଶ୍ରମରେ ଘଟଣା ଘଟିଥିଲା। ୨୦୧୮ ଏପ୍ରିଲ ୨୫ରୁ ଯୋଧପୁର ଜେଲରେ ଆଜୀବନ ସଜା କାଟୁଛନ୍ତି। ଆଉଜଣେ ପୀଡିତାଙ୍କ ଅଭିଯୋଗକ୍ରମେ ଜାନୁୟାରୀ ୩୧ରେ ଗୁଜରାଟର ଏକ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗାନ୍ଧୀନଗର ଆଶ୍ରମରେ ଆଶାରାମ ଅନେକ ଥର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ପୁତ୍ର ମଧ୍ୟ ଅଭିଯୁକ୍ତ। ଏଭଳି ଦୋଷୀଙ୍କ ଫଟୋ ଲଗାଇଯାଇଥିବା ହୋର୍ଡିଂ ହଟାଇବା ଉଚିତ। ଏହା ବେଆଇନ ହୋର୍ଡିଂ।

**-କହ୍ନେଇଚରଣ ନନ୍ଦୀ, କମଳାକାନ୍ତଭବନ, ସାଆନ୍ତା, ଶେରଗଡ଼ ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ-ପାପ
ସକଳ କ୍ଲେଦ କାଳିମାରାଶି
ଯାଇଛି ଅପସରି,
ପଥିକ କେତେ ଚଳଇ ମୋହ ସରି।
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭଲକ୍ଷ୍ମୀ



@ ଅଙ୍କିତ୍



@ ଶିବବ୍ରତ



@ ରାଜେଶ



@ ଅର୍ଚ୍ଚନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ‘ପାରମ୍ପରିକ ଚିକିତ୍ସା ପଦ୍ଧତିର ଗୁରୁତ୍ୱ ରହିଛି’

## ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ

ଭୁବନେଶ୍ୱର,୧୬।୨(ବ୍ୟୁରୋ)




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ଅମାତ ଏବଂ ଅନ୍ୟ ଅତିଥିବୃନ୍ଦ।

ପ୍ରଦର୍ଶନୀ ପଡ଼ିଆରେ ୭ଦିନ ଧରି ଚାଲିଥିବା ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନଦୀ, ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ପତାୟତ ସାହୁ ଏବଂ ପ୍ରଧାନ ବନ ସଂରକ୍ଷକ ଓ ଜଙ୍ଗଲବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଦୈନନ୍ଦିନ ଜୀବନରେ ଜଙ୍ଗଲଜାତ ଦ୍ରବ୍ୟ ତଥା ଔଷଧୀୟ ବୃକ୍ଷର ବ୍ୟବହାର ଓ ଉପକାର ସମ୍ପର୍କରେ ମତ ରଖିଥିଲେ। ଆୟୁର୍ବେଦ ବିଜ୍ଞାନ ଉପରେ ତଥ୍ୟଭିତ୍ତିକ ମତ ଉପସ୍ଥାନ କରି ଆୟୁର୍ବେଦିକ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିର ଯଥେଷ୍ଟ ଗୁରୁତ୍ୱ ରହିଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦୀପ ନାୟକ ଯୋଗଦେଇ ମେଳାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ଅନୁସୂୟା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମେଳା ଶେଷ ଦିନରେ ଲୋକେ ବିଭିନ୍ନ ଜଙ୍ଗଲଜାତ ସାମଗ୍ରୀ, ଔଷଧୀୟ ବୃକ୍ଷ ଓ ଜଡ଼ିବୁଟି ଔଷଧ କିଣୁଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ବୈଦ୍ୟ, କବିରାଜ, ଔଷଧୀୟ ବୃକ୍ଷଲତା ସହ ସଂପୃକ୍ତ ଚାଷୀ, ପ୍ରାଥମିକ ସଂଗ୍ରହକାରୀ, ବନ ସୁରକ୍ଷା ସମିତିର ସଭ୍ୟ, ପାରମ୍ପରିକ ଚିକିତ୍ସକ, ବ୍ୟବସାୟୀ, ବେସରକାରୀ ସଂଗଠନ, ଔଷଧ ପ୍ରସ୍ତୁତକାରୀ ଏବଂ ରପ୍ତାନୀକାରୀମାନେ ଯୋଗଦେଇଥିଲେ। ବିଭିନ୍ନ ଷ୍ଟଲରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦିକ ପରାମର୍ଶ ଦିଆଯାଇଥିଲା। ସେହିପରି ନାଡ଼ୀ ପରୀକ୍ଷା ଦ୍ୱାରା ଅମ୍ଳପିତ୍ତ, ମଧୁମେହ, ଆମ୍‌ବାତ, ଗଣ୍ଠିବାତ, ଶ୍ୱାସରୋଗ, ସ୍ତ୍ରୀ ରୋଗ, ଉଚ୍ଚ ରକ୍ତଚାପ, ହୃଦରୋଗ ଆଦିର ଚିହ୍ନଟ ପ୍ରକ୍ରିୟା ପ୍ରତି ଲୋକଙ୍କ ଆଗ୍ରହ ପ୍ରକାଶ ପାଇଥିଲା। ଲୋକେ ପ୍ରଦର୍ଶନୀ ବୁଲି ଦୈନନ୍ଦିନ ଜୀବନୀରେ ଔଷଧୀୟ ଉଦ୍ଭିଦର ଉପଯୋଗିତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ।

# ‘କମଳ ଦେଶର ରାଜକୁମାର...’




ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଗୁରୁବାର ସଂସ୍କାର ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ‘କମଳ ଦେଶର ରାଜକୁମାର’ରେ କଣ୍ଠଶିଳ୍ପୀ ମହାପ୍ରସାଦ କର ଏବଂ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଙ୍ଗୀତରେ ପ୍ରଫୁଲ୍ଲ କରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ବିଶିଷ୍ଟ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଫୁଲ୍ଲ କରଙ୍କ ୮୪ତମ ଜନ୍ମବାର୍ଷିକୀ ଅବସରରେ ତାଙ୍କ ସ୍ମୃତିରେ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ‘କମଳ ଦେଶର ରାଜକୁମାର’ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବେଦାନ୍ତ ଚେୟାରମ୍ୟାନ୍ ତପନ ଚାନ୍ଦ, ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତଜ୍ଞ ମହାପ୍ରସାଦ କରଙ୍କ କଣ୍ଠରୁ ମହାବାହୁ ଅଖିଳ ଜଗତ ନାଥ...ରୁ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ କମଳ ଦେଶର ରାଜକୁମାର... ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ସ୍ୱର୍ଗତ କରଙ୍କୁ ମନେ ପକାଇ ଦେଇଥିଲା। ଗାୟିକା ସୋହିନୀ ମିଶ୍ର ମୋତେ ବାନ୍ଧି ନେରେ ପୋଲିସ୍ ବାବୁ..ଓ ପାଦରେ ପାଦ ଛନ୍ଦା... ସଙ୍ଗୀତ ପରିବେଷଣ କରିଥିଲେ। ଆଉ ନ ପାରେ ଚଳି..., ରଜନୀ ଗୋ..ସଙ୍ଗୀତ ଗାଇ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ମହମ୍ମଦ ଆବିଦ୍ ‘ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର...’, ‘ମାଣିକ ଆଲୋ ମାଣିକ’ ଏବଂ ନାଜିଆ ଆଲାମ୍‌ଙ୍କ ‘ଏମିତି ବି ନଦୀ ଅଛି..,’ ‘ଏ ଫୁଲ କହ ଥରେ..’ ଗୀତ ବେଶ୍ ମନଛୁଆଁ ଥିଲା। ରଶ୍ମିତା ଦାସଙ୍କ ସଙ୍ଗୀତ ‘ମେଘ ବରଷିଲା ଟୁପୁରୁ ଟାପୁରୁ...’, ‘ମା ଲୋ କଳିକତିଆ ବ୍ୱାଇଁ’ ପରିବେଷଣ କରିଥିଲେ। ସଙ୍ଗୀତରେ କଣ୍ଠଶିଳ୍ପୀମାନେ ସ୍ୱର୍ଗତ କରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ୩୨ କେଜି ପଚାଫଳ ଜବତ, ୪ ବ୍ୟବସାୟୀ ଗିରଫ

କଟକ ଅଫିସ,୧୬।୨

ପଚାଫଳ ବିକ୍ରି କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଗୁରୁବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲୁଣିଆସାହିର ଦେବ ଓରଫ ଚିନାରି ଦେବେନ୍ଦ୍ର ପାତ୍ର, ହାତୀପୋଖରୀ ଅଞ୍ଚଳର ସେକ୍ ଆରିକ, କଦମପଡ଼ାର ଚଗଲା ଓରଫ କୃଷ୍ଣଚନ୍ଦ୍ର ମୂଳିଆ ଓ ଶଙ୍କରପୁର ଡିହସାହିର ବିଜୟ କୁମାର ରାଉତ। ସେମାନଙ୍କ ନିକଟରୁ ୩୨ କେଜି ପଚାଶଢ଼ା ସେଓ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୭/୨୩) ରୁଜୁ ହୋଇଛି। ଜଗତସିଂହପୁର ଜିଲା ନୂଆଗାଁ ଅଞ୍ଚଳର ପ୍ରତିମା ସାସମଲ ଗୁରୁବାର ସକାଳ ପ୍ରାୟ ସାଢେ ୮ଟାରେ ବ୍ୟକ୍ତିଗତ କାମରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ସେଠାରେ ଥିବା ଏକ ଦୋକାନରୁ ସେଓ କିଣି ୧୦୦ ଟଙ୍କା ଦେଇଥିଲେ। କିନ୍ତୁ ଫଳଦୋକାନୀ ଜଣଙ୍କ ଚତୁରତାର ସହିତ ପ୍ରତିମା ବାଛି ଓଜନ କରିଥିବା ଭଲ ସେଓ ପଲିଥିନ୍‌କୁ ବଦଳାଇ ପଚାଶଢ଼ା ସେଓ ଦେଇ ଠକିଥିଲେ। ଏ ନେଇ ସେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।




# ଗୋଡ଼ିସାହି ଜଙ୍ଗଲରେ ନିଆଁ

ବାରଙ୍ଗ,୧୬।୨(ଡି.ଏନ୍.ଏ.)

ଗୋଡ଼ିସାହି ଫାଣ୍ଡି ଅଧୀନ ଏନ୍‌ଡିଆର୍‌ଏଫ୍ କ୍ୟାର୍ଯ୍ୟାଳୟ ପଛପଟ ଜଙ୍ଗଲରେ ଗୁରୁବାର ପୂର୍ବାହ୍ନରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଯାଇଛି। ପୂର୍ବାହ୍ନ ୧୧ଟା ପାଖାପାଖି କେହି ଦୁର୍ବୃତ୍ତ ଏନ୍‌ଡିଆର୍‌ଏଫ୍ ପଛପଟେ ଥିବା ରାସ୍ତାକଡ଼ରେ ପଡ଼ିଥିବା କିଛି ଶୁଖିଲାପତ୍ରକୁ ନିଆଁ ଲଗାଇ ଦେଇଥିଲା। ଏହି ନିଆଁ ଏତେ ମାତ୍ରା ବଢିଯାଇଥିଲା ଯେ, ତାହା ଜଙ୍ଗଲକୁ ବ୍ୟାପିଯାଇଥିଲା। ଧୀରେ ଧୀରେ ପ୍ରାୟ ୫ ଏକର ପରିମିତ ଜଙ୍ଗଲରେ ନିଆଁ ବ୍ୟାପି ଯାଇଥିଲା। ଫଳରେ ସମଗ୍ର ଅଞ୍ଚଳଟି ଧୂଆଁମୟ ହେବା ସହିତ ନିକଟରେ ଥିବା ଚନ୍ଦକା ଡମପଡ଼ା ଅଭୟାରଣ୍ୟ ଆଡ଼କୁ ନିଆଁ ବ୍ୟାପିବା ଆରମ୍ଭ କରିଥିଲା। ଏହାଦେଖି ସ୍ଥାନୀୟ ଲୋକେ ବାରଙ୍ଗ ଦମକଳ ବାହିନୀକୁ ଖବର ଦେବାରୁ ସେମାନେ ଆସି ପ୍ରାୟ ୨ ଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଲିଭାଇଥିଲେ।




# ବଦଳିବ ଏନ୍‌ଏଚ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପରେଖ

## ସୌନ୍ଦର୍ଯ୍ୟକରଣ ସହ ଶୋଭାପାଇବ ସ୍ଥାପତ୍ୟ

- ଜି-୨୦ ସମ୍ମିଳନୀ ପାଇଁ ଜୋର୍‌ଦାର ହେବ ଉଚ୍ଛେଦ
- ଚକାଚକ୍ ଦିଶିବ ରାସ୍ତା, ମରାମତି ହେବ ହାଇମାଷ୍ଟ ଲାଇଟ୍

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ଖୁବ୍‌ଶୀଘ୍ର ଦେଶରେ ଜି-୨୦ ସମ୍ମିଳନୀ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ ୨୪ରୁ ୨୬ ଏବଂ ମେ’ ୧୫ରୁ ୧୭ ତାରିଖ ମଧ୍ୟରେ ବିଦେଶୀ ପ୍ରତିନିଧି ଦଳ ଓଡ଼ିଶା ଆସିବେ। ସେମାନେ ଭୁବନେଶ୍ୱର, ବ୍ରହ୍ମପୁର, ଖଣ୍ଡଗିରି ଅଞ୍ଚଳ ପରିଦର୍ଶନ କରିବେ। ଏଥିପାଇଁ ବିଡିଏ ପକ୍ଷରୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ବିଡିଏ, ବିଏମ୍‌ସି, ସ୍ମାର୍ଟସିଟି, ଏନ୍‌ଏଚ୍‌ଆଇର ମିଳିତ ଟିମ୍ ରସୁଲଗଡ଼ରୁ ଖଣ୍ଡଗିରି ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାର ଉନ୍ନତୀକରଣ ପାଇଁ ଗତ ୧୧ ତାରିଖରେ ପରିଦର୍ଶନ କରିଥିଲେ। ସମ୍ପୃକ୍ତ ଅଞ୍ଚଳରେ ଅଧିକାଂଶ ସ୍ଥାନ ଜବରଦଖଲରେ ଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ଉଚ୍ଛେଦ କରିବା ପାଇଁ ଗୁରୁବାର ଆୟୋଜିତ ବୈଠକରେ ଏସ୍‌ଓପି ଜାରି କରାଯାଇଛି। ଏଥିସହ ସମ୍ପୃକ୍ତ ଅଞ୍ଚଳର କିପରି ବିକାଶ କରାଯିବ ସେ ନେଇ ମଧ୍ୟ ନକ୍ସା ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର କାଳୀ ମନ୍ଦିରଠାରୁ ଖଣ୍ଡଗିରି ଛକ ପର୍ଯ୍ୟନ୍ତ ବାମପାର୍ଶ୍ୱ ରାସ୍ତା ୫୦ମିଟର ଯାଏ ଅଞ୍ଚଳକୁ ନିଜ ଅକ୍ତିଆରକୁ ଆଣିବା ସହ ସେହି ଜାଗାରେ ସୌନ୍ଦର୍ଯ୍ୟକରଣ କରାଯିବ। ଏହି ରାସ୍ତା ପାର୍ଶ୍ୱରେ ଅଧିକାଂଶ ବସ ପାର୍କିଂ ହେଉଥିବାବେଳେ କେତେକ ନର୍ସରି ମଧ୍ୟ ଗଢ଼ିଉଠିଛି। ସେଗୁଡିକୁ ସେଠାରୁ ହଟାଇବା ସହ ସର୍ଭିସ ରୋଡ ନିର୍ମାଣ କରାଯିବ। ସେହିପରି ଜୟଦେବ ବିହାର ଛକରୁ ଫାୟାର ଷ୍ଟେଶନ ଛକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱ ରାସ୍ତା ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ। ସିଆର୍‌ପି ଛକରେ ଥିବା ଜନଜାତି ମ୍ୟୁଜିୟମ ଠାରୁ ଫାୟାରଷ୍ଟେଶନ ପର୍ଯ୍ୟନ୍ତ ବାମପାର୍ଶ୍ୱରେ ହେଉଥିବା କାର ପାର୍କିଂକୁ ହଟାଯାଇ ସୌନ୍ଦର୍ଯ୍ୟକରଣ କରାଯିବ। ଏହାସହ ବଳକା ଜାଗାକୁ ଭବିଷ୍ୟତ ପାଇଁ ବିଡିଏ ନିଜ ଅକ୍ତିଆରରେ ରଖିବ। ସେହିପରି ସତ୍‌ସଙ୍ଗ ବିହାରସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ସମ୍ମୁଖ ରାସ୍ତାକୁ ଜବରଦଖଲ ହଟାଯାଇ ସେହି ଜାଗାରେ ବିଡିଏ ପକ୍ଷରୁ ସୌନ୍ଦର୍ଯ୍ୟକରଣ କରାଯିବ। କେବଳ ରାସ୍ତାପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ନୁହେଁ ବରଂ ଓଭରବ୍ରିଜ ତଳେ ଖାଲି ସ୍ଥାନକୁ ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିସହ ଲଳିତକଳା ଏକାଡେମୀ ପକ୍ଷରୁ ସ୍ଥାପତ୍ୟ ଚିତ୍ରକଳା ଅଙ୍କାଯିବ। ସେହିଭଳି ଫୁଟପାଥ ରାସ୍ତା ସମେତ ଫ୍ଲାଏ-ଓଭର କାନ୍ଥକୁ ଚିକ୍କଣ କରାଯିବ। ଏବଂ ଜାତୀୟ ରାଜପଥ କଡରେ ଲାଗିଥିବା ହାଇମାଷ୍ଟ ଲାଇଟଗୁଡ଼ିକୁ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ବିଡିଏ ଉପାଧ୍ୟକ୍ଷ ବଳୱନ୍ତ ସିଂ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଡିଏ ଅତିରିକ୍ତ କମିଶନର ହରିଶ ଚନ୍ଦ୍ର ନାୟକ, ଏନ୍‌ଏଚ୍‌ଏଆଇ ଭୁବନେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ପି.କେ.ସିଂ, ଢେଙ୍କାନାଳ ପ୍ରକଳ୍ପ ଅଧିକାରୀ ସଞ୍ଜୟ ଜେନା, ଓଏମ୍‌ସି ଇଡି ସୁଧାଂଶୁ ଖୋରା, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ମନୋରଞ୍ଜନ ସାହୁଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବ୍ୟବସାୟୀ ମୃତ

ମଙ୍ଗୁଳି-ଜଗତପୁର, ୧୬।୨(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ସର୍ଦ୍ଦଳା ଗଡା ନିକଟରେ ବୁଧବାର ରାତିରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସର୍ଦ୍ଦଳା ଗ୍ରାମର ରବୀନ୍ଦ୍ର କୁମାର ସାହୁ। ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳିପାରି ନଥିବାବେଳେ ଘର ଭୁବନେଶ୍ୱରରେ ବୋଲି ଜଣାପଡିଛି। ବ୍ରାହ୍ମଣଭୋଗ ଗଡ଼ା ନିକଟରେ ରବୀନ୍ଦ୍ରଙ୍କ ଏକ ପରିବା ଦୋକାନ ଅଛି। ରାତି ପ୍ରାୟ ସାଢେ ୧୦ଟାରେ ସେ ଦୋକାନ ବନ୍ଦ କରି ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବୁଲେଟ୍ (ନଂ.ଓଡ଼ି୦୫ଏ-୨୧୪୮) ଭାରସାମ୍ୟ ହରାଇ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ଦୁର୍ଘଟଣା ଘଟାଇଥିବା ବୁଲେଟ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- 'ସ୍ନେହା ସମ୍ପୂର୍ଣ୍ଣା'ର ଉଦ୍‌ଘାଟନୀ ସମାରୋହ, ମହୋଦଧି ସୋସିଆଟି, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଆନ୍ତର୍ଜାତୀୟ ସମ୍ମିଳନୀ 'କନଟେମ୍ପରାରୀ ଇକୋନୋମିକ୍ ଇନ୍ ପୋଷ୍ଟ କୋଭିଡ୍ ଏରା', ବିଜେବି କଲେଜ ପରିସର, ପୂର୍ବାହ୍ନ ୧୦ଟା ୩୦।
- କୃଷି ଓଡ଼ିଶା କାର୍ଯ୍ୟକ୍ରମ, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ପୂର୍ବାହ୍ନ ୧୦ଟା।
- ସୁଇଚ୍ ଅନ୍ ଫାଉଣ୍ଡେଶନର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ 'ମୁଭ୍ ଦି ଆର୍ଥ'ର ଲୋକାର୍ପଣ, ଓଡ଼ିଶ୍ ପ୍ରେସ୍‌କ୍ଲବ, ଅପରାହ୍ନ ୩ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ 'ଚିତ୍ର ଚରିତ୍ର ଚିତ୍ରଶାଳା' ପୁସ୍ତକ ଲୋକାର୍ପଣ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞ, ଆଖଣ୍ଡଳେଶ୍ୱର ମହାଦେବ ମନ୍ଦିର, ପ୍ରତାପରୁଦ୍ରପୁର, ସକାଳ ୮ଟା।

# ଉଠାଦୋକାନୀ-ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ହାତାହାତି

**ଉଠାଦୋକାନ ଉଚ୍ଛେଦକୁ ବିରୋଧ**
- ମାଡ଼କୁ ନେଇ ଥାନାରେ ଏତଲା
- ରାସ୍ତା ଜାମ୍‌ରେ ଫସିଲେ ଲୋକେ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ରାଜଧାନୀ ରାସ୍ତାକଡ଼ରୁ ଉଠାଦୋକାନ ଉଚ୍ଛେଦକୁ ନେଇ ଗୁରୁବାର ଉଠାଦୋକାନୀ ଏବଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ (ଉଚ୍ଛେଦକାରୀଦଳ) ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମେ ବିରୋଧ ଓ ପରେ ପାଟିତୁଣ୍ଡ ଏବଂ ଶେଷରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଉଠାଦୋକାନୀ ରମେଶ ନାୟକ ଏବଂ ତାଙ୍କ ପୁଅ ମନୋରଞ୍ଜନ ନାୟକ ଉଚ୍ଛେଦ କରିବାକୁ ଆସିଥିବା ସ୍କ୍ୱାଡ୍ ଉପରକୁ ପ୍ରଥମେ ହାତ ଉଠାଇଥିଲେ। ପରେ ଏକ ବାଡ଼ିରେ ଏନ୍‌ଫୋର୍ସମେଣ୍ଟ ଆସିଷ୍ଟାଣ୍ଟ ହେମନ୍ତ ସାହୁଙ୍କୁ ବାଡ଼େଇଥିଲେ। ତାଙ୍କୁ ଅଟକାଇବାକୁ ଯାଇ ହେମନ୍ତ ମଧ୍ୟ ସମ୍ପୃକ୍ତ ଦୋକାନୀଙ୍କୁ ପିଟିଥିଲେ। ପରିସ୍ଥିତି ବିଗିଡ଼ିବାରୁ ଉଚ୍ଛେଦକାରୀ ଟିମ୍‌କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ପରେ ଏନେଇ ହେମନ୍ତ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ଉଠାଦୋକାନୀ ଏବଂ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତି।

ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୯ଟା ୩୦ରେ ମାଉସୀମା ଛକ ନିକଟରେ ଥିବା ଉଠାଦୋକାନ ହଟାଇବାକୁ ଟିମ୍ ସହିତ ହେମନ୍ତ ଯାଇଥିଲେ। ଉଚ୍ଛେଦକୁ ବିରୋଧ କରି ସମ୍ପୃକ୍ତ ବାପପୁଅ ଲୁହାରଡ଼୍‌ରେ ହେମନ୍ତଙ୍କୁ ବାଡେଇବା ସହିତ ତାଙ୍କ ଉପରକୁ ତତଲା ତେଲ ଫୋପାଡ଼ିବାକୁ ଉଦ୍ୟମ କରିଥିଲେ। ଏନେଇ ହେମନ୍ତଙ୍କ ଏତଲା କ୍ରମେ ସମ୍ପୃକ୍ତ ବାପ ପୁଅଙ୍କ ବିରୋଧରେ ୮ଟି ଦଫାରେ ଏକ କେସ୍ ରୁଜୁ ହୋଇଛି। ପରେ ସନ୍ଧ୍ୟାରେ ରମେଶ ଓ ମନୋରଞ୍ଜନଙ୍କୁ ଥାନାକୁ ଡକାଯାଇଥିଲା। ପୁନର୍ବାର ଏପରି ନ କରିବା ସହିତ ତାଗିଦ୍ କରି ଛଡ଼ାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଶୁକ୍ରବାର ଉଠାଦୋକାନୀ ମହାସଂଘ ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି।

ମାଉସୀ ମା' ଛକ ଭଳି ଏକ ବ୍ୟସ୍ତବହୁଳ ସ୍ଥାନରେ ଏଭଳି ଗଣ୍ଡଗୋଳ ପରସ୍ଥିତି ଯୋଗୁ କିଛି ସମୟ ରାସ୍ତା ଜାମ୍ ହୋଇଯାଇଥିଲା। ଫଳରେ ଲୋକେ ଯିବା ଆସିବା କରିବାରେ ସମସ୍ୟା ଭୋଗିଥିଲେ। ଶେଷରେ ସ୍କ୍ୱାଡ୍ ଫେରିଯିବା ପରେ ସ୍ଥିତି ସୁଧୁରିଥିଲା। ତେବେ ପୂର୍ବରୁ ମଧ୍ୟ ଉଚ୍ଛେଦକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଗତ ୧୩ ତାରିଖରେ ମଧ୍ୟ ସମାନ ଢଙ୍ଗରେ ଏଭଳି ବିରୋଧ କରାଯାଇଥିଲା। ରାଜମହଲରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାର ତଳ ପାର୍ଶ୍ୱରେ ଥିବା ଫଳଦୋକାନୀ ଏବଂ ଅନ୍ୟ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଟିମ୍ ପହଞ୍ଚିଥିଲା। ସେଠାରେ ଦୋକାନ ଦେଇଥିବା ୬୦ରୁ ୭୦ ଦୋକାନୀ ଏହାକୁ ବିରୋଧ କରିବା ପରେ ଟିମ୍ ଖାଲି ହାତରେ ଫେରିଥିଲା। ଉଠାଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଥଇଥାନ କରାଯିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ସହରରେ ହଜାର ହଜାର ଉଠାଦୋକାନୀ ଥିବାବେଳେ ମାତ୍ର ହାତଗଣତି ଭେଣ୍ଡିଂ ଜୋନ୍ କରିଦେଇ ବିଏମ୍‌ସି ବାହାବା ନେଉଥିବାବେଳେ ଅନେକଙ୍କୁ ଉଚ୍ଛେଦ କରାଯାଉଛି। ଫଳରେ ବାରମ୍ବାର ଏହାକୁ ନେଇ ଉଠାଦୋକାନୀ ଏବଂ ସ୍କ୍ୱାଡ୍ ମଧ୍ୟରେ ଗଣ୍ଡଗୋଳ ହେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ସହିତ ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ୧୩ ବାଲି, ପଥର ବୋଝେଇ ଗାଡ଼ି ଜବତ

ବାଲିଅନ୍ତା, ୧୬।୨ (ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବାଲି, ମୋରମ, ପଥର ବୋଝେଇ ୧୩ଟି ଗାଡ଼ି ତହସିଲ ପ୍ରଶାସନ ପକ୍ଷରୁ ଜବତ କରାଯାଇଛି। ସେଥି ମଧ୍ୟରୁ ୪ଟି ହାଇୱା, ଗୋଟିଏ ଟ୍ରକ, ୫ଟି ଟ୍ରାକ୍ଟର, ୩ଟି ମିନିଟ୍ରକ ରହିଛି। ଚଢାଉରେ ତହସିଲଦାର ସମୀର ଦାସ, ସମସ୍ତ ରାଜସ୍ୱ ନିରୀକ୍ଷକ, ସୁପରଭାଇଜର ଓ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ସମେତ ପୋଲିସ ଫୋର୍ସ ସାମିଲ ଥିଲେ। ବାଲିଅନ୍ତା ତହସିଲ ଓ ପୋଲିସ ପକ୍ଷରୁ ଗଠିତ ମିଳିତ ସ୍କ୍ୱାଡ୍ ବୁଧବାର ସନ୍ଧ୍ୟା ୭ଟାରୁ ଗୁରୁବାର ସକାଳ ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ଛକଗୁଡ଼ିକରେ ଗାଡ଼ିଗୁଡ଼ିକୁ ଅଟକାଇ ପଚରାଉଚରା କରିଥିଲେ। ଅନେକେ କୌଣସି ରସିଦ ଦେଖାଇ ପାରି ନ ଥିଲେ। ଜବତ ଗାଡ଼ିଗୁଡ଼ିକ ଥାନାରେ ରଖାଯାଇଥିବା ପୋଲିସ କହିଛି। ତେବେ ବାଲିଅନ୍ତା ବ୍ଲକ ଅଞ୍ଚଳରେ ବେଆଇନ ବାଲି, ମୋରମ, ପଥର, ମାଟି ଚାଲାଣ ଉପରେ ରୋକ ଲଗାଇବାକୁ ତହସିଲ ପକ୍ଷରୁ ଚଢାଉ ଜାରି ରହିଛି।

## ସଂକ୍ଷେପରେ

### ବାଇକ୍ ନେଇ ଫେରାର ବେଳେ ଲୁଟେରାକୁ ମାଡ଼

ଭୁବନେଶ୍ୱର, ୧୬।୨ (ବ୍ୟୁରୋ): ଗାଡ଼ି ଡିକି ଭାଙ୍ଗି ଚୋରି ଉଦ୍ୟମ କରୁଥିଲେ। ତେବେ ସେଥିରେ ବିଫଳ ହେବାରୁ ସିଧା ମୋଟର ସାଇକେଲ ନେଇ ଚମ୍ପଟ ମାରୁଥିବା ବେଳେ ଲୁଟେରାଙ୍କୁ ସ୍ଥାନୀୟ ଲୋକେ କାବୁ କରି ମାଡ଼ ମାରିବା ପରେ ପୋଲିସ ଜିମା ଦେଇଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲାର ନିତ୍ୟାନନ୍ଦ ବେହେରା। ତାଙ୍କଠାରୁ ମୋଟର ସାଇକେଲ ଓ ୩ ହଜାର ଟଙ୍କା ଜବତ କରାଯାଇଛି। ସୂଚନାନୁସାରେ, ମନୋଜ ଦାସ ସୁନ୍ଦରପଦା ମାର୍କେଟକୁ କୌଣସି କାମରେ ଯାଇଥିବା ବେଳେ ତାଙ୍କ ମୋଟର ସାଇକେଲକୁ ସେଠାରେ ପାର୍କିଂ କରିଥିଲେ। ନିତ୍ୟାନନ୍ଦ ମୋଟର ସାଇକେଲ ପାଖକୁ ଆସି ଗାଡ଼ିର ଡିକି ଭାଙ୍ଗି ସେଥିରେ ଥିବା ୩ ହଜାର ଟଙ୍କା ସହ ଗାଡ଼ି ନେଇ ଚମ୍ପଟ ମାରୁଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଲୋକେ ସମ୍ପୃକ୍ତ ଲୁଟେରାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଥିଲେ।

### ପୂର୍ବଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ, ୧୬।୨ (ଡି.ଏନ୍.ଏ.): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଡିଏ କଲୋନୀ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସୁଶାନ୍ତ କୁମାର ବେହେରା ଓରଫ ଖୋକନ (୪୦)। ଆକ୍ରମଣକାରୀମାନେ ତାଙ୍କ ଦୁଇ ଗୋଡ଼ ଓ ମୁଣ୍ଡକୁ ମାରଣାସ୍ତ୍ରରେ ହାଣିଥିବା ଦେଖିବାକୁ ମିଳିଛି। ଖବରପାଇ ପିସିଆର ପୋଲିସ ପହଞ୍ଚି ଖୋକନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।




ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଶିକ୍ଷାବର୍ଷ '୨୦୨୨-୨୦୨୩ ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ'ର ଦ୍ୱିତୀୟ ଦିବସରେ ଗୁରୁବାର ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# 'ସୁଗମ ସଙ୍ଗୀତ' ପରିବେଷଣ କଲେ ୨୫ କଣ୍ଠଶିଳ୍ପୀ

ଭୁବନେଶ୍ୱର, ୧୫।୨ (ବ୍ୟୁରୋ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ '୨୦୨୨-୨୦୨୩ ଶିକ୍ଷାବର୍ଷ ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ'ର ଦ୍ୱିତୀୟ ଦିବସରେ ଗୁରୁବାର 'ସୁଗମ ସଙ୍ଗୀତ' ପରିବେଷିତ ହୋଇ ଥିଲା। ୨୫ ଜଣ କଳାକାରଙ୍କ କଣ୍ଠରେ ସୁମଧୁର ସଙ୍ଗୀତ ଶୁଣିବାକୁ ମିଳିଥିଲା। ମୟୁରୀ ଗୋ, କାଚ କାନ୍ଥର ଏପାଖେ ମୁଁ, ଯା'ରେ ମାଝି ଯା', ହେ ଫଗୁଣ କାନ୍ଦନାରେ ଆଦି ସଙ୍ଗୀତ ମନଛୁଆଁ ହୋଇପାରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଶିଷ୍ଟ ଅତିଥିଭାବେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ଜଗନ୍ନାଥ କୁଅଁର ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ।

## ଐତିହ୍ୟ କରିଡର ପୂର୍ବରୁ ବଡ଼ଦାଣ୍ଡରେ ଆମିଷମୁକ୍ତ ଦାବି

ପୁରୀ ଅଫିସ, ୧୬।୨

ଐତିହ୍ୟ କରିଡର ପୂର୍ବରୁ ଆମିଷମୁକ୍ତ ବଡ଼ଦାଣ୍ଡ ଓ ପୁରୀ ବଡ଼ଦାଣ୍ଡରେ ୨୦ଟି ପରିସ୍ରାଗାର ନିର୍ମାଣ ପାଇଁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦିଆଯାଇଥିବା ଦାବିର ତୁରନ୍ତ ଅନୁଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ପୁରୀ ଜିଲାପାଳଙ୍କୁ ଚିଠି ଆସିଛି। ସେହିପରି ସଂଗଠନ ପକ୍ଷରୁ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି ପାଇଁ ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କ ରେ ସମୀକ୍ଷା କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ପତ୍ର ପଠାଯାଇଛି। ସଂଗଠନକୁ ଏହି ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ସଭାପତି ବଦ୍ରି ମିଶ୍ର ଜଣାଇଛନ୍ତି।

## ବଦଳିଲେ ଜଣେ ଇନ୍‌ସ୍ପେକ୍ଟର, ୮୭ ଏସ୍ଆଇ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ): କମିଶନରେଟ ପୋଲିସରେ ବଡଧରଣର ଅଦଳବଦଳ କରାଯାଇଛି। ଏହି କ୍ରମରେ ଜଣେ ଇନ୍ସପେକ୍ଟର ଓ ୮୭ଜଣ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ସ୍ତରରେ ଅଦଳବଦଳ ହୋଇଛି। କମିଶନରେଟ ପୋଲିସ ଅଧୀନ ବିଭିନ୍ନ ଥାନାରୁ ଅନ୍ୟ ଥାନାକୁ ଅଧିକାରୀମାନଙ୍କୁ ବଦଳି କରାଯାଇଛି। ଇନ୍ସପେକ୍ଟର ସସ୍ମିତା ଖିଲାରଙ୍କୁ କଟକ ଡିସିପି ଅଫିସରୁ ଚୌଦ୍ୱାର ଥାନାକୁ ଅତିରିକ୍ତ ଆଇଆଇସି ଭାବେ ବଦଳି ହୋଇଛି। ଅନ୍ୟପଟେ ଏସ୍ଆଇ ଜିତେନ୍ଦ୍ର ବେହେରାଙ୍କୁ ଶହୀଦନଗର ଥାନାରୁ ଇନଫୋସିଟି, ଏସ୍ଆଇ ବସୁଧା ଖୁଣ୍ଟିଆଙ୍କୁ ମଞ୍ଚେଶ୍ୱର ଥାନାରୁ ମହିଳା ଥାନାକୁ, ଲିପ୍ସା ଦାସଙ୍କୁ ଖାରବେଳ ନଗରରୁ କ୍ୟାପିଟାଲ ଥାନାକୁ ବଦଳି କରାଯାଇଛି। ସେହିଭଳି ଭୁବନେଶ୍ୱର ଡିସିପି ଅଫିସରୁ ଏସ୍ଆଇ ପ୍ରଣବ କୁମାର ଟୁଡୁଙ୍କୁ ଟ୍ରାଫିକ ଥାନା-୧କୁ ବଦଳି ହୋଇଛି। କମିଶନରେଟ ପୋଲିସର ବିଭିନ୍ନ ଥାନାରେ କାର୍ଯ୍ୟରତ ଥିବା ମୋଟ ୮୭ ଜଣ ମହିଳା ଓ ପୁରୁଷ ଏସ୍ଆଇଙ୍କୁ ବିଭିନ୍ନ ଥାନାକୁ ଅଦଳବଦଳ କରାଯାଇଛି। ଏଥିସହ କଟକ ଡିସିପି ଅଫିସରେ କାର୍ଯ୍ୟରତ ଥିବା ୨୪ ଜଣ ଏସ୍ଆଇଙ୍କୁ ସହରର ବିଭିନ୍ନ ଥାନାକୁ ବଦଳି କରାଯାଇଥିବା ଜଣାପଡ଼ିଛି।

## ବସ୍ତିପିଲା ହେବେ କନ୍‌ଷ୍ଟେବଲ




କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରାଯାଉଛି।

**ମାର୍ଗଦର୍ଶିକା ପୁସ୍ତକ ବାଣ୍ଟିଲା କମିଶନରେଟ ପୋଲିସ**

ଭୁବନେଶ୍ୱର, ୧୬।୨ (ବ୍ୟୁରୋ):

'ବସ୍ତିକୁ ଚାଲ' ଅଭିଯାନରେ ଆଉ ପାଦେ ଆଗେଇଛି କମିଶନରେଟ ପୋଲିସ। ଆଗାମୀ ଦିନରେ ହେବାକୁ ଥିବା କନେଷ୍ଟବଳ ଓ ପୋଲିସ ମିତ୍ର ପରୀକ୍ଷାରେ ବସ୍ତିର ଆଶାୟୀ ପ୍ରାର୍ଥୀ କିଭଳି କୃତକାର୍ଯ୍ୟ ହୋଇପାରିବେ ସେନେଇ ଦିଶା ଟ୍ୟୁଟୋରିଆଲ୍ ସହଯୋଗରେ କମିଶନରେଟ ପୋଲିସ ପ୍ରସ୍ତୁତି ଆରମ୍ଭ କରିଛି। ଗୁରୁବାର କମିଶନରେଟ ମୁଖ୍ୟ କାର୍ଯ୍ୟାଳୟରେ ବସ୍ତିର କେତେଜଣ ଛାତ୍ରୀଛାତ୍ର ଏବଂ ପୋଲିସ ମିତ୍ରଙ୍କୁ ନେଇ ଗୁରୁବାର ଏକ ବୈଠକ ହୋଇଥିଲା। ଏଥିରେ ଦିଶା ଟ୍ୟୁଟୋରିଆଲର ଅଧ୍ୟାପକମାନଙ୍କ ଦ୍ୱାରା ପ୍ରାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ସେହିପରି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଡିସିପି ପ୍ରତୀକ ସିଂ ଆଶାୟୀ ପ୍ରାର୍ଥୀମାନଙ୍କୁ ପୋଲିସ କନଷ୍ଟେବଳ ପଦରେ ନିଯୁକ୍ତି ପ୍ରସ୍ତୁତି ନିମନ୍ତେ ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଘରୋଇ ଟ୍ୟୁଟୋରିଆଲର ଅଧ୍ୟାପକ ଶୈଳେନ୍ଦ୍ର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ରାଉତ, ଶୈଳଜା ମହାପାତ୍ରଙ୍କ ସମେତ ବହୁ ପୋଲିସ ଅଧିକାରୀ ଯୋଗଦେଇଥିଲେ।

# ବାରବାଟୀ ଫେଷ୍ଟିଭାଲରେ ସାହିତ୍ୟ ଉତ୍ସବ

କଟକ ଅଫିସ, ୧୬।୨

କଟକ ବାଲିଯାତ୍ରା ତଳପଡିଆରେ ବାରବାଟୀ ଫେଷ୍ଟିଭାଲର ଗୁରୁବାର ଥିଲା ପଞ୍ଚମ ସନ୍ଧ୍ୟା। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ଉତ୍ସବକୁ ଡା. ନୀଳାଦ୍ରି ପଣ୍ଡା ଉଦ୍‌ଘାଟନ କରିଥିଲେ। ଉତ୍ସବର ସଭାପତି ତଥା ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡା. ରଞ୍ଜନା, ଗୁରୁ ଆଶିଷ କୁମାର ଦାସ, ବ୍ରଜ କିଶୋର ନନ୍ଦ, ପ୍ରିୟବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅମିୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାହିତ୍ୟ ଅଧିବେଶନ କଦମ୍ବରାଗରେ ମୁଖ୍ୟ ଅତିଥି ଭାବେ ସରୋଜ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ବୈଦ୍ୟନାଥ ଖିଲାର, କମଳ ପଟ୍ଟନାୟକ, ଗୀତା ଖୁଣ୍ଟିଆ, ପ୍ରେମଚାନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସେହିଭଳି ଅଧିବେଶନ କଥାବୋଇତରେ ଶରତ କୁମାର ସାହୁ, ଶରଣାରବିନ୍ଦ, ସସ୍ମିତା ମହାନ୍ତି, ମାନସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଭାବସୌଧ ଆଲୋଚନାରେ ଅତିଥି ଆଲୋଚକ ଭାବେ ଆଦିତ୍ୟ ପ୍ରତାପ ଧଳ, ପ୍ରସନ୍ନ ଜେନା, ଅଶୋକ ସିଂ, ସୁରେଶ କୁମାର ନାୟକ ଯୋଗ ଦେଇଥିଲେ। ସେହିଭଳି ଜହ୍ନବଗିତା କବି ଓ କବିତାରେ ଚିତ୍ତ ରଞ୍ଜନ ମିଶ୍ର, ପିନାକୀ ସିଂ, ସୁଷମା ମିଶ୍ର, ସୁରେଶ ନାୟକ, ମୁରଲୀଧର ସାମଲ, ଜ୍ଞାନ ହୋତା, ଚିରଶ୍ରୀ ଇନ୍ଦ୍ରସିଂ, ଉମାକାନ୍ତ ରାଉତ, ଡା. ଦୀନବନ୍ଧୁ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପାଳଗଦାରେ ନିଆଁ ଲାଗି ଜଳିଗଲା କାର୍

ନିରାକାରପୁର, ୧୬।୨ (ଡି.ଏନ୍.ଏ.):

ନିରାକାରପୁର ଥାନା ବଡ଼ପୋଖରିଆ ପଞ୍ଚାୟତ କଣ୍ଣପୁରପାଟଣା ଗ୍ରାମର ଏକ ପାଳଗଦାରେ ନିଆଁ ଲାଗି ବୋଡଙ୍ଗରା ଗ୍ରାମର କୃଷ୍ଣ ସାହୁଙ୍କ କାର୍ ଜଳିଯାଇଛି। ତେବେ ଏହି କାରଟି କଣ୍ଣପୁର ଗ୍ରାମରେ ଜଣଙ୍କ ବାରିପଟ ଖଳାରେ ରହିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଜଳିଯାଇଛି। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ୪ ହୋଟେଲ କର୍ମଚାରୀ ଗିରଫ, ଫେରାରଙ୍କୁ ଖୋଜୁଛି ପୋଲିସ

**ବିଳମ୍ବିତ ରାତିରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ରେଳଷ୍ଟେଶନ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଖାରବେଳନଗର ଥାନା ପୋଲିସ ଏକ ଅସ୍ଥାୟୀ ହୋଟେଲର ୪ କର୍ମଚାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା କାଳଆ କୁଣ୍ଡା (୨୮), ସୁମନ୍ତ ମହାପାତ୍ର (୪୮), ମଣିକ ସାହୁ (୨୬) ଏବଂ ରାଜେନ୍ଦ୍ର ନାୟକ (୧୯)। ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହୋଟେଲରେ ଖାଦ୍ୟର ମୂଲ୍ୟକୁ ନେଇ ବଚସା ହେବାରୁ ୟୁନିଟ-୭ସ୍ଥିତ ମା' ମଙ୍ଗଳା ବସ୍ତିର ଅଭିଯୋଗକାରୀ ରିତିଶ ପାଣିଗ୍ରାହୀଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ କହିଛି। ତେବେ ମାମଲାରେ ସମ୍ପୃକ୍ତ ୪ରୁ ଅଧିକ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଜାରି ରଖିଛି।

ସୂଚନାଯୋଗ୍ୟ, ରିତିଶ ମଙ୍ଗଳବାର ରାତି ପ୍ରାୟ ୧ଟାରେ ତାଙ୍କର ଜଣେ ବନ୍ଧୁଙ୍କ ସହ ଷ୍ଟେଶନ ଅଞ୍ଚଳସ୍ଥିତ ଏକ ଅସ୍ଥାୟୀ ହୋଟେଲକୁ ଖାଇବାକୁ ଯାଇଥିଲେ। ରୁଟି ଓ ତରକାରୀ ଖାଇବାକୁ ହୋଟେଲ କର୍ମଚାରୀ ତାଙ୍କୁ ୫୦ ଟଙ୍କା କହିଥିଲେ। ହେଲେ ଖାଇବା ପରେ ୮୦ ଟଙ୍କା ଦେବାକୁ କୁହାଯାଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ କର୍ମଚାରୀ ଜଣଙ୍କ ୧୦ରୁ ଅଧିକ ଯୁବକଙ୍କୁ ଡାକିଥିଲେ। ସେମାନେ ରିତିଶ୍‌ଙ୍କୁ ଗୋଡ଼ାଇ ଖଣ୍ଡୁ, ଚାବି ଆଦିରେ ମାରିଥିଲେ। ଫଳରେ ରିତିଶ ଆହତ ହୋଇଥିଲେ। ଏନେଇ ତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୭୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଗିରଫ ଅଭିଯୁକ୍ତ ୪ ହୋଟେଲ କର୍ମଚାରୀ।

# 'ହରପ୍ରସାଦଙ୍କ ପାଇଁ ସାହିତ୍ୟ ଓ ଜୀବନ ଅଭିନ୍ନ ଥିଲା'

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ସାହିତ୍ୟିକ ଡ. ହରପ୍ରସାଦ ପରିଛା ପଟ୍ଟନାୟକଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ଟଙ୍କପାଣିସ୍ଥିତ ଏକ ରିସୋର୍ଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ପୂର୍ବତନ ଏମ୍‌ପି ତଥା କବି ପ୍ରସନ୍ନ ପାଟଶାଣୀ, କବି ରାଜେନ୍ଦ୍ର ପ୍ରସାଦ ପଣ୍ଡା, କବି ଫନି ମହାନ୍ତି, ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଡ. ମଲ୍ଲିକ କହିଛନ୍ତି, ସାହିତ୍ୟ ଏକାଡେମୀର ସମ୍ପାଦକ ଥିବା ବେଳେ ହରପ୍ରସାଦ ନିର୍ଭୀକ ଭାବେ କାମ କରିଥିଲେ, ଯାହା ଲେଖା ଭଲ ଲାଗୁଥିଲା ତାକୁ ହିଁ ସେ ଅଗ୍ରାଧିକାର ଦେଉଥିଲେ। ସାହିତ୍ୟ, ବନ୍ଧୁତ୍ୱ ସବୁ ଦୃଷ୍ଟିରୁ ଦେଖିଲେ ତାଙ୍କ ବିକଳ୍ପ ଆମ ସାହିତ୍ୟିମାନଙ୍କ ମଧ୍ୟରେ ଖୁବ୍ କ୍ୱଚିତ୍ ଅଛନ୍ତି। ସେ ଯାହାକୁ ଭଲ ପାଉଥିଲେ ଖୁବ୍ ଅନ୍ତରଙ୍ଗ ଭାବେ ଭଲପାଉଥିଲେ। ସେ ଜଣେ ନବାବୀ ମିଜାଜର ଲୋକ ଥିଲେ। ସାହିତ୍ୟ ଓ ଜୀବନ ତାଙ୍କ ପାଇଁ ଅଭିନ୍ନ ଥିଲା ବୋଲି ଡ. ମଲ୍ଲିକ ପ୍ରକାଶ କରିଥିଲେ। କବି ମହାନ୍ତି କହିଛନ୍ତି, ସେ ସୌଖୀନ୍ ସମ୍ରାଟ୍ ଥିଲେ। ସେ ବଞ୍ଚି ରହିଥିଲେ ସାହିତ୍ୟ ଭଣ୍ଡାର ଆହୁରି ସମୃଦ୍ଧ ହୋଇଥାନ୍ତା। କବି ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କ ସହ ଥିବା ସମ୍ପର୍କର ଅନୁଭୂତିକୁ ଭାବବିହ୍ୱଳ ହୋଇ ଆଲୋକପାତ କରିଥିଲେ। କବି ପାଟଶାଣୀ କହିଥିଲେ, ଇଂଲିଶ ସାହିତ୍ୟରେ ପାଣ୍ଡିତ୍ୱ, ସମ୍ପାଦନ ଆଦି କ୍ଷେତ୍ରରେ ସେ ଥିଲେ ଊର୍ଦ୍ଧ୍ୱରେ। ଦାସବର୍ମା କହିଥିଲେ, ସେ ମୋ ପାଇଁ ଜଣେ ମାର୍ଗଦର୍ଶକ ଥିଲେ। ମୋ ରାଜନୀତି, ସାମାଜିକ ଆଦି ପ୍ରତିଟି କ୍ଷେତ୍ରରେ ତାଙ୍କୁ ମୁଁ ଖୋଜୁଥିଲି। ଏହି ଅବସରରେ ତାଙ୍କର ଏକ ସ୍ମରଣିକା 'ଆହୁରି ବାକି ଥିଲା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବିଙ୍କ ଲେଖା ରହିଛି। ତାଙ୍କର ଏକ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିଥିଲେ। କବି ପ୍ରଶାନ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଆଜି କ'ଣ କେଉଁଠି

**କଟକ**

- ଡ୍ରିମ ଇଣ୍ଡିଆ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ, ଘାଟକୁଳ, ନେତାଜୀ ନଗର, ଅପରାହ୍ନ ୪ଟା।
- ୭୨ ସଂକୀର୍ତ୍ତନ ମଣ୍ଡଳୀର ନବମୀ ମହାସଭା, ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୫ଟା।

**ତିଗିରିଆ**

- ୨ୟ ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପନୀ ଉତ୍ସବ, ବିନ୍ଧାଣିମା ହାଇସ୍କୁଲ ଖେଳ ପଡିଆ, ଅପରାହ୍ନ ୩ ଟା।

## ସଂକ୍ଷେପରେ

### ବେପରୁଆ ଗାଡିଚାଳନା, ୨ ପୃଥକ୍ ଦୁର୍ଘଟଣା

ନିଶ୍ଚିନ୍ତକୋଇଲି, ୧୬।୨(ସ୍ୱ.ପ୍ର): କଟକ-ଚାନ୍ଦବାଲି ରାସ୍ତାରେ ବେପରୁଆ ଭାବେ ଦ୍ରୁତଗତିରେ ଗାଡିଚାଳନା ଯୋଗୁ ୨ ପୃଥକ୍ ଦୁର୍ଘଟଣା ହୋଇଛି। ଏହି ଦୁର୍ଘଟଣାରେ ୪ରୁ ୫ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ନିଶ୍ଚିନ୍ତକୋଇଲି ଆସମାକ୍ସ ଆଇଟିଆଇ ସମ୍ମୁଖରେ କଟକରୁ କେନ୍ଦ୍ରାପଡା ଅଭିମୁଖେ ଯାଉଥିବା ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚାଳକ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେହିପରି ଭାବେ କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର୍ ଭାରସାମ୍ୟ ହରାଇ ନିଶ୍ଚିନ୍ତକୋଇଲି କଲେଜଛକ ନିକଟରେ ଥିବା ସୁଦାମ ଚରଣ ସାହୁ ଓ ଚନ୍ଦ୍ରକାନ୍ତ ପୃଷ୍ଟିଙ୍କ ଦୋକାନ ଘରେ ପଶିଯାଇଛି। ଏଥିରେ ଉଭୟ ବ୍ୟବସାୟୀଙ୍କ ଦୋକାନ କ୍ଷତିଗ୍ରସ୍ତ ହୋଇଥିବାବେଳେ କାର୍‌ରେ ଥିବା ୩ ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି । ନିଶ୍ଚିନ୍ତକୋଇଲିରେ ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

### ବାଙ୍କୀ କଲେଜରେ କ୍ୟାରିୟର କାଉନସେଲିଂ

ବାଙ୍କୀ,୧୬।୨ (ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୁବନେଶ୍ୱରସ୍ଥିତ ସେଲ୍ଫ ପ୍ରୋ ଶିକ୍ଷା ପ୍ରାଇଭେଟ ଅନୁଷ୍ଠାନ ତରଫରୁ ଅର୍ଥନୀତି ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନଙ୍କୁ କ୍ୟାରିୟର କାଉନସେଲିଂ ଉପରେ ମାର୍ଗ ଦର୍ଶନ ସହ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସେଲ୍ଫ ପ୍ରୋ ଶିକ୍ଷା ଅନୁଷ୍ଠାନର ମୁଖ୍ୟ ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପାଇଁ କେଉଁ ସବୁ ଚାକିରି ସୁବିଧା ରହିଛି ସେସମ୍ପର୍କରେ ବୁଝାଇଥିଲେ। ବାଙ୍କୀ କଲେଜ କ୍ୟାରିୟର କାଉନସେଲିଂ ଦାୟିତ୍ୱରେ ଥିବା ଅଧାପକ ମୁକ୍ତିପଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡ. ଜାକେଶ ମହାପାତ୍ର ଓ ଅଧାପକ ସୁବାଶିଷ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଧାପକ ତୁଷାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିତ୍ତିଭୂମି ଅଛି, ଡାକ୍ତର ଅଭାବ

ନିଶ୍ଚିନ୍ତକୋଇଲି,୧୬।୨(ସ୍ୱ.ପ୍ର.)

**ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

- ୨ ଷ୍ଟାଫ ନର୍ସଙ୍କ ମଧ୍ୟରୁ ଜଣେ ପ୍ରସୂତିକାଳୀନ ଛୁଟିରେ
- ନାମକୁ ମାତ୍ର ଜଣେ ଆୟୁଷ ଡାକ୍ତର ଆସୁଛନ୍ତି



ଗ୍ରାମାଞ୍ଚଳ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଗଠନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ରହିଛି। କିନ୍ତୁ ଦୀର୍ଘଦିନ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ସ୍ଥାୟୀ ଡାକ୍ତର ନାହାନ୍ତି। ଫଳରେ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ୧୯୫୬ରେ ତତ୍କାଳୀନ ଜିଲା ପରିଷଦ ସଭ୍ୟ ତଥା ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ଯୁଧିଷ୍ଠିର ଦାସ ଓ ତତ୍କାଳୀନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉଦ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତି କରାଯାଇଥିଲା। ମାତ୍ର ଦୀର୍ଘ ୫ ବର୍ଷ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ସ୍ଥାୟୀ ଡାକ୍ତର ନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଠାରେ ଯେଉଁ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଏ, ସେମାନେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ରୋଗୀସେବା କରିଥା'ନ୍ତି। ସମ୍ପୃକ୍ତ ଡାକ୍ତର ସପ୍ତାହକୁ ମାତ୍ର ଥରେ ୨ ଥର କାଁ ଭାଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ପୁନର୍ବାର ଫେରି ଯାଇଥାନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟରଞ୍ଜନ ଜେନାଙ୍କ ଦୀର୍ଘ ଦିନ ହେବ ଜଗତ୍‌ସିଂହପୁର ଜିଲାର କ୍ରୀଷ୍ଣାନନ୍ଦପୁରକୁ ବଦଳି ହେଲାଣି। ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କୌଣସି ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏକମାତ୍ର ଆୟୁଷ ଡାକ୍ତର ନାମକୁମାତ୍ର ଡାକ୍ତରଖାନାକୁ ଆସି ଫେରିଯାଇଥା'ନ୍ତି। ଅପରପକ୍ଷେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ରୋଗୀଙ୍କ ଔଷଧ ଚିଠା ଲେଖୁଥିବାର ଦେଖିବାକୁ ମିଳିଛି।

ରୋଗୀଙ୍କ ନିମନ୍ତେ ସେ ଏକମାତ୍ର ଦଇବ ସାହାଭଳି ଫାର୍ମାସିଷ୍ଟ କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିଭଳି ଭାବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ୨ ଜଣ ଷ୍ଟାଫ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଷ୍ଟାଫ ନର୍ସ ପ୍ରସୂତିକାଳୀନ ଛୁଟିରେ ରହିଛନ୍ତି। ଫଳରେ ଜଣେ ମାତ୍ର ଷ୍ଟାଫ ନର୍ସଙ୍କୁ ନେଇ ଏଠାରେ ସ୍ୱାସ୍ଥ୍ୟସେବା ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି।

ଅପରପକ୍ଷରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୋଟି କୋଟି ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି କର୍ମଚାରୀ ରହୁ ନ ଥିବା ଜଣାପଡ଼ିଛି। ଫଳରେ ଜରୁରୀକାଳୀନ ପରିସ୍ଥିତିରେ ଲୋକେ ଏଠାକୁ ଚିକିତ୍ସା ନିମନ୍ତେ ଆସି ଡାକ୍ତର ଓ କର୍ମଚାରୀଙ୍କୁ ନପାଇ ନିରାଶ ହୋଇ ଫେରୁଛନ୍ତି। ବହୁସମୟରେ ଗର୍ଭବତୀ ପ୍ରସୂତି ମହିଳା, କୋମଳମତି ଶିଶୁ ଓ ସାଧାରଣ ଲୋକେ ଆବଶ୍ୟକ ଚିକିତ୍ସା ସେବା ପାଇ ନ ପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଅମିତ ଜେନା କୁହନ୍ତି ସେଠାରେ ଜଣେ ଆୟୁଷ ଡାକ୍ତର ଅଛନ୍ତି। ଡାକ୍ତର ପଦବୀ ଖାଲି ପଡିଥିବା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଅଛନ୍ତି। ଅଧିକ ଡାକ୍ତର ନିଯୁକ୍ତି ହେଲେ ଖାଲି ପଦବୀ ପୂରଣ କରାଯିବ।

# ଛାତ୍ରୀଛାତ୍ର ଦେଶର ଭବିଷ୍ୟତ

**କନ୍ଦରପୁର କଲେଜର ବାର୍ଷିକ ଉତ୍ସବ**

କଟକ ସଦର,୧୬।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ବାର୍ଷିକ ଉତ୍ସବ ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଶାରଦା ପ୍ରସନ୍ନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ତଥା ଅଭିନେତା ଆକାଶ ଦାସ ନାୟକ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ସେମାନେ ନିଜକୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବା ପାଇଁ ଯତ୍ନବାନ ହେବା ଉଚିତ ବୋଲି ସେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ପ୍ରଫେସର କାର୍ତ୍ତିକ ପ୍ରସାଦ ଜେନା, ସ୍ଥାନୀୟ ସରପଞ୍ଚ ସୁବାସିନୀ ରାଉତ, ସମିତି ସଭ୍ୟ ଶାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇଥିଲେ। ପ୍ରାଧାପିକା ନମିତା ପଟ୍ଟନାୟକ ସ୍ୱାଗତ ଭାଷଣ, ଅଧାପକ ପ୍ରଦୀପ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧାପକ ଅଲେଖ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଅଧାପକ ସଂଗ୍ରାମ କେଶରୀ ଜଗଦ୍ଦେବ, ସ୍ମିତା ମହାନ୍ତି, ରେଖା ନାୟକ, ଭବାନୀ ଚରଣ ଜେନା, ଏସ୍.ଚକ୍ରବର୍ତ୍ତୀ, ବାବାଜୀ ଚରଣ ବିଶ୍ୱାଳ, ବିଷ୍ଣୁପ୍ରିୟା ରାଉତରାୟ, ସଂଗ୍ରାମ କେଶରୀ ବେହେରା ଓ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି



ମାହାଙ୍ଗା, ୧୬।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତରେ ସାହିତ୍ୟ ମହୋତ୍ସବ ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ପ୍ରଥମେ କୃଷକ ମନ୍ଦିରରେ ଓ ପରେ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ଧିରେନ୍ଦ୍ର କୁମାର ସ୍ୱାଇଁ, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ସୁରେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ମଣିଯୋରୀ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# 'ମାହାଙ୍ଗାର ସଂସ୍କୃତି, ସାହିତ୍ୟର ସ୍ଥାନ ରାଜ୍ୟରେ ସ୍ୱତନ୍ତ୍ର'



ମାହାଙ୍ଗା ସାରସ୍ୱତ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ମାହାଙ୍ଗା ସାରସ୍ୱତ ମହୋତ୍ସବ ୨୦୨୩ ଉଦ୍‌ଘାଟିତ**

ନିଶ୍ଚିନ୍ତକୋଇଲି / ମାହାଙ୍ଗା,୧୬।୨(ସ୍ୱ.ପ୍ର.)

ମାହାଙ୍ଗା ମାଟି ସାହିତ୍ୟ, ସଂସ୍କୃତି କଳା ଗବେଷଣା ଓ ସାମଜ କ୍ଷେତ୍ରରେ ଉତ୍କର୍ଷ କୀର୍ତ୍ତ ବହନ କରି ସମଗ୍ର ରାଜ୍ୟର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ମାହାଙ୍ଗାର ବରପୁତ୍ରମାନଙ୍କ ସୃଜନ ଓ ଜୀବନକୁ ଆଧାର କରି ମାହାଙ୍ଗାର ସାରସ୍ୱତ ସାଧକମାନେ ମଧ୍ୟ କବିତା ଓ ସାହିତ୍ୟ ଚର୍ଚ୍ଚାକୁ ନେଇ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଜାହିର କରିପାରିଛନ୍ତି ବୋଲି ମାହାଙ୍ଗା ସାହିତ୍ୟ ମହୋତ୍ସବରେ ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଓ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କଟକ ଜିଲା ମାହାଙ୍ଗା ବ୍ଲକ ଏରକଣା ପୁଷ୍ପଗିରି ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ସାହିତ୍ୟିକ ଓ ସାରସ୍ୱତ ସାଧକମାନଙ୍କୁ ନେଇ ମାହାଙ୍ଗା ସାହିତ୍ୟ ମହୋତ୍ସବ ୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ସଭାପତିତ୍ୱ କରି କହିଥିଲେ, ମାହାଙ୍ଗା ମାଟିରେ ଜନ୍ମ ଗ୍ରହଣ କରିଥିବା ଗଣକବି ବୈଷ୍ଣବ ପାଣିଙ୍କଠାରୁ ଆରମ୍ଭ କରି କର୍ମବୀର ଗୌରୀ ଶଙ୍କର ପର୍ଯ୍ୟନ୍ତ ସାହିତ୍ୟର ଚର୍ଚ୍ଚା ସର୍ବଜନ ବିଦିତ। ଏଠାରେ କବି ସାହିତ୍ୟିକ ଗବେଷଣା ଓ ସାରସ୍ୱତ ସାଧନା ସମସ୍ତଙ୍କୁ ଚକିତ କରଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଓଡ଼ିଶା ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ମୁଖ୍ୟ ବକ୍ତାଭାବେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ, କିସ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟାନନ୍ଦ ସିଂ, ଡ.ଗାୟତ୍ରୀବାଳା ପଣ୍ଡା, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ଅଧ୍ୟକ୍ଷା ଦୀପା ମଳିକ ପ୍ରମୁଖ ଯୋଗଦେଇ ସାହିତ୍ୟକୁ ଅନୁଶୀଳନ କରିବା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କବି ଫକୀର ଚରଣ ନାୟକ, ଔପନାସିକ ବିଦ୍ୟୁଲତା ପ୍ରଧାନ, କବି ନାରାୟଣ ମୁଦୁଲି, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ସମୀକ୍ଷା କରିଥିବା ବେଳେ ବିଶେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ତୃତୀୟ ଅଧିବେଶନରେ ସାହିତ୍ୟ ଚର୍ଚ୍ଚା କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାବନ୍ଧିକ ଓ କଥାକାର ଡ. ଭୁବନାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଶାନ୍ତି ନିକେତନର ପୂର୍ବତନ ପ୍ରଧାପକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ବିଧାୟକ ଜେନା, ରେଭେନ୍‌ଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ଅଧାପକ ଡ. ନଟବର ଶତପଥି, ବିଶିଷ୍ଟ ଗବେଷକ ଡ. ଭାଗବତ ଶୁକ୍ଳ ପ୍ରମୁଖ ଯୋଗଦେଇଥିଲେ।

# ପରିବେଶ ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ କର୍ମଶାଳା

ବାଙ୍କୀ,୧୬।୨ (ସ୍ୱ.ପ୍ର.): କଟକ ନେହ୍ରୁ ଯୁବକେନ୍ଦ୍ର ସଙ୍ଗଠନ ସହାୟତାରେ ବାଙ୍କୀ ଆଞ୍ଚଳିକ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଡମପଡ଼ା ଇନ୍ଦୁମତୀ ପାଟଣା ବରିଷ୍ଠ ନାଗରିକ ନିବାସ ସମ୍ମିଳନୀ ଗୃହ ପରିସରରେ ପରିବେଶ ସଚେତନତା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଏଥିରେ କଟକ ନେହ୍ରୁ ଯୁବକେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ସମ୍ମାନିତ ଅତିଥିଭାବେ ଡମପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତ୍ରିନାଥ ଜେନା, ମୁଖ୍ୟ ବକ୍ତାଭାବେ ଜିଲା ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜଗଦିଶ ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଡମପଡ଼ା ଡିଗ୍ରୀ କଲେଜର ଅଧ୍ୟାପକ ତାପସ କୁମାର ମହାନ୍ତି ଓ ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ମୁକାବିଲା ପାଇଁ ଯୁବସମାଜର ଭୂମିକା ଓ ପରିବେଶର ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ବାର୍ତ୍ତା ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ଅଞ୍ଚଳରୁ ୬୦ ଜଣ ଯୁବତୀ ଯୁବତୀ ସାମିଲ ହୋଇଥିଲେ। ଆଦିବାସୀ ହରିଜନ ପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଠିକ୍ ତଦନ୍ତ ନ ହେଲେ ତହସିଲ ଘେରାଉ

**ବେଆଇନ ମାଟି ଉଠାଣ ମାମଲା**

ମଙ୍ଗୁଳି–ଜଗତପୁର, ୧୬।୨(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ୧୬ନଂ. ୱାର୍ଡସ୍ଥିତ ଟିପିଏମ୍ ବଜାରଠାରେ ବନ୍ଦ ଥିବା ବଲ୍ଲାରପୁର ପେପର ମିଲ୍ ପାଚେରି ଭାଙ୍ଗି ବେଆଇନ ଭାବେ ମାଟି ଖନନ କରି ବିକ୍ରି କରାଯାଉଛି। ଏହାକୁ ଶିଳ୍ପ ସୁରକ୍ଷା କମିଟି ଏବଂ ବିଲ୍ଟ ଶ୍ରମିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି। ଆସନ୍ତା ୭ ଦିନ ମଧ୍ୟରେ ତହସିଲ ପକ୍ଷରୁ ଏହାର ଠିକ୍ ତଦନ୍ତ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗୁରୁବାର ଟିପିଏମ୍ ବଜାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଳ୍ପ ସୁରକ୍ଷା କମିଟି ଏବଂ ବିଲ୍ଟ ଶ୍ରମିକ ସଂଘ ସଭାପତି ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏକ କମ୍ପାନୀ ନୂତନ ଶିଳ୍ପ ଖୋଲିବା ପାଇଁ ଇଡ୍‌କୋଠାରୁ ଜମି ଲିଜ୍ ସୂତ୍ରରେ ନେଇଛି। ଉକ୍ତ ଜମି ସମତୁଲ କରିବା ଆଳରେ କମ୍ପାନୀ କର୍ତ୍ତୃପକ୍ଷ ଜେସିବି ସହାୟତାରେ ମାଟି ତାଡିବା ପରେ ଚଷାପଡାରେ କିଛି ବିଲ୍ଡର୍ସଙ୍କ ଖାଲୁଆ ଜାଗାରେ ପକାଇ ଅର୍ଥ ଉପାର୍ଜନ କରୁଛନ୍ତି। ନିୟମ ଅନୁଯାୟୀ ଇଡ୍‌କୋ ଜାଗାରୁ ମାଟି ଉଠାଗଲେ ତାହାକୁ ଇଡ୍‌କୋ ଜାଗା ଛଡା ଅନ୍ୟତ୍ର ପକାଯିବ ନାହିଁ। ହେଲେ ଏଠାରେ ନିୟମ ଉଲ୍ଲଙ୍ଘନ କରାଯାଇଛି। ଏ ସମ୍ପର୍କରେ ବାରମ୍ବାର ତହସିଲ ଓ ସ୍ଥାନୀୟ ଥାନାରେ ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଆଗାମୀ ୭ ଦିନ ମଧ୍ୟରେ ତହସିଲ ପକ୍ଷରୁ ଠିକ୍ ତଦନ୍ତ ଓ କମ୍ପାନୀ ଭାଙ୍ଗିଥିବା ପାଚେରି ପୁନଃ ନିର୍ମାଣ କରା ନ ଗଲେ ଉଭୟ ସଙ୍ଗଠନର ଶତାଧିକ ମହିଳାପୁରୁଷ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଆର୍‌ଆଇ ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ମାଟି ଅନ୍ୟତ୍ର ପକାଯାଇଥିବା ସମ୍ପର୍କରେ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଖବରଦାତା ସମ୍ମିଳନୀରେ ବର୍ଷା ପଲେଇ, ଶ୍ରୀକାନ୍ତ ବେହେରା, ନିତ୍ୟାନନ୍ଦ ସ୍ୱାଇଁ, ରମେଶ ନାୟକ, ଗୋପାଳ ଦାସ, ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋପପୁର ବାସୁଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡ଼ମ୍ବା,୧୬। ୨(ଡି.ଏନ.ଏ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପପୁର ସରକାରୀ ବାସୁଦେବ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାମରାଜ ସାହୁ ଏଥିରେ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟ ବକ୍ତାଭାବେ ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଦୀଲିପ କୁମାର ଦାଶ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ ଓ ଯୁଗଳ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ମୁଖ୍ୟବକ୍ତା ଭାବେ ପ୍ରାଣଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ଚନ୍ଦ୍ରଶେଖର ମହାନ୍ତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ବଳରାମ ସାହୁ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ ଓ ନିର୍ମଳା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ତର୍କ, କଣ୍ଠ ସଙ୍ଗୀତ, କୁଇଜ, ପ୍ରବନ୍ଧ ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ସୀତା ହରଣ ଓ ରାବଣ ମରଣ' କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଅଶୋକ କୁମାର ଧଳ ସଂଯୋଜନା ଓ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ମନୋରମା ବେହେରା, ତୃପ୍ତିମୟୀ ପଣ୍ଡା, ଶୁଭସ୍ମିତା ସାହୁ, ଶାରଳା ମାହେଶ୍ୱରୀ ବିଶୋଇ ଓ ଜଗବନ୍ଧୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଚାଉଳ କାଟ୍ ପ୍ରତିବାଦରେ ବିଜେଡିର ଗଣଧାରଣା

କଟକ ଅଫିସ/ ଚୌଦ୍ୱାର/ କଟକ ସଦର/ ନିଆଳି/ ବଡ଼ମ୍ବା/ ଆଠଗଡ଼/ ବାଙ୍କୀ/ ତିଗିରଆ, ୧୬।୨ (ସ୍ୱ.ପ୍ର./ ଡି.ଏନ୍.ଏ.)




କେନ୍ଦ୍ର ସରକାରଙ୍କ ବିରୋଧରେ କଟକ ଜିଲା ବିଜେଡି ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ଧାନ କିଣା ନୀତି ଓ ଚାଉଳ କାଟ୍ ପ୍ରତିବାଦରେ ଜିଲା ବିଜେଡି ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣଧାରଣା ଦିଆଯାଇଥିଲା। ଏଥିସହ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ଗରିବ ଜନକଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ୫ କେଜି ଚାଉଳ ଏବେ ବନ୍ଦ କରି ଦେଇଛନ୍ତି। ରାଜ୍ୟର ୩.୨୫ କୋଟି ଗରିବ ଖଟିଖିଆଙ୍କ ପାଇଁ କେନ୍ଦ୍ର ସରକାରଙ୍କର ନିନ୍ଦନୀୟ ପଦକ୍ଷେପ ବୋଲି ସେ କହିଥିଲେ। ସେହିପରି ଦଳୀୟ ନେତା ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇ କହିଥିଲେ, ଧାନ କିଣାରେ ଅନିୟମିତତା ଓ ଏମ୍‌ଏସ୍‌ପି ବୃଦ୍ଧି ନ କରାଇବା ରାଜ୍ୟର ଚାଷୀକୁଳକୁ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଏହି ଗଣଧାରଣାରେ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ସିଏମ୍‌ସି ମେୟର ସୁବାସ ସିଂ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ୍, ଡ. ମହମ୍ମଦ୍ ଆୟୁବ୍, ଜିଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, ସମ୍ପଦି ମୋଡ଼ା, ଧର୍ମେଶ ନାୟକ, ପ୍ରଶାନ୍ତ ନାୟକ, ଆସିଫ୍ ଅମିନ୍ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ବିଜେଡି ନେତୃମଣ୍ଡଳୀ ଏଡିଏମ୍‌ଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଚାଉଳ କାଟ୍ ଓ ପ୍ରଧାନମନ୍ତ୍ରୀ ଗରିବ ଜନକଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ୫ କେଜି ଚାଉଳ ବନ୍ଦ ପ୍ରତିବାଦରେ ଚୌଦ୍ୱାର–କଟକ ବିଜେଡି ପକ୍ଷରୁ ଚୌଦ୍ୱାର ପୌରପାଳିକା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବିଜେଡି ଜିଲା ଉପ ସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲା ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ଯୁବ ସଭାପତି ସାରଦା ପ୍ରସାଦ ପରିଜା, ଛାତ୍ରନେତା ଭରତ ସାହୁ, ନାରୀନେତ୍ରୀ କବିତାରାଣୀ ଲେଙ୍କାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତ୍ତାରେ ପାତରଅନ୍ତର ନୀତି ବିରୋଧରେ ଗୁରୁବାର ବିଜେଡି ପକ୍ଷରୁ କଟକ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ବ୍ଲକ ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଭୂତି ଭୂଷଣ ପରିଡ଼ା, ଶରତ ରାୟ, ସମର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତା ନୀତିର ବିରୋଧ କରିଥିଲେ। ସେହିପରି ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। ନିଆଳି ତହସିଲ କାର୍ଯ୍ୟାଳୟଠାରୁ ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ କର୍ମୀ ଆଦିତ୍ୟ ପାଣି, ଅନ୍ତର୍ଯ୍ୟାମୀ ବଡୁ, ପ୍ରଦୀପ୍ତ ଦାସ, ପ୍ରଶାନ୍ତ ସିଂହ, ବିଷ୍ଣୁ ଚରଣ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ସୁଧାକର ଜେନା, ରମଣୀ ରଞ୍ଜନ ମିଶ୍ର ପ୍ରମୁଖ କେନ୍ଦ୍ର ସରକାରଙ୍କ ବିରୋଧରେ ଭାଷଣ ଦେଇଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଉଲ୍ଲାସ କୁମାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବହୁ ନେତା ଓ କର୍ମୀ ଗଣଧାରଣାରେ ସାମିଲ ହୋଇ ଭାଜପା ସରକାର ବିରୋଧରେ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା। ଆଠଗଡ଼ରେ ବିଜେଡି ପକ୍ଷରୁ ବ୍ଲକ ଓ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବାଙ୍କୀରେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ କାଟ ଓ ଧାନକ୍ରୟ ହ୍ରାସ ବିରୋଧରେ ବିଜେଡି ପକ୍ଷରୁ ଡମପଡ଼ା ଓ ବାଙ୍କୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ତିଗିରିଆ ବ୍ଲକ କାର୍ଯ୍ୟାଳୟ ଆଗରେ ଅଜିତ ଧୀରଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ବହୁ ବିଜେଡି କର୍ମୀ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

## ସଂକ୍ଷେପରେ

### ରାତି ୯ରେ ଉଠିବ ମହାଦୀପ

ବାଣପୁର,୧୬।୨(ଡି.ଏନ୍.ଏ.): ଚିଲିକା ମଧ୍ୟସ୍ଥ କାଳିଜାଈ ପାହାଡ଼ରେ ଅବସ୍ଥିତ ଯୋଗେଶ୍ୱର ଦେବଙ୍କ ପୀଠରେ ଚଳିତବର୍ଷ ପ୍ରଥମ ଥର ପାଇଁ ଜାଗର ଯାତ୍ରା ଅନୁଷ୍ଠିତ ହେବ। ପାରିକୁଦ ଗଡ ରାଜା ସନ୍ତୋଷ ଚନ୍ଦ୍ର ଦେଓଙ୍କ ଅଧ୍ୟକ୍ଷତାରେ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆସନ୍ତା ୧୮ ତାରିଖରେ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଦିନତମାମ୍ ସାଂସ୍କୃତିକ ଏବଂ ପୌରାଣିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁ ଜାଗର ଜାଳିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ରାତି ୯ଟାରେ ମହାଦୀପ ଉଠିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବୃଦ୍ଧ ଭିକ୍ଷୁକଙ୍କ ଅସଦାଚରଣ

ବୃଦ୍ଧଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

ନିମାପଡ଼ା,୧୬।୨(ଡି.ଏନ୍.ଏ.)- ଗଞ୍ଜାମ ଜିଲାର ଜଣେ ୬୫ ବର୍ଷୀୟ ବୃଦ୍ଧ ଭିକାରି ନିମାପଡ଼ା ଥାନା ଅଞ୍ଚଳର ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଆସିଥିଲେ। ହେଲେ ସେଠାରେ ଜଣେ ୨୧ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ଏକାକୀ ପାଇ ଅସଦାଚରଣ କରିଥିବା ଯୁବତୀଙ୍କ ବାପା ନିମାପଡ଼ା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ବୃଦ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ବୃଦ୍ଧ ଭିକ୍ଷୁକ ଯୁବତୀଙ୍କ ଘରକୁ ଭିକ୍ଷା ମାଗିବାକୁ ଯାଇଥିଲେ। ଯୁବତୀଙ୍କ ବାପା ଘରେ ନ ଥିବା ସୁଯୋଗ ନେଇ ସେ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲ। ସେହି ସମୟରେ ଯୁବତୀଙ୍କ ଭାଉଜ ଘରକୁ ପଶି ଆସିବାରୁ ବୃଦ୍ଧ ଜଣକ ସେଠାରୁ ଦୌଡ଼ି ପଳାଇଥିଲେ। ହେଲେ ଗ୍ରାମର କେତେକ ବ୍ୟକ୍ତି ବୃଦ୍ଧଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଗୋଡ଼ ହାତ ବାନ୍ଧି, ମୁହଁରେ କଳା ବୋଳି ଗ୍ରାମରେ ବୁଲାଇଥିଲେ। ପରେ ଯୁବତୀଙ୍କ ପରିବାର ଲୋକେ ଭିକ୍ଷୁକଙ୍କୁ ପୋଲିସ ଜିମା ଦେଇଥିଲେ।

### ନିଯୁକ୍ତି କର୍ମଶାଳା

ଜଟଣୀ,୧୬।୨(ଡି.ଏନ୍.ଏ.): ଜଟଣୀ ମହାବିଦ୍ୟାଳୟରେ ଏକ ନିଯୁକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ.ଲିଙ୍ଗରାଜ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଆଇଟିଏମ ପକ୍ଷରୁ ଉକ୍ତ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାକୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ କମଳ କୁମାର ପାଣି ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ କିପରି ଭବିଷ୍ୟତରେ ଭଲ କର୍ମସଂସ୍ଥାନରେ ନିଯୁକ୍ତି ପାଇପାରିବେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫେସର ନବୀନ ଯୋଗଦେଇ ଟାଇମ ମାନେଜମେଣ୍ଟ ଓ ସଫ୍ଟସ୍କିଲ ଡେଭେଲପମେଣ୍ଟକୁ ନେଇ ଉପାଦେୟ ଉପଦେଶ ଦେଇଥିଲେ। ପ୍ରଫେସର ନିହାର ରଞ୍ଜନ ରଥ ପରିଚାଳନା କରିଥିଲା ବେଳେ ଅଧାପିକା ସସ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସବୁ ବିଭାଗର ସମନ୍ୱୟ ରହିଲେ ଦୁର୍ଘଟଣା କମିବ

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

- ୪୩ ଦୁର୍ଘଟଣାସ୍ଥାନ ଚିହ୍ନଟ କରି ହମ୍ପ କରାଯାଇଛି
- ୨୦୨୩ ଜାନୁୟାରୀରେ ୧୮ ଦୁର୍ଘଟଣା, ୧୩ଜଣଙ୍କ ମୃତ୍ୟୁ

ପୁରୀ ଅଫିସ,୧୬।୨

ସଡ଼କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ। ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କଲେ ଏହାର ସୁଫଳ ମିଳିବା ସହ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି ସଡ଼କ ସୁରକ୍ଷାର ସୁପ୍ରିମକୋର୍ଟ ମନିଟରିଂ କମିଟିର ସେକ୍ରେଟାରୀ ସଞ୍ଜୟ ମିତ୍ତଲ ମତବ୍ୟକ୍ତ କରିଛନ୍ତି। ଗୁରୁବାର ସର୍କିଟ ହାଉସରେ ପରିବହନ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ମିତ୍ତଲ ପ୍ରତି ରାଜ୍ୟର ସଡ଼କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାକୁ ଅନୁପାଳନ କରାଗଲେ ନିଶ୍ଚିତ ଦୁର୍ଘଟଣା ହ୍ରାସ ପାଇବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ପାଇଁ ସେ ବିଶେଷ ଭାବେ ପରାମର୍ଶ ଦେଇଥିଲେ। ଏସ୍‌ପି କନୱର ବିଶାଲ ସିଂ ଯୋଗଦେଇ କହିଥିଲେ, ସଡ଼କ ସୁରକ୍ଷା ପାଇଁ ନିୟମିତ ଧରପଗଡ଼ ଜାରି ରହିବା ସହ ଲୋକଙ୍କୁ ସଚେତନ କରାଯାଉଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ରାସ୍ତା ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ରୋକାଯାଇ ନ ପାରିଲେ ମଧ୍ୟ ଏହାର ମାତ୍ରା ହ୍ରାସ କରିବା ଜରୁରୀ। ପ୍ରତ୍ୟେକ ସ୍ତରରେ ଏହାକୁ ପ୍ରତିହତ ପାଇଁ ପଦକ୍ଷେପ ନେବାକୁ ମତ ଦେଇଥିଲେ। ପରିବହନ ବିଭାଗର ଯୁଗ୍ମ ସଚିବ ବିଷଦ ତଥ୍ୟ ପ୍ରଦାନ କରି ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ, ବ୍ୟାପକ ସଚେତନତା ସୃଷ୍ଟି, ଦୁର୍ଘଟଣା ପରେ ଆହତଙ୍କୁ ଚିକିତ୍ସା ଦେବା ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ସଡ଼କ ସୁରକ୍ଷା ପାଇଁ ଓଡ଼ିଶା ପରିବହନ ବିଭାଗ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର କରି ରାଷ୍ଟ୍ରୀୟ ସ୍ତରରେ ପ୍ରଶଂସିତ ହୋଇଛି ବୋଲି ସେ କହିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଜିଲା ପରିବହନ କାର୍ଯ୍ୟାଳୟର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

ଏନ୍‌ଏଚ୍‌୩୧୬ରେ ୪୩ଟି ଦୁର୍ଘଟଣାସ୍ଥଳ ଚିହ୍ନଟ କରାଯାଇ ହମ୍ପ, ସାଇନେଜ କରାଯାଇଛି। ୧୦ ସ୍ଥାନରେ ବେଗ ନିୟନ୍ତ୍ରଣ ସାଇନେଜ ସ୍ଥାପନ ହୋଇଛି। ସତ୍ୟବାଦୀ, ସାତସଙ୍ଖ, ପଟନାୟିକିଆ, ମାଳତିପାଟପୁର ଓ ହରେକୃଷ୍ଣପୁର ଛକରେ ଆଲୋକ ବ୍ୟବସ୍ଥା କରାଯାଇଛି। ଜିଲାରେ ୨୦୨୧ରେ ୧୯୭ଟି ଦୁର୍ଘଟଣା ଘଟିଥିବା ବେଳେ ୧୨୨ଜଣଙ୍କ ର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ରେ ୧୯୭ ଦୁର୍ଘଟଣା ହୋଇ ୧୪୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୩ ଜାନୁୟାରୀରେ ୧୮ଟି ଦୁର୍ଘଟଣା ହୋଇଥିବାବେଳେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨ରେ ୩୪୧୩ଟି ବିନା ହେଲମେଟ ଯାଞ୍ଚ କରାଯାଇ ୨୩୮ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ବେଳେ ଦ୍ରୁତ ଗତି କ୍ଷେତ୍ରରେ ୯୪୭ ଲାଇସେନ୍ସ ରଦ୍ଦ କରାଯାଇଛି। ସିଟବେଲ୍ଟ ଉଲ୍ଲଂଘନ କ୍ଷେତ୍ରରେ ୧୧ଜଣ, ଗାଡିଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୫, ମଦ ପିଇ ଗାଡି ଚଳାଇବା କ୍ଷେତ୍ରରେ ୯୯ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ପରିବହନ ବିଭାଗ ସୂଚନା ଦେଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ତହସିଲଦାର କ୍ଷୀରୋଦ ବେହେରା, ଯନ୍ତ୍ରୀ ଅଜିତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଲୋକନାଥ ପୀଠରେ ପଙ୍କୋଦ୍ଧାର ନୀତି ସମ୍ପନ୍ନ



ଲୋକନାଥ ପୀଠରେ ପ୍ରଭୁ ଲୋକନାଥଙ୍କ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି ।

**ନିକଟରୁ ଠାକୁରଙ୍କୁ ଦେଖି ଶ୍ରଦ୍ଧାଳୁ ଆତ୍ମବିଭୋର**

ପୁରୀ ଅଫିସ,୧୬।୨

ପ୍ରଭୁ ଲୋକନାଥ ଦେବଙ୍କ ମନ୍ଦିରରେ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଗୁରୁବାର ପଙ୍କୋଦ୍ଧାର ନୀତି ସମ୍ପନ୍ନ ହୋଇଛି। ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାଏ। ତେଣୁ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଶ୍ରଦ୍ଧାଳୁ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି।

ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୂପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦାଶୀ ଦିନ ବାହାର କରାଯାଇଥାଏ। ଯାହାକୁ ପଙ୍କୋଦ୍ଧାର ନୀତି କୁହାଯାଏ। ଏହି ନୀତି ଲାଗି ବୁଧବାର ମଧ୍ୟ ରାତିରୁ ମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢ଼ିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ବଢ଼ିବା ପରେ ପଙ୍କୋଦ୍ଧାର ନୀତି ହୋଇଥିଲା। ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢ଼ିଥିଲା। ପରେ ଭକ୍ତମାନେ ଧାଡ଼ିରେ ଯାଇ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ସମୟଠାରୁ ଶୀଘ୍ର ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ଓ ଭକ୍ତମାନେ ମଧ୍ୟ ଦର୍ଶନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଆଜିର ଦିନରେ ଲୋକନାଥଙ୍କ ଲିଙ୍ଗକୁ ଦର୍ଶନ କରି ପୂଜାର୍ଚ୍ଚନା କଲେ ଯେଉଁ ପୁଣ୍ୟ ମିଳିଥାଏ। ତାହା ଲକ୍ଷେ ଶିବ ଲିଙ୍ଗ ପୂଜା କଲେ ସେଇ ଫଳପ୍ରାପ୍ତ ହୋଇଥାଏ ବୋଲି ମତବାଦ ରହିଛି। ଏହି ପଙ୍କୋଦ୍ଧାର ନୀତି କେବଳ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ।





ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ଦଣ୍ଡତୋଟାସ୍ଥିତ ଉତ୍କଳ ବଚପନ୍ ସ୍କୁଲର ୧୬ତମ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।

## ଉତ୍କଳ ବଚ୍‌ପନ୍ ସ୍କୁଲର ୧୬ତମ ବାର୍ଷିକୋତ୍ସବ

ପୁରୀ ଅଫିସ,୧୬।୨

ଦଣ୍ଡତୋଟାସ୍ଥିତ ଉତ୍କଳ ବଚପନ୍ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତାପ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଉତ୍କଳମଣି ଗୋପବନ୍ଧୁ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର, ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର ଏବଂ ଉତ୍କଳ ବଚପନ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୁନି କୁନି ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଅଭିଭାବକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନା ରାୟ, ରାଜକୁମାରୀ କୁଣ୍ଟିଆ, କବିତା ଦାସ, ମନସ୍ୱିନୀ ନନ୍ଦ, ସୁପ୍ରଭା ମହାନ୍ତି, ମାନସୀ ସ୍ୱାଇଁ ଏବଂ ସୁଜାତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପାନୀୟ ଜଳରୁ ବଞ୍ଚିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

ନିମାପଡ଼ା,୧୬।୨(ଡି.ଏନ୍.ଏ.)

ଆଗାମୀ ଗ୍ରୀଷ୍ମଋତୁରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଯଦି ପାନୀୟ ଜଳ ପାଇଁ ଜଣେ କେହି ବ୍ୟକ୍ତି ହଟହଟା ହୁଅନ୍ତି, ତେବେ ପ୍ରଶାସନିକ ଅଧିକାରୀ, ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ଦିଗରେ ପ୍ରଶାସନିକ ଅଧିକାରୀ ଯତ୍ନବାନ୍ ହୋଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ନିମାପଡ଼ା ବ୍ଲକ ସଭାଗୃହରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଏହା କହିଛନ୍ତି। ଗ୍ରୀଷ୍ମଋତୁ ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତ ଓ ଗାଁ ଗଣ୍ଡାରେ ଅଚଳ ନଳକୂପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା, ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ, ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଅବଧି ସମୟ ପୂର୍ବରୁ ଶେଷ କରାଯାଇ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା କରାଯିବା, ଜଳ ସମସ୍ୟା ଥିବା ଗାଁ ଗଣ୍ଡାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା, ନୂତନ ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଥିବା ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମନ୍ତ୍ରୀ ଦାଶ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀରେ ଯେପରି ପାନୀୟ ଜଳ ସଙ୍କଟ ଦେଖା ନ ଦିଏ ଏନେଇ ବିଡିଓ, ସରପଞ୍ଚ, ପଞ୍ଚାୟତ ଜନ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀମାନେ ଦୃଢ଼ ଦୃଷ୍ଟି ଦେବାକୁ ମନ୍ତ୍ରୀ ଦାଶ ପରାମର୍ଶ ଦେଇଥିଲେ।





ସମୀକ୍ଷା ବୈଠକରେ ମଞ୍ଚାସୀନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ ।

# ଐତିହ୍ୟ କରିଡର ପୂର୍ବରୁ ବଡ଼ଦାଣ୍ଡରେ ଆମିଷମୁକ୍ତ ଦାବି

ପୁରୀ ଅଫିସ,୧୬।୨

ଐତିହ୍ୟ କରିଡର ପୂର୍ବରୁ ଆମିଷମୁକ୍ତ ବଡ଼ଦାଣ୍ଡ ଓ ପୁରୀ ବଡ଼ଦାଣ୍ଡରେ ୨୦ଟି ପରିସ୍ରାଗାର ନିର୍ମାଣ ପାଇଁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦିଆଯାଇଥିବା ଦାବିର ତୁରନ୍ତ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ପୁରୀ ଜିଲାପାଳଙ୍କୁ ଚିଠି ଆସିଛି। ସେହିପରି ସଂଗଠନ ପକ୍ଷରୁ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି ପାଇଁ ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ଏ ସମ୍ପର୍କ ରେ ସମୀକ୍ଷା କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ପତ୍ର ପଠାଯାଇଛି। ସଂଗଠନକୁ ଏହି ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ସଭାପତି ବଦ୍ରି ମିଶ୍ର ଜଣାଇଛନ୍ତି।

# ୫ ପଥର ଟ୍ରକ୍‌ରୁ ୭୫ ହଜାର ଜରିମାନା ଆଦାୟ

କଣାସ,୧୬।୨(ସ୍ୱ.ପ୍ର.)

କଣାସ ତହସିଲ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଗୁରୁବାର ୫ଟି ପଥର ଟ୍ରକ୍ ଓ ଟ୍ରାକ୍ଟର ଜବତ କରିଛନ୍ତି। ଏଥିସହ ଉକ୍ତ ଟ୍ରକରୁ ୭୫ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି। ସୂଚନା ମୁତାବକ, ଦୈନନ୍ଦିନ ଖୋର୍ଦ୍ଧା ଓ କଣାସ ଅଞ୍ଚଳରୁ ଚୋରା ପଥର ଟ୍ରକ୍ ରାତି ସମୟରେ ମଦାରବସ୍ତ ରାସ୍ତାରେ ଯାତାୟାତ କରୁଥିବା ତହସିଲଦାର ଖବର ପାଇଥିଲେ। ପ୍ରଭାତରୁ ତହସିଲଦାର ଉକ୍ତ ରାସ୍ତାର ମଦାରବସ୍ତ ଡାକ୍ତରଖାନା ନିକଟରେ ୩ଟି ଟ୍ରକ୍ ଓ ପଥର ବୋଝେଇ ଟ୍ରାକ୍ଟର ଜବତ କରି ଫାଣ୍ଡି ଆଡକୁ ଆସୁଥିବା ସମୟରେ ଫାଣ୍ଡି ନିକଟରେ ୨ଟି ଚୋରା ପଥର ଟ୍ରକ ଜବତ କରିଥିଲେ। ଉକ୍ତ ଟ୍ରକରୁ ଜରିମାନା ଆଦାୟ କରି ଛାଡିଦେଇଥିବା ଜଣାପଡିଛି।

# ଆଜିର ଶିଶୁ କାଲିର ଭବିଷ୍ୟତ

**ସୋମନାଥ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ**

ଡେଲାଙ୍ଗ,୧୬।୨(ଡି.ଏନ୍.ଏ)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତସ୍ଥିତ ସୋମନାଥ ବିଦ୍ୟାପୀଠ ପରିସରରେ ଗୁରୁବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ରୀନାରାଣୀ ରାଉତରାୟ, ପ୍ରଦୀପ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ଜୟକୃଷ୍ଣ ମେମୋରିଆଲର ସମ୍ପାଦକ ବିକ୍ରମ କେଶରୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଉରୀ ବନ୍ଧୁ ପ୍ରଧାନ, ମୋ ସ୍କୁଲ କମିଟି ସଭାପତି ପ୍ରବୋଧ ମଙ୍ଗରାଜ, ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ସେନାପତି, ସାମାଜିକ କର୍ମୀ ମହାଦେବ ରାଉତରାୟ, ପୁରାତନ ଛାତ୍ର ସାଂସଦ ସଭାପତି ଦିନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମାନସୀ ସାହୁ ମଞ୍ଚ ପରିଚାଳାନ କରିଥିଲେ। ଅଭିଭାବକମାନେ ପିଲାଙ୍କ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଆଜିର ଛାତ୍ରୀଛାତ୍ର କାଲି ଦେଶର ଭବିଷ୍ୟତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଡେଲାଙ୍ଗସ୍ଥିତ ସୋମନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।

# ଉଠାଦୋକାନୀ-ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ହାତାହାତି

**ଉଠାଦୋକାନ ଉଚ୍ଛେଦକୁ ବିରୋଧ**

- ମାଡ଼କୁ ନେଇ ଥାନାରେ ଏତଲା
- ରାସ୍ତା ଜାମ୍‌ରେ ଫସିଲେ ଲୋକେ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ରାଜଧାନୀ ରାସ୍ତାକଡ଼ରୁ ଉଠାଦୋକାନ ଉଚ୍ଛେଦକୁ ନେଇ ଗୁରୁବାର ଉଠାଦୋକାନୀ ଏବଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ (ଉଚ୍ଛେଦକାରୀଦଳ) ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମେ ବିରୋଧ ଓ ପରେ ପାଟିତୁଣ୍ଡ ଏବଂ ଶେଷରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଉଠାଦୋକାନୀ ରମେଶ ନାୟକ ଏବଂ ତାଙ୍କ ପୁଅ ମନୋରଞ୍ଜନ ନାୟକ ଉଚ୍ଛେଦ କରିବାକୁ ଆସିଥିବା ସ୍କ୍ୱାଡ୍ ଉପରକୁ ପ୍ରଥମେ ହାତ ଉଠାଇଥିଲେ। ପରେ ଏକ ବାଡ଼ିରେ ଏନ୍‌ଫୋର୍ସମେଣ୍ଟ ଆସିଷ୍ଟାଣ୍ଟ ହେମନ୍ତ ସାହୁଙ୍କୁ ବାଡ଼େଇଥିଲେ। ତାଙ୍କୁ ଅଟକାଇବାକୁ ଯାଇ ହେମନ୍ତ ମଧ୍ୟ ସମ୍ପୃକ୍ତ ଦୋକାନୀଙ୍କୁ ପିଟିଥିଲେ। ପରିସ୍ଥିତି ବିଗିଡ଼ିବାରୁ ଉଚ୍ଛେଦକାରୀ ଟିମ୍‌କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ପରେ ଏନେଇ ହେମନ୍ତ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୯ଟା ୩୦ରେ ମାଉସୀମା ଛକ ନିକଟରେ ଥିବା ଉଠାଦୋକାନ ହଟାଇବାକୁ ଟିମ୍ ସହିତ ହେମନ୍ତ ଯାଇଥିଲେ। ଉଚ୍ଛେଦକୁ ବିରୋଧ କରି ସମ୍ପୃକ୍ତ ବାପପୁଅ ଲୁହାରଡ଼ରେ ହେମନ୍ତଙ୍କୁ ବାଡେଇବା ସହିତ ତାଙ୍କ ଉପରକୁ ତତଲା ତେଲ ଫୋପାଡ଼ିବାକୁ ଉଦ୍ୟମ କରିଥିଲେ। ଏନେଇ ହେମନ୍ତଙ୍କ ଏତଲା କ୍ରମେ ସମ୍ପୃକ୍ତ ବାପ ପୁଅଙ୍କ ବିରୋଧରେ ୮ଟି ଦଫାରେ ଏକ କେସ୍ ରୁଜୁ ହୋଇଛି। ପରେ ସନ୍ଧ୍ୟାରେ ରମେଶ ଓ ମନୋରଞ୍ଜନଙ୍କୁ ଥାନାକୁ ଡକାଯାଇଥିଲା। ପୁନର୍ବାର ଏପରି ନ କରିବା ସହିତ ତାଗିଦ୍ କରି ଛଡ଼ାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଶୁକ୍ରବାର ଉଠାଦୋକାନୀ ମହାସଂଘ ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି।

ମାଉସୀ ମା' ଛକ ଭଳି ଏକ ବ୍ୟସ୍ତବହୁଳ ସ୍ଥାନରେ ଏଭଳି ଗଣ୍ଡଗୋଳ ପରିସ୍ଥିତି ଯୋଗୁ କିଛି ସମୟ ରାସ୍ତା ଜାମ୍ ହୋଇଯାଇଥିଲା। ଫଳରେ ଲୋକେ ଯିବା ଆସିବା କରିବାରେ ସମସ୍ୟା ଭୋଗିଥିଲେ। ଶେଷରେ ସ୍କ୍ୱାଡ୍ ଫେରିଯିବା ପରେ ସ୍ଥିତି ସୁଧୁରିଥିଲା। ତେବେ ପୂର୍ବରୁ ମଧ୍ୟ ଉଚ୍ଛେଦକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଗତ ୧୩ ତାରିଖରେ ମଧ୍ୟ ସମାନ ଢଙ୍ଗରେ ଏଭଳି ବିରୋଧ କରାଯାଇଥିଲା। ରାଜମହଲରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାର ତଳ ପାର୍ଶ୍ୱରେ ଥିବା ଫଳଦୋକାନୀ ଏବଂ ଅନ୍ୟ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଟିମ୍ ପହଞ୍ଚିଥିଲା। ସେଠାରେ ଦୋକାନ ଦେଇଥିବା ୬୦ରୁ ୭୦ ଦୋକାନୀ ଏହାକୁ ବିରୋଧ କରିବା ପରେ ଟିମ୍ ଖାଲି ହାତରେ ଫେରିଥିଲା। ଉଠାଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଥଇଥାନ କରାଯିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ସହରରେ ହଜାର ହଜାର ଉଠାଦୋକାନୀ ଥିବାବେଳେ ମାତ୍ର ହାତଗଣତି ଭେଣ୍ଡିଂ ଜୋନ୍ କରିଦେଇ ବିଏମ୍‌ସି ବାହାବା ନେଉଥିବାବେଳେ ଅନେକଙ୍କୁ ଉଚ୍ଛେଦ କରାଯାଉଛି। ଫଳରେ ବାରମ୍ବାର ଏହାକୁ ନେଇ ଉଠାଦୋକାନୀ ଏବଂ ସ୍କ୍ୱାଡ୍ ମଧ୍ୟରେ ଗଣ୍ଡଗୋଳ ହେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ସହିତ ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି।



## ସଂକ୍ଷେପରେ

### ଗତୀଶ୍ୱରଙ୍କ ପୀଠରେ ୧୮ରୁ ବାଦୀପାଲା ଆରମ୍ଭ

କଣାସ ୧୬।୨(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ମଣିଜିପୁର ଗ୍ରାମର ଆରାଧ୍ୟ ଦେବତା ବାବା ଗତୀଶ୍ୱରଙ୍କ ପୀଠରେ ଆସନ୍ତା ୧୮ରୁ ୨୪ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ବାଦୀପାଲା ଅନୁଷ୍ଠିତ ହେବାକୁ ଯାଉଛି। ପାଲା ଗାୟକ ଆଠଗଡ଼ର ପ୍ରଶାନ୍ତ ରାଉତ ଏବଂ ନାଉଗାଁ ଜଗତ୍‌ସିଂହପୁରର ଅରୁଣ ଦାଶ ପାଲା ପରିବେଷଣ କରିବେ। ସାହିତ୍ୟପ୍ରେମୀ ଏଥିରେ ଅଧିକ ସଂଖ୍ୟାରେ ଯୋଗଦେବାକୁ ଗତୀଶ୍ୱର ଦେବ ସଂସ୍କୃତି ସଂସଦ ଓ ମଣିଜିପୁର ଗ୍ରାମବାସୀ ନିବେଦନ କରିଛନ୍ତି।

### ଗମ୍ଭାରିପଦାର ୧୩ ଛାତ୍ରୀଛାତ୍ର ପୁରସ୍କୃତ

କାକଟପୁର,୧୬।୨(ଡି.ଏନ୍.ଏ.)- କାକଟପୁର ନିକଟସ୍ଥ ନୟାହାଟ ଅଞ୍ଚଳ ଅନ୍ତର୍ଗତ ନୂଆମଠରେ ମଙ୍ଗଳବାର ପ୍ରାଚୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ "ପ୍ରାଚୀ ପ୍ରତିଭା ଅନ୍ୱେଷଣ" ଉତ୍ସବ କରାଯାଇଥିଲା। ଶିଶୁ ହସିଲେ ଦୁନିଆ ହସେର ବାର୍ତ୍ତା ନେଇ କାକଟପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଭାଙ୍କୁ ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତାର ଲକ୍ଷ୍ୟ ରହିଥିଲା। ଏହି ଉତ୍ସବରେ ବିଭିନ୍ନ ଶିକ୍ଷାନୁଷ୍ଠାନର କୁନି ପିଲାମାନେ ଅଂଶ ଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ତେବେ ଏହି ଉତ୍ସବର କାକଟପୁର ବ୍ଲକ ଅନ୍ତର୍ଗତ ଗମ୍ଭାରିପଦାସ୍ଥିତ ସାନ୍ଦିପନି ଶିଶୁ ବିକାଶ କେନ୍ଦ୍ରରୁ ଲଗାତର ଭାବେ ମୋଟ ୧୩ ଜଣ ଛାତ୍ରୀଛାତ୍ର ପଲକ ପ୍ରିୟଦର୍ଶିନୀ ସାମଲ, ଅନଶ ଆଲାମ, ସତ୍ୟନାରାୟଣ ପାତ୍ର, ଝାନସୀ ବାରିକ, ହିମାଂଶୁ ଶେଖର ସାହୁ, ଦୀପାଞ୍ଜଳି ଖଣ୍ଡୁଆଳ, ତନସିଫା ନିଶା, ଆଦ୍ୟାଶା ପ୍ରିୟଦର୍ଶିନୀ, ଆଦ୍ୟାଶା ମହାପାତ୍ର, ଆୟୁସା ଖୁଣ୍ଟିଆ,ସୁମନ ସାହୁ, ଶାଶ୍ୱତି ସମ୍ୟା ଓ ସୁନୀଲ ସାହୁ ପ୍ରମୁଖ ପୁରସ୍କୃତ ହୋଇ ବିଦ୍ୟାଳୟ ନାମକୁ ଗୌରବାନ୍ୱିତ କରିଛନ୍ତି। ଅତିଥିମାନେ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

### ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରି ଜନ୍ମଦିନ ପାଳନ

ପୁରୀ ଅଫିସ,୧୬।୨- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୁଭାଷ ବୋଷ ଛକ ନିକଟସ୍ଥ ୱାଇଲ୍ଡ ଗ୍ରାସଠାରେ ମଞ୍ଚର ସଦସ୍ୟ ନାରାୟଣ ସିହ୍ନାଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରାଯାଇଛି। ଡ.ବରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଞ୍ଚ ପକ୍ଷରୁ ସିହ୍ନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ତେବେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନଙ୍କର ବନ୍ଧୁତ୍ୱକୁ ଦୃଢ଼ କରିବା ପାଇଁ ମଞ୍ଚର ସମସ୍ତ ସଦସ୍ୟଙ୍କୁ ସିହ୍ନା ଶୁଖିଲା ମହାପ୍ରସାଦ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ଭାଇଚାରାର ବାର୍ତ୍ତା ପ୍ରଦାନ କରିଥିଲେ। ସିହ୍ନା ଜଣେ ଆଇନଜୀବୀ, ଅଭିନେତା, ଲେଖକ, କଣ୍ଠଶିଳ୍ପୀ ଏବଂ ଜଣେ ଦକ୍ଷ ସାଂସ୍କୃତିକ ସଂଗଠକ। କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ବାସୁଦେବ ସାହୁ, କୋଷାଧ୍ୟକ୍ଷ ବିନୟ ମହାନ୍ତି, ଶାନ୍ତି ରଞ୍ଜନ ମିଶ୍ର, ମଦନ ଜେନା, ଶଶାଙ୍କ ରାୟ, ବିରଜା ମିଶ୍ର, କମଲ ଅଗ୍ରୱାଲ, ସନ୍ତୋଷ ସାହୁ, ନବକିଶୋର ରଥ, ଗଦାଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ରାଧାକାନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ୧୮ରୁ ଭାରତ ଭ୍ରମଣ, ପର୍ଯ୍ୟଟନ ପ୍ରଦର୍ଶନୀ

ପୁରୀ ଅଫିସ,୧୬।୨



ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

**୧୦୦ରୁ ଊର୍ଦ୍ଧ୍ୱ ଟ୍ରାଭେଲ ଏଜେଣ୍ଟ, ହୋଟେଲ ସାମିଲ ହେବେ**

ଜିଲା ପ୍ରଶାସନ ଓ ପୁରୀର ହୋଟେଲ ସଂଘ ସହଯୋଗରେ କୋଲକାତାର ଫେୟାର ଭିୟୁ ମିଡିଆ ପକ୍ଷରୁ ଆସନ୍ତା ୧୮ତାରିଖରୁ ଗୋଲ୍‌ଡେନ ବିଚ୍ ପରିସରରେ ଭାରତ ଭ୍ରମଣ ଓ ପର୍ଯ୍ୟଟନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଅନୁଷ୍ଠିତ ହେବ। ଏହି ଭାରତ ଭ୍ରମଣ ଓ ପର୍ଯ୍ୟଟନ ପ୍ରଦର୍ଶନୀ ଦେଶ ଓ ଦେଶ ବାହାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲିବାରେ ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ନିଆରା ସୁଯୋଗ ରହିବ। ଏନେଇ ଗୁରୁବାର ଆୟୋଜକଙ୍କ ପକ୍ଷରୁ ସଂସ୍କୃତ ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଚଳିତ ମାସ ୧୮ ତାରିଖରେ ଗୋଲ୍‌ଡେନ ବିଚ୍ ପରିସରରେ ଦୁଇଦିନିଆ ଭାରତ ଭ୍ରମଣ ଓ ପର୍ଯ୍ୟଟନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ହେବ। ଦ୍ୱିତୀୟ ଦିନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଯାହାର ଟପିକ୍ ରହିଛି 'ଦେଖୋ ଆପ୍‌ନା ଦେଶ'। ପ୍ରଦର୍ଶନୀରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟ ସମେତ ଓଡ଼ିଶା ପର୍ଯ୍ୟଟନ ବିଭାଗ, ଗୋଆ ପର୍ଯ୍ୟଟନ ବିଭାଗ, ଝାଡ଼ଖଣ୍ଡ, ଗୁଜରାଟ, ତାମିଲନାଡୁ, ଉତ୍ତରାଖଣ୍ଡ, ବିହାର ଓ ଛତିଶଗଡ଼ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟୁର୍ ପ୍ୟାକେଜ ଏବଂ ଉକ୍ତ ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ର ବୁଲିବା ନେଇ ସୁବିଧା ସମ୍ପର୍କରେ ଅବଗତ ହୋଇପାରିବେ। ଏହାବ୍ୟତୀତ ନେପାଳର ଭୁଟାନରୁ ମଧ୍ୟ ୨ଟି ଟ୍ରାଭେଲ ଏଜେଣ୍ଟ ଟିମ୍ ଓ ହୋଟେଲ ଅଂଶଗ୍ରହଣ କରିବେ। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଟ୍ରାଭେଲ ଏଜେଣ୍ଟ ଓ ହୋଟେଲ ସାମିଲ ହେବେ। ଏଥିରେ ବିଜନେସ ଟୁ ବିଜନେସ ଆଲୋଚନା ହେବ। ବିଭିନ୍ନ ରାଜ୍ୟର ଟ୍ରାଭେଲ ଏଜେଣ୍ଟ ଓ ହୋଟେଲ ଭାବ ବିନିମୟ କରିବେ। ଫଳରେ ଓଡ଼ିଶାରୁ ପର୍ଯ୍ୟଟକ ବାହାର ରାଜ୍ୟକୁ ଯାଇପାରିବେ ଏବଂ ବାହାର ରାଜ୍ୟରୁ ଓଡ଼ିଶାକୁ କିଭଳି ପର୍ଯ୍ୟଟକ ଆସିବେ ସେନେଇ ଆଲୋଚନା ହେବ। ଏଥିସହ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ମଧ୍ୟ ଉକ୍ତ ସ୍ଥାନରେ ବିଭିନ୍ନ ରାଜ୍ୟର ଟୁର୍ ପ୍ୟାକେଜ ସମ୍ବନ୍ଧରେ ବୁଝିବା ସହ ଆସନ୍ତା ଟୁର୍ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ। ଏଥିସହ ବିଭିନ୍ନ ଟ୍ରାଭେଲ ଏଜେଣ୍ଟ ଓ ହୋଟେଲ ପକ୍ଷରୁ ରିହାତିରେ ଟୁର ପାଇଁ ସୁଯୋଗ ଦିଆଯିବ।

ସେହିପରି ଅବସର ବିନୋଦନ ସହ ଶିକ୍ଷା ଓ ଜ୍ଞାନ ବଢ଼ାଇବା ସହିତ ଉଦ୍ଦିଷ୍ଟ ପର୍ଯ୍ୟଟନ କ୍ଷେତ୍ର ବୁଲିବା ପାଇଁ ଏହି ପ୍ରଦର୍ଶନୀରେ ବିଭିନ୍ନ ସଂସ୍ଥା ପକ୍ଷରୁ ସୁଯୋଗ ଦିଆଯିବ ବୋଲି ସୂଚନା ଦେଇଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବିରଞ୍ଚି ମିଶ୍ର ସୂଚନା ଦେଇ କହିଥିଲେ, ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୯୦ ଭାଗ ପୁରୀକୁ ଆସନ୍ତି। ସେମାନେ ପ୍ରାୟ ଦେଶୀୟ ପର୍ଯ୍ୟଟକ। ତେଣୁ ଅନ୍ୟ ରାଜ୍ୟର ପର୍ଯ୍ୟଟନ ବିଭାଗ ଏଠାକୁ ଆସିଲେ, ଲୋକେ ସିଧାସଳଖ ବିଭିନ୍ନ ରାଜ୍ୟରେ ଥିବା ପର୍ଯ୍ୟଟନ ସୁବିଧା ସମ୍ପର୍କରେ ଟ୍ରାଭେଲ ଏଜେଣ୍ଟଙ୍କ ସହ ଯୋଗାଯୋଗ କରିପାରିବେ। ଏଥିସହ ଯେଉଁ ବାହାର ରାଜ୍ୟର ଏଜେଣ୍ଟମାନେ ଆସିବେ ସେମାନେ ପୁରୀ ଓ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବା ପରେ ପୁରୀକୁ ସ୍ୱତନ୍ତ୍ର ଟୁର ପାଇଁ ସେମାନଙ୍କ ରାଜ୍ୟରେ ଲୋକଙ୍କୁ ପ୍ରୋତ୍ସାହିତ କରିପାରିବେ ବୋଲି ସେ କହିଛନ୍ତି। ସମ୍ମିଳନୀରେ ଉତ୍କଳ ପତି, ସୁନୀଲ ପଟ୍ଟନାୟକ, ଫେୟାର ଭିୟୁର ଏମ୍‌ଡି ମହୁଆ ଦେ, ପ୍ରଦୀପ କରାର, ଅର୍ଣ୍ଣବ କୁମାର ଦେ ଓ ସୁମନ କରାର ପ୍ରମୁଖ ଯୋଗଦେଇଥିଲେ।

# ୧ରୁ ୮ ଶ୍ରେଣୀ ପାଇଁ ୪ ଶିକ୍ଷକ


ଝାଡପଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭଗ୍ନ ଅବସ୍ଥାରେ ଥିବା ଶୌଚାଳୟ ।

ଡେଲାଙ୍ଗ,୧୬।୨(ଡି.ଏନ୍.ଏ)

- ଖେଳପଡ଼ିଆ ନାହିଁ
- ଅର୍ଦ୍ଧଭଗ୍ନ ଅବସ୍ଥାରେ ଶୌଚାଳୟ
- ପାନୀୟ ଜଳରୁ ବଞ୍ଚିତ ପିଲା

ଶିକ୍ଷା କ୍ଷେତ୍ରରେ ସରକାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଥିବାବେଳେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଡେଲାଙ୍ଗ ବ୍ଲକ ଅଧୀନ ରେଙ୍ଗଳ ପଞ୍ଚାୟତର ଝାଡପଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ସେଠାରେ ନା ଅଛି ଶ୍ରେଣୀଗୃହ ନା ଅଛନ୍ତି ଆବଶ୍ୟକ ଶିକ୍ଷକ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ମୋଟ ୧୦୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ମୋଟ ୪ଟି କ୍ଲାସରୁମ୍ ରହିଥିବାବେଳେ ଶିକ୍ଷାଦାନ ପାଇଁ ୪ଜଣ ଶିକ୍ଷକ ରହିଛନ୍ତି। ଏଥିସହ ଛାତ୍ରୀଛାତ୍ରଙ୍କ ଶୌଚ ପାଇଁ ବହୁପୁରୁଣା ଶୌଚାଳୟ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡ଼ି ରହିଥିବାରୁ ଛାତ୍ରୀଛାତ୍ର ଶୌଚ ପାଇଁ ବିଦ୍ୟାଳୟ ବାହାରକୁ ଯାଉଛନ୍ତି। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ନ ଥିବାରୁ ବାହାର ଗୋରୁ, ଷଣ୍ଢ, ଛେଳି, ମେଣ୍ଢା ଓ ବୁଲା କୁକୁର ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି। ଚତୁଃପାର୍ଶ୍ୱରେ ବଣ ଜଙ୍ଗଲ ଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଛି। ୧୯୬୪ ମସିହାରୁ ବିଦ୍ୟାଳୟ ଗଢ଼ି ଉଠିଥିବାବେଳେ ଏଯାବତ୍ ପିଲାଙ୍କ ପାଇଁ ଖେଳ ପଡ଼ିଆଟିଏ ମଧ୍ୟ ନାହିଁ। ଖେଳପଡ଼ିଆ ପାଇଁ ଭିତ୍ତିଭୂମି ଥିବାବେଳେ ପଡ଼ିଆର ଉନ୍ନତୀକରଣ କରାଯାଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ଫ୍ଲୋରାଇଡ ମିଶା ପାଣି ବାହାରୁଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇପଡ଼ିଛି। ଫଳରେ ପିଲାମାନେ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ରୋଷେଇ ନ ଥିବାରୁ ଭଙ୍ଗା କାନ୍ଥ ଉପରେ ଆଜ୍‌ବେଷ୍ଟସ୍ ପକାଇ ରୋଷେଇ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ବିଦ୍ୟାଳୟ କମିଟିକୁ ପଚାରିବାରେ, ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଦୀର୍ଘ ବର୍ଷର ଏହି ପୁରାତନ ବିଦ୍ୟାଳୟ ପ୍ରତି ସରକାରଙ୍କୁ ଦୃଷ୍ଟି ଦେବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକ ନିବେଦନ କରିଛନ୍ତି।



ବନ୍ୟାର ସମ୍ମୁଖୀନ ହେଉଥିବା ବିପନ୍ନମାନେ ଗୋପ ପୋଷ୍ଟାଲ କାର୍ଯ୍ୟାଳୟରେ ପୋଷ୍ଟକାର୍ଡ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ କରୁଛନ୍ତି ।

# ଧନୁଆ ବନ୍ୟାଦାଉରୁ ଗ୍ରାମବାସୀଙ୍କୁ ବଞ୍ଚାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଗୋପ,୧୬।୨(ଡି.ଏନ୍.ଏ.)

**୧ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟ ଅଫିସ୍‌ରେ ଚିଠି ପକାଇଲେ ବିପନ୍ନ**

ଗୋପ ଅଞ୍ଚଳବାସୀ ଧନୁଆ ନଦୀ ବନ୍ୟା ଜଳରେ ସବୁବେଳେ କବଳିତ ହେଉଥିବା ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ୧ ହଜାରରୁ ଅଧିକ ପୋଷ୍ଟକାର୍ଡ ମାଧ୍ୟମରେ ଅଭିଯୋଗ ଜଣାଇଛନ୍ତି।

ସୂଚନା ମୁତାବକ, ପ୍ରତ୍ୟେକ ବର୍ଷ ଧନୁଆ ନଦୀ ବନ୍ୟାଜଳରେ ପୁରୀ ଜିଲା ଗୋପ, ନିମାପଡ଼ା, ବାଲିପାଟଣା, ବାଲିଅନ୍ତା ଓ ପୁରୀ ସଦର ବ୍ଲକର ୪୨ ଗୋଟି ପଞ୍ଚାୟତର ଶତାଧିକ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ୧୯୮୫ ମସିହାରୁ ଧନୁଆ ବନ୍ୟା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧନୁଆ ନଦୀ ବନ୍ୟାଜଳ ରୋକିବା ଲାଗି ସ୍ଥାୟୀ ପ୍ରତିକାର ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ଜାରି ରହିଛି। ଦୀର୍ଘ ୩୮ ବର୍ଷ ଧରି ଏହି ଆନ୍ଦୋଳନ ଚାଲିଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ। ତୁରନ୍ତ ଧନୁଆ ନଦୀ ବନ୍ୟାଦାଉରୁ ସେମାନଙ୍କୁ ବଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୁର୍ଦ୍ଦଶା ଭୋଗୁଥିବା ଧନୁଆ ବନ୍ୟା ଅଞ୍ଚଳର ବିପନ୍ନମାନେ ପୋଷ୍ଟକାର୍ଡ ମାଧ୍ୟମରେ ଏପରି ଚିଠି ଲେଖି ଗୋପ ପୋଷ୍ଟ ଅଫିସରେ ଚିଠି ପକାଇଛନ୍ତି। ଧନୁଆ ବନ୍ୟା କ୍ରିୟାନୁଷ୍ଠାନ କମିଟି ଆବାହକ ନରେନ୍ଦ୍ର ଦାଶ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ବିପନ୍ନ ଲମ୍ବା ଲାଇନରେ ପୋଷ୍ଟ ଅଫିସରେ ଚିଠି ପକାଇଥିଲେ। ଏପରି ଅଭିଯୋଗରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରେ, ବାରମ୍ବାର ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜଳ ସମ୍ପଦ ବିଭାଗର ଉଚ୍ଚ ପ୍ରଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସେ କହିଥିଲେ। ଏହି ପ୍ରସଙ୍ଗରେ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ମଧ୍ୟ କହିଥିଲେ। ଯଦି ମୁଖ୍ୟମନ୍ତ୍ରୀ ଏହି ଅଭିଯୋଗ ସମ୍ପର୍କରେ ଗୁରୁତ୍ୱ ନ ଦିଅନ୍ତି, ତା' ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ ଶିବିର

କୃଷ୍ଣପ୍ରସାଦ,୧୬।୨(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତର ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଆଶ୍ରୟସ୍ଥଳ ପରିଚାଳନା ସମ୍ପର୍କିତ ୭ଦିନିଆ ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ଶିବିରରେ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳ ପରିଚାଳନା, ସନ୍ଧାନ ଓ ଉଦ୍ଧାରକାରୀ ଏବଂ ପ୍ରାଥମିକ ଆଶୁ ଚିକିତ୍ସା ଦଳର ୭୫ଜଣ ସଦସ୍ୟଙ୍କୁ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ତାଲିମ ଦିଆଯିବ। ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ ସେଠୀ, ବାତ୍ୟା ଆଶ୍ରୟସ୍ଥଳ ସମ୍ପାଦକ ଅକ୍ଷୟ ସାମନ୍ତସିଂହାର, ପରିଚାଳନା କମିଟି ସଦସ୍ୟ ମନମୋହନ ଜେନା, ପ୍ରଦୀପ ଜେନା, ବିଷ୍ଣୁ ଚରଣ ବେହେରା, ଶରତ ନାୟକ, କନକଲତା ପ୍ରଧାନ, ରାଧାମଣୀ ଜେନା ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ।

# ବିଜେଡି ସଙ୍ଗଠନ ସମ୍ପାଦକଙ୍କ ସୁଆଣ୍ଡୋ ପରିଦର୍ଶନ

ସାକ୍ଷୀଗୋପାଳ,୧୬।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୨ କୋଟି ଟଙ୍କା ଅନୁଦାନରେ ନିର୍ମାଣ ଚାଲିଥିବା ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଥିମଧ୍ୟରେ ଉତ୍କଳମଣିଙ୍କ ଷଠୀଘର ଓ ଗ୍ରାମର ଶୈବପୀଠ ଶ୍ରୀଶ୍ରୀ ଲୋକେଶ୍ୱର ଦେବଙ୍କ ମନ୍ଦିର ପୁନରୁଦ୍ଧାର, ସଂଗ୍ରହାଳୟ, ପ୍ରମୋଦ ଉଦ୍ୟାନ, ପୁଷ୍କରିଣୀ, ଉତ୍କଳମଣିଙ୍କ ସର୍ବୋଚ୍ଚ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ସ୍ଥାପନ, ରାସ୍ତା ନିର୍ମାଣ, ଭୂତଳ ବିଦ୍ୟୁତ୍ ବ୍ୟବସ୍ଥା, ସୂଚନାକେନ୍ଦ୍ର ଓ ଭୋଜନାଳୟ ନିର୍ମାଣ ପ୍ରକଳ୍ପ ରହିଛି। ଆସନ୍ତା ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିବେ। ତେବେ ଗୁରୁବାର ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୁଆଣ୍ଡୋ ପରିଦର୍ଶନରେ ଆସିଥିଲେ। ସେ ସଂଗ୍ରହାଳୟ, ପ୍ରମୋଦ ଉଦ୍ୟାନ ଓ ପୁଷ୍କରିଣୀ ସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନିମନ୍ତେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ସୁଆଣ୍ଡୋ ପରିଦର୍ଶନରେ ଆସିଥିବା ପ୍ରଣବ ପ୍ରକାଶ ଦାସ ପ୍ରକଳ୍ପ ବିଷୟରେ ବୁଝୁଛନ୍ତି ।

# ଉଦ୍‌ଘାଟନ ମ୍ୟାଚ ଜିତିଲା ଜିଆଣ୍ଟ ସ୍ପୋର୍ଟିଂ


ଜିଆଣ୍ଟ ସ୍ପୋର୍ଟ୍ସ କ୍ଲବ୍ ପକ୍ଷରୁ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି ।

ପୁରୀ ଅଫିସ,୧୬।୨

**୧୯ତମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଜିଆଣ୍ଟ ସ୍ପୋର୍ଟ୍ସ କ୍ଲବ୍ ପକ୍ଷରୁ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ୧୯ତମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୬ଟି ଟିମ୍ ଭାଗ ନେଇଛନ୍ତି। ତେବେ ପ୍ରତିଯୋଗିତାର ଉଦ୍‌ଘାଟନ ମ୍ୟାଚ୍ ଜିଆଣ୍ଟ ସ୍ପୋର୍ଟିଂ ଏବଂ ସାରଦା ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜିଆଣ୍ଟ ସ୍ପୋର୍ଟିଂ ୧୭୧ ରନ କରିଥିଲା। ଜବାବରେ ସାରଦା ସ୍ପୋର୍ଟିଂ ମାତ୍ର ୯୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ଟିକୁ ଜିଆଣ୍ଟ ସ୍ପୋର୍ଟିଂ ୮୦ ରନ୍‌ରେ ଜିତିଥିଲା। ଉଦ୍‌ଘାଟନ ଉତ୍ସବରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ସାମାଜିକ କର୍ମୀ ଓମ୍‌ପ୍ରକାଶ ମହାନ୍ତି, ଦେବୀ ପ୍ରସାଦ ମିଶ୍ର, ସଞ୍ଜୀବ ମହାନ୍ତି ଏବଂ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘୋଟନ କରିଥିଲେ। କ୍ଲବ ସଭାପତି ବଶିଷ୍ଠ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରତିଯୋଗିତାର ବିଜୟୀ ଦଳକୁ ୧୪ହଜାର ଏବଂ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କା ସହ ଉଭୟ ଦଳକୁ ଟ୍ରଫି ଦିଆଯିବ। ଏହି ଟୁର୍ନାମେଣ୍ଟ ୧୯ ତାରିଖରେ ଉଦ୍‌ଯାପନ ହେବ।

# ତ୍ରିଦେବ, ନିର୍ବାଚନମଣ୍ଡଳୀ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଦର୍ଶନ

ନିମାପଡ଼ା/ଅସ୍ତରଙ୍ଗ, ୧୬।୨(ଡି.ଏନ୍.ଏ.)

- ଓଡ଼ିଶାର ପ୍ରସିଦ୍ଧ ନିମାପଡ଼ା ଛେନାଝିଲ୍ଲୀ ଖାଇଲେ
- ଦଳିତ ପରିବାରରେ ମଧ୍ୟାହ୍ନଭୋଜନ କଲେ
- ମା' ମଙ୍ଗଳା ମନ୍ଦିର ପରିଦର୍ଶନ କଲେ

ଲୋକ ସଭା ପ୍ରଭାସ ଯୋଜନାରେ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼, ମଜଭୁତ, କ୍ରିୟାଶୀଳ କରିବା, ପ୍ରଧାନମନ୍ତ୍ରୀଙ୍କ ମନ୍‌କୀ ବାତ୍‌କୁ ଲଗାତାର ଭାବେ ଶୁଣିବା, ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା, ବିଭିନ୍ନ ବିକାଶମୂଳକ ଲୋକାଭିମୁଖୀ ଯୋଜନାକୁ ଘରେ ଘରେ ପହଞ୍ଚାଇ ମୋଦିଙ୍କ ହାତମୁଠାକୁ ଟାଣ କରିବା ଲାଗି ଭାଜପା ପକ୍ଷରୁ ଚାରିଛକଠାରେ ଗୁରୁବାର ଆୟୋଜିତ ତ୍ରିଦେବ ଓ ନିର୍ବାଚନମଣ୍ଡଳୀ ସଞ୍ଚାଳନ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନ ଜର୍ଦୋଶ ଯୋଗଦେଇ ଦଳୀୟ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ସୋସିଆଲ ମିଡିଆ, ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ସମେତ ସମସ୍ତ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଅଧିକ ଶକ୍ତିଶାଳୀ ହେବାକୁ ଓ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତ୍ରୀ ଜର୍ଦୋଶ ଆଲୋକପାତ କରିଥିଲେ। ଏହି ତ୍ରିଦେବ ଓ ନିର୍ବାଚନମଣ୍ଡଳୀ ସଞ୍ଚାଳନ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ତଥା ବରିଷ୍ଠ ନେତା ଦିଲୀପ ନାୟକ, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରବି ମଲ୍ଲିକ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ପବିତ୍ର ଦାସ, ବିଷ୍ଣୁ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ନିମାପଡ଼ା, କାକଟପୁର ଆଦି ୩ଟି ନିର୍ବାଚନ ମଣ୍ଡଳୀର ୧୩୮ଟି ଗ୍ରାମ ପଞ୍ଚାୟତରେ ତ୍ରିଦେବଙ୍କ ସମେତ ପ୍ରାୟ ୫୦୦ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଭାଜପାକୁ ସଶକ୍ତ ଓ ମୋଦିଙ୍କ ହାତମୁଠାକୁ ଅଧିକ ଟାଣ କରିବାକୁ ଶପଥ ନେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜର୍ଦୋଶ ନିମାପଡ଼ାଠାରେ ପହଞ୍ଚି ପ୍ରସିଦ୍ଧ ମିଠା ବ୍ୟବସାୟୀ ସ୍ୱର୍ଗତ ଆର୍ତ୍ତବନ୍ଧୁ ସାହୁଙ୍କ ଦୋକାନରେ ଓଡ଼ିଶାର ପ୍ରସିଦ୍ଧ ନିମାପଡ଼ା ଛେନାଝିଲ୍ଲୀ ଖାଇ ଖୁସି ବ୍ୟକ୍ତ କରିଥିଲେ। ସେହିପରି ମନ୍ତ୍ରୀ ଜର୍ଦୋଶ ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତର ଷଣ୍ଢପୁର ଗ୍ରାମର ମନୋରଞ୍ଜନ ନାୟକ ନାମକ ଏକ ଦଳିତ ପରିବାରରେ ପହଞ୍ଚି ମଧ୍ୟାହ୍ନଭୋଜନରେ ଓଡ଼ିଆ ଘରର ଖାଦ୍ୟ ଖାଇ ବେଶ୍ ଖୁସି ଅନୁଭବ କରିଥିଲେ। ଏହି ଅବସରରେ ନିମାପଡ଼ା ଓ ଚାରିଛକଠାରେ ଶହଶହ ଭାଜପା କର୍ମୀ ଓ ନେତୃବୃନ୍ଦ ମନ୍ତ୍ରୀ ଜର୍ଦୋଶଙ୍କୁ ସ୍ୱାଗତ କରିଥିଲେ। ଚାରିଛକଠାରେ ମନ୍ତ୍ରୀଙ୍କ ଗହଣରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ସଭା ସ୍ଥଳରେ ପହଞ୍ଚିଥିଲା।

ସେଠାରୁ ରାଷ୍ଟ୍ରମନ୍ତ୍ରୀ ଜର୍ଦୋଶ ପୁରୀ ଜିଲା କାକଟପୁର ମା' ମଙ୍ଗଳାଙ୍କ ପୀଠ ପରିଦର୍ଶନ ଅଭିମୁଖେ ଯାଇଥିଲେ। ସେଠାରେ ଭାଜପା ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ରତିକାନ୍ତ ବେହେରା, କାକଟପୁରର ଅନ୍ୟ ନେତ୍ରୀନେତା ପ୍ରମୁଖ ଫୁଲତୋଡ଼ା ଦେଇ ମନ୍ଦିର ସମ୍ମୁଖରେ ରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମା' ମଙ୍ଗଳାଙ୍କ ପୀଠରେ ମା'ଙ୍କର ଦର୍ଶନ କରାଇଥିଲେ।


ନିମାପଡାକୁ ଆସିଥିବା ମନ୍ତ୍ରୀ ଦର୍ଶନ ଜର୍ଦୋଶ ଛେନା ଝିଲ୍ଲୀ ଖାଇବାକୁ ମିଠା ଦୋକାନକୁ ଯାଇଛନ୍ତି ।

# ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ



ଜାଗର ଉପଲକ୍ଷେ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ରଙ୍ଗ ଦିଆଯାଉଛି।




ମହାଶିବରାତ୍ରୀ ଅବସରରେ ଶ୍ରଦ୍ଧାଳୁଙ୍କ ଧାଡ଼ି ଦର୍ଶନ ପାଇଁ ଲୁହାର ବ୍ୟାରିକେଡ୍ କରାଯାଇଛି।

ଭୁବନେଶ୍ୱର,୧୬।୨(ବ୍ୟୁରୋ)

**ଦିନକ ପରେ ମହାଶିବରାତ୍ରୀ। ଏଥିପାଇଁ ରାଜଧାନୀର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଲାଣି। ଶୈବ ଭକ୍ତମାନେ ମନସ୍କାମନା ପୂରଣ ନିମନ୍ତେ ରାତି ଉଜାଗର ହୋଇ ଜାଗର ଦୀପ ଜାଳିବେ। ଓଁ ନମ ଶିବାୟ ମନ୍ତ୍ର ସହ ଭଜନରେ ରାଜଧାନୀ ହେବ ଗୁଞ୍ଜରିତ। ସବୁଠି ଶିବଙ୍କ ଉପାସନା ଓ ପୂଜାର୍ଚ୍ଚନା ଚାଲିବ। ଏଥିପାଇଁ ପ୍ରମୁଖ ମନ୍ଦିର ଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।**

## ୮ହଜାର ଭକ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା

ଭାସ୍କରେଶ୍ୱର ମନ୍ଦିରରେ ଏଥର ଜାଗର ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶୁକ୍ରବାର ଇସ୍କନ ମନ୍ଦିର ପକ୍ଷରୁ ସନ୍ଧ୍ୟାରେ ଭଗବାନ କୃଷ୍ଣଙ୍କ ଉପରେ ଏକ ନାଟକ ପରିବେଷଣ କରାଯିବ। ସେହିପରି ଶିବରାତ୍ରୀ ଦିନ ସନ୍ଧ୍ୟାରେ ଭଜନ ସମାରୋହ ହେବ। ଏଥର ୮ହଜାର ଭକ୍ତଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଜାଗର ଦିନ ଭୋର ୩ଟା ୩୦ରେ ମଙ୍ଗଳ ଆଳତି, ୭ଟାରେ କର୍ପୁର ଆଳତି, ଅପରାହ୍ନ ୧ଟା ୩୦ରେ ରୁଦ୍ରାଭିଷେକ କରାଯିବ। ରାତି ୧୦.୧୦ରେ ମହାଦେବଙ୍କ ଦର୍ଶନ ଓ ୧୦ଟା ୩୦ରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ଭାସ୍କରେଶ୍ୱର କମିଟିର ସଭାପତି ସଞ୍ଜୟ ଚୌଧୁରୀ କହିଛନ୍ତି।

## ମେଘେଶ୍ୱରରେ ରାତି ୧୦.୧୦ରେ ଉଠିବ ମହାଦୀପ

ଟଙ୍କପାଣି ରୋଡ୍‌ସ୍ଥିତ ବାବା ମେଘେଶ୍ୱରଙ୍କ ଜାଗର ଉତ୍ସବ ଚଳିତ ବର୍ଷ ବେଶ୍ ଜାକଜମକରେ ପାଳନ ହେବ। ଶନିବାର ଭୋର ୩ଟା ୩୦ରେ ମଙ୍ଗଳ ଆଳତି ଓ ସାହାଣ ମେଲା, ସକାଳ ୮ଟାରେ ସୂର୍ଯ୍ୟପୂଜା, ୯ଟାରେ ପ୍ରଥମ ପ୍ରହର ପୂଜା, ୧୧ଟାରେ ଦ୍ୱିତୀୟ, ଅପରାହ୍ନ ୨ଟାରେ ତୃତୀୟ ଓ ୫ଟାରେ ଚତୁର୍ଥ ପ୍ରହର ପୂଜା କରାଯିବ। ରାତି ୧୦ଟା ୧୦ମିନିଟ୍ ରେ ମହାଦୀପ ଉଠିବା କାର୍ଯ୍ୟକ୍ରମ ରହିଛି। ରାତି ୧୦ଟା ୨୦ମିନିଟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି କମିଟିର ସଦସ୍ୟ ସଂଗ୍ରାମ କେଶରୀ ନାୟକ କହିଛନ୍ତି। ଭକ୍ତଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି।

## ବ୍ରହ୍ମେଶ୍ୱର ମନ୍ଦିରରେ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ସମାଗମ ହେବ

ଲୋକପ୍ରିୟ କଣ୍ଠଶିଳ୍ପୀ ବସନ୍ତ ପାତ୍ର, ପଙ୍କଜ ଜାଲ୍, ମାନସୀ ପାଣିଗ୍ରାହୀ, ଅନସୂୟା ନାଥ ଓ ବର୍ଣ୍ଣାଳି ହୋତାଙ୍କ ସଙ୍ଗୀତରେ ଶିବଙ୍କ ଭଜନ ସମାରୋହ ବ୍ରହ୍ମେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ପୁଷ୍ପା ଦାସ ଯୋଗଦେବେ। ରାତି ୧୦ଟାରେ ମହାଦୀପ ଉଠିବ। ଭକ୍ତମାନେ ଧାଡ଼ିରେ ରହି ଭଗବାନଙ୍କ ଦର୍ଶନ କରିବେ। ଖରା ପାଇଁ ସକାଳ ସମୟରେ ମନ୍ଦିରରେ ଭିଡ଼ ଆଶଙ୍କା ଥିବାରୁ ସେ ନେଇ ମଧ୍ୟ ପୂର୍ବ ପ୍ରସ୍ତୁତି କରାଯାଇଛି।

## କପିଳେଶ୍ୱର ମନ୍ଦିରରେ ଖେଚୁଡ଼ି, ଡାଲମା, ଏଣ୍ଡୁରିପିଠା ପ୍ରସାଦ

ଶନିବାର ରାତି ୨ଟା ୩୦ରେ ପହୁଡ଼ ଖୋଲାଯିବ। ରସଧୋକାଳ, ରସହୋମ ଆଦି ପରେ ପରେ କରାଯିବ। ମଙ୍ଗଳ ଆଳତି, ପାର୍ଶ୍ୱଦେବଦେବୀ ସ୍ନାନ ଆଦି ହେବ। ରାତି ୩ରୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ସାହାଣମେଲା ହେବ। ଏହି ସମୟରେ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରିପାରିବେ। ପୁରୁଣା ଭୁବନେଶ୍ୱରସ୍ଥିତ ଏକାମ୍ର ନିର୍ବାଚନ ମଣ୍ଡଳୀରେ ଥିବା କପିଳେଶ୍ୱର ମନ୍ଦିରରେ ଏଭଳି ବ୍ୟବସ୍ଥା କରାଯାଇଛି। ଠାକୁରଙ୍କ ପାଖେ ଖେଚୁଡ଼ି, ଡାଲମା, ଏଣ୍ଡୁରି ପିଠା ଶଙ୍ଖୁଡ଼ି ପ୍ରସାଦ ଭାବେ ଲାଗିବ। ଏହାକୁ ଭକ୍ତମାନେ ମଧ୍ୟ କିଣି ପାରିବେ। ରାତି ୯ଟା ୫୭ରୁ ୧୦ଟା ମଧ୍ୟରେ ମହାଦୀପ ଉଠିବ। ମହାଦୀପ ପରେ ୫୦୦ରୁ ୭୦୦ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। କପିଳାଚାର୍ଯ୍ୟ ପକ୍ଷରୁ ସାଂସ୍କୃତିକ ଭଜନ ସନ୍ଧ୍ୟାର ଆୟୋଜନ ରହିଛି ବୋଲି କପିଳେଶ୍ୱର କମିଟିର ସଭାପତି ଅରବିନ୍ଦ ମାଳିଆ କହିଛନ୍ତି। ଅନ୍ୟପକ୍ଷରେ ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟ କେତେକ ମନ୍ଦିରରେ ମଧ୍ୟ ପ୍ରସ୍ତୁତି ଶେଷ ହୋଇଛି।

# ୧୬ ଜଣ ପାଇବେ ଏକାମ୍ରଶ୍ରୀ ସମ୍ମାନ



କାର୍ଯ୍ୟକ୍ରମ ସମ୍ପର୍କରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଉଛନ୍ତି।

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.)

ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି ତଥା ଜାଗର ଯାତ୍ରା। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜାଗର ଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ ହେବ ୩୪ତମ ଜାତୀୟସ୍ତରୀୟ ଭଜନ ସମାରୋହ। ଖ୍ୟାତନାମା ଗାୟିକା ଅନୁରାଧା ପଡ଼ୱାଲ, ବାବୁଲ ସୁପ୍ରିୟୋ, ବେଲା ସୁଲେଖଙ୍କ ସମେତ ବହୁ ସଙ୍ଗୀତକାର ଭଜନ ପରିବେଷଣ କରିବେ। ମନ୍ମଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୩୦ରୁ ଉର୍ଦ୍ଧ୍ୱ ଗାୟକ ଭଜନ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୧୬ଜଣଙ୍କୁ ଏକାମ୍ରଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି ପ୍ରକାଶନୀ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବୃଦ୍ଧ ଭିକ୍ଷୁକଙ୍କ ଅସଦାଚରଣ

**ନିମାପଡ଼ା,୧୬।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ଜଣେ ୬୫ ବର୍ଷୀୟ ବୃଦ୍ଧ ଭିକାରି ନିମାପଡ଼ା ଥାନା ଅଞ୍ଚଳର ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଆସିଥିଲେ। ହେଲେ ସେଠାରେ ଜଣେ ୨୧ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ଏକାକୀ ପାଇ ଅସଦାଚରଣ କରିଥିବା ଯୁବତୀଙ୍କ ବାପା ନିମାପଡ଼ା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ବୃଦ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ବୃଦ୍ଧ ଭିକ୍ଷୁକ ଯୁବତୀଙ୍କ ଘରକୁ ଭିକ୍ଷା ମାଗିବାକୁ ଯାଇଥିଲେ। ଯୁବତୀଙ୍କ ବାପା ଘରେ ନ ଥିବା ସୁଯୋଗ ନେଇ ସେ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଯୁବତୀଙ୍କ ଭାଉଜ ଘରକୁ ପଶି ଆସିବାରୁ ବୃଦ୍ଧ ଜଣକ ସେଠାରୁ ଦୌଡ଼ି ପଳାଇଥିଲେ। ହେଲେ ଗ୍ରାମର କେତେକ ବ୍ୟକ୍ତି ବୃଦ୍ଧଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଗୋଡ଼ ହାତ ବାନ୍ଧି, ମୁହଁରେ କଳା ବୋଳି ଗ୍ରାମରେ ବୁଲାଇଥିଲେ। ଯୁବତୀଙ୍କ ପରିବାର ଲୋକେ ଭିକ୍ଷୁକଙ୍କୁ ପୋଲିସ ଜିମା ଦେଇଥିଲେ।

### ୫ ପଥର ଟ୍ରକ୍‌ରୁ ୭୫ ହଜାର ଜରିମାନା ଆଦାୟ

**କଣାସ,୧୬।୨(ସ୍ୱ.ପ୍ର.):** କଣାସ ତହସିଲ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଗୁରୁବାର ୫ଟି ପଥର ଟ୍ରକ୍ ଓ ଟ୍ରାକ୍ଟର ଜବତ କରିଛନ୍ତି। ଏଥିସହ ଉକ୍ତ ଟ୍ରକରୁ ୭୫ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି। ସୂଚନା ମୁତାବକ, ଦୈନନ୍ଦିନ ଖୋର୍ଦ୍ଧା ଓ କଣାସ ଅଞ୍ଚଳରୁ ଚୋରା ପଥର ଟ୍ରକ୍ ରାତି ସମୟରେ ମନ୍ଦାରବସ୍ତ ରାସ୍ତାରେ ଯାତାୟାତ କରୁଥିବା ତହସିଲଦାର ଖବର ପାଇଥିଲେ। ପ୍ରଭାତରୁ ତହସିଲଦାର ଉକ୍ତ ରାସ୍ତାର ମନ୍ଦାରବସ୍ତ ଡାକ୍ତରଖାନା ନିକଟରେ ୩ଟି ଟ୍ରକ୍ ଓ ପଥର ବୋଝେଇ ଟ୍ରାକ୍ଟର ଜବତ କରି ଫାଣ୍ଡି ଆଡକୁ ଆସୁଥିବା ସମୟରେ ଫାଣ୍ଡି ନିକଟରେ ୨ଟି ଚୋରା ପଥର ଟ୍ରକ ଜବତ କରିଥିଲେ। ଉକ୍ତ ଟ୍ରକରୁ ଜରିମାନା ଆଦାୟ କରି ଛାଡିଦେଇଥିବା ଜଣାପଡିଛି।

### ବଟି ମାଗି ଜଣେ ଗିରଫ

**ପୁରୀ ଅଫିସ,୧୬।୨ :** ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ନିକଟ ଡାଣ୍ଡିମାଳ ସାହିର ସେକ୍ ରାଜୁ (୨୫)। ଏ ନେଇ ପୋଲିସ ନଂ. ୨୧/୨୩ରେ ଏକ ମାମଲା ରୁଜୁ କରିଛି। ଜାନୁୟାରୀ ୨୧ରେ ପବିତ୍ର ବେହେରା ଥାନାକୁ ଆସି ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ଜଣଙ୍କ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବଟି ମାଗି ଆକ୍ରମଣ କରିଥିଲେ।

## ଚାଉଳିଆଗଞ୍ଜ -ନୂଆବଜାର ରାସ୍ତାରେ ହମ୍ପ ନିର୍ମାଣ ହେବ

### ଦୁର୍ଘଟଣା ରୋକିବାକୁ ସମୀକ୍ଷା ବୈଠକ

କଟକ ଅଫିସ,୧୬।୨

କଟକ-ପାରାଦୀପ ରାସ୍ତାର ଓଏମ୍‌ପି ଛକଠାରୁ ଚାଉଳିଆଗଞ୍ଜ-ନୂଆବଜାର ପର୍ଯ୍ୟନ୍ତ ଅଞ୍ଚଳରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ଟ୍ରାଫିକ ଏସିପି ସୁଶାନ୍ତ କୁମାର ସିଂହ ଏକ ସମୀକ୍ଷା ବୈଠକ କରିଛନ୍ତି। ଚାଉଳିଆଗଞ୍ଜ ପୂଜାକମିଟି ଓ କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ଏସିପି ସିଂହ ଏ ନେଇ ଆଲୋଚନା କରି ସମସ୍ତଙ୍କ ମତ ନେଇଥିଲେ। ବିଶେଷକରି ଚାଉଳିଆଗଞ୍ଜ ପେଟ୍ରୋଲ ପମ୍ପ ନିକଟରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାରେ ଦୁର୍ଘଟଣା ଘଟୁଥିବା ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକ ସେ ବୁଲି ଦେଖିଥିଲେ। ଦ୍ରୁତ ଗାଡ଼ିଚାଳନା ଦୁର୍ଘଟଣା ବୃଦ୍ଧିର ମୁଖ୍ୟ କାରଣ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଯାନବାହନର ବେଗ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ହମ୍ପ ନିର୍ମାଣ ନିମନ୍ତେ ଜାତୀୟ ରାଜପଥ ବିଭାଗର କର୍ତ୍ତୃପକ୍ଷଙ୍କ ସହିତ ଖୁବ୍‌ଶୀଘ୍ର ଆଲୋଚନା କରାଯିବ ବୋଲି ସେ କହିଥିଲେ। ତେବେ ସେ ପର୍ଯ୍ୟନ୍ତ ଏହି ରାସ୍ତାର ଦୁଇଟି ପ୍ରମୁଖ ସ୍ଥାନରେ ବ୍ୟାରିକେଡ ରଖାଯିବ ଏବଂ ହମ୍ପ ନିର୍ମାଣ ପରେ ତାହାକୁ ହଟାଇ ନିଆଯିବ ବୋଲି ଏସିପି କହିଛନ୍ତି। ଚାଉଳିଆଗଞ୍ଜ ଦୁର୍ଗାଛକରୁ ଚାଉଳିଆଗଞ୍ଜ ସାହି, ମହାନଦୀ ବିହାର, ଅପର୍ଣ୍ଣାନଗର, ନୂଆବଜାର, ଓଏମ୍‌ପି ଛକ ଆଦି ରାସ୍ତାକୁ ସଂଯୋଗୀ ରହିଛି। ସକାଳଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ଅଧିକାଂଶ ସମୟ ଭିଡ଼ ହେଉଛି। ତେଣୁ ସକାଳୁ ସନ୍ଧ୍ୟା ଯାଏ ପୋଲିସ କର୍ମଚାରୀଙ୍କୁ ପର୍ଯ୍ୟାୟ କ୍ରମେ ମୁତୟନ କରାଯିବା ପାଇଁ ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ ଦାବି କରିଛନ୍ତି। ଗୁରୁବାରଠାରୁ ଦୁର୍ଗାଛକରେ ଦୁଇଜଣ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ମୁତୟନ କରାଯିବ ବୋଲି ଏସିପି ପ୍ରତିଶ୍ରୁତି ଦେଇଛନ୍ତି। କଟକ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ନିରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଶିଶିର କୁମାର ପାତ୍ର, ପୂଜା କମିଟି ଉପ ସଭାପତି ଅକ୍ଷୟ ସାହୁ, ଭିକାରି ସାହୁ, ଅକ୍ଷୟ ମହାନ୍ତି, ଉଦୟନାଥ ବେହେରା, ବିଭୁଦତ୍ତ ସେନାପତି, ବିଭୂତି ବୈଶାକ, ଦୀନବନ୍ଧୁ ସାହୁ, ଆଶିଷ ସାହୁ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଷ ବିଶ୍ୱକପ୍ ହକି ଆୟୋଜନ ଯୁଗାନ୍ତକାରୀ ପଦକ୍ଷେପ

କଟକ ଅଫିସ, ୧୬।୨

ପୁରୁଷ ହକି ବିଶ୍ୱକପ୍-୨୦୨୩ର ସଫଳ ଆୟୋଜନ ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ବିଶ୍ୱକପ୍ ହକି ଟୁର୍ ସମୟରେ ଜିଲାରେ ସଫଳତା ସହିତ ବିଭିନ୍ନ କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ ଚୟନୀ କହିଛନ୍ତି, ପୁରୁଷ ବିଶ୍ୱକପ୍ ହକି ଆୟୋଜନ ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା ବିଶ୍ୱକପ୍ ହକିର ଭବ୍ୟ ଆୟୋଜନ କରି ବିଶ୍ୱ କ୍ରୀଡା ମାନଚିତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି। ଏଥିସହିତ ଜିଲାରେ ବିଶ୍ୱକପ୍ ହକି ଟ୍ରଫିର ପରିଭ୍ରମଣ ଜନସାଧାରଣଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା ବୋଲି ଜିଲାପାଳ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସୂଚନାଯୋଗ୍ୟ, କଟକରେ ହକି ବିଶ୍ୱକପ୍ ଟ୍ରଫି ପରିଭ୍ରମଣ ସମୟରେ ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇ ହକି ଖେଳର ଉତ୍କର୍ଷକୁ ଜନସାଧାରଣଙ୍କ ନିକଟତର କରାଯାଇଥିଲା। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ହକି କ୍ରୀଡା ପ୍ରତି ଜାଗରଣ ସୃଷ୍ଟି କରାଯାଇଥିଲା।

# ଲୋକନାଥ ପୀଠରେ ପଙ୍କୋଦ୍ଧାର ନୀତି ସମ୍ପନ୍ନ

ପୁରୀ ଅଫିସ,୧୬।୨

ପ୍ରଭୁ ଲୋକନାଥ ଦେବଙ୍କ ମନ୍ଦିରରେ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଗୁରୁବାର ପଙ୍କୋଦ୍ଧାର ନୀତି ସମ୍ପନ୍ନ ହୋଇଛି। ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାଏ। ତେଣୁ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଶ୍ରଦ୍ଧାଳୁ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି।

ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦାଶୀ ଦିନ ବାହାର କରାଯାଇଥାଏ। ଯାହାକୁ ପଙ୍କୋଦ୍ଧାର ନୀତି କୁହାଯାଏ।



ଲୋକନାଥ ପୀଠରେ ପ୍ରଭୁ ଲୋକନାଥଙ୍କ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି ।

### ନିକଟରୁ ଠାକୁରଙ୍କୁ ଦେଖି ଶ୍ରଦ୍ଧାଳୁ ଆତ୍ମବିଭୋର

ଏହି ନୀତି ଲାଗି ବୁଧବାର ମଧ୍ୟ ରାତିରୁ ମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ବଢିବା ପରେ ପଙ୍କୋଦ୍ଧାର ନୀତି ହୋଇଥିଲା। ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ପରେ ଭକ୍ତମାନେ ଧାଡିରେ ଯାଇ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ସମୟଠାରୁ ଶୀଘ୍ର ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା ଓ ଭକ୍ତମାନେ ମଧ୍ୟ ଦର୍ଶନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଆଜିର ଦିନରେ ଲୋକନାଥଙ୍କ ଲିଙ୍ଗକୁ ଦର୍ଶନ କରି ପୂଜାର୍ଚ୍ଚନା କଲେ ଯେଉଁ ପୁଣ୍ୟ ମିଳିଥାଏ, ତାହା ଲକ୍ଷେ ଶିବ ଲିଙ୍ଗ ପୂଜା କଲେ ସେଇ ଫଳପ୍ରାପ୍ତ ହୋଇଥାଏ ବୋଲି ମତବାଦ ରହିଛି। ଏହି ପଙ୍କୋଦ୍ଧାର ନୀତି କେବଳ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ।



ସତ୍ୟନଗର ଜନପଥଠାରେ ବିଏମ୍‌ସି- ଆଇସିଓଏମ୍‌ସି ଟାୱାର ଉଦ୍‌ଘାଟନ ଅବସରରେ ମେୟର, ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସମ୍ମୁଖ ପଡ଼ିଆରେ ଗୁରୁବାର ଆୟୋଜିତ କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କୃଷକମାନେ।

## ସଂକ୍ଷେପରେ

### ପାଳଗଦାରେ ନିଆଁ ଲାଗି ଜଳିଗଲା କାର୍

ନିରାକାରପୁର,୧୬।୨(ଡି.ଏନ୍.ଏ.): ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ପଞ୍ଚାୟତ କଣ୍ଡପୁରପାଟଣା ଗ୍ରାମର ଏକ ପାଳଗଦାରେ ନିଆଁ ଲାଗି ବୋଡଙ୍ଗରା ଗ୍ରାମର କୃଷ୍ଣ ସାହୁଙ୍କ କାର୍ ଜଳିଯାଇଛି। ତେବେ ଏହି କାରଟି କଣ୍ଡପୁର ଗ୍ରାମରେ ଜଣଙ୍କ ବାରିପଟ ଖଳାରେ ରହିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଜଳିଯାଇଛି। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

### ପୂର୍ବଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ,୧୬।୨(ଡି.ଏନ୍.ଏ.): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଡିଏ କଲୋନୀ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସୁଶାନ୍ତ କୁମାର ବେହେରା ଓରଫ ଖୋକନ (୪୦)। ଆକ୍ରମଣକାରୀମାନେ ତାଙ୍କ ଦୁଇ ଗୋଡ଼ ଓ ମୁଣ୍ଡକୁ ମାରଣାସ୍ତ୍ରରେ ହାଣିଥିବା ଦେଖିବାକୁ ମିଳିଛି। ଖବରପାଇ ପିସିଆର ପୋଲିସ ପହଞ୍ଚି ଖୋକନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଟୁଇନିଙ୍ଗ ଅଫ୍ ସ୍କୁଲ କାର୍ଯ୍ୟକ୍ରମ

ଟାଙ୍ଗୀ(ଖୋର୍ଦ୍ଧା),୧୬।୨(ଡି.ଏନ୍.ଏ.): ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଟୁଇନିଙ୍ଗ ଅଫ ସ୍କୁଲ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଦର୍ଶକ ବିଦ୍ୟାଳୟ ଭାବେ ସାନକୁସୁମି ସାମନ୍ତ ଗୋପିନାଥ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୬୦ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମବେତ ପ୍ରାର୍ଥନା, ଜାତୀୟ ସଙ୍ଗୀତ ଗାନ, ସ୍ମାର୍ଟ କ୍ଲାସ ରୁମ୍‌ରେ ଶିକ୍ଷା ଦାନ, ଇ ପାଠାଗାର, ବିଜ୍ଞାନଗାର ଛାତ୍ରୀଛାତ୍ରମାନେ ପରିଦର୍ଶନ କରିଥିଲେ। ବଳରାମ ଦେବ ବିଦ୍ୟାପୀଠର ଛାତ୍ରୀମାନେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସାମନ୍ତ ଗୋପିନାଥ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ବେହେରା, ଶିକ୍ଷକ ବିଶ୍ୱରଞ୍ଜନ ଦାଶ ଉପସ୍ଥିତ ରହି ସହଯୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ, ସିଆରସିସି ଅମିତ କୁମାର ଚକ୍ରବର୍ତ୍ତୀ , ପ୍ରସନ୍ନ କୁମାର ପାଇକରାୟ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବଳରାମ ଦେବ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ ଧନ୍ୟବାଦ ଦେଇଥିଲେ।

# ରାତି ୧୧ଟାରେ ଉଠିବ ମହାଦୀପ



## ଗୁରୁଜଙ୍ଗ ଧବଳେଶ୍ୱର ପୀଠ

ଖୋର୍ଦ୍ଧା ଅଫିସ,୧୬।୨

ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ଏନେଇ ଖୋର୍ଦ୍ଧାର ବିଭିନ୍ନ ଶୈବପୀଠରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ଗୁରୁଜଙ୍ଗ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। କରୋନା କଟକଣା ହଟିବା ପରେ ଚଳିତବର୍ଷ ଭକ୍ତଙ୍କ ଗହଣରେ ମହାସମାରୋହରେ ମହାଶିବରାତ୍ରି ପାଳନ ହେବ। ଏନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। ଭୋର ୩ଟାରୁ ଦ୍ୱାରଫିଟା ନୀତି ପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି କରାଯାଇ ମଙ୍ଗଳ ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହେବ। ମଧ୍ୟାହ୍ନରେ ଭୋଗଲାଗି ପରେ ସ୍ୱଳ୍ପ ସମୟ ପାଇଁ ଠାକୁର ପହୁଡ ହୋଇ ପୁଣି ଦର୍ଶନ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ ଚାଲିବ। ପରେ ମହାଦୀପ ଏବଂ ହରିହର ଭେଟ ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ରାତି ୧୧ଟାରେ ମହାଦୀପ ଉଠିବ। ଏଥି ନିମନ୍ତେ ମନ୍ଦିରର ସମସ୍ତ ସେବାୟତଙ୍କ ସହଯୋଗ କାମନା କରାଯାଇଛି। ସମସ୍ତ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାରେ ଧବଳେଶ୍ୱରଙ୍କ ପୂଜା ଏବଂ ଦର୍ଶନ କମରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ମନ୍ଦିର ବେଢ଼ା ଏବଂ ବାହାର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଜାଗର ଦୀପ ଜାଳିବା ପାଇଁ ବ୍ୟବସ୍ଥା କରାଯାଇଛି। ପୌର ପରିଷଦ ସ୍ୱଚ୍ଛତା, ପାନୀୟଜଳ ଏବଂ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବେ। ଶାନ୍ତିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ମୁତୟନ ରହିବେ। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମହାଶିବରାତ୍ରିରେ ଶ୍ରଦ୍ଧାଳୁମାନେ ଧବଳେଶ୍ୱରଙ୍କ ଦର୍ଶନ କରିବା ସହ ମହାଦୀପ ଉଠିବା ପର୍ଯ୍ୟନ୍ତ ଉପସ୍ଥିତ ରହି ସହଯୋଗ କରିବାକୁ ଟ୍ରଷ୍ଟି ପକ୍ଷରୁ ନିବେଦନ କରାଯାଇଛି।

## ଲୋକେଶ୍ୱର ପୀଠ ଉତ୍ସବମୁଖର

ବେଗୁନିଆ,୧୬।୨(ଡି.ଏନ୍.ଏ.)

ମହାଶିବରାତ୍ରି ପରିପ୍ରେକ୍ଷୀରେ ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୁଶପଲ୍ଲୀ ଗ୍ରାମସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠ ପରିସର ଉତ୍ସବମୁଖର ହୋଇଉଠିଛି। ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଅଙ୍କୁରାରୋପଣ, ମଣ୍ଡଳ କରଣ ପରେ କଳସ ସ୍ଥାପନ, ଶତ ରୁଦ୍ରାଭିଷେକ, ବିଷ୍ଣୁ ସହସ୍ରନାମ ଯଜ୍ଞ ବିଧି ମୁତାବକ ସମ୍ପନ୍ନ ହୋଇଛି। ଶୁକ୍ରବାର ସୂର୍ଯ୍ୟପୂଜା, ଗୋ ପୂଜା, ଭଗବଦ୍ ଗୀତା ଆହୁତି ପ୍ରଦାନ ଏବଂ ଶନିବାର ଶିବ ସହସ୍ରନାମ ଓ ପୂର୍ଣ୍ଣାହୁତି ପ୍ରଦାନ ପରେ ଶେଷ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସୁଧାକର ପଟ୍ଟଯୋଷୀଙ୍କ ମନ୍ତ୍ର ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଶ୍ରଦ୍ଧାଳୁଙ୍କୁ ବାନ୍ଧି ରଖିଛି। ସେହିପରି ବେଗୁନିଆ ବାଲୁଙ୍କେଶ୍ୱର ଦେବ, ଗୋଡା, ବାଘମାରି, ଶଗଡଭଙ୍ଗା, ସିକୋ, ଗଁପୁର-କଣ୍ଟାମଲିମ ଆଦି ବିଭିନ୍ନ ଗ୍ରାମର ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି।

# 'ସଂସ୍କୃତି, ପରମ୍ପରା ଆମ ପରିଚୟ'

ଖୋର୍ଦ୍ଧା ଅଫିସ,୧୬।୨

ଟାଙ୍ଗିଆପଡାସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି ଓ କଲେଜ୍ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ମିଳିତ ଆନୁକୂଲ୍ୟରେ 'ଆମ ପିଲାଙ୍କ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ.ଧୀରେନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଶିକ୍ଷାବିତ ଜ୍ୟୋତ୍ସ୍ନାରାଣୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ ପିଲାମାନଙ୍କୁ ଉପଯୁକ୍ତ ଅନୁଶାସନ ଓ ନୀତି ଶିକ୍ଷା ମାଧ୍ୟମରେ ଗଢ଼ିପାରିଲେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ମୁଖ୍ୟବକ୍ତା ବିବେକାନନ୍ଦ ବିଜ୍ଞାନ ଭବନର ସଭାପତି ଶିକ୍ଷାବିତ୍ ଅଶୋକ କୁମାର ନନ୍ଦ କହିଥିଲେ, ଭାରତୀୟ ସଂସ୍କୃତି, ପରମ୍ପରାକୁ ଠାରୁ ଆଜିର ଯୁବପିଢି ଦୂରେଇ ଯାଉଛନ୍ତି। ସନାତନ ସଂସ୍କୃତି ପରିବର୍ତ୍ତେ ପାଶ୍ଚାତ୍ୟ ସଂସ୍କୃତିକୁ ଜାବୁଡି ଧରିବାରେ ଲାଗିଛନ୍ତି। ସଂସ୍କୃତି ଓ ପରମ୍ପରା ହେଉଛି ଆମ ପରିଚୟ। ପାଇକ ଫାଉଣ୍ଡେଶନର ରାଜ୍ୟ ସଭାପତି ସତ୍ୟ ନାରାୟଣ ବିଶୋଇ, ସାମାଜିକକର୍ମୀ ରଘୁନାଥ ମଙ୍ଗରାଜ, ଯୋଗବେଦାନ୍ତ ସମିତିର ଜିଲା କୋଷାଧ୍ୟକ୍ଷ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ହେବାରୁ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡିଛି। ସେଥିପାଇଁ ସମସ୍ତଙ୍କୁ ସଜାଗ ହେବାକୁ ପଡିବ। ଅନିତା ଦାସ, ସୁରେନ୍ଦ୍ର ନାୟକ, ରଶ୍ମୀ ମିଶ୍ର ପ୍ରମୁଖ ବକ୍ତବ୍ୟରେ କହିଥିଲେ, ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ରହିଲେ ପିଲାମାନଙ୍କ ଠାରେ ସାମାଜିକ, ଆଧ୍ୟାତ୍ମିକ ଓ ଦେଶାତ୍ମବୋଧକ ଭାବନାର ବିକାଶ ହୋଇପାରିବ। ଅନୁଷ୍ଠାନର ସହ ନିର୍ଦ୍ଦେଶିକା ସ୍ମୃତିଶ୍ରଦ୍ଧା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଦାସ ପାଣିଗ୍ରାହୀ, ଡି.ନାଗେଶ୍ୱର ପାତ୍ର, ଧନେଶ୍ୱର ଦାସ, ଭୋଳାନାଥ ନାୟକ, ସତ୍ୟସୁନ୍ଦର ରଣା, ନମିତା ସାହୁ, ପ୍ରଣତି ଚମ୍ପତି, ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'କଠିନ ପରିଶ୍ରମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ'




ନାଇଡୁ ମହାବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ନାଇଡୁ କଲେଜର ୧୫ତମ ବାର୍ଷିକ ଉତ୍ସବ

ଖୋର୍ଦ୍ଧା ଅଫିସ,୧୬।୨

ଖୋର୍ଦ୍ଧା ଉପକଣ୍ଠ ନାଇଡୁ ମହାବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ କ୍ୟାମ୍ପସ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ଏକ ଶୃଙ୍ଖଳିତ, ସମୃଦ୍ଧ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ରହିଛି। ଭଲ ପ୍ରଦର୍ଶନ ରହିଲେ ନିଜର ତଥା କଲେଜର ମଧ୍ୟ ଗୌରବ ବୃଦ୍ଧି ପାଇବ। ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୃଙ୍ଖଳିତ ଜୀବନଶୈଳୀ ସଫଳତାର ମାପକାଠି ବୋଲି କହିଥିଲେ। ମୁଖ୍ୟବକ୍ତା ଯୁବନେତା ଅଭିଳାଷ ପଣ୍ଡା ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ରାଷ୍ଟ୍ରୀୟ ଶିକ୍ଷାନୀତି ଆଗକୁ ବୈପ୍ଳବିକ ପରିବର୍ତ୍ତନ ଆଣିବ। କଠିନ ପରିଶ୍ରମ ଓ ଅଧ୍ୟବସାୟ, ଏକାଗ୍ରତା ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିଥିଲେ। ସମ୍ମାନିତ ବକ୍ତା ଡା.ଶୁଭ କୁମାର ଦାସ କହିଥିଲେ ସ୍ୱପ୍ନ ଦେଖ, ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କର। ନାଇଡୁ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ଏ.କେ ନାଇଡୁ, ସିନେ ତାରକା ଶୈଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜେଇଇ ମେନରେ ୯୬% ରଖିଥିବା ଗୋପାଳ ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଛାତ୍ରଭାବେ ଏନ୍. ଆୟୁଷ ସେନାପତି ଓ ଶ୍ରେଷ୍ଠ ଛାତ୍ରୀ ଭାବେ ପଦ୍ମିନୀ ଛୋଟରାୟଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ ଶିବିର

କୃଷ୍ଣପ୍ରସାଦ,୧୬।୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପଞ୍ଚାୟତର ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳଠାରେ ଆଶ୍ରୟସ୍ଥଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଗୁରୁବାର ଆରମ୍ଭ ହୋଇଛି। ଶିବିରରେ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳ ପରିଚାଳନା, ସନ୍ଧାନ ଓ ଉଦ୍ଧାରକାରୀ ଏବଂ ପ୍ରାଥମିକ ଆଶୁ ଚିକିତ୍ସା ଦଳର ୭୫ ଜଣ ସଦସ୍ୟାସଦସ୍ୟଙ୍କୁ ସେମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯିବ। ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ବାତ୍ୟା ଆଶ୍ରୟସ୍ଥଳ ସମ୍ପାଦକ ଅକ୍ଷୟ ସାମନ୍ତସିଂହାର, ପରିଚାଳନା କମିଟି ସଦସ୍ୟ ମନମୋହନ ଜେନା, ପ୍ରଦୀପ ଜେନା, ବିଷ୍ଣୁ ଚରଣ ବେହେରା, ଶରତ ନାୟକ, ଗଦାଧର ତରେଇ,ସିତାରାଣୀ ଜେନା, କନକଲତା ପ୍ରଧାନ, ରାଧାମଣୀ ଜେନା ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ ସେଠୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା। ଆନୁଷଙ୍ଗିକ ଯନ୍ତ୍ରାଂଶର ସୁପରିଚାଳନା, ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟକୁ ମୁକାବିଲା ପାଇଁ ଜ୍ଞାନକୌଶଳ, ଆହତଙ୍କୁ ଆଶୁ ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯିବ। ପ୍ରବୀର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଜଗନ୍ନାଥ ସାହୁ, ଅଶୋକ ରାଉଳ, ଏନ୍.ସମୀର କୁମାର ପ୍ରମୁଖ ପ୍ରଶିକ୍ଷକଭାବେ ତାଲିମ ପ୍ରଦାନ କରୁଛନ୍ତି।

# ସେମିରେ ବାଲିଆପଡ଼ା, ଗଙ୍ଗପଡ଼ା




ଅତିଥିଙ୍କ ଠାରୁ ଦୁଇ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଅଫିସ,୧୬।୨

ଖୋର୍ଦ୍ଧା ଗୁରୁଜଙ୍ଗ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଦେଉଳଟାଙ୍ଗୀ ଓ ବାଲିଆପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୫୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୋପିନାଥ ମାଝୀ ୩୧ ବଲରେ ୬୨ରନ ଓ ଗଙ୍ଗାଧର ୨୩ ବଲରେ ୩୫ରନ କରିଥିଲେ। ବିପକ୍ଷ ଦଳର ଅନିଲ ସାହୁ ୩ଟି ଓ ସିପୁନ ପଟ୍ଟନାୟକ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ବାଲିଆପଡ଼ା ୧୨ ଓଭରରେ ୪ ଉଇକେଟ ବିନିମୟରେ ୧୬୧ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଏବି ଦୀପକ ୨୯ ବଲରେ ୪୧ରନ ଓ ଅନିଲ ସାହୁ ୧୧ ବଲରେ ୨୩ରନ୍ କରିଥିଲେ। ବିପକ୍ଷ ଦଳର ହେମନ୍ତ ରାଉତ ୨ଟି ଉଇକେଟ ନେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମୁକୁନ୍ଦପ୍ରସାଦ ଓ ଗଙ୍ଗପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ମୁକୁନ୍ଦପ୍ରସାଦ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୫ ଉଇକେଟ ବିନିମୟରେ ୨୦୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ଜେନା ୩୭ ବଲରେ ୬୮ ଓ ଅନିଲ ମହାପାତ୍ର ୨୦ ବଲରେ ୬୭ରନ କରିଥିଲେ। ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ଦାସ ୩ଟି ଉଇକେଟ ନେଇଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୮୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମହମ୍ମଦ ଏରସାଦ ୪୩ ବଲରେ ୧୦୩ରନ କରିଥିଲେ। ଗଙ୍ଗପଡ଼ା ଟିମର ଅନିଲ ମହାପାତ୍ର ୩ଟି ଓ ରଶ୍ମିରଞ୍ଜନ ଜେନା ୪ଟି ଉଇକେଟ୍ ନେଇଥିଲେ। ଗଙ୍ଗପଡ଼ା ଟିମ୍ ମୁକୁନ୍ଦପ୍ରସାଦକୁ ହରାଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ଅତିଥିଭାବେ ବରିଷ୍ଠ ଖବରଦାତା ବଳରାମ ଲେଙ୍କା ଯୋଗଦେଇ ବାଲିଆପଡ଼ା ଦଳର ଅନିଲ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଦାସ ଅତିଥିଭାବେ ଯୋଗଦେଇ ଗଙ୍ଗପଡ଼ା ଟିମର ଅନିଲ ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସାନୁଜ ବିଶ୍ୱାଳ, ସୁଜିତ୍ ପରିଡ଼ା ଓ ଅସିତ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

# ଟାଙ୍ଗୀ ବିଜେଡିରେ ଅନ୍ତଃକନ୍ଦଳ ଚର୍ଚ୍ଚା



ଟାଙ୍ଗୀ (ଖୋର୍ଦ୍ଧା),୧୬।୨(ଡି.ଏନ୍.ଏ.)

ଧାନକିଣା ନୀତିଓ ଚାଉଳ କାଟ୍‌ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜୁ ଜନତା ଦଳ(ବିଜେଡି) ରାଜରାସ୍ତାକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ବ୍ଲକ ବିଜେଡିର ଦୁଇ ଗୋଷ୍ଠୀ ପୃଥକ୍‌ଭାବେ ବିକ୍ଷୋଭ, ପ୍ରତିବାଦ ସଭା କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଅନ୍ୟ ଏକ ଗୋଷ୍ଠୀର ନେତୃତ୍ୱ ନେଇଥିବା ଦେଖିବାକୁ ମିଳିଥିଲା। ଫଳରେ ବିଜେଡିର ଅନ୍ତଃକନ୍ଦଳ ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଛି।

ପୂର୍ବାହ୍ନ ୧୦ଟାରେ ବିଧାୟକ ମିତ୍ରଙ୍କ ନେତୃତ୍ୱରେ ଜିଲା ମହିଳା ସଭାପତି ଗୀତାଞ୍ଜଳି ପାଟ୍ଟଶାଣୀ, ଜିଲା ପରିଷଦ ସଭ୍ୟ ବିଜୟ ଜେନା, ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ଉପସଭାପତି ବିଜୟ ମହାପାତ୍ର, ମଙ୍ଗଳାଯୋଡି ସମିତିସଭ୍ୟା କସ୍ତୁରୀ ପାଣିଗ୍ରାହୀ, ସୁରେନ୍ଦ୍ର ମହାପାତ୍ର, ଟାଙ୍ଗୀ ସମବାୟ ସମିତି ସଭାପତି ମହେନ୍ଦ୍ର ସାହୁ, ବ୍ଲକ ସଭାପତି ବୀର କିଶୋର ସାହୁ, ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ପରେ ମଧ୍ୟାହ୍ନ ୧୨ଟାରେ ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହ, ଅନସୂୟା ବେହେରା, ବିଜୟ ପାଲଟାସିଂହ, ୧୧ ପଞ୍ଚାୟତ( କୁଞ୍ଜରୀ, ପାରିଓରଡ, ରାମେଶ୍ୱର, ମଙ୍ଗଳାଯୋଡି, ସୁନ୍ଦରପୁର, ବାଲିପାଟପୁର, ସାନ ରାଉତପଡା, ଡିଆ, ଲେଣ୍ଡୋ, ଅଚ୍ୟୁତପୁର, ଟାଙ୍ଗୋଳ)ର ସରପଞ୍ଚ ଏବଂ ୧୦ ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ସମେତ ଶତାଧିକ ମହିଳା କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉଭୟ ଗୋଷ୍ଠୀ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ମାରକ ପତ୍ର ପ୍ରଦାନ କରିଥିଲେ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇ ନ ଥିବା ଦେଖିବାକୁ ମିଳିଥିଲା।

# କେନ୍ଦ୍ର ବିରୋଧରେ ଗର୍ଜିଲା ବିଜେଡି

ଖୋର୍ଦ୍ଧା ଅଫିସ/ ବେଗୁନିଆ/ବୋଲଗଡ଼/ ଜଟଣୀ/ କୃଷ୍ଣପ୍ରସାଦ,୧୬।୨(ଡି.ଏନ୍.ଏ.)

ଧାନକିଣା ନୀତି ଓ ଚାଉଳ କାଟ୍ ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜୁ ଜନତା ଦଳ(ବିଜେଡି) ରାଜରାସ୍ତାକୁ ଓହ୍ଲାଇଛି। ଧାନ କିଣା ହ୍ରାସ ନେଇ ଗୁରୁବାର ବିଜେଡି ଖୋର୍ଦ୍ଧା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ବଜେଟରେ କ୍ରୟ ପାଣ୍ଠିରୁ ୨୦ହଜାର କୋଟି ଟଙ୍କା ହ୍ରାସ ଏବଂ ଓଡିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ କମାଇବା ଫଳରେ ଓଡ଼ିଶାର ଲକ୍ଷାଧିକ ଚାଷୀ ଧାନ ବିକ୍ରି ସମୟରେ ପ୍ରଭାବିତ ହେବେ। ପୂର୍ବରୁ ଓଡ଼ିଶା ୧୮ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଉଥିବା ବେଳେ ଏବେ ୪ଲକ୍ଷ ମେଟ୍ରିକ ଟନକୁ ହ୍ରାସ ପାଇଛି। ସେହିପରି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା(ପିଏମଜିକେଏୱାଇ)କୁ ବନ୍ଦ କରିଛି। ଫଳରେ ହିତାଧିକାରୀଙ୍କୁ ମାସିକ ୫କେଜି ଚାଉଳ ମିଳିବ ନାହିଁ। ଧାନକ୍ରୟରେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟରୁ ଯେତିକି ଧାନ ଉଠାଇବା କଥା କେନ୍ଦ୍ର ଉଠାଉନାହିଁ ବୋଲି ବିଜେଡି ନେତା ଅଭିଯୋଗ ଆଣିଛନ୍ତି। ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳୱନ୍ତରାୟଙ୍କ ନେତୃତ୍ୱରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ମହିଳା ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଜିଲା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଷାଣୀ, ଛାତ୍ରନେତା ବିଶ୍ୱଦୀପ ପ୍ରଧାନ, ଯୁବନେତା ରାଜେଶ ପରିଡା, ନଗର ସଭାପତି ମହମ୍ମଦ ଆରିଫ, ମୋ ପରିବାର ସଂଯୋଜକ ଦିଲୀପ ହୋତା, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଲାଇ, ବିଜୟ ଜେନାଙ୍କ ସମେତ ଜିଲା ପଦାଧିକାରୀ ଏବଂ ଶତାଧିକ କର୍ମୀ ଯୋଗଦେଇଥିଲେ।



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସହ ଧାରଣା ଦିଆଯାଇଥିଲା। ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଜେଡିର ନିର୍ବାଚିତ ପ୍ରତିନିଧି, ସାଙ୍ଗଠନିକ କର୍ମକର୍ତ୍ତା ଓ ମହିଳାପୁରୁଷ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବୋଲଗଡ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଜଟଣୀ ପୌର ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜଟଣୀ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଟଣୀ ନଗରପାଳ ଅନନ୍ତ ବେହେରା, ନମିତା ପାଳ, ରାଜକିଶୋର ସ୍ୱାଇଁ, ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର, ଅନନ୍ତ ଶତପଥୀ, ସନ୍ତୋଷ ହୋତା, ପ୍ରଶାନ୍ତ ବେହେରା, ଶିବପ୍ରସାଦ ମହାପାତ୍ର, ମନମୋହନ ରାଉତରାୟ, ବୀର ସେଠୀ, ସ୍ମିତା ରାୟ, ଏନ୍. ସୀତା, ମନୋଜ ସ୍ୱାଇଁ, ହେମନ୍ତ ମହାପାତ୍ରଙ୍କ ସହିତ ବହୁ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ନୂଆପଡ଼ାଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ବଡ଼ଖାଡ଼ ସରପଞ୍ଚ ସୁମିତ୍ରା ପାହାଣ, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ ପ୍ରମୁଖ କେନ୍ଦ୍ର ସରକାରଙ୍କ ଚାଷୀ ଓ ଗରିବ ମାରଣନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ମନୋଜ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୨।୨୦୨୩

| | |
|---|---|
| ୩,୯୭,୭୧୦ ଟଙ୍କା | |
| ସୁନା | ୬.୨୫୦ ଗ୍ରାମ |
| ରୁପା | ୯୪.୪୨୦ ଗ୍ରାମ |

# ସବୁ ବିଭାଗର ସମନ୍ୱୟ ରହିଲେ ଦୁର୍ଘଟଣା କମିବ

**ପୁରୀ ଅଫିସ,୧୬।୨**

ସଡ଼କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ। ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କଲେ ଏହାର ସୁଫଳ ମିଳିବା ସହ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି ସଡ଼କ ସୁରକ୍ଷାର ସୁପ୍ରିମକୋର୍ଟ ମନିଟରିଂ କମିଟିର ସେକ୍ରେଟାରୀ ସଞ୍ଜୟ ମିତ୍ତଲ ମତବ୍ୟକ୍ତ କରିଛନ୍ତି। ଗୁରୁବାର ସର୍କିଟ ହାଉସରେ ପରିବହନ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ମିତ୍ତଲ ପ୍ରତି ରାଜ୍ୟର ସଡ଼କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାକୁ ଅନୁପାଳନ କରାଗଲେ ନିଶ୍ଚିତ ଦୁର୍ଘଟଣା ହ୍ରାସ ପାଇବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ପାଇଁ ସେ ବିଶେଷ ଭାବେ ପରାମର୍ଶ ଦେଇଥିଲେ। ଏସ୍‌ପି କନଓର ବିଶାଲ ସିଂ ଯୋଗଦେଇ କହିଥିଲେ, ସଡ଼କ ସୁରକ୍ଷା ପାଇଁ ନିୟମିତ ଧରପଗଡ଼ ଜାରି ରହିବା ସହ ଲୋକଙ୍କୁ ସଚେତନ କରାଯାଉଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ରାସ୍ତା ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ରୋକାଯାଇ ନ ପାରିଲେ ମଧ୍ୟ ଏହାର ମାତ୍ରା ହ୍ରାସ କରିବା ଜରୁରୀ। ପ୍ରତ୍ୟେକ ସ୍ତରରେ ଏହାକୁ ପ୍ରତିହତ ପାଇଁ ପଦକ୍ଷେପ ନେବାକୁ ମତ ଦେଇଥିଲେ। ପରିବହନ ବିଭାଗର ଯୁଗ୍ମ ସଚିବ ବିଷଦ ତଥ୍ୟ ପ୍ରଦାନ କରି ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ, ବ୍ୟାପକ ସଚେତନତା ସୃଷ୍ଟି, ଦୁର୍ଘଟଣା ପରେ ଆହତଙ୍କୁ ଚିକିତ୍ସା ଦେବା ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ସଡ଼କ ସୁରକ୍ଷା ପାଇଁ ଓଡ଼ିଶା ପରିବହନ ବିଭାଗ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର କରି ରାଷ୍ଟ୍ରୀୟ ସ୍ତରରେ ପ୍ରଶଂସିତ ହୋଇଛି ବୋଲି ସେ କହିଥିଲେ। ପ୍ରାରମ୍ଭରେ

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

- ୪୩ ଦୁର୍ଘଟଣାସ୍ଥାନ ଚିହ୍ନଟ କରି ହମ୍ପ କରାଯାଇଛି
- ୨୦୨୩ ଜାନୁୟାରୀରେ ୧୮ ଦୁର୍ଘଟଣା, ୧୩ଜଣଙ୍କ ମୃତ୍ୟୁ

ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଜିଲା ପରିବହନ କାର୍ଯ୍ୟାଳୟର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

ଏନ୍‌ଏଚ୍‌୩୧୬ରେ ୪୩ଟି ଦୁର୍ଘଟଣାସ୍ଥଳ ଚିହ୍ନଟ କରାଯାଇ ହମ୍ପ, ସାଇନେଜ କରାଯାଇଛି। ୧୦ ସ୍ଥାନରେ ବେଗ ନିୟନ୍ତ୍ରଣ ସାଇନେଜ ସ୍ଥାପନ ହୋଇଛି। ସତ୍ୟବାଦୀ, ସାତସଙ୍ଖ, ପଟନାୟକିଆ, ମାଳତିପାଟପୁର ଓ ହରେକୃଷ୍ଣପୁର ଛକରେ ଆଲୋକ ବ୍ୟବସ୍ଥା କରାଯାଇଛି। ଜିଲାରେ ୨୦୨୧ରେ ୧୯୭ଟି ଦୁର୍ଘଟଣା ଘଟିଥିବା ବେଳେ ୧୨୨ଜଣଙ୍କ ର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ରେ ୧୯୭ ଦୁର୍ଘଟଣା ହୋଇ ୧୪୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୩ ଜାନୁୟାରୀରେ ୧୮ଟି ଦୁର୍ଘଟଣା ହୋଇଥିବାବେଳେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨ରେ ୩୪୧୩ଟି ବିନା ହେଲମେଟ ଯାଞ୍ଚ କରାଯାଇ ୨୩୮ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ବେଳେ ଦ୍ରୁତ ଗତି କ୍ଷେତ୍ରରେ ୯୪୭ ଲାଇସେନ୍ସ ରଦ୍ଦ କରାଯାଇଛି। ସିଟବେଲ୍ଟ ଉଲ୍ଲଂଘନ କ୍ଷେତ୍ରରେ ୧୧ଜଣ, ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୫, ମଦ ପିଇ ଗାଡି ଚଳାଇବା କ୍ଷେତ୍ରରେ ୯୯ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ପରିବହନ ବିଭାଗ ସୂଚନା ଦେଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ତହସିଲଦାର କ୍ଷୀରୋଦ ବେହେରା, ଯନ୍ତ୍ରୀ ଅଜିତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଲୋକନାଥ ପୀଠରେ ପଙ୍କୋଦ୍ଧାର ନୀତି ସମ୍ପନ୍ନ



ଲୋକନାଥ ପୀଠରେ ପ୍ରଭୁ ଲୋକନାଥଙ୍କ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି ।

**ପୁରୀ ଅଫିସ,୧୬।୨**

**ନିକଟରୁ ଠାକୁରଙ୍କୁ ଦେଖି ଶ୍ରଦ୍ଧାଳୁ ଆତ୍ମବିଭୋର**

ପ୍ରଭୁ ଲୋକନାଥ ଦେବଙ୍କ ମନ୍ଦିରରେ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଗୁରୁବାର ପଙ୍କୋଦ୍ଧାର ନୀତି ସମ୍ପନ୍ନ ହୋଇଛି। ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାଏ। ତେଣୁ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଶ୍ରଦ୍ଧାଳୁ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି।

ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦାଶୀ ଦିନ ବାହାର କରାଯାଇଥାଏ। ଯାହାକୁ ପଙ୍କୋଦ୍ଧାର ନୀତି କୁହାଯାଏ। ଏହି ନୀତି ଲାଗି ବୁଧବାର ମଧ୍ୟ ରାତିରୁ ମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ବଢିବା ପରେ ପଙ୍କୋଦ୍ଧାର ନୀତି ହୋଇଥିଲା। ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ପରେ ଭକ୍ତମାନେ ଧାଡିରେ ଯାଇ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ସମୟଠାରୁ ଶୀଘ୍ର ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା ଓ ଭକ୍ତମାନେ ମଧ୍ୟ ଦର୍ଶନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଆଜିର ଦିନରେ ଲୋକନାଥଙ୍କ ଲିଙ୍ଗକୁ ଦର୍ଶନ କରି ପୂଜାର୍ଚ୍ଚନା କଲେ ଯେଉଁ ପୁଣ୍ୟ ମିଳିଥାଏ, ତାହା ଲକ୍ଷେ ଶିବ ଲିଙ୍ଗ ପୂଜା କଲେ ସେଇ ଫଳପ୍ରାପ୍ତ ହୋଇଥାଏ ବୋଲି ମତବାଦ ରହିଛି। ଏହି ପଙ୍କୋଦ୍ଧାର ନୀତି କେବଳ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବୃଦ୍ଧ ଭିକ୍ଷୁକଙ୍କ ଅସଦାଚରଣ

**ବୃଦ୍ଧଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ**

ନିମାପଡ଼ା,୧୬।୨(ଡି.ଏନ୍.ଏ.)- ଗଞ୍ଜାମ ଜିଲାର ଜଣେ ୬୫ ବର୍ଷୀୟ ବୃଦ୍ଧ ଭିକାରି ନିମାପଡ଼ା ଥାନା ଅଞ୍ଚଳର ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଆସିଥିଲେ। ହେଲେ ସେଠାରେ ଜଣେ ୨୧ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ଏକାକୀ ପାଇ ଅସଦାଚରଣ କରିଥିବା ଯୁବତୀଙ୍କ ବାପା ନିମାପଡ଼ା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ବୃଦ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ବୃଦ୍ଧ ଭିକ୍ଷୁକ ଯୁବତୀଙ୍କ ଘରକୁ ଭିକ୍ଷା ମାଗିବାକୁ ଯାଇଥିଲେ। ଯୁବତୀଙ୍କ ବାପା ଘରେ ନ ଥିବା ସୁଯୋଗ ନେଇ ସେ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲା। ସେହି ସମୟରେ ଯୁବତୀଙ୍କ ଭାଉଜ ଘରକୁ ପଶି ଆସିବାରୁ ବୃଦ୍ଧ ଜଣକ ସେଠାରୁ ଦୌଡ଼ି ପଳାଇଥିଲେ। ହେଲେ ଗ୍ରାମର କେତେକ ବ୍ୟକ୍ତି ବୃଦ୍ଧଙ୍କୁ କାବୁ କରି ନିଷ୍ଠୁର ମାଡ଼ ମାରିବା ସହ ତାଙ୍କ ଗୋଡ଼ ହାତ ବାନ୍ଧି, ମୁହଁରେ କଳା ବୋଳି ଗ୍ରାମରେ ବୁଲାଇଥିଲେ। ପରେ ଯୁବତୀଙ୍କ ପରିବାର ଲୋକେ ଭିକ୍ଷୁକଙ୍କୁ ପୋଲିସ ଜିମା ଦେଇଥିଲେ।

### ବଟି ମାଗି ଜଣେ ଗିରଫ

ପୁରୀ ଅଫିସ,୧୬।୨ -ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ନିକଟ ଡାଲିମାଳ ସାହିର ସେକ୍ ରାଜୁ (୨୫)। ଏ ନେଇ ପୋଲିସ ନଂ. ୨୧/୨୩ରେ ଏକ ମାମଲା ରୁଜୁ କରିଛି। ଜାନୁୟାରୀ ୨୧ରେ ପବିତ୍ର ବେହେରା ଥାନାକୁ ଆସି ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ଜଣଙ୍କ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବଟି ମାଗି ଆକ୍ରମଣ କରିଥିଲେ। ତେବେ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।





ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ଦଣ୍ଡତୋଟାସ୍ଥିତ ଉତ୍କଳ ବଚ୍‌ପନ୍ ସ୍କୁଲର ୧୬ତମ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।

## ଉତ୍କଳ ବଚ୍‌ପନ୍ ସ୍କୁଲର ୧୬ତମ ବାର୍ଷିକୋତ୍ସବ

**ପୁରୀ ଅଫିସ,୧୬।୨**

ଦଣ୍ଡତୋଟାସ୍ଥିତ ଉତ୍କଳ ବଚପନ୍ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତାପ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଉତ୍କଳମଣି ଗୋପବନ୍ଧୁ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର, ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର ଏବଂ ଉତ୍କଳ ବଚପନ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୁନି କୁନି ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଅଭିଭାବକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନା ରାୟ, ରାଜକୁମାରୀ କୁଣ୍ଡୁ, କବିତା ଦାସ, ମନସ୍ୱିନୀ ନନ୍ଦ, ସୁପ୍ରଭା ମହାନ୍ତି, ମାନସୀ ସ୍ୱାଇଁ ଏବଂ ସୁଜାତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପାନୀୟ ଜଳରୁ କେହି ବଞ୍ଚିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

**ନିମାପଡ଼ା,୧୬।୨(ଡି.ଏନ୍.ଏ.)**

ଗ୍ରୀଷ୍ମଋତୁରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଯଦିପାନୀୟ ଜଳ ପାଇଁ କେହି ବ୍ୟକ୍ତି ହଟହଟା ହୁଅନ୍ତି, ତେବେ ପ୍ରଶାସନିକ ଅଧିକାରୀ, ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ଦିଗରେ ପ୍ରଶାସନିକ ଅଧିକାରୀ ଯତ୍ନବାନ୍ ହୋଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ନିମାପଡ଼ା ବ୍ଲକ ସଭାଗୃହରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଏହା କହିଛନ୍ତି। ଗ୍ରୀଷ୍ମଋତୁ ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତ ଓ ଗାଁ ଗଣ୍ଡାରେ ଅଚଳ ନଳକୂପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା, ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ, ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଅବଧି ସମୟ ପୂର୍ବରୁ ଶେଷ କରାଯାଇ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀରେ ଯେପରି ପାନୀୟ ଜଳ ସଙ୍କଟ ଦେଖା ନ ଦିଏ ଏନେଇ ବିଡିଓ, ସରପଞ୍ଚ, ପଞ୍ଚାୟତ ଜନ ପ୍ରତିନିଧି, ପିଇଓ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀମାନେ ଦୃଷ୍ଟି ଦେବାକୁ ମନ୍ତ୍ରୀ ଦାଶ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକ ସଭାଗୃହରେ ଆୟୋଜିତ ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ଅତିଥି ଭାବେ ମନ୍ତ୍ରୀ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ବସନ୍ତ ମଲ୍ଲିକ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ସମ୍ପାଦକଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ପାନୀୟ ଦଳ ଯୋଗାଣ ବଜାରର ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକ୍, ସହକାରୀ ଯନ୍ତ୍ରୀ ପ୍ରବୀର ବଳ, ପିଙ୍କି ମହାନ୍ତି, ଗୋପାଳବଲ୍ଲଭ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।





ସମୀକ୍ଷା ବୈଠକରେ ମଞ୍ଚାସୀନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ ।

## ଐତିହ୍ୟ କରିଡର ପୂର୍ବରୁ ବଡ଼ଦାଣ୍ଡରେ ଆମିଷମୁକ୍ତ ଦାବି

**ପୁରୀ ଅଫିସ,୧୬।୨**

ଐତିହ୍ୟ କରିଡର ପୂର୍ବରୁ ଆମିଷମୁକ୍ତ ବଡ଼ଦାଣ୍ଡ ଓ ପୁରୀ ବଡ଼ଦାଣ୍ଡରେ ୨୦ଟି ପରିସ୍ରାଗାର ନିର୍ମାଣ ପାଇଁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦିଆଯାଇଥିବା ଦାବିର ତୁରନ୍ତ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ପୁରୀ ଜିଲାପାଳଙ୍କୁ ଚିଠି ଆସିଛି। ସେହିପରି ସଂଗଠନ ପକ୍ଷରୁ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି ପାଇଁ ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କ ରେ ସମୀକ୍ଷା କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ପତ୍ର ପଠାଯାଇଛି। ସଂଗଠନକୁ ଏହି ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ସଭାପତି ବଦ୍ରି ମିଶ୍ର ଜଣାଇଛନ୍ତି।

## ୫ ପଥର ଟ୍ରକ୍‌ରୁ ୭୫ ହଜାର ଜରିମାନା ଆଦାୟ

**କଣାସ,୧୬।୨(ସ୍ୱ.ପ୍ର.)**

କଣାସ ତହସିଲ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଗୁରୁବାର ୫ଟି ପଥର ଟ୍ରକ୍ ଓ ଟ୍ରାକ୍ଟର ଜବତ କରିଛନ୍ତି। ଏଥିସହ ଉକ୍ତ ଟ୍ରକରୁ ୭୫ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି। ସୂଚନା ମୁତାବକ, ଦୈନନ୍ଦିନ ଖୋର୍ଦ୍ଧା ଓ କଣାସ ଅଞ୍ଚଳରୁ ଚୋରା ପଥର ଟ୍ରକ୍ ରାତି ସମୟରେ ମନ୍ଦାରବସ୍ତ ରାସ୍ତାରେ ଯାତାୟାତ କରୁଥିବା ତହସିଲଦାର ଖବର ପାଇଥିଲେ। ପ୍ରଭାତରୁ ତହସିଲଦାର ଉକ୍ତ ରାସ୍ତାର ମନ୍ଦାରବସ୍ତ ଡାକ୍ତରଖାନା ନିକଟରେ ୩ଟି ଟ୍ରକ୍ ଓ ପଥର ବୋଝେଇ ଟ୍ରାକ୍ଟର ଜବତ କରି ଫାଣ୍ଡି ଆଡକୁ ଆସୁଥିବା ସମୟରେ ଫାଣ୍ଡି ନିକଟରେ ୨ଟି ଚୋରା ପଥର ଟ୍ରକ ଜବତ କରିଥିଲେ। ଉକ୍ତ ଟ୍ରକରୁ ଜରିମାନା ଆଦାୟ କରି ଛାଡିଦେଇଥିବା ଜଣାପଡିଛି।

## ଆଜିର ଶିଶୁ କାଲି ଦେଶର ଭବିଷ୍ୟତ

**ଡେଲାଙ୍ଗ,୧୬।୨(ଡି.ଏନ୍.ଏ)**

**ସୋମନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତସ୍ଥିତ ସୋମନାଥ ବିଦ୍ୟାପୀଠ ପରିସରରେ ଗୁରୁବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ରୀନାରାଣୀ ରାଉତରାୟ, ପ୍ରଦୀପ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ଜୟକୃଷ୍ଣ ମେମୋରିଆଲର ସମ୍ପାଦକ ବିକ୍ରମ କେଶରୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଉରୀ ବନ୍ଧୁ ପ୍ରଧାନ, ମୋ ସ୍କୁଲ କମିଟି ସଭାପତି ପ୍ରବୋଧ ମଙ୍ଗରାଜ, ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ସେନାପତି, ସାମାଜିକ କର୍ମୀ ମହାଦେବ ରାଉତରାୟ, ପୁରାତନ ଛାତ୍ର ସାଂସଦ ସଭାପତି ଦିନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମାନସୀ ସାହୁ ମଞ୍ଚ ପରିଚାଳନ କରିଥିଲେ। ଅଭିଭାବକମାନେ ପିଲାଙ୍କ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଆଜିର ଛାତ୍ରୀଛାତ୍ର କାଲି ଦେଶର ଭବିଷ୍ୟତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଡେଲାଙ୍ଗସ୍ଥିତ ସୋମନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।

# କେନ୍ଦ୍ରର ଚାଷୀମାରଣ ନୀତି ବିରୋଧରେ ଗର୍ଜିଲା ବିଜେଡି

**ପୁରୀ ଅଫିସ/ବ୍ରହ୍ମଗିରି/ସାକ୍ଷୀଗୋପାଳ/ ଅସ୍ତରଙ୍ଗ/ନିମାପଡ଼ା/ପିପିଲି/କଣାସ / ଡେଲାଙ୍ଗ(ସ୍ୱ.ପ୍ର./ଡି.ଏନ୍.ଏ.), ୧୬।୨**

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତି ଓ ଓଡ଼ିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ ହ୍ରାସ ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ ଯୋଗୁ ୫ କିଲୋ ଚାଉଳ କାଟ ପ୍ରସଙ୍ଗକୁ ନେଇ ପୁରୀ ସମେତ ଜିଲାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବ୍ରହ୍ମଗିରି ବ୍ଲକର ୨୫ ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ୨୧ ପଞ୍ଚାୟତ ଓ ପୁରୀସଦର ବ୍ଲକର ୧୧ ପଞ୍ଚାୟତର ବିଜେଡି ପକ୍ଷରୁ ସମସ୍ତ ବ୍ଲକ ସମ୍ମୁଖରେ ଧାରଣା ସହିତ ପ୍ରତିବାଦ କରାଯାଇଛି। ପୁରୀରେ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଟାଉନ ହଲଠାରେ ପ୍ରତିବାଦ ସଭା ହୋଇଥିଲା। ସୁରେନ୍ଦ୍ର ନାଥ ଦାଶ, ଦେବାନନ୍ଦ ଦାସମହାପାତ୍ର, ସବ୍ୟସାଚୀ ମହାପାତ୍ର, ଶାନ୍ତିଲତା ପ୍ରଧାନ, ଦିବାକର ପାତ୍ର ପ୍ରମୁଖ ସାମିଲ ଥିଲେ। ବ୍ରହ୍ମଗିରି ବ୍ଲକରେ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଧାରଣାସ୍ଥଳରେ ଯୋଗଦେଇ କହିଛନ୍ତି, କରୋନା ସମୟରେ କେନ୍ଦ୍ର ସରକାର ସତନ୍ତ୍ର ଭାବେ ଅତିରିକ୍ତ ୫ କେଜି ମାଗଣା ଚାଉଳ ଗରିବ ହିତାଧିକାରୀଙ୍କୁ ପ୍ରଦାନ କରୁଥିଲେ। ହେଲେ କେନ୍ଦ୍ର ସରକାର ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ କରିବା ଯୋଗୁ ହିତାଧିକାରୀଙ୍କୁ ମିଳୁଥିବା ୫ କେଜି ଲେଖାଏ ଚାଉଳ ବନ୍ଦ ହୋଇଯାଇଛି। ଫଳରେ ଲକ୍ଷାଧିକ ଗରିବ ଲୋକ ହଇରାଣ ହେଉଥିବା ଦାସବର୍ମା କହିଛନ୍ତି। ଏହି କଥାକୁ କେନ୍ଦ୍ର ସରକାର ଉପଲବ୍ଧି କରି ତୁରନ୍ତ ୫କେଜି ଚାଉଳର ପୁନଃ ଯୋଜନା ଆରମ୍ଭ କରିବା ଆବଶ୍ୟକ ବୋଲି ଦାବି କରିଛନ୍ତି। ବିକେନ୍ଦ୍ରୀକୃତ ଧାନ ସଂଗ୍ରହ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାରେ ଉତ୍ପାଦିତ ହେଉଥିବା ଚାଷିକୁଳର ସମସ୍ତ ଚାଉଳକୁ କ୍ରୟ କରିବା ପାଇଁ କେନ୍ଦ୍ରସରକାର ଏଫ ସି ଆଇ ମାଧ୍ୟମରେ ଅନୁବନ୍ଧିତ ହୋଇଛନ୍ତି। ରାଜ୍ୟ ସରକାର ଓ ଏଫସି ଆଇ ମଧ୍ୟରେ ହୋଇଥିବା ଏମୋଓୟୁ ସର୍ତ୍ତ ଅନୁସାରେ ରାଜ୍ୟର ସମସ୍ତ ବଳକା ଚାଉଳ କେନ୍ଦ୍ର ସରକାର ଉଠାଇବା କଥା କିନ୍ତୁ ରାଜ୍ୟ ସରକାରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ପାତରଅନ୍ତର ନୀତି ଯୋଗୁଁ ରାଜ୍ୟର ଚାଷୀ କ୍ଷତି ସହୁଛନ୍ତି ବୋଲି କହିଛନ୍ତି।

ସେହିପରି ପୁରୀ ସଦର ବ୍ଲକ ୧୧ ପଞ୍ଚାୟତର ଦଳ ପକ୍ଷରୁ ସାଧାରଣ ସମ୍ପାଦକ କାର୍ତ୍ତିକେୟ ସ୍ୱାଇଁ ଓ ନୁନୁ ମିଶ୍ରଙ୍କ ନେତୃତ୍ୱରେ ଧାରଣା ହୋଇଛି। ଏହାପରେ କୃଷ୍ଣପ୍ରସାଦ ବ୍ଲକ ପଞ୍ଚାୟତରେ ସଭାପତି ଲକ୍ଷ୍ମୀଧର ସାହୁ ଓ ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଛି। ଶେଷରେ ୩ ବ୍ଲକର ବିଡିଓଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରିର ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଯୁଧିଷ୍ଠିର ନାୟକ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ସନ୍ଦୀପ ଜେନା, ଉପାଧ୍ୟକ୍ଷ ଶକୁନ୍ତଳା ଗଡ୍ଡୁ, ପୁରୀ ସଦରର ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାକ୍ଷୀଗୋପାଳରେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ପ୍ରତିବାଦ ସଭା ହୋଇଥିଲା। ସଭାରେ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ପ୍ରମୋଦ ରାଉତରାୟ, ଲକ୍ଷ୍ମୀପ୍ରୀୟା ଦାଶ, କନକଲତା ପଣ୍ଡା, ଶରତ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ଅସ୍ତରଙ୍ଗ ବ୍ଲକ ସଭାପତି କେଦାରନାଥ ବିଶାଳଙ୍କ ନେତୃତ୍ୱରେ ବିକ୍ଷୋଭରେ ଜ୍ୟୋତିର୍ମୟ ଦଳାଇ, ସରସ୍ୱତୀ ସାଇଁ, ବନିତା ବେହେରା, କ୍ରୀଡ଼ା ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୟା ମହାନ୍ତି, ପ୍ରଦୀପ୍ତ ଖଟୋଇ, ଜୀବନାନନ୍ଦ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ହୋଇଥିଲା। ପିପିଲି ବ୍ଲକ ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସହିତ ଶତାଧିକ କର୍ମୀ ସାମିଲ ଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତିରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରାଙ୍କୁ ଦାବିପତ୍ର ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, କିଶୋର ଛୋଟରାୟ, ପ୍ରକାଶ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣାସ ଓ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।





ପୁରୀ ପୌର ସଦନ ଛକଠାରେ କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି ।

- ବିଭିନ୍ନ ବ୍ଲକ ପକ୍ଷରୁ ଧାରଣା
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

## ମନ୍ତ୍ରୀଙ୍କ ଫଟୋ ନ ଥିବାରୁ ଧାରଣାରୁ ଉଠିଲେ କର୍ମୀ

**ଗୋପ,୧୬।୨(ଡି.ଏନ୍.ଏ.)**

ଗୋପ ବ୍ଲକ ବିଜେଡି ଦଳ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମାତ୍ର ଦଳ ପକ୍ଷରୁ ଲାଗି ଥିବା ବ୍ୟାନରରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଫଟୋ ନ ଥିବାରୁ କାକଟପୁରର କେତେଜଣ କର୍ମୀ ଧାରଣା ସ୍ଥାନରୁ ଉଠି ଚାଲିଯାଇଥିଲେ। ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ସୁକାନ୍ତ ମହାନ୍ତି, ବାଲୁଙ୍କେଶ୍ୱର ସାହୁ, ନିରଞ୍ଜନ ଶଗଡ଼ିଆ, କରୁଣାକର ସାହୁ, ପ୍ରହଲ୍ଲାଦ ସ୍ୱାଇଁ ପ୍ରମୁଖ ବୁଝାଇବା ସତ୍ତ୍ୱେ ରହି ନ ଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ସଭାପତିତ୍ୱରେ ହୋଇଥିଲା। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଗୋପ ବ୍ଲକରେ ଏହି ଧାରଣା ଦେଇଥିଲା। ଏଥିରେ ନିମାପଡ଼ା, କାକଟପୁର ଓ ପୁରୀ ସଦର ନିର୍ବାଚନ ମଣ୍ଡଳୀର ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

**ଜବରଦଖଲ ଉଚ୍ଛେଦ**

କଟକ ଅଫିସ: କଟକ ମହାନଗର ନିଗମ(ସିଏମ୍‌ସି) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଗୁରୁବାର ଲାଲବାଗ ଥାନା ଅଧୀନ ନୟାସଡ଼କ ଛକଠାରୁ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଥିବା ଏକାଧିକ ଉଠା ଦୋକାନ ଓ ଡ୍ରେନ୍ ଉପରେ ଥିବା ନିର୍ମାଣକୁ ଉଚ୍ଛେଦ କରାଯାଇଛି। ପରବର୍ତ୍ତୀ ସମୟରେ ଏଠାରେ ବ୍ୟବସାୟ ନ କରିବାକୁ ବ୍ୟବସାୟୀମାନଙ୍କୁ ଚେତାବନୀ ଦିଆଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଚ୍ଛେଦ କାର୍ଯ୍ୟରେ ସିଡିଏ ଏନ୍‌ଫୋର୍ସମେଣ୍ଟ ମୁଖ୍ୟ ପରେଶ ନାୟକ, ଇନ୍‌ଚାର୍ଜ ରଞ୍ଜିତ କୁମାର ସାହୁ, ପଞ୍ଚାନନ ପାଲ, ସ୍ଥାନୀୟ ପୋଲିସ ଓ କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସର ସଦସ୍ୟମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବାଲୁଙ୍କେଶ୍ୱର ପୀଠ: ରାତି ୧୦ରେ ଉଠିବ ମହାଦୀପ

ଖୁଣ୍ଟୁଣୀ,୧୬।୨(ଡି.ଏନ.ଏ.): ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି। ଉକ୍ତ ଦିନ ରାତି ୧୦ଟାରେ ଖୁଣ୍ଟୁଣୀର ବାଲୁଙ୍କେଶ୍ୱର ପୀଠରେ ମହାଦୀପ ଉଠିବ। ଏ ନେଇ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଉପଲକ୍ଷେ ମନ୍ଦିରକୁ ଆଲୋକମାଳାରେ ସଜାଇବା, ଚତୁଃପାର୍ଶ୍ୱ ପରିଷ୍କାର ରଖିବା, ମହିଳା ବ୍ରତଧାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଟ୍ରଷ୍ଟି କିଶୋର କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ସେହିପରି ରାଧାଦାମୋଦରପୁରସ୍ଥିତ ଜମେଶ୍ୱର ମନ୍ଦିରରେ ରାତି ୧୨ଟାରେ ମହାଦୀପ ଉଠିବ ବୋଲି ଗ୍ରାମ ସଭାପତି ଭାଗୀରଥି କର କହିଛନ୍ତି। ଓରନ୍ଦାର ସମ୍ଭେଶ୍ୱର ମହାଦେବଙ୍କ ପୀଠରେ ରାତି ୧୦ଟାରେ ମହାଦୀପ ଉଠିବ, ରାଧାକିଶୋରପୁରର ରାମେଶ୍ୱର ମହାଦେବଙ୍କ ପୀଠରେ ରାତି ସାଢେ ୨ଟା, ଆଠଗଡ଼ର ତଳଗଡ଼ ଗୌଡ଼ଝରି ସ୍ୱପନେଶ୍ୱରଙ୍କ ପୀଠରେ ରାତି ୧୦ଟା ୧୪ରେ ମହାଦୀପ ଉଠିବ ବୋଲି ପ୍ରାଣବନ୍ଧୁ ରଣା ଜଣାଇଛନ୍ତି।

### ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ

କଣ୍ଟାପଡା, ୧୬।୨(ଡି.ଏନ୍.ଏ.): ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ସ୍ଥାନୀୟ ବାଇରୋଇସ୍ଥିତ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦଠାରେ ବୁଧବାର ପାଳିତ ହୋଇଯାଇଛି। ପ୍ରଦ୍ୟୁମ୍ନ କୁମାର ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାମକୃଷ୍ଣଙ୍କ ପାଇଁ ଏହି ଅଞ୍ଚଳ ଓଡ଼ିଶାରେ ପରିଚିତ ହୋଇପାରିଛି। ଏଥିରେ ମୁଖ୍ୟବକ୍ତା ଭାବେ ଡ. କାର୍ତ୍ତିକ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଜୟ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସୌଦାମିନୀ' ଉନ୍ମୋଚନ କରିଥିଲେ। ସୂର୍ଯ୍ୟକାନ୍ତ ପଣ୍ଡା, ସରୋଜିନୀ ଆଚାର୍ଯ୍ୟ, ରଞ୍ଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ପ୍ରକାଶ ନନ୍ଦ ଅତିଥି ପରିଚୟ ଓ ସଂଗ୍ରାମ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଚାଉଳିଆଗଞ୍ଜ-ନୂଆବଜାର ରାସ୍ତାରେ ହମ୍ପ ନିର୍ମାଣ ହେବ

**ଦୁର୍ଘଟଣା ରୋକିବାକୁ ସମୀକ୍ଷା ବୈଠକ**

କଟକ ଅଫିସ,୧୬।୨: କଟକ-ପାରାଦୀପ ରାସ୍ତାର ଓଏମ୍‌ପି ଛକଠାରୁ ଚାଉଳିଆଗଞ୍ଜ-ନୂଆବଜାର ପର୍ଯ୍ୟନ୍ତ ଅଞ୍ଚଳରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ଟ୍ରାଫିକ ଏସିପି ସୁଶାନ୍ତ କୁମାର ସିଂହ ଏକ ସମୀକ୍ଷା ବୈଠକ କରିଛନ୍ତି। ଚାଉଳିଆଗଞ୍ଜ ପୂଜାକମିଟି ଓ କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ଏସିପି ସିଂହ ଏ ନେଇ ଆଲୋଚନା କରି ସମସ୍ତଙ୍କ ମତ ନେଇଥିଲେ। ବିଶେଷକରି ଚାଉଳିଆଗଞ୍ଜ ପେଟ୍ରୋଲ ପମ୍ପ ନିକଟରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାରେ ଦୁର୍ଘଟଣା ଘଟୁଥିବା ନିର୍ଦ୍ଦିଷ୍ଟ ସ୍ଥାନଗୁଡିକ ସେ ବୁଲି ଦେଖିଥିଲେ। ଦ୍ରୁତ ଗାଡ଼ିଚାଳନା ଦୁର୍ଘଟଣା ବୃଦ୍ଧିର ମୁଖ୍ୟ କାରଣ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଯାନବାହନର ବେଗ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ହମ୍ପ ନିର୍ମାଣ ନିମନ୍ତେ ଜାତୀୟ ରାଜପଥ ବିଭାଗର କର୍ତ୍ତୃପକ୍ଷଙ୍କ ସହିତ ଖୁବ୍‌ଶୀଘ୍ର ଆଲୋଚନା କରାଯିବ ବୋଲି ସେ କହିଥିଲେ। ତେବେ ସେ ପର୍ଯ୍ୟନ୍ତ ଏହି ରାସ୍ତାର ଦୁଇଟି ପ୍ରମୁଖ ସ୍ଥାନରେ ବ୍ୟାରିକେଡ ରଖାଯିବ ଏବଂ ହମ୍ପ ନିର୍ମାଣ ପରେ ତାହାକୁ ହଟାଇ ନିଆଯିବ ବୋଲି ଏସିପି କହିଛନ୍ତି। ଚାଉଳିଆଗଞ୍ଜ ଦୁର୍ଗାଛକରୁ ଚାଉଳିଆଗଞ୍ଜ ସାହି, ମହାନଦୀ ବିହାର, ଅପର୍ଣ୍ଣାନଗର, ନୂଆବଜାର, ଓଏମ୍‌ପି ଛକ ଆଦି ରାସ୍ତାକୁ ସଂଯୋଗୀ ରହିଛି। ସକାଳଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ଅଧିକାଂଶ ସମୟ ଭିଡ଼ ହେଉଛି। ତେଣୁ ସକାଳୁ ସନ୍ଧ୍ୟା ଯାଏ ପୋଲିସ କର୍ମଚାରୀଙ୍କୁ ପର୍ଯ୍ୟାୟ କ୍ରମେ ମୁତୟନ କରାଯିବା ପାଇଁ ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ ଦାବି କରିଛନ୍ତି। ଗୁରୁବାରଠାରୁ ଦୁର୍ଗାଛକରେ ଦୁଇଜଣ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ମୁତୟନ କରାଯିବ ବୋଲି ଏସିପି ପ୍ରତିଶ୍ରୁତି ଦେଇଛନ୍ତି। କଟକ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ନିରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଶିଶିର କୁମାର ପାତ୍ର, ପୂଜା କମିଟି ଉପ ସଭାପତି ଅକ୍ଷୟ ସାହୁ, ଭିକାରି ସାହୁ, ଅକ୍ଷୟ ମହାନ୍ତି, ଉଦୟନାଥ ବେହେରା, ବିଭୁଦତ୍ତ ସେନାପତି, ବିଭୂତି ବୈଶାକ, ଦୀନବନ୍ଧୁ ସାହୁ, ଆଶିଷ ସାହୁ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲ ଆପ୍‌ରେ ହେବ କୃଷି ଗଣନା ସର୍ବେକ୍ଷଣ

**ଜିଲାସ୍ତରୀୟ କୃଷି ଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

■ପ୍ରଥମ ପର୍ଯ୍ୟାୟରେ ୨୦୬୯ ଗ୍ରାମରେ କରାଯିବ

କଟକ ଅଫିସ, ୧୬।୨

ଜିଲାସ୍ତରୀୟ ଏକାଦଶତମ କୃଷି ଗଣନା ସମ୍ବନ୍ଧିତ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକ ଅକ୍ଷୟ କୁମାର ରାଉତରାୟ ଏବଂ ଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିର ଫେବୃୟାରୀ ୧୫ରୁ ୧୭ ତାରିଖ ଏବଂ ୨୧ ଓ ୨୨ ତାରିଖ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହେବ। ଜିଲା ଯୋଜନା ଓ ସଂଯୋଜନା ୟୁନିଟ୍ (ଡିପିଏମ୍‌ୟୁ) ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ସହନିର୍ଦ୍ଦେଶିକା କବିତା ଦାସ ଯୋଗଦେଇ କହିଥିଲେ, ୩ଟି ପର୍ଯ୍ୟାୟରେ କୃଷି ଗଣନା ସର୍ବେକ୍ଷଣ ହେବ। ପ୍ରଥମ ପର୍ଯ୍ୟାୟରେ ୨୦୬୯ ଗ୍ରାମରେ ୪୮ ସୁପରଭାଇଜର ଓ ୧୪୯ ଗଣନାକାରୀଙ୍କ ଦ୍ୱାରା କରାଯିବ। ଏଥିସହ ପ୍ରଥମଥର ପାଇଁ ଡିଜିଟାଲରେ ମୋବାଇଲ ଆପ୍ ଜରିଆରେ ସର୍ଭେ କରାଯିବ। ଏହି ସର୍ଭେରେ ଜମି ମାଲିକାନା, ଜମିର ଆକାର, ପ୍ରକାର ଇତ୍ୟାଦି ଉପରେ ତଥ୍ୟ ସଂଗ୍ରହ କରାଯିବ ବୋଲି ଦାସ କହିଥିଲେ। ତହସିଲଦାର, ଅତିରିକ୍ତ କୃଷି ଅଧିକାରୀ, ରାଜସ୍ୱ ନିରୀକ୍ଷକ, ଅର୍ଥନୈତିକ ଅନିସନ୍ଧିସ୍ଥୁ, ପରିସଂଖ୍ୟାନ ଅଧିକାରୀ ଏବଂ ବିଶେଷ କର୍ମ ଅଧିକାରୀଙ୍କ ଦ୍ୱାରା ଏହା କାର୍ଯ୍ୟକାରୀ ହେବ। ପରିସଂଖ୍ୟାନ ଅଧିକାରୀ ବସନ୍ତ କୁମାର ଜେନା ଓ ଉପବିଭାଗ ଅଧିକାରୀ ମୀରାଲିନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜିଲାସ୍ତରୀୟ କୃଷି ଗଣନା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

# ପୁରୁଷ ବିଶ୍ୱକପ୍ ହକି ଆୟୋଜନ ଯୁଗାନ୍ତକାରୀ ପଦକ୍ଷେପ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ ଅଫିସ, ୧୬।୨

ପୁରୁଷ ହକି ବିଶ୍ୱକପ୍-୨୦୨୩ର ସଫଳ ଆୟୋଜନ ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ବିଶ୍ୱକପ୍ ହକି ଟୁର୍ ସମୟରେ ଜିଲାରେ ସଫଳତା ସହିତ ବିଭିନ୍ନ କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ ଚୟନୀ କହିଛନ୍ତି, ପୁରୁଷ ବିଶ୍ୱକପ୍ ହକି ଆୟୋଜନ ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା ବିଶ୍ୱକପ୍ ହକିର ଭବ୍ୟ ଆୟୋଜନ କରି ବିଶ୍ୱ କ୍ରୀଡା ମାନଚିତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି। ଏଥିସହିତ ଜିଲାରେ ବିଶ୍ୱକପ୍ ହକି ଟ୍ରଫିର ପରିଭ୍ରମଣ ଜନସାଧାରଣଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, କଟକରେ ହକି ବିଶ୍ୱକପ୍ ଟ୍ରଫି ପରିଭ୍ରମଣ ସମୟରେ ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇ ହକି ଖେଳର ଉତ୍କର୍ଷକୁ ଜନସାଧାରଣଙ୍କ ନିକଟତର କରାଯାଇଥିଲା। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ହକି କ୍ରୀଡା ପ୍ରତି ଜାଗରଣ ସୃଷ୍ଟି କରାଯାଇଥିଲା।




କଟକ ବାଲିଯାତ୍ରା ତଳପଡିଆରେ ବାରବାଟୀ ଫେଷ୍ଟିଭାଲର ଗୁରୁବାର ପଞ୍ଚମ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଉତ୍ସବରେ ଅତିଥି ଓ ଅନ୍ୟମାନେ।

# 'ଛାତ୍ରୀଛାତ୍ର ସୁନାଗରିକ ହୁଅନ୍ତୁ'

**କିଶୋରନଗର କଲେଜର ବାର୍ଷିକ ଉତ୍ସବ**

କଟକ ସଦର,୧୬।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜର ବାର୍ଷିକ ଉତ୍ସବ ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ଭଲ ପାଠପଢି ଭବିଷ୍ୟତରେ ସୁନାଗରିକ ହୁଅନ୍ତୁ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କୁମରବର ଦାସ, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଓ କଲେଜ ପରିଚାଳନା କମିଟି ସଭାପତି ଚାରୁବାଳା ପଣ୍ଡା ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଅଭୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଅନାଦି ବରାଳ ସ୍ୱାଗତ ଭାଷଣ, କୃଷ୍ଣଚନ୍ଦ୍ର ମହାନ୍ତି ବିବରଣୀ ପାଠ ଓ ଅଧ୍ୟାପିକା ନିବେଦିତା ଶୁକ୍ଳା ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



କିଶୋରନଗର କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବାରବାଟୀ ଫେଷ୍ଟିଭାଲରେ ସାହିତ୍ୟ ଉତ୍ସବ

କଟକ ଅଫିସ, ୧୬।୨

କଟକ ବାଲିଯାତ୍ରା ତଳପଡିଆରେ ବାରବାଟୀ ଫେଷ୍ଟିଭାଲର ଗୁରୁବାର ଥିଲା ପଞ୍ଚମ ସନ୍ଧ୍ୟା। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ଉତ୍ସବକୁ ଡା. ନୀଳାଦ୍ରି ପଣ୍ଡା ଉଦ୍‌ଘାଟନ କରିଥିଲେ। ଉତ୍ସବର ସଭାପତି ତଥା ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡା. ରଞ୍ଜନା, ଗୁରୁ ଆଶିଷ କୁମାର ଦାସ, ବ୍ରଜ କିଶୋର ନନ୍ଦ, ପ୍ରିୟବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅମିୟ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସାହିତ୍ୟ ଅଧିବେଶନ କଦମ୍ବରାଗରେ ମୁଖ୍ୟ ଅତିଥି ଭାବେ ସରୋଜ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ବୈଦ୍ୟନାଥ ଖିଲାର, କମଳ ପଟ୍ଟନାୟକ, ଗୀତା ଖୁଣ୍ଟିଆ, ପ୍ରେମଚାନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସେହିଭଳି ଅଧିବେଶନ କଥାବୋଇତରେ ଶରତ କୁମାର ସାହୁ, ଶରଣାରବିନ୍ଦ, ସସ୍ମିତା ମହାନ୍ତି, ମାନସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଭାବସୌଧ ଆଲୋଚନାରେ ଅତିଥି ଆଲୋଚକ ଭାବେ ଆଦିତ୍ୟ ପ୍ରତାପ ଧଳ, ପ୍ରସନ୍ନ ଜେନା, ଅଶୋକ ସିଂ, ସୁରେଶ କୁମାର ନାୟକ ଯୋଗ ଦେଇଥିଲେ। ସେହିଭଳି ଜହ୍ନବଗିତା କବି ଓ କବିତାରେ ଚିତ୍ତ ରଞ୍ଜନ ମିଶ୍ର, ପିନାକୀ ସିଂ, ସୁଷମା ମିଶ୍ର, ସୁରେଶ ନାୟକ, ମୁରଲୀଧର ସାମଲ, ଜ୍ଞାନ ହୋତା, ଚିରଶ୍ରୀ ଇନ୍ଦ୍ରସିଂ, ଉମାକାନ୍ତ ରାଉତ, ଡା. ଦୀନବନ୍ଧୁ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ

ଚୌଦ୍ୱାର,୧୬।୨(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଭୈରିପୁରସ୍ଥିତ ଶ୍ରୀରାମ ମନ୍ଦିରର ରତ୍ନମୁଦ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଅଧିବାସ, ସୂର୍ଯ୍ୟପୂଜା, ଗୋପୂଜନ, କଳସଯାତ୍ରା, ନାମ ସଂକୀର୍ତ୍ତନ, ପ୍ରବଚନ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଂଶୀଧର ମହାନ୍ତି, ଗୋପାଳ ମହାନ୍ତି, ବଳରାମ ପ୍ରଧାନଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା ଜରୁରୀ'



ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କଟକ ଅଫିସ, ୧୬।୨

ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୫ଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ବିଏସ୍‌ସି ନର୍ସିଂ ଛାତ୍ର ଶାନ୍ତନୁ ସର ଏବଂ ବାଳିକା ବର୍ଗରେ ବିଏସ୍‌ସି ନର୍ସିଂ ଛାତ୍ରୀ ସୁସ୍ମିତା ମଣ୍ଡଳ ଚାମ୍ପିୟନ୍ ହୋଇଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ୍ ଡ. ହରିପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ବରିଷ୍ଠ ଅଧିକାରୀ ସନାତନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥତା ପାଇଁ କ୍ରୀଡା ଜରୁରୀ ବୋଲି କହିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧ୍ୟାପକ ଡ. ସ୍ନିଗ୍ଧମଧୁସୂଦନ ଦାସ ଯୋଗ ଦେଇଥିଲେ। ଅଧକ୍ଷା ଡ. ପୋନୁ କଙ୍ଗେଶ୍ୱରୀ ସ୍ୱାଗତ ଅଭିଭାଷଣ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ଓ ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

# ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ସାରିବାକୁ ପରାମର୍ଶ

**ଜାଇକା କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ**

■ବକ୍ସଡ୍ରେନ୍ କାର୍ଯ୍ୟ ଅନୁଧ୍ୟାନ କଲେ ପ୍ରକଳ୍ପ ମୁଖ୍ୟ

କଟକ ଅଫିସ,୧୬।୨

କଟକ ମହାନଗର ନିଗମ(ସିଏମ୍‌ସି) ବିଜୁ ଭବନରେ ଜାଇକା କାର୍ଯ୍ୟ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଇଞ୍ଜିନିୟର ଇନ୍ ଚିଫ୍ ପ୍ରଶାନ୍ତ କୁମାର ମହାପାତ୍ର, ପ୍ରକଳ୍ପ ଇଞ୍ଜିନିୟର ଓ ଅନ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବିଶେଷକରି ସହରରେ ଚାଲିଥିବା ବକ୍ସଡ୍ରେନ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। ଏଥିସହ ଦେଖାଦେଇଥିବା ବିଭିନ୍ନ ସମସ୍ୟାକୁ ଖୁବ୍‌ଶୀଘ୍ର ସମାଧାନ କରିବା ପାଇଁ ମହାପାତ୍ର ପରାମର୍ଶ ଦେଇଥିଲେ। ଦିଲ୍ଲୀରୁ ଆସିଥିବା ଜାଇକା ପ୍ରକଳ୍ପର ମୁଖ୍ୟ ଏନ୍.ପି. ସିଂ ବୁଧବାର କଟକରେ ପହଞ୍ଚି ମହାପାତ୍ରଙ୍କ ସହ ବିଭିନ୍ନ ସ୍ଥାନ ବୁଲି ଜାଇକା କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବିଶେଷକରି ବଜ୍ରକବାଟି ନିକଟରେ ବକ୍ସଡ୍ରେନ୍ କାମ, କଲ୍ୟାଣୀନଗରରେ ଚାଲିଥିବା ସ୍ୱେରେଜ ଲାଇନ କାର୍ଯ୍ୟ ଓ ଜ୍ୟାକ୍ ପୁସିଙ୍ଗ୍ ସ୍ୱେରେଜ୍ ବ୍ୟବସ୍ଥା ବୁଲି ଦେଖିଥିଲେ। ସେହିପରି ବିଦ୍ୟାଧରପୁରରେ ଡ୍ରେନେଜ ପମ୍ପ ହାଉସ୍, ମତ୍ତଗଜପୁରରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କିପରି କାର୍ଯ୍ୟ କରୁଛି ତାହାର ତଦାରଖ କରିଥିଲେ। ଜାପାନ ସରକାରଙ୍କ ଅନୁଦାନରେ ଚାଲିଥିବା ଏହି କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ସରକାର ବଦ୍ଧପରିକର ହୋଇଥିଲାବେଳେ ସିଏମ୍‌ସି କମିଶନର ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ଶେଷ କରିବାକୁ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଗତ ୮ ତାରିଖରେ ନଗର ଉନ୍ନୟନ ବିଭାଗର ମୁଖ୍ୟ ସଚିବ ଭି. ମାଥିଭାଥାନାନ୍ କଟକରେ ପହଞ୍ଚି ଜାଇକା କାର୍ଯ୍ୟ ପରିଦର୍ଶନ କରିଥିଲେ। ଜାଇକା ପ୍ରକଳ୍ପ ଯନ୍ତ୍ରୀ ଓ ଅତିରିକ୍ତ ଯନ୍ତ୍ରୀ ଉପସ୍ଥିତ ରହି ଅଗ୍ରଗତି ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ପଟ୍ଟାପୋଲଠାରୁ ପ୍ରଫେସରପଡା ପର୍ଯ୍ୟନ୍ତ ଚାଲିଥିବା ବକ୍ସଡ୍ରେନ୍ କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ ବୋଲି ମୁଖ୍ୟ ଯନ୍ତ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।



ସମୀକ୍ଷା ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅନ୍ୟମାନେ।



୧୨ ଦଫା ଦାବି ନେଇ ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ମେୟରଙ୍କ କୁଶପୁତ୍ତଳିକା ଦାହ।



ପଙ୍କୋଦ୍ଧାର ଏକାଦଶୀରେ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିରରେ ଧାତୁରେ ନିର୍ମିତ ନାଗ ଦେବତାଙ୍କୁ ସଫା କରାଯାଉଛି।



ଭାରତୀୟ ମୋବାଇଲ ୟୁଜର୍ସ ଜଣ ପିଛା ମାସକୁ ୧୯.୫ ଜିବି ଡେଟା ବ୍ୟବହାର କରୁଛନ୍ତି, ଯାହାକି ୬,୬୦୦ ଗୀତ ସହ ସମାନ। ନୋକିଆର ଆନୁଏଲ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡେକ୍ସ ଅନୁଯାୟୀ ଗତ ୫ ବର୍ଷରେ ଭାରତର ମୋବାଇଲ ଡେଟା ଟ୍ରାଫିକ୍ ୩.୨ ଗୁଣ ବୃଦ୍ଧି ପାଇ ମାସକୁ ୧୪ ଏକ୍ସାବାଇଟ୍‌ରେ ପହଞ୍ଚିଥିଲା। ୨୦୧୮ରେ ଦେଶର ମାସିକ ଡେଟା ବ୍ୟବହାର ୪.୫ ଏକ୍ସାବାଇଟ୍ ଥିବାବେଳେ ୨୦୨୨ରେ ଏହା ୧୪.୪ ଏକ୍ସାବାଇଟ୍‌କୁ ବୃଦ୍ଧି ପାଇଥିଲା।

## ସଂକ୍ଷେପରେ

### ପାକିସ୍ତାନରେ ପେଟ୍ରୋଲ ୨୭୨ ଟଙ୍କା

**ଇସ୍‌ଲାମାବାଦ,୧୬।୨:** ଋଣ ପାଇବା ନିମନ୍ତେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)କୁ ଖୁସି କରିବା ଲାଗି ପାକିସ୍ତାନ ସରକାର ବୁଧବାର ରାତିରେ ପେଟ୍ରୋଲ ଏବଂ ଗ୍ୟାସ୍ ଦର ପୁଣି ବଢ଼ାଇଛନ୍ତି। ପେଟ୍ରୋଲ ଲିଟର ପିଛା ଦର ୨୨ ଟଙ୍କା ୨୦ ପଇସା ବଢ଼ି ୨୭୨ ଟଙ୍କାରେ ପହଞ୍ଚିଛି। ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ମୂଲ୍ୟ ଅତ୍ୟଧିକ ହ୍ରାସ ପାଇଥିବାରୁ ଦର ବଢ଼ିଥିବା କୁହାଯାଉଛି। ସେହିପରି ପାକିସ୍ତାନରେ ହାଇସ୍ପିଡ୍ ଡିଜେଲ ଦର ୨୮୦ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ କିରୋସିନ ଲିଟର ୨୦୨ ଟଙ୍କା ୭୩ ପଇସାରେ ପହଞ୍ଚିଛି। ଲାଇଟ୍ ଡିଜେଲ ଦର ୧୯୬ ଟଙ୍କା ୬୮ ପଇସା ରହିଛି। ତୈଳ ଦର ବଢ଼ାଇବା ଲାଗି ଆଇଏମ୍‌ଏଫ୍ ସର୍ତ୍ତ ରଖିଥିଲା। ପାକିସ୍ତାନରେ ଦରଦାମ୍ ରେକର୍ଡ ସ୍ତରରେ ଥିବାବେଳେ ତୈଳ ଦର ବୃଦ୍ଧି ଏହାକୁ ଆହୁରି ବଢ଼ାଇବ।

### ବ୍ରିଟେନ ଯିବେ ରାହୁଲ

**ନୂଆଦିଲ୍ଲୀ,୧୬।୨(ପି.ଟି.):** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚଳିତ ମାସ ଶେଷ ଭାଗରେ ବ୍ରିଟେନ ଗସ୍ତରେ ଯାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ବିଜ୍‌ନେସ୍ ସ୍କୁଲରେ ବକ୍ତୃତା ଦେବେ। ରାହୁଲ ତାଙ୍କ ପୂର୍ବତନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ସେଠାରେ ରାଜନୀତି, ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଗଣତନ୍ତ୍ର ଉପରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ବକ୍ତୃତା କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି କହିଛନ୍ତି। ରାହୁଲଙ୍କୁ ସ୍ୱାଗତ କରିବାରେ ଆମେ ଖୁସି ବୋଲି କେମ୍ବ୍ରିଜ୍ ଜଜ୍ ବିଜ୍‌ନେସ ସ୍କୁଲ୍ ପକ୍ଷରୁ ଟୁଇଟ୍ କରାଯାଇଛି। ସେଠାରେ ରାହୁଲ କେମ୍ବ୍ରିଜ୍ ଏମ୍‌ବିଏ ଉପରେ ବକ୍ତୃତା ଦେବା ସହ ବିଗ୍ ଡାଟା ଆଣ୍ଡ ଡେମୋକ୍ରାସି ଏବଂ ଭାରତ-ଚାଇନା ସମ୍ପର୍କ ଉପରେ ଆଲୋଚନାରେ ଭାଗନେବେ। ଫେବୃଆରୀ ୨୪ରୁ ୨୬ ରାହୁଲ ଛତିଶଗଡ଼ର ରାୟପୁରରେ ହେବାକୁ ଥିବା ଦଳର ୮୫ତମ ଅଧିବେଶନରେ ଯୋଗଦେବେ।

### ରାମଗଡ଼ ଉପନିର୍ବାଚନ ପୂର୍ବରୁ ଏଜେଏସ୍‌ୟୁ ନେତାଙ୍କୁ ହତ୍ୟା

**ରାମଗଡ଼,୧୬।୨:** ଝାଡ଼ଖଣ୍ଡର ରାମଗଡ଼ରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ସ ୟୁନିୟନ (ଏଜେଏସ୍‌ୟୁ) ପାର୍ଟି ନେତା ମନୋଜ ମୁଣ୍ଡାଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ୩୨ ବର୍ଷୀୟ ମନୋଜ ରାମଗଡ଼ ଜିଲା



ପତ୍ରାଟୁ ବ୍ଲକ୍‌ର ଦଳୀୟ ଉପସଭାପତି ଥିଲେ। ବୁଧବାର ରାତିରେ ଆମଝରିଆ ଗ୍ରାମରେ ମନୋଜ ପାରମ୍ପରିକ କୁକୁଡ଼ା ଲଢ଼େଇ ଦେଖୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଏଜେଏସ୍‌ୟୁ ଏବଂ ବିରୋଧୀ ଦଳ ଭାଜପା ଦାବି କରିଛି। ଆସନ୍ତା ୨୭ ତାରିଖରେ ଉପନିର୍ବାଚନ ଥିବାବେଳେ ଏହା କେତେ ମୁକ୍ତ ଓ ଅବାଧ ହେବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ଏଜେଏସ୍‌ୟୁ ଜିଲା ସଭାପତି ଦିଲୀପ ଡାଙ୍ଗୀ କହିଛନ୍ତି।

### ସୁକେଶଙ୍କୁ ଗିରଫ କଲା ଇଡି

**ମୁମ୍ବାଇ, ୧୬।୨:** ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ଗୁରୁବାର ଆଉ ଏକ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ରେଲିଗର ପ୍ରମୋଟର



ମାଲଭିନ୍ଦର ସିଂଙ୍କ ସ୍ତ୍ରୀ ଜପନାଙ୍କଠାରୁ ୩.୫ କୋଟି ଟଙ୍କା ସୁକେଶ ଠକି ନେଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଇଡି କହିଛି। ଜେଲରେ ଥିବା ମାଲଭିନ୍ଦରଙ୍କୁ ଜାମିନରେ ବାହାର କରିବା ଲାଗି ସୁକେଶ ଏହି ଟଙ୍କା ଜାପନାଙ୍କଠାରୁ ନେଇଥିଲେ। ରେଲିଗର ଫିନ୍‌ଭେଷ୍ଟ ଲିମିଟେଡ୍ (ଆର୍‌ଏଫ୍‌ଏଲ୍)ରୁ ଟଙ୍କା ହେର୍‌ଫେର୍ ଅଭିଯୋଗରେ ମାଲଭିନ୍ଦର ଏବେ ଜେଲରେ ରହିଛନ୍ତି।

### ନାବାଳିକାଙ୍କୁ ଛାତରୁ ଠେଲି ହତ୍ୟା

**ଧାନବାଦ,୧୬।୨:** ଝାଡ଼ଖଣ୍ଡର ଧାନବାଦ ଜିଲାରେ ଜଣେ ୧୬ ବର୍ଷର ବାଳିକାଙ୍କୁ ୪ ଜଣ ଯୁବକ ଆପାର୍ଟମେଣ୍ଟ ଛାତରୁ ଠେଲିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ରାଞ୍ଚିଠାରୁ ୧୭୦ କିଲୋମିଟର ଦୂର ଭେଲାଟାଣ୍ଡ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକଙ୍କ ମାଆଙ୍କ ଏତଲା କ୍ରମେ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ଉକ୍ତ ଆପାର୍ଟମେଣ୍ଟରେ ରହୁଥିଲେ। ମୃତ ନାବାଳିକା ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ।



ତ୍ରିପୁରାର ଅଗରତାଲାସ୍ଥିତ ଏକ ମତଦାନ କେନ୍ଦ୍ରରେ ଭୋଟ ଦେଇ ଫେରୁଛନ୍ତି କିନରମାନେ।

# ନିର୍ବାଚନରେ ଇସ୍ରାଏଲ୍ ସଂସ୍ଥାର ହସ୍ତକ୍ଷେପ

## ତଦନ୍ତ ଦାବିକଲା କଂଗ୍ରେସ

**ପ୍ୟାରିସ୍/ନୂଆଦିଲ୍ଲୀ,୧୬।୨**

ଇସ୍ରାଏଲ୍ ସ୍ପେଶାଲ ଫୋର୍ସର ୫୦ ବର୍ଷୀୟ ପୂର୍ବତନ ଅପରେଟିଭ୍ ତାଲ୍ ହନାନ୍‌ଙ୍କ ନେତୃତ୍ୱାଧୀନ 'ଟିମ୍ ଜର୍ଜ' ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନକୁ ପ୍ରଭାବିତ କରିଛି। ଇସ୍ରାଏଲୀ କଣ୍ଟ୍ରାକ୍ଟର୍ସଙ୍କୁ ନେଇ ଗଠିତ 'ଟିମ୍ ଜର୍ଜ' ଭାରତ, ବ୍ରିଟେନ, ଆମେରିକା, କାନାଡା, ଜର୍ମାନୀ, ସୁଇଜରଲାଣ୍ଡ, ମେକ୍ସିକୋ, ସେନେଗାଲ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମେତ ପ୍ରାୟ ୨୦ ଦେଶରେ ଫେକ୍ ସୋସିଆଲ ମିଡିଆ କ୍ୟାମ୍ପେନ୍ ଜରିଆରେ ଜନମତକୁ ପ୍ରଭାବିତ କରିଥିବା ନେଇ ଖବରଦାତାମାନଙ୍କ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ପ୍ରଘଟ କରିବା ପରେ ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଉକ୍ତ ଟିମ୍ ଭାରତୀୟ ନିର୍ବାଚନଗୁଡ଼ିକରେ କିପରି ହସ୍ତକ୍ଷେପ କରିଥିଲା ତା'ର ବିଧିବଦ୍ଧ ତଦନ୍ତ ହେଉ ବୋଲି ଗୁରୁବାର କଂଗ୍ରେସ ଦାବି କରିଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନୀରବତା ଭଙ୍ଗ କରନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି।

କଂଗ୍ରେସ ମୁଖପାତ୍ର ପବନ ଖେରା ଓ ସୁପ୍ରିୟା ଶ୍ରୀନେଟ୍ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି 'ଟିମ୍ ଜର୍ଜ' ଓ ଶାସକ ଭାଜପାର ଆଇଟି ସେଲ୍ ମଧ୍ୟରେ ସାମଞ୍ଜସ୍ୟ ରହିଥିବା ଅଭିଯୋଗ ଆଣିଛନ୍ତି। ସୁପ୍ରିୟା କହିଛନ୍ତି, ଭାରତରେ ଆମେ ଏକ ଢାଞ୍ଚାକୁ ଦେଖୁଛୁ। ଏକ ଅନ୍ତର୍ଜାତୀୟ ଏଜେନ୍ସି ଏପରି ଗମ୍ଭୀର ଅଭିଯୋଗ ଆଣିଥିବାବେଳେ ଦେଶର ଗଣତନ୍ତ୍ରକୁ ରକ୍ଷା କରିବାରେ କେନ୍ଦ୍ର ସରକାର ଭୂମିକା ନେଇଥିଲେ ସେ ସମ୍ପର୍କରେ ନୀରବତା ଭଙ୍ଗକରି ସତ କୁହନ୍ତୁ। ଭାରତର ନିର୍ବାଚନୀ ପ୍ରକ୍ରିୟା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିବାରୁ ତଦନ୍ତ ହେବା ଉଚିତ। ଯଦି ସରକାର କିଛି କରୁନାହାନ୍ତି ତେବେ ଏହାର ତାତ୍ପର୍ଯ୍ୟ ହେଉଛି ଦେଶର ଗଣତନ୍ତ୍ର ଓ ନିର୍ବାଚନଗୁଡ଼ିକରେ ହସ୍ତକ୍ଷେପ ପାଇଁ ସାହାଯ୍ୟ ଲୋଡ଼ୁଛନ୍ତି। ଭାରତୀୟମାନଙ୍କ ଡେଟାକୁ ବିଦେଶୀ ସଂସ୍ଥା ହାତରେ ଟେକିଦେଇ ସାଲିସ କରାଯାଉଛି। ମୋଦି ସରକାର ବିରୋଧରେ ତଥ୍ୟ ଚୋରି ଅଭିଯୋଗ ପ୍ରଥମ ଥର ପାଇଁ ଆସିନାହିଁ। ନିର୍ବାଚନୀ ପ୍ରକ୍ରିୟାରେ ଜାଲିଆତି ପାଇଁ ଡେଟା ଚୋରି ଓ ହେରଫେର ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ହୋଇଛି। କର୍ଣ୍ଣାଟକରେ ଯାହା ଘଟିଥିଲା ସମସ୍ତେ ଦେଖିଛନ୍ତି। କେନ୍ଦ୍ର ସରକାର ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ଭାଜପାର ଆଇଟି ସେଲ୍ ଦେଶର ନିର୍ବାଚନୀ ପ୍ରକ୍ରିୟାକୁ ପ୍ରଭାବିତ କରିବା ଲାଗି ଫେକ୍ ନ୍ୟୁଜ୍ ଓ ଅପପ୍ରଚାର ଚଳାଇଥାଏ। ସୋସିଆଲ ମିଡିଆରେ ଗୁଜବ ବିସ୍ତାର କରି ନିର୍ବାଚନ ଜିତିବା ପାଇଁ ତାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିଥାଏ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ଶ୍ରୀନେଟ୍ କହିଛନ୍ତି। ସେହିପରି ପବନ ଖେରାଙ୍କ ମତରେ ଶାସକ ଦଳ ଦେଶର ଗଣତନ୍ତ୍ରକୁ ହାଇଜାକ୍ କରିନେଇଛି। ଗଣତନ୍ତ୍ରକୁ ପ୍ରଭାବିତ କରିବା ପାଇଁ ଏକ ଇସ୍ରାଏଲୀ ଏଜେନ୍ସିର ସହାୟତା ନିଆଯାଉଛି। ସେମାନେ ଭାରତରେ ବସି ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚୁଛନ୍ତି। ଭାଜପା ବିଦେଶୀ ହ୍ୟାକର୍ସଙ୍କ ଏକ ନେଟ୍‌ୱର୍କକୁ ବ୍ୟବହାର କରି ନିର୍ବାଚନଗୁଡ଼ିକରେ ହସ୍ତକ୍ଷେପ କରିଛି। ମୋଦି ସରକାର ପୂର୍ବରୁ ମଧ୍ୟ କ୍ୟାମ୍ବ୍ରିଜ୍ ଆନାଲିଟିକା ଏବଂ ପେଗାସସ୍ ସ୍ପାଏୱେରର ବ୍ୟବହାର କରିଥିବା ଅଭିଯୋଗ ଆସିଥିଲା। ପୋଷ୍ଟ କାର୍ଡ ନ୍ୟୁଜ୍ ଏବଂ ଟିମ୍ ଜର୍ଜ ମଧ୍ୟରେ କ'ଣ ସମ୍ପର୍କ ରହିଛି ବୋଲି ପବନ ପ୍ରଶ୍ନ କରିଛନ୍ତି।

## 'ଫର୍‌ବିଡେନ୍ ଷ୍ଟୋରିଜ୍'ର ଚାଞ୍ଚଲ୍ୟକର ପ୍ରଘଟ

ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ବିବାଦ ନ ଥମୁଣୁ 'ଟିମ୍ ଜର୍ଜ' ଭାରତ ସମେତ ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନକୁ ପ୍ରଭାବିତ କରିଥିବା ଦାବି କରିଛି। ସଂସ୍ଥାର ମୁଖ୍ୟ ତାଲ୍ ହନାନ୍ ନିଜକୁ 'ଜର୍ଜ' ଭାବେ ଛଦ୍ମ ପରିଚୟ ଦେଇ ତାଙ୍କ ଗୋଷ୍ଠୀକୁ 'ଟିମ୍ ଜର୍ଜ' ଆଖ୍ୟା ଦେଇଛନ୍ତି। ଟୁଇଟର୍, ଲିଙ୍କେଡ୍‌ଇନ୍, ଟେଲିଗ୍ରାମ୍, ଜିମେଲ୍, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ଏହି ଟିମ୍‌ର ଅନେକ ହଜାର ଫେକ୍ ସୋସିଆଲ ମିଡିଆ ପ୍ରୋଫାଇଲ ରହିଛି। ହନାନ୍‌ଙ୍କ ମତରେ 'ଟିମ୍ ଜର୍ଜ' ସଦସ୍ୟମାନେ 'ବ୍ଲାକ୍ ଅପରେଶନ୍ସ' ଜରିଆରେ ୩୩ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେଥିରୁ ୨୭ଟିରେ ସଫଳତା ମିଳିଛି। ହ୍ୟାକିଂ, ଅନ୍ତର୍ଘାତୀ କାର୍ଯ୍ୟ ଓ ସୋସିଆଲ ମିଡିଆରେ ସ୍ୱୟଂଚାଳିତ ମିଥ୍ୟା ସୂଚନା ପ୍ରସାର ଭଳି ଉପାୟ ଆପଣାଇ ଏହା କରାଯାଇଥିବା ବୁଧବାର ପ୍ରଘଟ ହୋଇଥିଲା। ଫ୍ରାନ୍ସଭିତ୍ତିକ ଅଣଲାଭକାରୀ ସଂସ୍ଥା 'ଫର୍‌ବିଡେନ୍ ଷ୍ଟୋରିଜ୍'ର ନିର୍ଦ୍ଦେଶକ୍ରମେ ଫ୍ରାନ୍ସର ଲେ ମୋଣ୍ଡେ, ଜର୍ମାନୀର ଡେର୍ ସ୍ପିଏଜେଲ୍ ଏବଂ ସ୍ପେନ୍‌ର ଏଲ୍ ପେସ୍ ସମେତ ୩୦ଟି ମିଡିଆ ହାଉସ୍‌ର ସାମ୍ବାଦିକମାନେ ଅନୁସନ୍ଧାନ ଚଳାଇଥିଲେ। ୩ ଜଣ ସାମ୍ବାଦିକ କ୍ଲାଏଣ୍ଟ ପରିଚୟ ଦେଇ ଟିମ୍‌ର କେତେକ ଗୋପନୀୟ ଫୁଟେଜ୍ ହାତେଇବାରେ ସକ୍ଷମ ହୋଇଛନ୍ତି। ୨୦୨୧ରେ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ ବିଶ୍ୱର ୫୦,୦୦୦ ବ୍ୟକ୍ତିଙ୍କ ବିରୋଧରେ ଗୁପ୍ତଚରଗିରି ପାଇଁ ବ୍ୟବହାର କରାଯାଇଥିଲା। ଏହି ଚାଞ୍ଚଲ୍ୟକର ପ୍ରଘଟ ମଧ୍ୟ 'ଫର୍‌ବିଡେନ୍ ଷ୍ଟୋରିଜ୍' କରିଥିଲା।

## ୧୦୦ ଦିନ ପୂରଣ କଲେ ସିଜେଆଇ ଚନ୍ଦ୍ରଚୂଡ଼

**ନୂଆଦିଲ୍ଲୀ,୧୬।୨(ପି.ଟି.)**



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ପ୍ରଥମ ୧୦୦ ଦିନ ପୂରଣ କରିଛନ୍ତି। ଏହି ସମୟ ମଧ୍ୟରେ ସୁପ୍ରିମକୋର୍ଟ ସଂସ୍କାରରେ ଅନେକ ଅଗ୍ରଗତି ହୋଇଛି। ବିଶେଷ କରି କୋର୍ଟଗୁଡ଼ିକ ଅଧିକ ଟେକ୍‌ନୋଲୋଜି ଫ୍ରେଣ୍ଡଲି ହୋଇଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ସମୟରେ ସୁପ୍ରିମକୋର୍ଟରେ ୮ ଜଣ ନୂଆ ବିଚାରପତି ନିଯୁକ୍ତି ପାଇବା ସହ ବିଭିନ୍ନ ହାଇକୋର୍ଟରେ ଖାଲିସ୍ଥାନ ପୂରଣ ହୋଇଛି। ଏହି ସମୟରେ ଯେତିକି ମାମଲା ଦାଏର ହୋଇଛି, ତା'ଠାରୁ ଅଧିକ ମାମଲା ଫଇସଲା ହୋଇପାରିଛି। ଗତବର୍ଷ ନଭେମ୍ବର ୯ରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସିଜେଆଇ ଭାବେ ଶପଥ ନେଇଥିଲେ। ସେ ଏହି ପଦରେ ୨୦୨୪ ନଭେମ୍ବର ୧୦ ପର୍ଯ୍ୟନ୍ତ ରହିବେ। ସିଜେଆଇଙ୍କ ପ୍ରଥମ ୧୦୦ ଦିନରେ ରେକର୍ଡ ଡିଜିଟାଲାଇଜେଶନ ହେବା ସହ ଆଇନଜୀବୀମାନଙ୍କ ପାଇଁ ଅନ୍‌ଲାଇନ ହାଜର ସ୍ଲିପ୍, ଆର୍‌ଟିଆଇ ଅନ୍‌ଲାଇନ ପୋର୍ଟାଲ ଏବଂ ଡିଜିଟାଲ କୋର୍ଟ ଡେସ୍କଟପ୍ ଆପ୍ଲିକେଶନ ଶୁଭାରମ୍ଭ ହୋଇଛି।

## ୱାଶିଂମେଶିନ୍, କୁଲର ବିକ୍ରି ଟଙ୍କାରେ ଫେରାର୍ ହେବାକୁ ବସିଥିଲେ ହାର୍ଦ୍ଦିକ



**ମୁମ୍ବାଇ, ୧୬।୨**

ମୁମ୍ବାଇ ନାଲାସୋପାରାରେ ଲିଭ୍-ଇନ୍ ପାର୍ଟନ ହତ୍ୟା ଅଭିଯୁକ୍ତ ହାର୍ଦ୍ଦିକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ପୋଲିସ ସୂଚନାନୁସାରେ ଘରେ ଥିବା ୱାଶିଂମେଶିନ୍, କୁଲର ଏବଂ କିଛି ବାସନ ବିକ୍ରି ଟଙ୍କାରେ ହାର୍ଦ୍ଦିକ ଫେରାର୍ ହେବାକୁ ଚେଷ୍ଟା କରିଥିବା ପୋଲିସ କହିଛି। ମେଘା ଧାନ୍ ସିଂ ତୋରଭି (୩୫)ଙ୍କ ଘର କର୍ଣ୍ଣାଟକର ଗୁଲବାର୍ଗାରେ। ନର୍ସିଂ ଟ୍ରେନିଂ ସାରି ମୁମ୍ବାଇରେ ସେ କାମ କରୁଥିଲେ। ୩ ବର୍ଷ ହେବ ହାର୍ଦ୍ଦିକ ଓ ମେଘା ପ୍ରେମ ସମ୍ପର୍କରେ ଥିବାବେଳେ ଗତ ୬ ମାସ ହେବ ସେ ନାଲାସୋପାରାରେ ଏକ ଘର ଭଡ଼ା ନେଇ ରହୁଥିଲେ। ଘରେ ମେଘା ଏକୁଟିଆ ରୋଜଗାର କରୁଥିବାବେଳେ ହାର୍ଦ୍ଦିକ ବେକାର ଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଘଟଣା ଦିନ ରାତିରେ ଭୀଷଣ ଝଗଡ଼ା ହେବା ପରେ ହାର୍ଦ୍ଦିକ ଟାୱେଲରେ ମେଘାଙ୍କ ଗଳାଚିପି ହତ୍ୟା କରିଥିଲେ।

## ଭାଜପା ଚାପରେ ପ୍ରଧାନ ସଚିବଙ୍କୁ ହଟାଇଲେ ରାଜ୍ୟପାଳ

**କୋଲକାତା,୧୬।୨**



ଆଇଏଏସ୍ ଅଧିକାରୀ ନନ୍ଦିନୀ ଚକ୍ରବର୍ତ୍ତୀ | ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ନିଜ ବ୍ୟାପାର ବୁଝିବା ପାଇଁ ରାଜଭବନରେ ଏକ ନୂଆ ଟିମ୍ ଗଠନ କରିବେ। ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ରାଜ୍ୟପାଳଙ୍କ ପ୍ରଧାନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ରାଜଭବନରୁ ପର୍ଯ୍ୟଟନ ବିଭାଗକୁ ବଦଳି କରାଯାଇଛି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ନନ୍ଦିନୀଙ୍କୁ ଭାଜପା ପକ୍ଷରୁ ବାରମ୍ବାର ଟାର୍ଗେଟ କରାଯାଉଥିଲା। ତେଣୁ ତାଙ୍କ ବଦଳି ପାଇଁ ରାଜଭବନ ପକ୍ଷରୁ ରବିବାର ଅନୁରୋଧ କରାଯାଇଥିଲା। ଶେଷରେ ନନ୍ଦିନୀଙ୍କୁ ରାଜଭବନ ଦାୟିତ୍ୱରୁ ରିଲିଫ୍ କରାଯାଇଛି।

ପଶ୍ଚିମବଙ୍ଗ ଗୃହ ବିଭାଗ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ରାଜ୍ୟପାଳ ପଶ୍ଚିମବଙ୍ଗ କ୍ୟାଡର ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତଥା ରାଜ୍ୟପାଳଙ୍କ ପ୍ରିନ୍ସିପାଲ ସେକ୍ରେଟାରି ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ପର୍ଯ୍ୟଟନ ବିଭାଗ ପ୍ରଧାନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ନିକଟରେ ସେଣ୍ଟ ଜାଭିଅର୍ସ ୟୁନିଭର୍ସିଟି ଏବଂ ବିଧାନସଭାରେ ରାଜ୍ୟପାଳ ଭାଷଣ ଦେବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଶଂସା କରିଥିଲେ। ଏହା ପୂର୍ବରୁ ଗତ ଡିସେମ୍ବର ୧୫ରେ କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ରାଜ୍ୟପାଳ ବୋଷ ମମତାଙ୍କୁ 'ଏକ କାବ୍ୟିକ ରାଜ୍ୟର ସୃଜନଶୀଳ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଥିଲେ। ମମତାଙ୍କ ସହ ରାଜ୍ୟପାଳଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ନେଇ ଭାଜପା ଚିନ୍ତିତ ହୋଇଯାଇଛି। ନନ୍ଦିନୀ ରାଜଭବନରେ ପଶ୍ଚିମବଙ୍ଗ ସରକାରଙ୍କ ଏଜେଣ୍ଡାକୁ କାର୍ଯ୍ୟକାରୀ କରିବାକୁ ଯାଇ ରାଜ୍ୟପାଳଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିଭ୍ରାନ୍ତ କରୁଥିବା ନେଇ ଭାଜପା ଅଭିଯୋଗ ଆଣିବା ସହ ତାଙ୍କୁ ହଟାଇବା ପାଇଁ ଦାବି କରିଆସୁଥିଲା। ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ଶନିବାର ରାଜ୍ୟପାଳ ବୋଷଙ୍କୁ ଭେଟି ତାଙ୍କୁ ହଟାଇବାକୁ ଅନୁରୋଧ କରିଥିଲେ। ସ୍ଥିତି ଏପରି ହୋଇଯାଇଥିଲା ଯେ, ରାଜ୍ୟପାଳ ତାଙ୍କୁ ବଦଳି କରିବାକୁ ବାଧ୍ୟ ହୋଇଥିଲେ। ବୋଷ ତାଙ୍କ ପୂର୍ବସୂରୀ ପୂର୍ବତନ ରାଜ୍ୟପାଳ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ପଥ ଅନୁସରଣ କରନ୍ତୁ ବୋଲି ଭାଜପା ଚାହୁଁଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଭିଯୋଗ ଆଣିଛି।

## ରାଜନେତା ଫାହଦ ଅହମଦଙ୍କ ହାତ ଧରିଲେ ସ୍ୱରା



**ମୁମ୍ବାଇ, ୧୬।୨**

ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ଯୁବ ରାଜନେତା ଫାହଦ ଅହମଦଙ୍କୁ ବିବାହ କରିଛନ୍ତି। ଗୁରୁବାର ସ୍ୱରା ଟୁଇଟରରେ ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ୬ ତାରିଖରେ ସ୍ୱରା ଓ ଫାହଦ କୋର୍ଟ ମ୍ୟାରେଜ୍ କରିଛନ୍ତି। ବିବାହର ଏକ ଭିଡିଓ ସ୍ୱରା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଦୁହିଁଙ୍କ ମଧ୍ୟରେ ଗଢ଼ି ଉଠିଥିବା ବନ୍ଧୁତା ପରେ ପ୍ରେମର ରୂପ ନେଇଥିବା ବଲିଉଡ୍ ନାୟିକା ଏହି ପୋଷ୍ଟ ଶେୟାର କରି କହିଛନ୍ତି। ସ୍ୱାମୀ ଫାହଦଙ୍କ ପାଇଁ ସ୍ୱରା ଲେଖିଛନ୍ତି, ମୋ ହୃଦୟକୁ ତୁମକୁ ସ୍ୱାଗତ। ଏହା ଭାରି ଅସ୍ତବ୍ୟସ୍ତ କିନ୍ତୁ ଏହା କେବଳ ତୁମର।

## ବେତନ ଦିଅ, ଫେରିବାକୁ ବାଧ କରନାହିଁ

### କଶ୍ମୀରୀ ପଣ୍ଡିତ କର୍ମଚାରୀଙ୍କ ଦାବି

**ଶ୍ରୀନଗର,୧୬।୨**





ପ୍ରଧାନମନ୍ତ୍ରୀ ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା କଶ୍ମୀରୀ ପଣ୍ଡିତ କର୍ମଚାରୀମାନେ ଶିବରାତ୍ରି ପୂର୍ବରୁ ସେମାନଙ୍କ ବକେୟା ବେତନ ପ୍ରଦାନ କରିବା ସହ ସୁରକ୍ଷାଗତ କାରଣରୁ କଶ୍ମୀର ଫେରିବା ପାଇଁ ବାଧ ନ କରିବାକୁ ଦାବି କରିଛନ୍ତି। ଗତ କିଛି ମାସ ହେଲା କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କୁ ବେତନ ପୈଠ କରାଯାଇ ନ ଥିବା କଶ୍ମୀରର ପ୍ରବାସୀ ବିସ୍ଥାପିତ କର୍ମଚାରୀ ସଂଘର ଅଧ୍ୟକ୍ଷ ରୁବନ ସାପ୍ରୁ କହିଛନ୍ତି। ବକେୟା ବେତନ ପୈଠ ଲାଗି ସରକାର କୌଣସି ସର୍ତ୍ତ ରଖିବା ଉଚିତ ନୁହେଁ। ସମସ୍ତ ପିଏମ୍ ପ୍ୟାକେଜ୍ କର୍ମଚାରୀ ଯେପରି ବେତନ ପାଇ ସେମାନଙ୍କ ସଂସ୍କୃତି ଓ ଧର୍ମୀୟ ପରାମ୍ପରାର ପର୍ବ ମହାଶିବରାତ୍ରି ପାଳନ କରିପାରିବେ, ପ୍ରଶାସନ ତାହା ସୁନିଶ୍ଚିତ କରୁ ବୋଲି ସାପ୍ରୁ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମେ'ରେ କଶ୍ମୀରୀ ପଣ୍ଡିତ କର୍ମଚାରୀ ରାହୁଲ ଭଟ୍ଟଙ୍କୁ ଆତଙ୍କବାଦୀମାନେ କେନ୍ଦ୍ରୀୟ କଶ୍ମୀରରେ ଥିବା ତାଙ୍କ କାର୍ଯ୍ୟାଳୟରେ ହତ୍ୟା କରିଥିଲେ। ଏହାର ପ୍ରତିବାଦରେ ପ୍ରାୟ ୫,୦୦୦ କଶ୍ମୀରୀ ପଣ୍ଡିତ କର୍ମଚାରୀ ଗତବର୍ଷ ମେ' ୧୨ରୁ ଧର୍ମଘଟ କରିଆସୁଛନ୍ତି। ଏହି ହତ୍ୟାକାଣ୍ଡ ପରେ ଅଧିକାଂଶ ପିଏମ୍ ପ୍ୟାକେଜ୍ କର୍ମଚାରୀ ଉପତ୍ୟକା ଛାଡ଼ି ଜମ୍ମୁ ପଳାଇଥିଲେ। ସେଠାରେ ସେମାନେ କ୍ରମାଗତ ଭାବେ ଆନ୍ଦୋଳନ କରିଆସୁଥିବାବେଳେ କେତେଜଣ ଉପତ୍ୟକାକୁ ଫେରି କାର୍ଯ୍ୟରେ ଯୋଗଦେଲେଣି। ଧର୍ମଘଟରେ ସାମିଲ ଥିବା କର୍ମଚାରୀମାନେ ଭାଜପା କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ କରିଥିଲେ।

## ଦାବି ପୂରଣ ନ ହେଲେ ଜୋର୍‌ଦାର ଆନ୍ଦୋଳନ

### ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ବିକ୍ଷୋଭ

**ନୂଆଦିଲ୍ଲୀ,୧୬।୨**



ସୋନମ ୱାଙ୍ଗ୍‌ଚୁକ୍

ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ଅନୁଚ୍ଛେଦ ଅନୁଯାୟୀ ସାମ୍ବିଧାନିକ ସୁରକ୍ଷା ଯୋଗାଇଦେବା ଦାବିରେ ଲଦାଖର ବିଭିନ୍ନ ସଂଗଠନ ଦିଲ୍ଲୀର ଯନ୍ତରମନ୍ତରରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଲଦାଖ ଗ୍ରୁପ୍ ପକ୍ଷରୁ ଗୁରୁବାର କୁହାଯାଇଛି। ଲଦାଖରେ ଗଣତନ୍ତ୍ର ପ୍ରତି ସାଲିସ କରାଯାଉଛି ଏବଂ ନିଷ୍ପତ୍ତି ନେବାରେ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦିଆଯାଉ ନାହିଁ ବୋଲି ଲଦାଖ ଆପେକ୍ସ ବଡି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ତରଫରୁ ପରିବେଶ କର୍ମୀ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗ୍‌ଚୁକ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ବିନା ବ୍ୟବସ୍ଥାପିକାରେ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହେବ ବୋଲି ଆମେ କେବେ କଳ୍ପନା କରି ନ ଥିଲୁ। ଜନସାଧାରଣଙ୍କ ଅଂଶଗ୍ରହଣ ବିନା ଲଦାଖ ପାଇଁ ବଜେଟ ମଞ୍ଜୁର ହେବ କିପରି ବୋଲି ୱାଙ୍ଗ୍‌ଚୁକ୍ ପ୍ରଶ୍ନ କରିଛନ୍ତି।

ଉପରୋକ୍ତ ସଂଗଠନର 'ଚଲୋ ଦିଲ୍ଲୀ' ଡାକରାରେ ବହୁସଂଖ୍ୟାରେ ଲୋକ ବୁଧବାର ଯନ୍ତରମନ୍ତରରେ ଏକାଠି ହୋଇଥିଲେ। ପରିବେଶ ସୁରକ୍ଷା ଲାଗି ଲଦାଖ ପରିବେଶବିତ୍ ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ୫ ଦିନିଆ ଅନଶନ ଏହି ପ୍ରସଙ୍ଗକୁ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରାଇଥିଲା। ଇତିମଧ୍ୟରେ ଲଦାଖର ପ୍ରଥମ ଉପରାଜ୍ୟପାଳ ଆର୍.କେ. ମାଥୁରଙ୍କ ସ୍ଥାନରେ ଅରୁଣାଚଳପ୍ରଦେଶର ପୂର୍ବତନ ରାଜ୍ୟପାଳ ବ୍ରିଗେଡିୟର ବି.ଡି. ମିଶ୍ରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଆନ୍ଦୋଳନକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ମାଥୁରଙ୍କୁ ବଦଳାଗଲା ବୋଲି ବିଶ୍ୱାସ କରାଯାଉଛି। ଲେହର ବୌଦ୍ଧଧର୍ମାବଲମ୍ବୀ ଏବଂ କାର୍‌ଗିଲର ମୁସଲମାନମାନେ ୪ ଦାବି ପୂରଣ ଲାଗି ହାତ ମିଳାଇଛନ୍ତି। ସେଗୁଡ଼ିକ ହେଲା ରାଜ୍ୟ ମାନ୍ୟତା ପ୍ରଦାନ, ଷଷ୍ଠ ଅନୁଚ୍ଛେଦ ଅନୁଯାୟୀ ସାମ୍ବିଧାନିକ ସୁରକ୍ଷା, ଲେହ ଓ କାର୍ଗିଲ ପାଇଁ ଅଲଗା ଲୋକ ସଭା କ୍ଷେତ୍ର ଏବଂ ନିଯୁକ୍ତିକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା।





(୧) ଭୁବନେଶ୍ୱର ଖାରବେଳ ନଗର ୟୁନିଟ୍-୩ସ୍ଥିତ କ୍ୱାର୍ଟର୍ସ ନଂ. ଭିଆଇଆଇ ଆର୍-୧ ଠାରେ ଗୁରୁବାର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ମାତା ନିର୍ମଳାପ୍ରଭା ଦେବୀଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ। (୨) ନିର୍ମଳାପ୍ରଭା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ତାଙ୍କ ପୁତ୍ର ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ।

# ଏପ୍ରିଲରେ ନାସା ଯାତ୍ରା କରିବେ ବାସୁଦେବ

## ନାସା ହ୍ୟୁମାନ ଏକ୍ସପ୍ଲୋରେଶନ ରୋଭର ଚ୍ୟାଲେଞ୍ଜରେ ଭାଗ ନେବେ

**କଟକ ଅଫିସ,୧୬।୨**

କଟକ ସଦର ଥାନା ଅନ୍ତର୍ଗତ ବୟାଳିଶି ମୌଜା ଅନ୍ତର୍ଗତ ବରାଳ ଗ୍ରାମର ବାସୁଦେବ ଭୋଇ(୧୫) ନାସାକୁ ଯିବେ। ବାପା ଜଣେ ଦିନ ମଜୁରିଆ ହୋଇଥିବାବେଳେ ମୂଲ ଲାଗିଲେ ଘର ଚୁଲି ଜଳେ। ହେଲେ ପୁଅକୁ ଆମେରିକାର ନାସାକୁ ପଠାଇବାକୁ ସ୍ୱପ୍ନ ଦେଖିଛନ୍ତି। ଅଭାବ ଅନଟନ ମଧ୍ୟରେ ପାଠପଢି ନିଜ ସ୍ୱପ୍ନ ସାକାର କରିବାକୁ ଯାଉଛନ୍ତି ବାସୁଦେବ। ୟଙ୍ଗ ଥିଙ୍କର ଏଜୁକେଶନାଲ ଫାଉଣ୍ଡେଶନର ୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଓଡ଼ିଶାରୁ ବାସୁଦେବ ନାସା ଯିବା ଲାଗି ମନୋନୀତ ହୋଇଛନ୍ତି। ଚଳିତବର୍ଷ ଏପ୍ରିଲରେ ହେବାକୁ ଥିବା ନାସା ହ୍ୟୁମାନ ଏକ୍ସପ୍ଲୋରେଶନ ରୋଭର ଚ୍ୟାଲେଞ୍ଜରେ ବାସୁଦେବ ପ୍ରସ୍ତୁତ କରିଥିବା ରୋବର୍ଟକୁ ପ୍ରୋଜେକ୍ଟ କରିବେ। ବାସୁଦେବ ୨୦୧୫ରେ ୟଙ୍ଗ ଥିଙ୍କର୍ ଏଜୁକେଶନାଲ୍ ଫାଉଣ୍ଡେଶନରେ ଯୋଗ ଦେଇଥିଲେ। ୟଙ୍ଗ ଥିଙ୍କର୍‌ରେ ସାମିଲହେବା ପରେ



ବାସୁଦେବ ଭୋଇ

ସେ ୩-ଡି ପ୍ରିଣ୍ଟିଙ୍ଗ୍ ଟେକ୍ନୋଲୋଜିରେ ବିଶେଷଜ୍ଞ ପାଲଟିଛନ୍ତି। ସେ ସଂଗଠନରେ ଥିବା ବିଭିନ୍ନ ସାମଗ୍ରୀ ଏବଂ ସୁବିଧା ମାଧ୍ୟମରେ ଏକ କୃତ୍ରିମ ହାତ ଉଦ୍ଭାବନ କରିଛନ୍ତି। ପ୍ରୋଜେକ୍ଟ ସାହାଯ୍ୟରେ ସେ ଭିନ୍ନକ୍ଷମଙ୍କୁ ଏକ ଆଶା ଓ ଭରସା ଦେବାକୁ ଚାହୁଁଛନ୍ତି। ଏଥିସହ ସେ ଇସ୍ରୋ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିବା ସହ ନିଜ ଦେଶ ପାଇଁ ଗର୍ବ ଆଣିବାକୁ ଚାହୁଁଛନ୍ତି ବୋଲି ବାସୁଦେବ କହିଛନ୍ତି।

ଏହି ପ୍ରୋଜେକ୍ଟରେ ବାସୁଦେବଙ୍କୁ ୪୨ ମୌଜା ବରାଳ ଗାଁର ଯୁବ ବୈଜ୍ଞାନିକ ଅନୀଲ ପ୍ରଧାନ ପ୍ରଶିକ୍ଷଣ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଅନୀଲ ନିଜର ଏକ ଟିମ୍ ପ୍ରସ୍ତୁତ କରି ୧୦ ଜଣଙ୍କୁ ୨୦୨୧ରେ ନାସା ପଠାଇଥିଲେ। ଏବେ ପୁଣିଥରେ ଦ୍ୱିତୀୟ ଥର ପାଇଁ ୬ ଜଣ ଛାତ୍ରୀଛାତ୍ର ନାସା ଯିବା ନେଇ ଚୟନ ହୋଇଛନ୍ତି। ବାସୁଦେବ ନିଜ ହାତରେ ପ୍ରସ୍ତୁତ କରିଥିବା ରୋବର୍ଟକୁ ସେଠାରେ ପ୍ରୋଜେକ୍ଟ କରିବେ। ନାସା ପକ୍ଷରୁ କଟକ ୟଙ୍ଗ ଥିଙ୍କର ଏଜୁକେଶନାଲ ଫାଉଣ୍ଡେଶନଙ୍କୁ ସିଧାସଳଖ ସବୁଜ ସଙ୍କେତ ମିଳିବା ପରେ ଏହି ମିଶନ ପାଇଁ ଭାରତରୁ ୬ ଜଣ ଯୁବ ବୈଜ୍ଞାନିକଙ୍କୁ ଟିମ୍ ମୁଖ୍ୟ ଅନୀଲ କୁମାର ପ୍ରଧାନ ଚୟନ କରିଛନ୍ତି।


**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**Quotation Call Notice for Disposal of Scrap Items at NLUO, Cuttack**

Sealed quotations in prescribed format are invited by the undersigned from interested and eligible bidders for "disposal of "Miscellaneous Scrap Containing Steel, Aluminium, Aluminium Composite Panel, Plastic, GI & Wooden Scrap at NLUO Cuttack. Last Date to apply: **22/02/2023**. For details please visit: **www.nluo.ac.in** **Sd/- Registrar**



**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନ-ଦର୍ଶିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ରେଳପଥ ଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସମ୍ପୃକ୍ତ ସେକ୍ସନରେ ନିର୍ଦ୍ଧାରିତ ତାରିଖ ଓ ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍., ଏସି ଓଭରହେଡ୍ ଟ୍ରାକ୍ସନ ଓ୍ୱାୟାରରେ ବିଦ୍ୟୁତ୍‌ଶକ୍ତି ଯୋଗାଣ ଆରମ୍ଭ ହୋଇଯିବ । ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କଥିତ ଓଭରହେଡ୍ ଲାଇନ୍‌ର ନିକଟ ପରିସରରେ କୌଣସି ଅଣପ୍ରାଧିକୃତ ବ୍ୟକ୍ତି ଆସିପାରିବେ ନାହିଁ ।

**ସେକ୍ସନର ନାମ:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ଏମ୍‌ସିଏଲ୍ ନିମନ୍ତେ କେଚୋବାହାଲରୁ ଲାଇକେରା (ଅନ୍ତର୍ଭୁକ୍ତ) ମଧ୍ୟରେ ପ୍ରାଇଭେଟ୍ ସାଇଡିଂର ଦୋହରୀକରଣ ସଂକ୍ରାନ୍ତରେ କେଚୋବାହାଲରୁ ଲାଇକେରା ସେକ୍ସନ ମଧ୍ୟରେ ନୂଆ ୨ୟ ଲାଇନ୍ ଓଏଚ୍‌ଇର ଶକ୍ତି ସରବରାହ ଆରମ୍ଭ ସମେତ ୟାର୍ଡ-ଲାଇନ୍‌ର ସଂଶୋଧନ କି.ମି. ୫୩୧/୩୬ (ଚେନେଜ୍:- ୫୩୧/୯୩୮.୫୦)ରୁ କି.ମି. ୫୪୩/୧୮/୧ (ଚେନେଜ୍:- ୫୪୩/୫୧୦) । **ରେଳପଥ:** ଦକ୍ଷିଣ ପୂର୍ବ ରେଳପଥ, **ଡିଭିଜନ:** ଚକ୍ରଧରପୁର, **ଶକ୍ତି ସରବରାହ ଆରମ୍ଭର ଆନୁମାନିକ ତାରିଖ:** ୦୫।୦୩।୨୦୨୩ ।

**ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ**
**"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, **ଦକ୍ଷିଣ ପୂର୍ବ ରେଳପଥର** ଏମ୍‌ସିଏଲ୍-ବ୍ଲକ୍/କ୍ୟାବିନ୍‌ରୁ କେଚୋବାହାଲ ସେକ୍ସନ ମଧ୍ୟରେ ନୂଆ ୩ୟ ଲାଇନ୍ ଉପରେ ୨୫କେଭି ଏସି ବୈଦ୍ୟୁତିକ ଟ୍ରାକ୍ସନ ସଂକ୍ରାନ୍ତରେ, ଜୀବନ୍ତ ଟ୍ରାକ୍ସନ୍ ତାର **(କଣ୍ଟାକ୍ଟ ଓ୍ୱାୟାର)**ର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବାରୁ ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ଭାରକୁ ପ୍ରତିରୋଧ କରିବା ଲାଗି ସଡ଼କ ସ୍ତରରୁ **ସର୍ବାଧିକ ୪.୬୮ ମିଟରର ସ୍ପଷ୍ଟ ଉଚ୍ଚତାରେ** ସମସ୍ତ ଲେଭଲ୍ କ୍ରସିଂରେ ହାଇଟ୍ ଗେଜ୍ ସ୍ଥାପନ କରାଯାଉଛି, **ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ସ୍ତରର ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ ।** ଜନସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଯାନବାହନରେ ଭାର ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖନ୍ତୁ ଏବଂ ସଡ଼କ ଯାନରେ ପରିବହନ କରାଯାଉଥିବା ଭାର ଯେପରି ଉପରୋକ୍ତ ଉଚ୍ଚତା ଗେଜ୍‌କୁ କୌଣସି ପରିସ୍ଥିତିରେ ମଧ୍ୟ ଉଲ୍ଲଂଘନ ନ କରେ ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ । ଅତ୍ୟଧିକ ଉଚ୍ଚତାର ଭାରର ବିପଦ ନିମ୍ନ ଅନୁଯାୟୀ ଅଟେ: **କେଚୋବାହାଲରୁ ଲାଇକେରା ମଧ୍ୟରେ ଲେଭଲ କ୍ରସିଂ ଗେଟ୍ ଅବସ୍ଥିତି: କ୍ର.ସଂ. ୧, ସଡ଼କ ଅବସ୍ଥିତି ଡବଲ୍ ଲାଇନ୍ ଓଏଚ୍‌ଇ ଅବସ୍ଥିତି ୫୩୨/୨-୪ ମଧ୍ୟରେ । କ୍ର.ସଂ. ୨, ସଡ଼କ ଅବସ୍ଥିତି ଡବଲ୍ ଲାଇନ୍ ଓଏଚ୍‌ଇ ଅବସ୍ଥିତି ୫୩୨/୩୬-୩୮ ମଧ୍ୟରେ । କ୍ର.ସଂ. ୩, ସଡ଼କ ଅବସ୍ଥିତି ଡବଲ୍ ଲାଇନ୍ ଓଏଚ୍‌ଇ ଅବସ୍ଥିତି ୫୩୪/୧୮-୨୦ ମଧ୍ୟରେ । ଶକ୍ତି ସରବରାହ ଆରମ୍ଭ ତାରିଖ: ୦୫।୦୩।୨୦୨୩ ।**
(i) ଉଚ୍ଚତା ଗେଜ୍ ପ୍ରତି ବିପଦ ତଥା ତାହାର ପରିଣାମସ୍ୱରୂପ ରାସ୍ତା ଓ ରେଳ ଧାରଣା ଅବରୋଧ ହେବା । (ii) ବାହନରେ ବୋଝେଇ ହୋଇଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ମଧ୍ୟରେ ଆସି ଅଗ୍ନିକାଣ୍ଡର ଆଶଙ୍କା କିମ୍ବା ଜୀବନ ପ୍ରତି ବିପଦ ।

**(PR-1128)** **ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ସିଓଏନ୍), ରାଉରକେଲା**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ


# ଇଣ୍ଟରଭେନ୍‌ଶନ ପିଟିଶନ ଦାଏର କଲେ ସି'ଶୋର୍ ଗ୍ରୁପ୍ ଅଧ୍ୟକ୍ଷ

## ଚିଟ୍‌ଫଣ୍ଡ ଦୁର୍ନୀତି



**ନୂଆଦିଲ୍ଲୀ,୧୬।୨**

ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସି'ଶୋର୍ ଗ୍ରୁପ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ସୁପ୍ରିମକୋର୍ଟରେ ଇଣ୍ଟରଭେନଶନ ଆବେଦନ କରିଛନ୍ତି। ଉକ୍ତ ଆବେଦନକୁ ବିଚାରକୁ ନେବା ସହ ତାଙ୍କୁ ଶୁଣାଣିରେ ସାମିଲ ନ କରି ଚିଟ୍‌ଫଣ୍ଡ ମାମଲାରେ କୌଣସି ରାୟ ପ୍ରଦାନ ନ କରିବାକୁ ପ୍ରଶାନ୍ତ ନିବେଦନ କରିଛନ୍ତି। ସିବିଆଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରିଛି। ଓଡ଼ିଶାର ବିଭିନ୍ନ ଥାନାରେ ପିଟିଶନରଙ୍କ ବିରୋଧରେ ଦାଏର ହୋଇଥିବା ୧୯ଟି ମାମଲାକୁ ସିବିଆଇ ତଦନ୍ତ ପରିସରକୁ ନେଇନାହିଁ ବୋଲି ଇଣ୍ଟରଭେନର କହିଛନ୍ତି। ପ୍ରଶାନ୍ତ କହିଛନ୍ତି, ସେ କେବଳ ଅଳ୍ପ କେତେକ ସମ୍ପତ୍ତିର ସୁରକ୍ଷା ଚାହିଁଥିଲେ, ଯେଉଁଗୁଡ଼ିକର କ୍ରାଇମ ବ୍ରାଞ୍ଚ ପଞ୍ଜୀକୃତ ଆପରାଧିକ ମାମଲା ସହ ସମ୍ପୃକ୍ତି ନ ଥିଲା ଏବଂ କଟକର ଓପିଆଇଡି କୋର୍ଟ ବାଜ୍ୟାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ହଜାର ହଜାର ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିଲେ। ଜମାକାରୀ କିପରି ସେମାନଙ୍କ କଷ୍ଟଲବ୍ଧ ଅର୍ଥ ଫେରିପାରିବେ ପ୍ରସ୍ତାବ ଦେବାକୁ ଗତ ମାସ ୧୬ରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର, ଓଡ଼ିଶା ଓ ଚିଟ୍‌ଫଣ୍ଡ ଦୁର୍ନୀତିର ଅନ୍ୟ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଳମ୍ବ ହେଉଥିବାରୁ ପରୋକ୍ଷରେ ସାଧାରଣ ଲୋକେ ଅସୁବିଧା ଭୋଗୁଥିବା ଜଷ୍ଟିସ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ। ଏପର୍ଯ୍ୟନ୍ତ କେତେଜଣ ଜମାକାରୀ ଅର୍ଥ ଫେରିପାଇଲେଣି ଜଣାଇବାକୁ ଖଣ୍ଡପୀଠ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୨୦କୁ ଧାର୍ଯ୍ୟ କରାଯାଇଥିଲା। ବହୁକୋଟି ଟଙ୍କା ଚିଟ୍‌ଫଣ୍ଡ ମାମଲାରେ ଓଡ଼ିଶାର କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ପିଟିଶନ ଉପରେ କେନ୍ଦ୍ର ସହଯୋଗ ମନ୍ତ୍ରଣାଳୟ ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଥିଲେ।


**idco | ODISHA NEW OPPORTUNITIES**
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**
No. CAD-4853
Tender Call Notice No. H.O./P&C/EST-E-1532/01/2020-4431 Dated: 13.02.2023

**NOTICE INVITING TENDER THROUGH e-Procurement**

Name of the Work : Construction of Internal Roads, Drains and RCC Culverts in Proposed MSME Park, Basantapur, Sambalpur
Estimated Cost : Rs.1803.74 lakhs (approx.)
Period of Completion : 09 (Nine) Calendar Months
Pre-Bid meeting is to be conducted on Dtd.06.03.2023 at 3.30 P.M.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/ EST/E-154/2022-23 | 17.00 hours of 22.02.2023 | 17.00 hours of 13.03.2023 |

Further details can be seen from the e-Procurement Portal: **www.tendersorissa.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tenderorissa.gov.in** and IDCO Website: **www.idco.in**
**OIPR-14003/11/0294/2223** **Sd./- Chief General Manager (P&C), IDCO, Bhubaneswar**



प्रपत्र संख्या–1
कार्यपालक अभियंता का कार्यालय पेयजल एवं स्वच्छता प्रमंडल, झुमरीतिलैया
अल्पकालीन ई– निविदा

निविदा संख्या **:- 29/JMT/2022-23** दिनांक **16-02-2023**

| क्र0 स0 | विवरणी | विस्तृत विवरणी | | | |
|---|---|---|---|---|---|
| | Name of Work | Estimate Amount | Earnest Monty | Cost of BOQ | Time of Completion |
| 1 | Proposed Construction of Guest House (IB) at Urwan Near Old IB Jhumritelaiya under D.W. & S. Division Jhumritelaiya on "TURN KEY BASIS" for the Year 2022-23 | 2,97,81,097/- | 2,98,000/- | 10,000/- | 12 Months |
| 2 | बेबसाईट पर अपलोड करने की तिथि एवं समय | 28-02-2023 at 5.00 अपराह्न | | | |
| 3 | प्री बीड बैठक की तिथि एवं समय | 02-03-2023 at 1.00 PM अभियंता प्रमुख, पेयजल एवं स्वच्छता विभाग, झारखंड, राँची | | | |
| 4 | निविदा प्राप्त करने की अंतिम तिथि एवं समय | 09-03-2023 को 5.00 अपराह्न तक | | | |
| 5 | परिमाण विपत्र एवं अग्रिम जमानत की राशि जमा करने की अंतिम तिथि (मूल रूप में) एवं समय | 10-03-2023 को 1.00 बजे अपराह्न 1. कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया । 2. अधीक्षण अभियंता, पेयजल एवं स्वच्छता अंचल, हजारीबाग। 3. क्षेत्रीय मुख्य अभियंता, पेयजल एवं स्वच्छता विभाग, राँची प्रक्षेत्र राँची। | | | |
| 6 | निविदा खोलने की तिथि एवं समय | 11-03-2023 को 3.00 बजे अपराह्न | | | |
| 7 | निविदा करने वाले कार्यालय का नाम एवं पता | कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 8 | निविदा खोले जाने वाले पदाधिकारी एवं कार्यालय का नाम | कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 9 | निविदा करनेवाले कार्यालय का संपर्क नम्बर | 09931577959, ईमेलआईडी – eedwsd.jhumaritellaiya@gmail.com | | | |
| 10 | ई प्रोक्युरमेंट सेल का हेल्प लाईन नं0 | 0651-2480345 | | | |

विस्तृत विवरण बेबसाईट http://jharkhand tenders.gov.in पर देखा जा सकता है।
नोट :– स्वीकृत्यादेश की प्रत्याशा में निविदा प्रकाशित किया जा रहा है। स्वीकृति आदेश के उपरांत ही कार्यादेश निर्गत किया जायेगा।
(ई0 चन्द्रशेखर)
कार्यपालक अभियंता
पेयजल एवं स्वच्छता प्रमंडल, झुमरीतिलैया।
PR 290525 Drinking Water and Sanitation(22-23)D



**OFFICE OF THE PANCHAYAT SAMITI, RARUAN**
At/Po-Raruan, Dist-Mayurbhanj, Odisha
Email: ori-raruan@nic.in

**Notice No.** **Date:**
**No.i-438:**Sealed Tenders are invited from interested "C & B" Class Contractors registered with the Govt. for execution of Civil work under Panchayat Samiti, Raruan, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o.BDO, Raruan only through Courier/ Speed Post/ Registry Post only. Other mode of communication will not be entertained.
1.Sale of Tender Papers: -16.02.2023 to 02.03.2023 up to 1.00 PM.
2.Last Date of receipt of tender paper: - 02.03.2023 up to 5.00 PM.
3.Date of opening of tender papers at Meeting Hall, Raruan Block, Raruan, Mayurbhanj,: - 04.03.2023 at 10.30 AM.
4.Mode of receipt: Through speed post/Registry post only to O/o:BDO, Raruan,At/P.o.- Raruan, Dist- Mayurbhanj.
5.Envelope should be super-scribed with the name of the works for which tender paper is being submitted otherwise will be rejected.
6.The tender paper received after due date or time will liable for rejection.
Authority reserves the right to reject all or any of lhe tender without assigning any reason thereof. Again the authority will not held responsible for any postal delay.
**Sd/-Block Development Officer, Raruan, Mayurbhanj**
**OIPR-19311/11/0001/2223**



**idco | ODISHA NEW OPPORTUNITIES** No.CAD-4855
**OFFICE OF THE DIVISIONAL HEAD, IDCO, BCD-I, ANNEX BUILDING, IDCO TOWERS, JANPATH, BHUBANESWAR**
**Bid Identification No. BCD-1/EST-255/2018-23/4**
**TCN No. 324** **Dt.09.02.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1 Name of the Work: Strengthening the floor of State Data Centre at First Floor of OCAC Tower, Bhubaneswar.
2 Value of the Work: Rs.53.72 lakh (Approx.)
3 Period of Completion: 03 (Three) Calendar Months
4 Availability of tender
5 Online for Bidding:
I. Start Date: 18.00 hours of Dt.20.02.2023.
II. End Date: 15.00 hours of Dt.06.03.2023.
III. Opening Date: 16.00 hours of Dt.06.03.2023.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.
**Sd./- Divisional Head, IDCO, BCD-I Division, Bhubaneswar**
**OIPR-14003/11/0296/2223**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT - V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523

**INVITATIONS FOR BIDS (IFB)**
File No. B-II-Rev.-Coll.-(Puri)-28/2022-6063 / Bhubaneswar, the 15th Feb., 2023

**Invitation for Bids**
**2nd Corrigendum**

**Tender Reference No. C.E.-CUM-ADDL.SECY. (B) - 43/2022-23**
**Name of the Work: "Construction of New (B+G+4) Building of Collectorate Campus at Puri".**
No. B-1262: The following changes have been made in Bid Identification No. **C.E.-CUM-ADDL.SECY. (B) - 43/2022-23**.
1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in** during the period **Dt.21.02.2023 to 17 hours of Dt.09.03.2023** instead of **Dt.15.02.2023 to Dt.01.03.2023** for ONLINE BIDDING respectively.
2. **Online** bids shall be received **till 17.00 hours of Dt.09.03.2023** instead of **Dt.01.03.2023**.
3. The technical bids will be opened at **11.30 A.M. of Dt.10.03.2023** instead of **Dt.02.03.2023**.

All other terms and conditions remain unchanged.
**Sd./- Chief Engineer (Buildings) Odisha, Bhubaneswar**
OIPR-34117/11/0119/2223



**The Odisha Small Industries Corporation Ltd.**
( A Government of Odisha Undertaking )
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
**No.CAD-4863:** OSIC GST No. 21AAACO2101M1Z1

**TENDER CALL NOTICE**

**Ref-OSIC/Comml-NB-RE/840** **Dt.15.02.2023**

**Tender Documents for** 1)**"Supply Installation of 1 no. of 20 mtr , height GI Octagonal/Round pole high mast with 350Wx9 LED at RMC Boudh, 2) Execution of Micro Irrigation system of Lower Indra Project ( electrical component with 5 yr maint, 3) Installation of Roof top Solar Power plant 2,3 and 5 KW with 5 yr maint. at different places under DFO Boudh".**

| | |
|---|---|
| Date of available of the Bid Document in OSIC Website. | 15.02.2023 at 5.00 PM |
| Last date/Time of Submission of Bid | 09.03.2023 at 1.00 PM |
| Date of opening of Bid Document | 09.03.2023 at 3.00 PM. |
| Opening of Price Bid | The date & time for opening of price bid shall be intimated to the eligible bidders over phone/mail. |

The authority reserves the right to accept or reject any one or all bids without assigning any reason thereof. Any changes, addition or alternation or modification of this bid shall be published only in the website of OSIC. The bid can be dropped in the tender box of OSIC.
**Place of receipt, opening of Bid & Address for Communication:**
**The Managing Director, The Odisha Small Industries Corporation Ltd., Madhupatna, Industrial Estate, Cuttack-10, Tel: 0671-2341204.**
**By order of MD**
**Sd/-General Manager(O)**
**OIPR-14073/11/0159/2223**



**OFFICE OF THE ADMINISTRATOR, UTTARAYANI PGS & MCS LTD.**
**REGD. NO. 33/PU/ DATED. 13.3.1962**
**AT.PO. SATSANKHA VIA. SAKHIGOPAL, PIPILI BLOCK, DIST.PURI.**

**INVITATION FOR EXPRESSION OF INTEREST (EOI) FOR REVIVAL OF COOPERATIVE COLD STORAGE ON P.P.P. MODE.**

Expression of Interest are invited from prospective and financially sound entrepreneurs/firms to work on public private partnership basis to undertake commercial operation of the defunct cooperative cold storage with 1.58 acre of land and godown of 2000 M.T on "as is where is basis" with necessary modification and upgradation of technology for multi commodities operation located At. Satsankha Via. Sakhigopal under Pipili Block of Puri District.

A demand draft of Rs.11,800/-(10,000+1800/-) (non-refundable) drawn in favour of the Secretary, Uttarayani PGS & MCS Ltd. shall be deposited towards bid documentation fees along with EOI. The EOI should be submitted in a sealed cover superscribed as EOI for Coop. Cold Storage Operation on PPP latest by 23.3.2023 (at. 4.30 PM) in the sealed Box kept at Office of the Deputy Registrar of Cooperative Societies, Puri Division, Puri, At- C.T.Road, Dist. Puri. The EOI will be opened on the next date at 3.00 P.M (24.03.2023) in the office of the DRCS, Puri Division, Puri in presence of the applicants/ authorized representative of applicants. Details may be down loaded from the website https://rcsodisha.nic.in and https://coop.odisha.gov.in. or obtain directly from the O/o DRCS, Puri Division, Puri.

The Administrator, Uttarayani PGS & MCS Ltd. reserves the right to accept reject any or all EOI without assigning any reason thereof.
**Sd./- Administrator, Uttarayani PGS & MCS Ltd.**



**OFFICE OF THE CDM & PHO CUM DMD, NUAPADA**
**DISTRICT PROGRAMME MANAGEMENT UNIT,NHM**
**NUAPADA, ODISHA, 766105**
**Email Id:nhmnuapada@gmail.com**
**Notice No.515** **Date:16.2.2023**

**ATTENTION OF APPLICANTS PURSUANT TO ADVT. NO. 4538/ DPMU/NHM/2022, DT.02.12.2022**

**No.E-911:**In response to the Advertisement No.4538/ DPMU/NHM/2022, Dt.02.12.2022 of NHM, Nuapada, the objection compliance and provisional merit list of the candidates with respect to this office notice no.139, dated 12.01.2023 for the post of MO AYUSH under different schemes and objection compliance & shortlisted candidates for appearing Computer Test for the post of Block Data Manager with respect to notice no-180, dated 13.01.2023 are uploaded in the district website i.e., www.nuapada.nic.in for information of the candidates.
**Sd./- CDM & PHO cum DMD Nuapada**
**OIPR-10055/11/0026/2223**



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, ODISHA,BHUBANESWAR**
**Letter No.5046,Dated 15.2.23**
**Email id:crew_bbsr@yahoo.com**

**Notice Inviting request for proposal from consultant (RFP-Online-01 (Bridge)/2022-23, dt.13.02.2023)**

**No.O-1849:**1. Name of the Work: Consultancy services for preparation of Detailed Project Report (DPR) for restoration of the Pedestrian Suspension Bridge.
2. Total No. of Works: 01 (One) No.
3. Period of Completion: 60 days.
4. Other details: www.tendersodisha.gov.in.

| Procurement Officer | Bid Identification No. | No. of Bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer Buildings & Bridges, Rural Works, Odisha, Bhubaneswar | RFP-Online-01 (Bridge)/ 2022-23 | 01 (One) No. | 20.02.2023 at 11.00 A.M. | 06.03.2023 upto 5.00 P.M. |

Other details can be seen in the bidding documents, which will be available in website www.tendersorissa.gov.in.
**Sd./- Chief Engineer (Buildings & Bridges) Rural Works, Odisha, Bhubaneswar**
**OIPR-25123/11/0027/2223**



**OFFICE OF THE PROJECT DIRECTOR ATMA, SUNDARGARH**

**EXPRESSION OF INTEREST (EOI)**

The Chief District Agriculture Officer-cum-Project Director, ATMA, Sundargarh invites application from interested CBOs/FPOs working in Sundargarh District towards "Expression of Interest (EOI)" for "Odisha Millets Mission" in Subdega, Bargaon & Sadar Sundargarh blocks. The EOI of the CBOs/FPOs should be submitted to the "Office of CDAO-cum-Project Director, ATMA, Sundargarh" in the prescribed format with necessary enclosures by 5.00 PM, 6th March 2023 through Registered/ Speed Post. For application form please visit www.sundergarh.nic.in, www.milletsodisha.com in websites or contact District Co-ordinator OMM, Sundargarh (Mob-8984005958).
**Sd./-Chief District Agriculture Officer-cum-Project Director, ATMA, Sundargarh**
**At/Po/Dist-Sundargarh-770001**



ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏମ୍.ଭି. ସୁଚୀନ୍ଦ୍ର କୁମାରଙ୍କୁ ନୂଆ ସେନା ଉପମୁଖ୍ୟ ଦାୟିତ୍ୱ ଗୁରୁବାର ପ୍ରଦାନ କରାଯାଇଛି। ଉପମୁଖ୍ୟ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସୁଚୀନ୍ଦ୍ର କୁମାର ସେନାର ଡେପୁଟି ଚିଫ୍ ଦାୟିତ୍ୱରେ ଥିଲେ। ନିଜ ଚାକିରିକାଳ ମଧ୍ୟରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ମିଶନ୍‌ରେ ସାମିଲ ହୋଇଥିଲେ। ଅନେକ ଦିନ ଧରି ସେନା ଉପମୁଖ୍ୟ ଦାୟିତ୍ୱରେ ରହିଥିବା ଲ୍ୟୁଟନାଣ୍ଟ ଜେନେରାଲ ବି.ଏସ୍. ରାଜୁଙ୍କୁ ସାଉଥ୍-ୱେଷ୍ଟର୍ନ ଆର୍ମି କମାଣ୍ଡର ଦାୟିତ୍ୱ ପ୍ରଦାନ କରାଯାଇଛି।

# ମିଥ୍ୟା ସାକ୍ଷ୍ୟ ଦେଇଥିଲେ ଟ୍ରମ୍ପ୍‌ଙ୍କ ସହଯୋଗୀ

**ୱାଶିଂଟନ,୧୬।୨**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୦ ନିର୍ବାଚନରେ ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କଠାରୁ ପ୍ରାୟ ୧୨,୦୦୦ ଭୋଟ ବ୍ୟବଧାନରେ ପରାଜିତ ହେବା ପରେ ନିଜ ସପକ୍ଷରେ ପରିଣାମ ଆସିଥିବା ଦର୍ଶାଇ ଅପରାଧ ଭିଆଇଥିଲେ କି? ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଜର୍ଜିଆର ଅଭିଯୋଜନକାରୀମାନଙ୍କୁ ଦୁଇବର୍ଷ ଲାଗିଯାଇଛି। ଅଧିକାଂଶ ବିଚାରପତିଙ୍କ ମତରେ ଏହି ମାମଲାର ଶୁଣାଣି ବେଳେ ଜଣେ କିମ୍ବା ଏକାଧିକ ସାକ୍ଷୀ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରିଛନ୍ତି। ନିର୍ବାଚନରେ ବିପୁଳ ଭୋଟ ଚୋରି ନେଇ ଟ୍ରମ୍ପ୍ ଆଣିଥିବା ଅଭିଯୋଗରେ କୌଣସି




ସତ୍ୟତା ନାହିଁ। ୨୩ ଜଣ ବିଚାରପତିଙ୍କୁ ନେଇ ଗଠିତ ତଦନ୍ତକାରୀ ପ୍ୟାନେଲ ୨୦୨୧ ଜାନୁୟାରୀ ୨ରେ ଟ୍ରମ୍ପ୍ ଓ ଜର୍ଜିଆ ସେକ୍ରେଟାରି ଅଫ୍ ଷ୍ଟେଟ୍ ବ୍ରାଡ୍ ରାଫେନ୍ସପରଜରଙ୍କ ମଧ୍ୟରେ ସହ ହୋଇଥିବା ଟେଲିଫୋନିକ୍ ବାର୍ତ୍ତାଳାପକୁ ମଧ୍ୟ ଯାଞ୍ଚ କରିଥିଲା। ଉକ୍ତ ପ୍ୟାନେଲ ଟ୍ରମ୍ପ୍‌ଙ୍କ କେତେଜଣ ସହଯୋଗୀ, ଚତୁର୍ଥ ଚିଫ୍ ଅଫ୍ ଷ୍ଟାଫ୍ ମାର୍କ ମେଡୋଜ୍, ପୂର୍ବତନ ଆଟର୍ନି ରୁଡି ଗିଉଲିଆନି ଏବଂ ସାଉଥ୍ କ୍ୟାରୋଲିନାର ରିପବ୍ଲିକାନ୍ ସିନେଟର ଲିଣ୍ଡ୍‌ସେ ଗ୍ରାହାମଙ୍କ ବୟାନ ରେକର୍ଡ କରିଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରିଥିବାରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଷ୍ଟ୍ରିକ୍ଟ ଆଟର୍ନିଙ୍କୁ ପରାମର୍ଶ ଦିଆଯାଇଛି। ଡେମୋକ୍ରାଟିକ୍ ଡିଷ୍ଟ୍ରିକ୍ଟ ଆଟର୍ନି ଫନି ୱିଲିସ୍ ପ୍ୟାନେଲ୍‌ର ପରାମର୍ଶ ନେଇ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୨୧ କ୍ୟାପିଟୋଲ ହିଲ୍ ଦଙ୍ଗାରେ ଟ୍ରମ୍ପ୍‌ଙ୍କ ଭୂମିକା ନେଇ ତଦନ୍ତ କରୁଥିବା ଏକ କଂଗ୍ରେସନାଲ କମିଟି ଗତବର୍ଷ ନିଜ ଚୂଡ଼ାନ୍ତ ରିପୋର୍ଟରେ ଏହି ହିଂସା ପାଇଁ ପୂର୍ବତନ ରାଷ୍ଟ୍ରପତିଙ୍କୁ ଦାୟୀ କରିଥିଲା।

# 'କମ୍ୟୁନିଷ୍ଟ ଚାଇନା ଭୁଶୁଡ଼ି ପଡ଼ିବ'

**ଚାର୍ଲେଷ୍ଟୋନ୍,୧୬।୨**

ପୂର୍ବର ସୋଭିଏଟ୍ ୟୁନିୟନ ଭୁଶୁଡ଼ି ପଡ଼ିବା ଭଳି କମ୍ୟୁନିଷ୍ଟ ଚାଇନା ମଧ୍ୟ ଶେଷ ହୋଇଯିବ ବୋଲି ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ନେତ୍ରୀ ନିକ୍କି ହାଲି କହିଛନ୍ତି। ୨୦୨୪ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଆଶାୟୀ ନିକ୍କି ତାଙ୍କ ପ୍ରଥମ ଉଦ୍‌ବୋଧନରେ ବେଜିଂକୁ କଡ଼ା ଚେତାବନୀ ଦେଇଛନ୍ତି। ଆମେରିକା ଆକାଶରେ ଚାଇନାର ସନ୍ଦିଗ୍ଧ ଗୁପ୍ତଚର ବେଲୁନ୍‌କୁ ଖସାଯିବାକୁ ନେଇ ଦୁଇ ଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିଥିବାବେଳେ ସାଉଥ୍ କାରୋଲିନାର ପୂର୍ବତନ ଗଭର୍ନର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ ତାଙ୍କ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆମେରିକା ସୈନ୍ୟବାହିନୀ ସବୁଠୁ ଶକ୍ତିଶାଳୀ ଓ ସମର୍ଥ। ଶକ୍ତିଶାଳୀ



ନିକ୍କି ହାଲି

ସେନା ଯୁଦ୍ଧ ଆରମ୍ଭ କରେନି, ବରଂ ଯୁଦ୍ଧକୁ ରୋକିଥାଏ। ଆମେ ଆମ ସହଯୋଗୀ ଇସ୍ରାଏଲ୍ ଏବଂ ୟୁକ୍ରେନ୍ ସହ ରହିଛୁ ଏବଂ ଶତ୍ରୁ ଦେଶ ଇରାନ ଓ ରୁଷିଆ ବିରୋଧରେ ଛିଡ଼ାହୋଇଛୁ। ଚାଇନା କେବଳ ହାରିଯିବ ନାହିଁ, ଏହା ସୋଭିଏଟ୍ ୟୁନିୟନ ଭଳି ଇତିହାସରେ ପାଉଁଶ ଗଦାରେ ଶେଷ ହୋଇଯିବ ବୋଲି ନିକ୍କି କହିଥିଲେ।

# କୁକୁଡ଼ା କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ମସ୍କୋ, ୧୬।୨:** ଆୟର୍ଲାଣ୍ଡର ରୋସ୍କୋମୋନସ୍ଥିତ କିଲ୍ଲାହୋରନିଆରେ ଜାସ୍ପର କ୍ରାଉସ ନାମକ ଜଣେ ବ୍ୟକ୍ତି କୁକୁଡ଼ା କାମୁଡ଼ାରେ ପ୍ରାଣ ହରାଇଥିବା ଖବର ସାମ୍ନାକୁ ଆସିଛି। କ୍ରଉସଙ୍କ ବାଡ଼ିରେ ବୁଲୁଥିବା ଏକ ବ୍ରାହ୍ମସ କୁକୁଡ଼ା ଗତବର୍ଷ ଏପ୍ରିଲ ୨୮ରେ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। କୁକୁଡ଼ା କାମୁଡ଼ିବାର କିଛି ସମୟରେ ମଧ୍ୟରେ ହିଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ଏହାପୂର୍ବରୁ କ୍ୟାନ୍‌ସରରେ ଆକ୍ରାନ୍ତ କ୍ରଉସଙ୍କୁ ହୃଦ୍‌ଘାତ ହୋଇଥିଲେ ସୁଦ୍ଧା ସେ ବଞ୍ଚିଯାଇଥିଲେ। ଅଚେତ ଅବସ୍ଥାରେ କ୍ରଉସ କୁକୁଡ଼ା କୁକୁଡ଼ା ବୋଲି ଚିତ୍କାର କରୁଥିବା ତାଙ୍କ ଭଡ଼ାଟିଆ ଓ'କିଫି କହିଛନ୍ତି। କ୍ରଉସ୍‌ଙ୍କ ଦେହରୁ ରକ୍ତସ୍ରାବ ଆଦୌ ବନ୍ଦ ହେଉ ନ ଥିବା ତାଙ୍କ ଝିଅ କହିଛନ୍ତି।

# ବିବିସି ଅଫିସରେ ୬୦ ଘଣ୍ଟିଆ ଆଇଟି 'ସର୍ଭେ' ଶେଷ

**ନୂଆଦିଲ୍ଲୀ,୧୬।୨:** ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ର ଦିଲ୍ଲୀ ଓ ମୁମ୍ବାଇ ଅଫିସରେ ଆୟକର (ଆଇଟି) ବିଭାଗର ତଥାକଥିତ ସର୍ଭେ ଗୁରୁବାର ରାତିରେ ଶେଷ ହୋଇଛି। ଟିକସ ଠକେଇ ଅଭିଯୋଗ ନେଇ ଏହି ୬୦ ଘଣ୍ଟିଆ ଚଢ଼ାଉବେଳେ ଆଇଟି ଅଧିକାରୀମାନେ ଡିଜିଟାଲ ଓ ପେପର ଡେଟା ସହ କେତେଜଣ କର୍ମଚାରୀଙ୍କଠାରୁ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ସଂଗ୍ରହ କରି ସବିଶେଷ ତାଲିକା ପ୍ରସ୍ତୁତ କରିଥିଲେ। ରାତି ୧୦ଟାରେ ସେମାନେ କେତେକ ବ୍ୟାଗ୍ ଧରି କାର୍‌ଗୁଡ଼ିକରେ ଅଫିସରୁ ବାହାରୁଥିବା ଦେଖିବାକୁ ମିଳିଛି। ନୂଆଦିଲ୍ଲୀର କସ୍ତୁରବା ଗାନ୍ଧୀ ମାର୍ଗ ଓ ମୁମ୍ବାଇର ସାଣ୍ଟାକ୍ରୁଜ୍‌ରେ ଥିବା ବିବିସି ଅଫିସରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇ ଗୁରୁବାର ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ବିବିସି ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ମଧ୍ୟରେ ହୋଇଥିବା ଆର୍ଥିକ କାରବାର ନେଇ ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ କରିଥିଲେ। ଜାନୁୟାରୀ ୧୭ ଓ ୨୪ରେ ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚେନ୍' ଟାଇଟଲରେ ଦୁଇଟି ଡକ୍ୟୁମେଣ୍ଟାରି ପ୍ରସାରଣ କରାଯାଇଥିଲା।

# ଓଡ଼ିଶାରେ ସଡ଼କ ଭିତ୍ତିଭୂମି ପାଇଁ ୯୩୭ କୋଟି ଟଙ୍କା

**ନୂଆଦିଲ୍ଲୀ,୧୬।୨**

ଓଡ଼ିଶାରେ ବିଭିନ୍ନ ଜାତୀୟ ରାଜପଥ ନିର୍ମାଣ ଓ ପ୍ରଶସ୍ତୀକରଣ ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ୯୩୭ କୋଟି ଟଙ୍କା ମଞ୍ଜୁର କରିଛି। ରାଜ୍ୟରେ ନୂତନ ପ୍ରକଳ୍ପ ଆରମ୍ଭ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଲାଗି ୮୩୫ କୋଟି ରଖାଯାଇଥିବାବେଳେ୫ କୋଟି ଟଙ୍କାରୁ କମ୍ ମୂଲ୍ୟର ପ୍ରକଳ୍ପ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଗାମୀ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ସଡ଼କ ପରିବହନ ମନ୍ତ୍ରଣାଳୟର ବ୍ୟୟବରାଦ ପୂର୍ବବର୍ଷ ଖର୍ଚ୍ଚ ତୁଳନାରେ ଅଧିକ। ୨୦୨୨-୨୩ ବର୍ଷରେ ଓଡ଼ିଶା ଜାତୀୟ ରାଜପଥ ନିର୍ମାଣ ଓ ପ୍ରଶସ୍ତୀକରଣ ବାବଦରେ ୮୫୭ କୋଟି ଟଙ୍କା ବ୍ୟୟ କରିଥିଲା।

ଏନ୍‌ଏଚ୍-୫୫ର କନ୍ଦରପୁର-ବାଲିକୁଦା ସେକ୍ସନ ପ୍ରଶସ୍ତୀକରଣ ପାଇଁ ମନ୍ତ୍ରଣାଳୟ ୮୦ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଜାତୀୟ ରାଜପଥ ୨୦ର କୁଆଖିଆ-ମଙ୍ଗଳପୁର ସେକ୍ସନର ପ୍ରଶସ୍ତୀ ଓ ମଜଭୁତୀକରଣ ନିମନ୍ତେ ୭୦ କୋଟି ମଞ୍ଜୁର ହୋଇଛି। ସେହିପରି ଏନ୍‌ଏଚ୍-୪୯ରେ ଜମି ଅଧିଗ୍ରହଣ ସହ ଝାରସୁଗୁଡ଼ା ବାଇପାସ୍ ନିର୍ମାଣ ଲାଗି ୪୦ କୋଟି ଏବଂ ବ୍ରହ୍ମପୁର ଟାଉନ୍ ନିକଟ ଏନ୍‌ଏଚ୍-୫୯ରେ ବାଇପାସ୍ ନିର୍ମାଣ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏନ୍‌ଏଚ୍-୨୬ରେ ବରଗଡ଼ରୁ ବରପାଲି ଏବଂ ବରପାଲିରୁ ବଲାଙ୍ଗୀର ରାସ୍ତା ନିର୍ମାଣ ପାଇଁ ମଧ୍ୟ ବ୍ୟୟବରାଦ କରାଯାଇଛି। ସେହିପରି ଏନ୍‌ଏଚ୍-୫୭ର ନୟାଗଡ଼ରୁ ଖୋର୍ଦ୍ଧା ପ୍ରଶସ୍ତ କରାଇବା ପାଇଁ ୧୦ କୋଟି ଏବଂ ଏନ୍‌ଏଚ୍ ୧୫୭ର ଭଞ୍ଜନଗରରୁ ଆସ୍କା ରାସ୍ତା ପ୍ରଶସ୍ତୀକରଣ ଲାଗି ୪୦ କୋଟି ମଞ୍ଜୁର ହୋଇଛି। ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ରେଳ ଓଭରବ୍ରିଜ ପାଇଁ ୩୦ କୋଟି ଏବଂ ନୟାଗଡ଼ ସହରରେ ବାଇପାସ୍ ନିର୍ମାଣ ଲାଗି ୩୫ କୋଟି ଟଙ୍କା ମଞ୍ଜୁର ହୋଇଛି।

# ୨୦୨୦ରେ ଓଡ଼ିଶାରୁ ନିଯୁକ୍ତି ପାଇଛନ୍ତି ୨ ଟ୍ରେନି

**ନୂଆଦିଲ୍ଲୀ,୧୬।୨:** ଶିଳ୍ପ ତାଲିମ ସଂସ୍ଥା (ଆଇଟିଆଇ)ଗୁଡ଼ିକ ଯେଉଁ ଲକ୍ଷ୍ୟ ନେଇ ସ୍ଥାପନ କରାଯାଇଥିଲା, ତାହା ଫଳପ୍ରଦ ହୋଇନାହିଁ। ୨୦୨୦ରେ ଆଇଟିଆଇଗୁଡ଼ିକରୁ ୩,୧୩୭ ଜଣ ତାଲିମ ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ଓଡ଼ିଶାରେ ମାତ୍ର ୨ ଜଣଙ୍କୁ ନିଯୁକ୍ତି ମିଳିଥିବା ନୀତି ଆୟୋଗ ଅଧ୍ୟୟନରୁ ଜଣାପଡ଼ିଛି। ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଆବଶ୍ୟକ କୌଶଳ, ଶିକ୍ଷା ଓ ଶୃଙ୍ଖଳା ଶିକ୍ଷା ଦେଇ ବେରୋଜଗାରୀ ହ୍ରାସ କରାଇବା ଆଇଟିଆଇ ସ୍ଥାପନର ଉଦ୍ଦେଶ୍ୟ ଥିଲା। ୨୦୨୦ରେ ୩,୧୩୭ ଜଣ ଆଇଟିଆରେ ପାସ୍ କରିଥିଲେ। କେବଳ ଛତ୍ରପୁର ସରକାରୀ ଆଇଟିଆଇରୁ ୨ ଜଣ ରାଜ୍ୟରେ ନିଯୁକ୍ତି ପାଇବାକୁ ସକ୍ଷମ ହୋଇଛନ୍ତି। ରାଜ୍ୟରେ ୫୧୩ଟି ସ୍ୱୀକୃତିପ୍ରାପ୍ତ ଆଇଟିଆଇ ଥିବାବେଳେ ଏହାର ୧୦.୩୫ ପ୍ରତିଶତ ସରକାରଙ୍କ ଦ୍ୱାରା ପରିଚାଳିତ। ଅଧ୍ୟୟନରୁ ଜଣାପଡ଼ିଛି ୨୦୨୦ରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ୬,୨୨୦ ଜଣ ନାମ ଲେଖାଇଥିଲେ। ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ପାସ୍ କରିଥିଲେ। ୨୦୨୧ରେ ଆଇଟିଆଇରେ ମାତ୍ର ୫୩.୯୭ ପ୍ରତିଶତ ସିଟ୍‌ରେ ପିଲା ନାମ ଲେଖାଇଥିଲେ।

# ଦ.ଆଫ୍ରିକାରୁ ୧୨ ଚିତା ଆଣୁଛି ଆଇଏଏଫ୍ ବିମାନ

**ନୂଆଦିଲ୍ଲୀ, ୧୬।୨**

ଆଉ ୧୨ ଚିତାବାଘ ଆଣିବା ପାଇଁ ଭାରତୀୟ ବାୟୁସେନା (ଆଇଏଏଫ୍)ର ସି-୧୭ ଗ୍ଲୋବମାଷ୍ଟର ବିମାନ ଗୁରୁବାର ଦକ୍ଷିଣ ଆଫ୍ରିକା ଯାଇଛି। ସେଠାରେ ଶୁକ୍ରବାର ପହଞ୍ଚି ସେହି ଦିନ ଭାରତ ଫେରିବ। ଶନିବାର ସକାଳ ୧୦ଟାବେଳେ ସି-୧୭ ଗ୍ଲୋବମାଷ୍ଟର ବିମାନ ଗ୍ୱାଲିଅରରେ ପହଞ୍ଚିବ ବୋଲି 'ଚିତା' ପ୍ରୋଜେକ୍ଟର ମୁଖ୍ୟ ଏସ୍.ପି. ଯାଦବ କହିଛନ୍ତି। ଅନ୍ୟପକ୍ଷେ ଶନିବାର ଦିନ ଆଇଏଏଫ୍



ବିମାନରେ ଅଣାଯିବାକୁ ଥିବା ଚିତାଙ୍କୁ ସେହି ଦିନ ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କରେ ଛଡ଼ାଯିବ ବୋଲି ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ହିଣ୍ଡୋନ ଏୟାରବେସ୍‌ରୁ ଗୁରୁବାର ଏହି ବିମାନ ଦ. ଆଫ୍ରିକା ଅଭିମୁଖେ ଉଡ଼ାଣ ଭରିଛି। ଫେବୃୟାରୀ ୧୮ରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଉପସ୍ଥିତିରେ ଚିତାଙ୍କୁ କୁନୋ ନ୍ୟାଶନାଲ ପାର୍କରେ ଛଡ଼ାଯିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ୨୦୨୨ ସେପ୍ଟେମ୍ବର ୧୭ରେ ନାମିବିଆରୁ ଅଣାଯାଇଥିବା ଚିତା ଏବେ କୁନୋ ନ୍ୟାଶନାଲ ପାର୍କର ପରିବେଶକୁ ଗ୍ରହଣ କରିସାରିଛନ୍ତି। ୮ ଚିତା ଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ସେମାନଙ୍କୁ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଥିଲା।

## ଫୁର୍‌ସତ



କାର୍ତ୍ତିକ ଆର୍ଯ୍ୟାନ୍

# ବଡ଼ ପରଦାରେ କାର୍ତ୍ତିକଙ୍କ 'ଶେହଜାଦା'

**ମୁମ୍ବାଇ:** ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟାନ୍ ତାଙ୍କ ଆଗାମୀ ଫିଲ୍ମ 'ଶେହଜାଦା'ର ପ୍ରମୋଶନକୁ ନେଇ ବ୍ୟସ୍ତ ଅଛନ୍ତି। ସେ ଦେଶର ବିଭିନ୍ନ ସ୍ଥାନକୁ ଯାଇ ସେଠାରେ ଫିଲ୍ମର ପ୍ରମୋଶନ କରୁଛନ୍ତି। ଏହା ମଧ୍ୟରେ ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ପଠାନ' ଭଳି ଦୁବାଇର ବୁର୍ଜ ଖଲିଫାରେ କାର୍ତ୍ତିକଙ୍କ ଫିଲ୍ମ 'ଶେହଜାଦା'ର ଟ୍ରେଲର ଦେଖିବାକୁ ମିଳିଛି। ଏଥିନେଇ ସେ ତାଙ୍କ ସୋସିଆଲ ମିଡିଆରେ ଭିଡିଓ ଶେୟାର କରିଛନ୍ତି। ତେବେ କାର୍ତ୍ତିକଙ୍କ ଏହି ବହୁ ପ୍ରତୀକ୍ଷିତ ଫିଲ୍ମ ଫେବୃୟାରୀ ୧୭ ଅର୍ଥାତ୍ ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି। ଫିଲ୍ମ ପାଇଁ ପ୍ରି ବୁକିଂ ମଧ୍ୟ ଏହି ସପ୍ତାହ ପ୍ରାରମ୍ଭରୁ ଆରମ୍ଭ ହୋଇଯାଇଛି। ଏହାର ଡିଜିଟାଲ ଷ୍ଟ୍ରିମିଂ ଏବଂ ମ୍ୟୁଜିକ୍ ରାଇଟ୍ସ ବିକ୍ରୟ କରି ବଜେଟ୍‌ର ପାଖାପାଖି ୭୦ ପ୍ରତିଶତରୁ ଅଧିକ ରୋଜଗାର କରିସାରିଲାଣି। ରିପୋର୍ଟ ମୁତାବକ, ନିର୍ଦ୍ଦେଶକ ରୋହିତ ଧାୱନଙ୍କ ଫିଲ୍ମ 'ଶେହନାଜ' ୬୫ କୋଟି ବଜେଟ୍‌ରେ ପ୍ରସ୍ତୁତ କରାଯାଇଛି। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ମ୍ୟୁଜିକ୍ ରାଇଟ୍ସରେ ୧୦ କୋଟି, ସାଟେଲାଇଟ୍ସ ୧୫ କୋଟି, ଓଟିଟି ରାଇଟ୍ସ ଡିଜିଟାଲ ଷ୍ଟ୍ରିମିଂ ପାଇଁ ୪୦ କୋଟି ବିକ୍ରି ହୋଇଥିବା ଜଣାପଡ଼ିଛି। ତେବେ ଏହି ଫିଲ୍ମ ପାଇଁ କାର୍ତ୍ତିକ କୌଣସି ଫି' ନେଇ ନ ଥିବା ଜଣାପଡ଼ିଛି। ଫିଲ୍ମରେ କାର୍ତ୍ତକଙ୍କ ସମେତ କୀର୍ତ୍ତି ସାନନ୍ ଜଣେ ଓକିଲ ଭୂମିକାରେ ନଜରକୁ ଆସିବେ। ଏଥିସହ ମନୀଷା କୋଇରାଲା, ପରେଶ ରାୱଲ, ରୋନିତ୍ ରୟ, ସନି ହିନ୍ଦୁଜା, ସାଲିନି କପୁର ପ୍ରମୁଖଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ କାର୍ତ୍ତିକ ଏବଂ କୀର୍ତ୍ତିଙ୍କୁ ୨ୟ ଥର ପାଇଁ ଏକାଠି ଦେଖିବାକୁ ମିଳିବ। ଏହା ପୂର୍ବରୁ ଦୁହେଁ ଏକାଠି ଫିଲ୍ମ 'ଲୁକା ଛୁପି'ରେ ନଜର ଆସିଥିଲେ। ଏହି ଚଳଚ୍ଚିତ୍ରଟି ଅଲ୍ଲୁ ଅର୍ଜୁନଙ୍କ ତେଲୁଗୁ ଫିଲ୍ମ 'ଆଲା ବୈକୁଣ୍ଠପୁରମଲ୍ଲୁ'ର ଅଫିସିଆଲ୍ ହିନ୍ଦୀ ରିମେକ୍।

# ଭାରତୀୟ ସେନା ପାଇଁ ବେଙ୍ଗାଲୁରୁର ଜେଟ୍‌ପ୍ୟାକ୍ ସୁଟ୍

**ନୂଆଦିଲ୍ଲୀ**

ବେଙ୍ଗାଲୁରୁର ଏକ କମ୍ପାନୀ ଭାରତୀୟ ସଶସ୍ତ୍ର ବାହିନୀ ପାଇଁ ଜେଟ୍‌ପ୍ୟାକ୍ ସୁଟ୍ ଯୋଗାଇବାରେ ଉଦ୍ୟମ ଚଳାଇଛି। ଯେଉଁଥିରେ କି ଭାରତୀୟ ସେନା ଏହି ସୁଟ୍‌ରେ କଠିନ ଅଞ୍ଚଳରେ ବ୍ୟକ୍ତିଗତ ଭାବେ ଉଡ଼ିବାରେ ସକ୍ଷମ ହୋଇପାରିବ। ତେବେ ଜାନୁୟାରୀରେ ଭାରତୀୟ ସେନା ୪୮ଟି ଜେଟ୍‌ପ୍ୟାକ୍ ସୁଟ୍ ପାଇଁ ଏକ ପ୍ରସ୍ତାବ ଦେଇଥିଲା। ଜେଟ୍‌ପ୍ୟାକ୍ ସୁଟ୍ ହେଉଛି ସେନାଙ୍କ ଏକ ଅଂଶ, ଯାହାକି ଜରୁରିକାଳୀନ ପରିସ୍ଥିତିରେ ବ୍ୟକ୍ତିଗତ ଭାବେ ଶୀଘ୍ର ସେହି ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରେ। ବେଙ୍ଗାଲୁରୁ ଦ୍ୱାରା ପ୍ରସ୍ତୁତ ଏହି ଜେଟ୍‌ପ୍ୟାକ୍ ସୁଟ୍ ଇନ୍ଧନ ଭାବେ ଡିଜେଲରେ ପରିଚାଳିତ ହେବ। ଏହା ମୁଖ୍ୟତଃ ୧୦ କି.ମି. ଏବଂ ୮ ମିନିଟ ପର୍ଯ୍ୟନ୍ତ ଉଡ଼ିବାରେ ସକ୍ଷମ ହୋଇପାରିବ। ଏହି ସୁଟ୍ ୪୦ରୁ ୮୦ କିଲୋ ଭାର ବହନ କରିପାରିବାର କ୍ଷମତା ରଖିଛି। ସୁଟ୍ ୩ ହଜାର ମିଟର ଉଚ୍ଚତାରେ ଉଡ଼ିବା କ୍ଷମତା ରଖିଥିବାବେଳେ ଭୂମିଠାରୁ ଏହା ମୁଖ୍ୟତଃ ୧୦ରୁ ୨୦ ଫୁଟ୍ ମଧ୍ୟରେ ଉଡ଼ିବା ଉଚିତ। ଆବସଲ୍ୟୁଟ୍ କମ୍ପୋଜିଟ୍ ମ୍ୟାନେଜିଂ



ଡାରେକ୍ଟର ରାଘବ ରେଡ୍ଡିଙ୍କ ତଥ୍ୟ ଅନୁସାରେ, ଭୂମିରେ ବାଧା ପରିସ୍ଥିତି ପାଇଁ ଏହି ସୁଟ୍ ବହୁତ ଭଲ। ବ୍ରିଟିଶ୍ ନାଗରିକ ରିଚାର୍ଡ ବ୍ରାଉନିଂ ଜେଟ୍‌ପ୍ୟାକ୍ ସୁଟ୍ ଉଦ୍ଭାବନ କରିଥିଲେ। ସେ ଏହି ସୁଟ୍‌କୁ ମୁଖ୍ୟତଃ ବ୍ରିଜ୍ ଭାଙ୍ଗିବା ସମୟରେ ନଦୀକୁ ପାର୍ କରିବା, ମାଇନ୍ ଅଞ୍ଚଳରେ କିଛି ଅସୁବିଧା ହେଲେ ସେଠାରୁ ଅନ୍ୟତ୍ର ଯାଇପାରିବା, ବନ୍ୟା ସମୟରେ ଜରୁରୀ ସାମଗ୍ରୀ ବଣ୍ଟନ ଏବଂ ସେହି ଅଞ୍ଚଳରୁ ଉଦ୍ଧାର ଆଦି ବିଭିନ୍ନ କାର୍ଯ୍ୟ ପାଇଁ ତିଆରି କରାଯାଇଥିଲା। ତେବେ ଏହି ଜେଟ୍‌ପ୍ୟାକ୍ ସୁଟ୍ ଅଗ୍ନି ଲାଗିଥିବା ଅଞ୍ଚଳର ଉତ୍ତାପ ବହନ କରିବାର କ୍ଷମତା ରଖିଥାଏ ଏବଂ ଏଥିରେ କିଛି ଔଷଧ ସାମଗ୍ରୀ ମଧ୍ୟ ନେବା ପାଇଁ ବ୍ୟବସ୍ଥା ରହିଛି।

# ପାଣି ଭିତରେ କିସ୍ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

**କେପ୍‌ଟାଉନ:** ନିକଟରେ ପ୍ରେମୀଯୁଗଳ ଭାଲେଣ୍ଟାଇନ୍ ଡେ' ପାଳନ କରିଛନ୍ତି। ତେବେ ଜଣେ ଦମ୍ପତି ଏହି ଦିବସକୁ ଏକ ଭିନ୍ନ ଭାବେ ପାଳନ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ଲେଖାଇଛନ୍ତି। ଦମ୍ପତି ସାଉଥ୍ ଆଫ୍ରିକାର ବେଥ୍ ଲେଇଲେ ଏବଂ କାନାଡାର ମାଇଲ୍ସ କ୍ଲୁଉଟିର୍ ପାଣି ଭିତରେ କିସ୍ କରି ବିଶ୍ୱ ରେକର୍ଡ କରିଛନ୍ତି। ସେମାନେ ପାଣି ଭିତରେ ରହି ୪ ମିନିଟ୍ ୬ ସେକେଣ୍ଡ ପର୍ଯ୍ୟନ୍ତ କିସ୍ କରିଥିଲେ, ଯାହାକି ପୂର୍ବ ରେକର୍ଡକୁ କାଟି ଦେଇଛି। ପୂର୍ବ ରେକର୍ଡରେ ଏହାର ସମୟ ୩ ମିନିଟ୍ ୨୪ ସେକେଣ୍ଡ ଥିଲା। ଏହି କିସ୍ ସମ୍ପର୍କରେ ଦମ୍ପତିଙ୍କୁ ୩ ବର୍ଷ ପୂର୍ବେ ଏପରି ଉପାୟ ଆସିଥିଲା। ଏହି ରେକର୍ଡ କରିବାର କିଛି ସପ୍ତାହ ପୂର୍ବରୁ ଦମ୍ପତି ଏହାର ଟ୍ରେନିଂ ନେବା ଆରମ୍ଭ କରିଥିଲେ। ହେଲେ ଏହା ସେମାନଙ୍କ ପାଇଁ କଷ୍ଟ ଏବଂ ବିପଦପୂର୍ଣ୍ଣ ଥିଲା। ପ୍ରଥମେ ଆଗରୁ ହୋଇଥିବା ପୂର୍ବ ରେକର୍ଡ ପର୍ଯ୍ୟନ୍ତ ଯିବା ପାଇଁ ସେମାନଙ୍କୁ କଷ୍ଟ ହେଉଥିଲା। ହେଲେ ଟ୍ରେନିଂ ଫଳରେ ସେମାନେ ଏହି ରେକର୍ଡ ହାସଲ କରିଥିବା କହିଛନ୍ତି।





# ସ୍ତ୍ରୀଙ୍କୁ ସରପ୍ରାଇଜ ଦେବାକୁ ହାତରେ ମ୍ୟାରେଜ୍ ସାର୍ଟିଫିକେଟ ଟାଟୁ

**ବ୍ୟାଙ୍କକ:** ପ୍ରେମୀଯୁଗଳ ତାଙ୍କ ପ୍ରେମ ପାଇଁ ଭାଲେଣ୍ଟାଇନ୍ ଡେ'ରେ ବିଭିନ୍ନ ପ୍ରକାର ଖାଦ୍ୟ କିମ୍ବା ଅନ୍ୟ ସାମଗ୍ରୀ ଗିଫ୍ଟ ଆକାରରେ ଦେଇଥାନ୍ତି। ତେବେ ଜଣେ ୩୪ ବର୍ଷୀୟ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ସରପ୍ରାଇଜ ଦେବା ପାଇଁ ଏକ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଥାଇଲାଣ୍ଡର ସରାବୁଲି ସହରର ଜଣେ



ଟାଟୁ ଆର୍ଟିଷ୍ଟ ତାଙ୍କ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ହାତରେ ଏକ ସାର୍ଟିଫିକେଟର ଟାଟୁ ହୋଇଥିବା ଦେଖାଯାଉଛି। ଦମ୍ପତିଙ୍କ ବିବାହକୁ ୮ ବର୍ଷ ପୂରିଥିବାବେଳେ ସ୍ତ୍ରୀଙ୍କୁ ଭାଲେଣ୍ଟାଇନ୍ ସରପ୍ରାଇଜ ଦେବା ପାଇଁ ସ୍ୱାମୀ ନିଜ ହାତରେ ତାଙ୍କ ମ୍ୟାରେଜ୍ ସାର୍ଟିଫିକେଟକୁ ଟାଟୁ କରିଦେଇଛନ୍ତି। ତେବେ ଏହା କରିବାକୁ ଟାଟୁ ଆର୍ଟିଷ୍ଟଙ୍କୁ ୮ ଘଣ୍ଟା ସମୟ ଲାଗିଥିଲା। ସ୍ୱାମୀଙ୍କ ହାତରେ ଏପରି ଟାଟୁ ଦେଖି ସ୍ତ୍ରୀ ବହୁତ ଖୁସି ହୋଇଥିଲେ। ଏହି ଟାଟୁ ସେମାନଙ୍କ ପ୍ରେମର ପ୍ରତୀକ ବୋଲି ସେ କହିଛନ୍ତି।

# ଦୁର୍ଘଟଣା ମୃତ୍ୟୁ କମୁନି, ହେଲେ କମିଟି ସଚିବ ଖୁସି

## ସଡ଼କ ସୁରକ୍ଷା ସମ୍ପର୍କିତ ସୁପ୍ରିମକୋର୍ଟ କମିଟିର ବୈଠକ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସମ୍ପର୍କିତ ସୁପ୍ରିମକୋର୍ଟ କମିଟି ବୈଠକ ଲୋକସେବା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା, ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ, ଆହତ ବ୍ୟକ୍ତିମାନଙ୍କ ତୁରନ୍ତ ଚିକିତ୍ସା ଓ ସହାୟତା ପ୍ରଦାନ ଉପରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟ କମିଟିର ସଚିବ ସଞ୍ଜୟ ମିତ୍ତଲ ଖୁସିବ୍ୟକ୍ତ କରିଥିବା ସରକାରୀ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ହେଲେ ବାସ୍ତବରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମିବାର ନାଁ ଧରୁନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବୈଠକରେ ମଧ୍ୟ ଏ ସମ୍ପର୍କରେ ଆଲୋଚନା ହେବାପରେ ଏହାକୁ କମାଇବା ଲାଗି ଆବଶ୍ୟକ କାର୍ଯ୍ୟକ୍ରମ ଉପରେ ଧ୍ୟାନଦେବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ରାଜପଥକୁ ସଂଲଗ୍ନ କରୁଥିବା ରାସ୍ତାରେ ସ୍ପିଡ୍‌ବ୍ରେକର ବ୍ୟବସ୍ଥା, ଯାନବାହନ ଯାଞ୍ଚ ଏବଂ ନିଶା ସେବନକରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଦୁର୍ଘଟଣାର ପ୍ରଥମ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଦୃଷ୍ଟିରୁ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସାରେ ସହାୟତା ପ୍ରଦାନ କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ସେ କହିଛନ୍ତି। ଅନ୍ୟପକ୍ଷରେ ଟ୍ରମା କେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସଡ଼କ ସୁରକ୍ଷା ଉପରେ ଗଠିତ ସୁପ୍ରିମକୋର୍ଟ କମିଟି ସଚିବ ମିତ୍ତଲ ଜାତୀୟ ରାଜପଥରୁ ଅବରୋଧ ହଟାଇବା, ଜାତୀୟ ସଡ଼କ କଂଗ୍ରେସର ନିୟମ ଅନୁଯାୟୀ ମିଡିଆନ ନିର୍ମାଣ, ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନ ଚିହ୍ନଟ ଏବଂ ଆବଶ୍ୟକ ସୂଚନା ଫଳକ ଲଗାଇବା ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ରାଜ୍ୟରେ ଦୁର୍ଘଟଣାଜନିତ ମୃତାହତଙ୍କ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ସୂଚନା ପ୍ରଦାନ କରିଛନ୍ତି। ୨୦୨୧ରେ ରାଜ୍ୟରେ ୧୦,୯୮୩ଟି ଦୁର୍ଘଟଣାରେ ୫୦୮୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୯୬୮୨ ଜଣ ଆହତ ହୋଇଥିଲେ। ସେହିଭଳି ୨୦୨୨ରେ ୧୧,୬୬୩ଟି ଦୁର୍ଘଟଣାରେ ୫୪୬୭ ଜଣ ପ୍ରାଣ ହରାଇଥିବା ବେଳେ ୧୦,୩୦୨ ଜଣ ଆହତ ହୋଇଥିଲେ। ଗତବର୍ଷ ଗଞ୍ଜାମ ଜିଲାରେ ସର୍ବାଧିକ ଓ ଗଜପତି ଜିଲାରେ ସର୍ବନିମ୍ନ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ରକ୍ଷକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସାରେ ସହାୟତା ପ୍ରଦାନ କ୍ଷେତ୍ରରେ ୧୧,୩୮୯ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଅନ୍ୟପଟେ ରାଜ୍ୟର ସମସ୍ତ ଆଞ୍ଚଳିକ ଏବଂ ସହାୟକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାରାହାରି ୧୮ ଶହ ଜଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ଅତ୍ୟାଧୁନିକ ତାଲିମ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଉଥିବା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ଓଡ଼ିଶା ସବ୍‌-ଅର୍ଡିନେଟ୍‌ ଫାଇନାନ୍ସ ସର୍ଭିସ୍‌ ଲୋକାଲ ଫଣ୍ଡ ଅଡିଟ୍‌ ଆସୋସିଏଶନର ୨୮ତମ ବାର୍ଷିକ ସମ୍ମିଳନୀ ଏବଂ ସାଧାରଣ ପରିଷଦ ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଅନ୍ୟ ଅତିଥିମାନେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

## ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ନିର୍ଦ୍ଦେଶ

ଜଗତ୍‌ସିଂହପୁର ଅଫିସ, ୧୬।୨

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ଜଣେ ୧୦ ବର୍ଷର ନାବାଳିକାଙ୍କୁ ୨୦୧୮ରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍‌ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ ତଥା ଏହି ଥାନା ଅନ୍ତର୍ଗତ ବିଜେପୁର ଗ୍ରାମର ସନ୍ତୋଷ ଭୋଳ ଓରଫ ବିଟୁଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନଜୀବୀ ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିରୁ ୩ ଲକ୍ଷ ୫୦ ହଜାର ଟଙ୍କା ପୂର୍ବରୁ ଦିଆଯାଇଥିବାରୁ ଅବଶିଷ୍ଟ ରାଶି ଦେବା ପାଇଁ ପ୍ରାଧିକରଣକୁ ବିଚାରପତି ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦।୧୦।୧୮ରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ନାବାଳିକାଙ୍କ ପରିବାର ସହ ଅଭିଯୁକ୍ତ ବିଟୁଙ୍କ ସମ୍ପର୍କ ଥିଲା। ଏଥିଯୋଗୁ ନାବାଳିକାଙ୍କ ଘରକୁ ବିଟୁ ଯିବାଆସିବା କରୁଥିଲେ। ୨୦ ତାରିଖରେ କୌଣସି କାରଣରୁ ବିଟୁ ନାବାଳିକାଙ୍କ ଘରେ ରାତ୍ରିଯାପନ କରିବେ ବୋଲି କହି ରହିଥିଲେ। ରାତିରେ ନାବାଳିକା ତାଙ୍କ ଆଈଙ୍କ ସହ ଶୋଇଥିଲେ। କିନ୍ତୁ ବିଟୁ କୌଣସିମତେ ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ନାବାଳିକା କାନ୍ଦି କାନ୍ଦି ତାଙ୍କ ବୃଦ୍ଧା ଆଈଙ୍କୁ ଜଣାଇଥିଲେ । ଏହାପରେ ବୃଦ୍ଧା ତିର୍ତ୍ତୋଲ ଥାନାରେ ଅଭିଯୋଗ କଲାପରେ ମାମଲା (ନଂ.୨୬୩/୧୮) ରୁଜୁ ହୋଇଥିଲା। ଏହି ମାମଲାରେ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ପ୍ରଦ୍ୟୁମ୍ନ ସାହୁ ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଅନୁଗୋଳ ଅଫିସ, ୧୬।୨

ଅନୁଗୋଳ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍‌ ରଞ୍ଜିତା ଜ୍ୟୋତିଷି ତାଙ୍କ ରାୟରେ ହତ୍ୟା ଅଭିଯୁକ୍ତ ପ୍ରଶାନ୍ତ ସାହୁ(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମୋଟ ୩୪ ଜଣଙ୍କ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ତେବେ ମାମଲାର ଅନ୍ୟତମ ଅଭିଯୁକ୍ତ ସରୋଜ ସାହୁଙ୍କ ପୂର୍ବରୁ ମୃତ୍ୟୁ ହୋଇସାରିଥିବା ସୂଚନା ମିଳିଛି।

ମାମଲାରୁ ପ୍ରକାଶ, ୨୦୧୦ ସେପ୍ଟେମ୍ବର ୩ରେ ବଅଁରପାଳ ଥାନା ଚଉରିଡିହର ପ୍ରଦ୍ୟୁମ୍ନ ସାହୁ(୨୬) ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସାନ ଭାଇ ୫ ତାରିଖରେ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ୬ ତାରିଖରେ ପ୍ରଦ୍ୟୁମ୍ନଙ୍କ ମୃତଦେହ ଗୋତମରା ବୁଦ୍ଧିଆନାଳ ନିକଟରୁ ପୋଲିସ ଜବତ କରିଥିଲା। ଏ ନେଇ ନଂ. ୧୫୮/୧୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ପ୍ରଦ୍ୟୁମ୍ନଙ୍କ ଏଟିଏମ୍‌ କାର୍ଡ ବ୍ୟବହାର କରି ଅଭିଯୁକ୍ତ ପ୍ରଶାନ୍ତ ଓ ସରୋଜ ଏଟିଏମ୍‌ରୁ ଟଙ୍କା ଉଠାଇଥିବାରୁ ଦୁହିଁଙ୍କୁ ଥାନାକୁ ଆଣି ପୋଲିସ ପଚରା ଉଚରା କରିଥିଲା। ଦୁହେଁ ମିଶି ପ୍ରଦ୍ୟୁମ୍ନଙ୍କୁ ମାରିଦେଇଥିବା ସ୍ୱୀକାର କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। କୋର୍ଟରେ ମାମଲାର ବିଚାର ପ୍ରକ୍ରିୟା ଜାରି ରହିଥିବାବେଳେ ଅଭିଯୁକ୍ତ ସରୋଜଙ୍କ ମୃତ୍ୟୁ ହୋଇଯାଇଥିଲା। ବେଲ୍‌ରେ ଆସିଥିବା ପ୍ରଶାନ୍ତ ଦୋଷୀ ସାବ୍ୟସ୍ତ ହୋଇଥିବା ଜାଣି ୨୦୧୮ ଡିସେମ୍ବରରେ ଫେରାର ହୋଇଯାଇଥିଲେ। ଫଳରେ କୋର୍ଟରେ ରାୟ ସଂରକ୍ଷିତ ରହିଥିଲା। ତେବେ ବଅଁରପାଳ ପୋଲିସ ୩ ଦିନ ତଳେ ପ୍ରଶାନ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରି ଆଣି କୋର୍ଟରେ ହାଜର କରିବା ପରେ ଜିଲା ଦୌରାଜଜ୍‌ ରଞ୍ଜିତା ଜ୍ୟୋତିଷି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଦଣ୍ଡ ବିଧାନ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ତାପସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।


## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,BERHAMPUR

At-Ambapua,Po: Engineering School,Near Income Tax Office, Berhampur-760011
(Email:-serwbpr2004@yahoo.com, Tel/Fax:-0680-2404287)
NATIONAL COMPETITIVE BIDDING THROUGH e-PROCUREMENT
No.O-1850: Bid Identification No.Online Tender/74-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 74-2022-23/ BPR | Bridge Works (BSY) for 2022-23 | 03 Nos. | From Rs.329.19 lakhs to Rs.441.64 lakhs | "A" Class as applicable | 11 (Eleven) & 12 (Twelve) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/ 74-2022-23/BPR | 20.02.2023 at 10.00 A.M. | 06.03.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN. (ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & corrigendum if any can be seen from the website:- www.tendersodisha.gov.in.

Sd./-Chief Construction Engineer, R.W.Circle, Berhampur
OIPR-25071/11/0119/2223



## ODISHA HYDRO POWER CORPORATION LTD.

OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, AT/PO-BARINIPUT, DIST-KORAPUT-764006
Phone-06854-242001, Fax:06854242038, Email:sgmel_ukhep@ohpcltd.com, CIN:U40101OR1995SGC003963

**E-TENDER NOTICE No.UKHEP/ET-08/2022-23, Dated 14.02.2023**

No.CAD-4858:The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost in Rs. | E.M.D. (in Rs.) | Cost of bid document | Class of Contractor | Availability of bids online for bidders | Due date and time of Opening of Tender |
|---|---|---|---|---|---|---|---|
| 1 | Minor repairing, inside & out-side painting of Project High School, UKHEP, Bariniput | 13,50,851/- | 13,510/- | 7080/- (Rs.6000+ 18% GST) | "C" & "D" Class | From 10.00 Hrs. of 22.02.2023 to 17.00 Hrs. of 13.03.2023 | At 11.30 Hrs. of 14.03.2023 |

1. The bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in. by using their compatible Digital Signature Ceritifcate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.

OIPR-04002/11/0089/2223
Sd./- Unit Head, UKHEP, Bariniput



## ODISHA PUBLIC SERVICE COMMISSION CUTTACK

### NOTICE

No. 1758/P.S.C., Dt.16.02.23
PF-1E-01-2022/23 (DR-III)

**No. D-323:-** It is for information of all concerned that the written examination held on **03.07.2022** for recruitment to the post of **Post Graduate Teachers in Zoology**, pursuant to Advt. No.12 of 2020-21, **46 (Forty-six)** candidates bearing following Roll Nos. have been qualified for admission to the Viva Voce test. The physical verification of origial certificates/documents etc. and Viva Voce test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 from **13.03.2023 to 15.03.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email Id through blackening),** two passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para-10** of the aforesaid Advertisement and duly filled in "**Attestation Form**" & "**Bio-Data Form**" (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test**. The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/ documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | ROLL No. of Candidates |
|---|---|---|---|---|
| 1. | 13.03.2023 | 8.30 A.M. | 10.30 A.M. | 700031, 700032, 700038, 700046, 700049, 700055 & 700058 = **07 candidates** |
| | | 12.30 P.M. | 2.30 P.M. | 700063, 700078, 700082, 700097, 700105, 700107 & 700118 = **07 candidates** |
| 2. | 14.03.2023 | 8.30 A.M. | 10.30 P.M. | 700119, 700121, 700123, 700127, 700153, 700159, 700160, 700165 & 700179 = **09 candidates** |
| | | 12.30 P.M. | 2.30 P.M. | 700181, 700184, 700185, 700193, 700218, 700221 & 700228 = **07 candidates** |
| 3. | 15.03.2023 | 8.30 A.M. | 10.30 A.M. | 700229, 700231, 700233, 700238, 700286, 700304, 700307, 700318 & 700324 = **09 candidates** |
| | | 12.30 P.M. | 2.30 P.M. | 700325, 700331, 700335, 700354, 700357, 700358 & 700359 = **07 candidates** |

**N.B.:- The candidates are advised to report at the office of the Commission half an hour before the commencement of verification on their scheduled dates & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0275/2223
Sd./- Secretary (I/C)



## OFFICE OF THE CHIEF DISTRICT AGRICULTURE OFFICER, KEONJHAR

At/P.O.: Madhapur (Near Joda Bus Stand), PIN - 758001
e-mail: ddakeonjhar.dag@nic.in

**NOTICE FOR INVITATION OF EXPRESSION OF INTEREST (EOI)**

No. 677 Dt.16.02.2023

No. L-133: The Expression of Interest (EOI) (in seald cover) are invited from reputed Event Management Organizations for erection of Stall, Stage, Pandal, Camp Office Room etc. on occasion of District Level Krushi Mela scheduled to be held from 3rd to 6th March, 2023 on the D.D. College Ground, Keonjhar.
The detail of specification, structures and providing other ancillary services on the ground and briefly eligibility criteria of such works will available in the district portal of Keonjhar district i.e. **https://keonjhar.nic.in from 20.02.2023 to 24.02.2023 by 1.30 P.M.** The sealed Eols will be opened in the office chamber of the Chief District Agriculture Officer, Keonjhar on 24.02.2023 at 3.00 P.M. in the presence of the bidders or their authorized representatives.
The undersigned reserves the right to accept of reject any or all the Eols without assigning any reason thereof.

Sd./- Chief District Agriculture Officer, Keonjhar
OIPR-01421/11/0003/2223



## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE,BHAWANIPATNA

Ph:06670-235504, E-mail:serwbpt@yahoo.com
Bid Identification No.BPT/Online-25/2022-23,Date:14.02.2023
NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement

**No.O-1855:**1. Name of the Work: Construction of Road and Bridge works under Connecting Missing Road Link (CMRL) in the district Kalahandi and Nuapada.
2.No. of Works: 07 Nos.
3.Location details: Kalahandi and Nuapada District.
4.Estimated Cost: As per NIT.
5. Period of Completion: As per NIT.
6. Cost of Tender Paper : Rs.10,000/- per set.
7. Other details:

| Availability of tender for online bidding | | Last date & time for seeking tender clarification | Date and Time of Opening of technical bid |
|---|---|---|---|
| From | To | | |
| 22.02.2023 11.00 A.M. | 10.03.2023 5.00 P.M. | 09.03.2023 | 13.03.2023 at 11.00 A.M. |

Further details can be seen from the website "www.tendersorissa.gov.in."

Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0030/2223



## CUTTACK MUNICIPAL CORPORATION
### "e" PROCUREMENT NOTICE

No. C-2482 Tender ID: 2023_ORULB_86162
Bid Reference No. MC(CMC)CTC_Div.-I_No. 21/2022-23
Tender Call Notice No. 754 (PW) Date: 16.02.2023

Name of Works : Civil Works
No. of Works : 21 Nos.
Bid Value : Rs.2.23 Lakh to Rs.24.15 Lakh
Period of Completion : One Calendar Months to Two Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.17.02.2023 | 5.00 P.M. on Dt.28.02.2023 | 11.00 A.M. on Dt.03.03.2023 |

Tender details can be seen from the procurement portal: **www.tendersorissa.gov.in**.

Executive Engineer, City Div.-I
OIPR-13031/11/0128/2223



## GOVERNMENT OF ODISHA
### "e" PROCUREMENT NOTICE
Bid Identification No.42 of 2022-23

**No.O-1857:**The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different blocks under Balangir District.
01. Nature of Work: Construction of ESR, UGR, pump house with laying of rising main and distribution in different villages of Balangir District.
02. Total No. of Work: 05 No.
03. Estimated Cost: Rs.139.25 Lakh to 581.26 Lakh.
04. Eligible Class of Contractor: "B" "A" Contractor.
05. Period of Completion : Eighteen Month.
06. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 42 of 2022-23 | Dt.24.02.2023 At 11.00 Hrs. | Dt.15.03.2023 upto 17.00 Hrs. |

Further details can be had in the DTCN available in the website www.tendersodisha.gov.in.

Sd./- Superintending Engineer
RWS&S Division, Balangir
OIPR-25033/11/0035/2223



## UCE ALUMNI ASSOCIATION TECHNO MEETS

No. KK-340: Alumni Association of UCE/ VSSUT, Burla, BBSR Chapter will have
**TECHNO MEETS on 19.02.2023, 10 A.M.**
at AA CONVENTION, near AIIMS.
All Batch 1960 - 2022, All Alumni Chapters, VC, VSSUT & Retd. Profs. are cordially invited to join the meet.

**Brahma Mishra** President | **SSS Panda** Secretary

OIPR-44006/11/0028/2223



## OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA

Government of Odisha e-Procurement Notice
Bid Identification No.Online Tender/16/SERWD BLG/2022-23
No.O-1852: rw_balliguda@yahoo.com, Tel-06846-243114
Letter No.937//RWDBLG Date:16.02.2023

| | | | |
|---|---|---|---|
| 1 | Name of the Work | : | Building Work |
| 2 | Estimated Cost | : | Rs.18.82 Lakh to Rs.43.40 Lakh |
| 3 | Period of Completion | : | 4 (Four) to 6 (Six) Calendar months as per Annexure |
| 4 | Date & Time of availability of Bid documents in the Portal | : | From 21.02.2023 at 10.00 AM to 27.02.2023 upto 5.00 PM |
| 5 | Last Date/Time for receipt of Bids in the Portal | : | 27.02.2023 upto 5.00 PM |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Balliguda |

Further details can be seen from the e-Procurement portal website https://www.tendersodisha.gov.in.

Sd./- Superintending Engineer
Rural Works Division, Balliguda
OIPR-25164/11/0017/2223



## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No.1341 Date:16.02.2023
File:SMT-1848 (Vol-II)
No.CAD-4859: **NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Integrated Development of Lokanath Temple & Parbati Sagar, Puri under ABADHA Scheme on Turnkey Basis. |
| 2. | Bid Identification No. | : | 82/Tender/OBCC/2022-23 |
| 3. | Date of availability of bid document in e-procurement portal | : | From 20.02.2023 |
| 4. | Last date & time of receipt of online bid | : | Upto 5.00 PM on 16.03.2023 |
| 5. | Last date of Pre-Bid Quories | : | Till 5.00 PM on 24.02.2023 |
| 6. | Date & Time for Pre-Bid meeting | : | At 11.30 AM on 27.02.2023 (Through Video Conferncing) https://meet.google.com/zok-mjze-ssa |
| 7. | Date of Issuance of Pre-Bid Clarification | : | 01.03.2023 |
| 8. | Date of Bid Opening | : | 16.03.2023 at 5.30 PM |

9. Further details can be seen from the e-Procurement portal https://www.tendersodisha.gov.in. 10.OBCC has the right to accept or reject the Notice/RFP without assigning any reason thereof.

OIPR-34161/11/0048/2223
Sd./- EIC-cum-Managing Director



## OFFICE OF THE SUPERINTENDING ENGINEER MINOR IRRIGATION DIVISION, BHANJANAGAR

E-mail:midbhanjanagar@gmail.com
No.A-1176: GOVERNMENT OF ODISHA
e-Procurement Notice
Bid Identification No.EEMIDBNJ-05/2022-23
Ltr.No. 136(w/c) Date:10.02.2023

| | |
|---|---|
| Name of Work | : Civil Construction Works |
| No. of Works | : 10 (Ten) Nos. |
| Estimated Cost | : Rs.16.70 lakh to 29.45 lakh. |
| Tender Paper Cost | : Rs.6000.00 (for estimated cost below 50.00 lakh) Rs.10000.00 (for estimated cost above 50.00 lakh) |
| Period of Completion | : 06 (Six) Calendar Months |
| Class of Contractor | : "B, C & D" |
| Availability of bid documents | : From 17.02.2023 at 10.00 AM to 27.02.2023 upto 5.00 PM in website (www.tendersorissa.gov.in) |
| Period of Receipt of bid through online | : From 17.02.2023 at 10.00 AM to 27.02.2023 upto 5.00 PM through online |
| Mode of Payment | : Online |
| Date of Opening of bid documents | : 28.02.2023 at 11.30 AM |
| Date of Opening of bid documents for double cover system | : 28.02.2023 at 11.30 AM (Technical Bid Opening) |
| Date of Lottery (if required) | : 03.03.2023 at 11.00 A.M. |
| Digital Signature Certificate of Bidder | : The bidder must possess compatible digital signature Certificate (DSC) of Class-II or Class-III. |

The detail tender call notice can also be seen in the DOWR website: http://dowrorissa.gov.in.

| | |
|---|---|
| Name & Address of the OIT | : Superintending Engiener, M.I. Division Bhanjanagar, Park Road, Dist-Ganjam PIN-761126, Email:midbhanjanagar@gmail.com |
| Further details can be seen from the E-procurement market place. | : http://tendersorissa.gov.in. |

Sd./- Superintending Engineer, M.I.Division, Bhanjanagar
OIPR-32287/11/0008/2223



## OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BERHAMPUR - 760004, GANJAM, ODISHA

Tel.: 0680 2292624/Fax: 0680 2292752
E-mail: supdtmkcg@gmail.com, supdtmkcg-bam@gov.in
No. 2412/MCH/CS/2023 B/Berhampur the 15.02.2023

**TENDER CALL NOTICE**

No. E-908: The Superintendent, MKCG Medical College Hospital, Berhampur - 760004, Dist.: Ganjam, Odisha invites sealed tenders in the prescribed proforma from the registered and reputed manufacturers, authorized suppliers, dealers, stockiest for "Supply of Computers, Water Purifier & Other Items" for M.K.C.G. Medical College Hospital, Berhampur. The Tenderer should submit the tender in two Bids (i) Technical Bid and (ii) Price Bid. The Technical Bid shall contain (1) Tender Cost, (2) List of bided items, (3) valid PAN Card, (4) Valid GSTN Certificate as per the Govt. rule, (5) Valid ISI, ISO, GMP Certificate, (6) Valid manufacturing Licence and Authorization Certificate & (7) E-mail ID & Contact No. The price bid should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as Technical Bid for "Supply of Computers, Water Purifier & Other Items" with address & price bid for "Supply of Computers, Water Purifier & Other Items" with address putting in a single sealed cover. The details information & terms & conditions and the tender papers can be download from websites: **www.ganjam.nic.in** may deposit the tender cost of Rs.2000/- (Two thousand) + GST is non-refundable to be paid by way of E-Challan under the Head of Account 0075-00-800-0097-02237-000 through Odisha Govt. Treasury Site. The last date of receipt of tenders through Regd. Post/Speed Post/Courier is on or before 14.03.2023 at 05.00 P.M. and will be opened on 15.03.2023. The date of opening may be differed/postponed in case of unavoidable circumstances.

Sd./- Superintendent
MKCG Medical College Hospital, Berhampur
OIPR-10013/11/0035/2223

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ବିଶେଷକରି ଗୁରୁବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪ (୪୪.୪୨) ପଏଣ୍ଟ ବଢ଼ି ୬୧,୩୨୦ (୬୧,୩୧୯.୫୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦ (୨୦.୦୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୩୬ (୧୮,୦୩୫.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୨୦୨୪ ସୁଦ୍ଧା ୧୫ କୋଟି ୫ଜି ବ୍ୟବହାରକାରୀ

## ହ୍ରାସ ପାଇବ ୨ଜି ଗ୍ରାହକଙ୍କ ସଂଖ୍ୟା

**ନୂଆଦିଲ୍ଲୀ,୧୬।୨**



ଗତ କିଛିଦିନ ୫ଜି ସେବାକୁ ନାନା ପ୍ରକାର ଚର୍ଚ୍ଚା ଓ ଆଲୋଚନା ହେଉଥିଲା। ଏପରିକି ବର୍ତ୍ତମାନ ସମୟରେ ଦେଶର ପ୍ରମୁଖ ସହରରେ ୫ଜି ସେବା ସେବା ପହଞ୍ଚିନାହିଁ। ସାରା ଦେଶରେ ୫ଜି ସେବା ଓ ସୁବିଧା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସେହିଭଳି ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକ ମଧ୍ୟ ଦେଶବାସୀଙ୍କ ନିକଟରେ ୫ଜି ସେବା ପହଞ୍ଚାଇବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି ହେଲେ ଏହାରି ମଧ୍ୟରେ ୫ଜି ୟୁଜର୍ସଙ୍କୁ ନେଇ ସ୍ମାର୍ଟ ଫୋନ୍ ବ୍ରାଣ୍ଡ ନୋକିଆର ଏକ ରିପୋର୍ଟ ସାମ୍ନାକୁ ଆସିଛି। ଏପରିକି ଗୁରୁବାର ନୋକିଆର ଇଣ୍ଡିଆ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡେକ୍ସ ରିପୋର୍ଟ-୨୦୨୩ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ରିର୍ପୋଟେରେ ପ୍ରକାଶ କରାଯାଇଛି, ୨୦୨୪ ବେଳକୁ ଦେଶରେ ୧୫ କୋଟି ବ୍ୟବହାରକାରୀଙ୍କ ନିକଟରେ ୫ଜି ଥିବ। ଖାଲି ସେତିକି ନୁହେଁ, ୨୦୨୪ ବେଳକୁ ଦେଶରେ ୨ଜି ଗ୍ରାହକଙ୍କ ସଂଖ୍ୟା ବ୍ୟାପକ ପରିମାଣରେ ହ୍ରାସ ପାଇବ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଟେଲିକମ୍ ସରଞ୍ଜାମ ପ୍ରସ୍ତୁତକାରୀ କମ୍ପାନୀ ନୋକିଆର ଆକଳନ ରିପୋର୍ଟ ଅନୁସାରେ ୨୦୨୪ ସୁଦ୍ଧା ଉଭୟ ୪ଜି ଏବଂ ୫ଜି ୟୁଜର୍ସଙ୍କ ସଂଖ୍ୟା ପ୍ରାୟ ୧୦୦ କୋଟି ହେବା ସମ୍ଭାବନା ରହିଛି। ଏପରିକି ନୋକିଆର ଓଏମ୍‌ଡିଆଇଏ ଦ୍ୱାରା କରାଯାଇଥିବା ସର୍ଭେ ଅନୁସାରେ ୨୦୨୪ ବେଳକୁ ଭାରତରେ ୧୫ କୋଟି ୨ଜି ୟୁଜର ଥିବେ। ବର୍ତ୍ତମାନ ଭୋଡାଫୋନ୍-ଆଇଡିଆ, ବିଏସ୍‌ଏନ୍‌ଏଲ୍ ଏବଂ ଏୟାରଟେଲର ୩୫ କୋଟି ୨ଜି ୟୁଜର ରହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୨ ଅକ୍ଟୋବରରେ ୫ଜି'ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଦେଶରେ ମୋଟ ୨ କୋଟି ୟୁଜର ୫ଜି ସହ ଯୋଡ଼ିହୋଇଥିବା ଜଣାପଡିଛି। ଏପରିକି ରିଲାଏନ୍ସ ଜିଓ ୨୦୨୪ ସୁଦ୍ଧା ୧୦କୋଟି ୟୁଜର୍ସଙ୍କୁ ୫ଜି ସେବା ଯୋଗାଇବା ନେଇ ଲକ୍ଷ୍ୟ ରଖିଛି। ସେହିଭଳି ସର୍ଭେ ରିପୋର୍ଟ ଅନୁସାରେ ୨୦୨୩ ଦ୍ୱିତୀୟ ତ୍ରୈମାସିକ ଶେଷ ସୁଦ୍ଧା ଭାରତକୁ ପ୍ରାୟ ୧୦ କୋଟି ୫ଜି ସ୍ମାର୍ଟଫୋନ୍ ରପ୍ତାନି ହୋଇଥିଲା, ଯାହାକି ୨୦୨୩ ଶେଷ ସୁଦ୍ଧା ୪ଜି ସ୍ମାର୍ଟଫୋନ୍ ରପ୍ତାନିକୁ ଟପିଯିବ ବୋଲି କୁହାଯାଉଛି। ଅପରପକ୍ଷରେ ୨୦୨୨ରେ ଭାରତକୁ ୭କୋଟିରୁ ଅଧିକ ୫ଜି ଡିଭାଇସ୍ ପଠାଯାଇଛି। ବର୍ତ୍ତମାନ ସମୟରେ ୭୩ କୋଟି ୪ଜି ୟୁଜର୍ସଙ୍କ ମଧ୍ୟରେ ୮.୫କୋଟି ୟୁଜର୍ସ ୫ଜି ଯୁକ୍ତ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ, ଭାରତ ପୂର୍ବ ଭଳି ଡେଟା ଖର୍ଚ୍ଚ କରିବାରେ ଅନ୍ୟ ଦେଶ ତୁଳନାରେ ଶୀର୍ଷ ସ୍ଥାନରେ ରହିଛି। ୨୦୧୮ ରୁ ୨୦୨୨ ମଧ୍ୟରେ ଡେଟା ଟ୍ରାଫିକ୍ ୩.୨ ଗୁଣା ବଢ଼ିଛି, ଯାହାକି ୪.୫ ଏକ୍ସାବାଇଟ୍‌ରୁ ୧୪.୪ ଏକ୍ସାବାଇଟ୍ ପ୍ରତିମାସ ହୋଇଛି।

# ଗହମ ମୂଲ୍ୟରେ ୫ଟଙ୍କା ହ୍ରାସ

**ନୂଆଦିଲ୍ଲୀ,୧୬।୨**

ଗତ କିଛିଦିନ ହେବ ଦରଦାମକୁ ନେଇ ସବୁ ସ୍ତରରେ ବିରୋଧ ପ୍ରଦର୍ଶନ କରାଯାଥିଲା। ଫଳରେ କେନ୍ଦ୍ର ସରକାର ଗୁରୁବାର ପାଇକାରୀ ଓ ଖୁଚୁରା ବଜାରରେ ଗହମ କେଜି ପିଛା ୫ ଟଙ୍କା ହ୍ରାସ କରିଥିବା କେନ୍ଦ୍ର ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା ସୂଚନା ଦେଇଛନ୍ତି। ଏପରିକି କେନ୍ଦ୍ର ସରକାର ଖୋଲା ବଜାରରେ ୩୦ଲକ୍ଷ ଟନ ଗହମ ବିକ୍ରି ଲାଗି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ବଜାରରେ ଗହମ କେଜି ପିଛା ଦର ହ୍ରାସ ହୋଇଥିବା ଚୋପ୍ରା ମତପ୍ରକାଶ କରିଛନ୍ତି। ତେବେ ବଜାରରେ ଗହମ ଦର ହ୍ରାସ ଲାଗି ଯଦି ଆବଶ୍ୟକ ପଡେ ତେବେ ଅନ୍ୟ ପଦକ୍ଷେପ ମଧ୍ୟ ନିଆଯିବ ବୋଲି ସେ କହିଛନ୍ତି। ଏପରିକି ଆବଶ୍ୟକତା ପଡିଲେ ସରକାର ବଜାର ମୂଲ୍ୟ ନିୟନ୍ତ୍ରଣ କରିବାପାଇଁ ମୁକ୍ତ ବଜାର ବିକ୍ରି ଯୋଜନା (ଓଏମ୍‌ଏସ୍‌ଏସ୍) ରେ ଅଧିକ ଗହମ ଛଡିବା ସହ ଅନ୍ୟ ପଦକ୍ଷେପ ମଧ୍ୟ ନେଇପାରନ୍ତି। ସେହିପରି ଗହମ ରପ୍ତାନି ଉପରେ କଟକଣା ହଟାଇବା ପାଇଁ କୌଣସି ପ୍ରସ୍ତାବ ଉପରେ ସରକାର ଏ ପର୍ଯ୍ୟନ୍ତ ବିଚାର କରି ନାହାନ୍ତି ବୋଲି ଚୋପ୍ରା ମତବ୍ୟକ୍ତ କରିଛନ୍ତି।

# ପୋଖରୀପୁଟରେ ଏଚ୍‌ଡିଏଫ୍‌ସିର ନୂତନ ଶାଖା



**ଭୁବନେଶ୍ୱର,୧୬।୨**

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଉ ଏକ ନୂତନ ଶାଖା ଆନୁଷ୍ଠାନିକ ଭାବେ ଗୁରୁବାର ସ୍ଥାନୀୟ ପୋଖରୀପୁଟ ଅଞ୍ଚଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଚାରୁଲତା ସାମନ୍ତରାୟ, ଶାଖା ପରିଚାଳକ ସୁସ୍ମିତା ପଟ୍ଟନାୟକଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର କ୍ଲଷ୍ଟର ହେଡ୍ ତଥା ସିନିୟର ଭାଇସ୍ ପ୍ରେସିଡେଣ୍ଟ ଅନିମେଶ ବିଶ୍ୱାଳ କହିଛନ୍ତି, ସହରବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଗ୍ରାହକଙ୍କୁ ସମସ୍ତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ସହ ଗୃହଋଣ, ସୁନାଋଣ ସମେତ ଅନ୍ୟାନ୍ୟ ଋଣ ଓ ବ୍ୟାଙ୍କିଙ୍ଗ୍ ସୁବିଧା ମଧ୍ୟ ଉପଲବ୍ଧ। ଏଠାରେ ବିଶେଷକରି ବିଦେଶୀ ମୁଦ୍ରା ବିନିମୟ, ଲକର ଓ ଇ-ରୁପିର ସୁବିଧା ସାଙ୍ଗକୁ ଶାଖା ପରିସରରେ ୨୪ ଘଣ୍ଟିଆ ଏଟିଏମ୍‌ର ସୁବିଧା ଉଭୟ ଟଙ୍କା ଉଠାଣ ଓ ଜମା କରିପାରିବେ। ଅପରପକ୍ଷରେ ଉକ୍ତ ଶାଖା ଜରିଆରେ ଏସ୍‌ଏଚ୍‌ଜି ଓ ଏସ୍‌ଏଲଇ ଗ୍ରୁପ୍‌କୁ ଋଣ ମଧ୍ୟ ଦିଆଯାଉଛି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଏହା ୩୩ତମ ଶାଖା ହୋଇଥିବା ବେଳେ ଓଡ଼ିଶାରେ ବ୍ୟାଙ୍କର ଏହା ୧୯୦ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଆଉ ୩୭୦ ବିମାନ କିଣିବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୬।୧୨**

ଟାଟା ଗ୍ରୁପ୍ ଦ୍ୱାରା ପରିଚାଳିତ ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଗୁରୁବାର ଏକ ବାଣିଜ୍ୟିକ ଅର୍ଡର ସମ୍ପର୍କରେ ଘୋଷଣା କରିଛି। ଏପରିକି କମ୍ପାନୀ ବର୍ତ୍ତମାନ ଆଉ ୩୭୦ ବେସାମରିକ ବିମାନ ଜେଟ୍ କିଣିବାକୁ ଚାହୁଁଛି। ନିକଟରେ କମ୍ପାନୀ ଆମେରିକା ଓ ଫ୍ରାନ୍ସ ସହ ଚୁକ୍ତି କରି ୪୭୦ ବିମାନ କିଣି ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଇତିହାସ ରଚିଛି। ଏପରିକି କମ୍ପାନୀ ବର୍ତ୍ତମାନ ଆଉ ୩୭୦ ଜେଟ୍ କିଣିବାକୁ ଚାହୁଁଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ୩୭୦ ଜେଟ୍ ବିମାନ କିଣାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ନେଇ ଏୟାରଲାଇନ୍ ବାଣିଜ୍ୟିକ ଓ ପରିବର୍ତ୍ତନ ଅଧିକାରୀ ନିପୁଣ ଅଗରୱାଲ ବିସ୍ତୃତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଟାଟା ପକ୍ଷରୁ ୪୭୦ବିମାନ କିଣିବା ନେଇ ଘୋଷଣା କରାଯାଇଥିଲା। ସେଥିମଧ୍ୟରୁ ଫ୍ରାନ୍ସର ଏୟାରବସ୍ ସହ ଚୁକ୍ତି କରି ୨୫୦ ବିମାନ ଓ ଆମେରିକାର ବୋଇଂ ସହ ଚୁକ୍ତି ୨୨୦ଟି ବିମାନ କିଣିବାକୁ ଘୋଷଣା କରିଥିଲା। ବର୍ତ୍ତମାନ ସମୟରେ ଟାଟା ମୋଟ ୮୪୦ ବିମାନ କିଣିବା ନେଇ ସ୍ଥିର ହୋଇଛି। ଏ ନେଇ ନିପୁଣ ନିଜ ଲିଙ୍କଡିନରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୧୦ ବର୍ଷ ଭିତରେ ୪୭୦ ବଡ଼ ବିମାନ ସହ ୩୭୦ ଅତିରିକ୍ତ ବିମାନ ଏୟାର ବସ୍ ଓ ବୋଇଂଠାରୁ କିଣାଯିବା। ସେଥିମଧ୍ୟରୁ ୨୧୦ଟି ଏ୩୨୦,୩୨୧ନିଓ-ଏକ୍ସଏଲଆର ବିମାନ ଓ ୪୦ଟି ଏ୩୫୦-୯୦୦- ୧୦୦୦ କିଣାଯିବ। ବୋଇଂ ଫାର୍ମକୁ ୧୯୦ଟି ବି୭୩୭ମାକ୍ସ, ୨୦ଟି ବି୭୮୭ଏସ୍ ଏବଂ ୧୦ ଟି ବି୭୭୭ଏସ୍ କିଣିବାକୁ ଅର୍ଡର ଦିଆଯାଇଛି।

# ହୋଣ୍ଡା ଆକ୍ଟିଭା ସ୍ମାର୍ଟ କି' ମଡେଲର ଅନାବରଣ



**କଟକ,୧୬।୨**

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହୋଣ୍ଡା ଆକ୍ଟିଭା ସ୍ମାର୍ଟ କି-୨୦୨୩କୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ସହରର ସ୍ୱୀକୃତିପ୍ରାପ୍ତ ହୋଣ୍ଡା ଡିଲର ଉତ୍କଳ ହୋଣ୍ଡା, ଦୁର୍ଗା ହୋଣ୍ଡା ଏବଂ ଏସ୍‌ଜିବିଏଲ୍ ହୋଣ୍ଡା ପକ୍ଷରୁ ସ୍ଥାନୀୟ ବାଲିଯାତ୍ରା ପଡ଼ିଆଠାରେ ହୋଣ୍ଡାର ନ୍ୟୁ ଆକ୍ଟିଭା ସ୍ମାର୍ଟ କି'ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଜରିଆରେ ହୋଣ୍ଡାର ଉକ୍ତ ମଡେଲର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ଅବସରରେ ହୋଣ୍ଡାର ସେଲ୍‌ସ ଜୋନାଲ ମୁଖ୍ୟ ରାଜେଶ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ କମ୍ପାନୀର ସର୍ଭିସ୍ ଜୋନାଲ ପରିଚାଳକ ଶିବପ୍ରତାପ ସିଂହ, ଏରିଆ ସେଲ୍‌ସ ଇନ୍‌ଚାର୍ଜ ଅମିତ ମହାପାତ୍ର, ଏରିଆ ସର୍ଭିସ୍ ଇନ୍‌ଚାର୍ଜ ଶୁଭେନ୍ଦୁ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏପରିକି ଓଡ଼ିଆ ଅଭିନେତ୍ରୀ ପ୍ରିୟା ଚୌଧୁରୀ ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କଟକ ସହରର ୩ ପ୍ରମୁଖ ହୋଣ୍ଡା ଡିଲର ଉତ୍କଳ ହୋଣ୍ଡା, ଦୁର୍ଗା ହୋଣ୍ଡା ଏବଂ ଏସ୍‌ଜିବିଏଲ୍ ହୋଣ୍ଡାର ଏମ୍‌ଡି ଅଖିଳ ପୋଦ୍ଦାର, ଶୁଭେନ୍ଦୁ ମହାନ୍ତି ଓ ସୁନୀଲ ଗୁପ୍ତାଙ୍କ ଦ୍ୱାରା ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ଉଭୟ ନୂଆ ପୁରୁଣା ଗ୍ରାହକଙ୍କ ସମେତ ହୋଣ୍ଡା ଏବଂ ୩ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ଅପରପକ୍ଷରେ ଉକ୍ତ ମଡେଲରେ ଅନେକ ବୈଶିଷ୍ଟ୍ୟ ସାମିଲ ରହିଛି। ବିଶେଷକରି ଏହାର ସ୍ମାର୍ଟ କି' ଜରିଆରେ ଗ୍ରାହକମାନେ ସ୍ମାର୍ଟ ଫାଇଣ୍ଡ୍, ସ୍ମାର୍ଟ ଅନ୍‌ଲକ୍, ସ୍ମାର୍ଟ ଷ୍ଟାର୍ଟ ଓ ସ୍ମାର୍ଟ ସେଫ୍ ଭଳି ସୁବିଧା ପାଇପାରିବେ। ଏହା ସହିତ ଇଞ୍ଜିନ ଷ୍ଟାର୍ଟ-ଷ୍ଟପ୍ ସୁଇଚ୍ ମଧ୍ୟ ରହିଛି।

# ମହିନ୍ଦ୍ରା ପକ୍ଷରୁ ମାଗଣା ଚେକ୍‌ଅପ୍ ଶିବିର

**ଭୁବନେଶ୍ୱର,୧୬।୨**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଏକ ମେଗା ଚେକ୍‌ଅପ୍ ଶିବିର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ମହିନ୍ଦ୍ରା ପରିସରରେ ଗୁରୁବାରଠାରୁ ଆନୁଷ୍ଠାନିକ ଭାବେ ଉକ୍ତ ଶିବିରର ଶୁଭାରମ୍ଭ କରାଯାଇଛି। ପାହାଳ ସ୍ଥିତ ଉତ୍କଳ ମହିନ୍ଦ୍ରା ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ କ୍ରୀଡ଼ାବିତ ଦୂତୀ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉତ୍କଳ ଅଟୋ ମୋବାଇଲ୍ସର ନିର୍ଦ୍ଦେଶିକା ସୁଦୀପ୍ତା ପାରୀକ୍ଷ, ଜିଏମ୍ ସର୍ଭିସ୍ ହେମନ୍ତ କୁମାର ସାହୁ, ସୁରେନ୍ଦ୍ର ପଟ୍ଟନାୟକ, ଡିଜିଏମ୍ ପ୍ରତାପ ଧଳ ସାମନ୍ତ, ସର୍ଭିସ୍ ମ୍ୟାନେଜର ବିଶ୍ୱଜିତ ବାରିକ, ସିନିୟର ସର୍ଭିସ୍ ମ୍ୟାନେଜର କିଶୋର ଚନ୍ଦ୍ର ତ୍ରିପାଠୀ, ବିଡିଏମ୍ ସ୍ପେୟାର ପ୍ରଦୀପ୍ତ ମହାନ୍ତିଙ୍କ ସମେତ କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଉକ୍ତ ଶିବିର ଅନୁଷ୍ଠିତ ହେବ। ଏହି ଅବସରରେ ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ ବ୍ରାଣ୍ଡ୍‌ର ବିଭିନ୍ନ ଗାଡ଼ି ପାଇଁ ଏକ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ବିଶେଷକରି ଲେବର ଚାର୍ଜ, ସ୍ପେୟାର ପାର୍ଟ ଓ ଭ୍ୟାଲ୍ୟୁ ଆଡେଡ୍ ସର୍ଭିସ୍ ଆଦି ଉପରେ ରିହାତି ଦିଆଯାଉଛି।

# ଟିପିସିଓଡିଏଲ୍ ପକ୍ଷରୁ ଓଟିଏସ୍ ସେବା

**ଭୁବନେଶ୍ୱର,୧୬।୨**

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକକାଳୀନ ସମାଧାନ ସ୍କିମ୍ (ଓଟିଏସ୍) ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅତୀତର ବକେୟା ବିଲ୍ ପେମେଣ୍ଟ ଉପରେ ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ଅନୁମୋଦନକ୍ରମେ ଓଟିଏସ୍‌କୁ ଟିପିସିଓଡିଏଲ୍ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି। ଏହି ସ୍ୱତନ୍ତ୍ର ସ୍କିମ୍ ଜରିଆରେ ୨୦୨୦ ମେ ୩୧ ପର୍ଯ୍ୟନ୍ତ ଥିବା ବିଦ୍ୟୁତ୍ ବକେୟା ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ସେହିଭଳି ସମସ୍ତ ଲୋ ଟେନ୍‌ସନ ଗ୍ରାହକ ଯେଉଁମାନଙ୍କ ଦୀର୍ଘଦିନରୁ ବିଦ୍ୟୁତ୍ ବିଲ୍ ବକେୟା ହୋଇ ରହିଛି ସେମାନେ ଅତୀତର ବକେୟା ମୂଳ ରାଶି ଉପରେ ଏକକାଳୀନ ୩୦% ପର୍ଯ୍ୟନ୍ତ ରିହାତି ଏବଂ ବିଳମ୍ବିତ ପେମେଣ୍ଟ ସରଚାର୍ଜ (ଡିପିଏସ୍) ଉପରେ ୮୦% ରିହାତି ପାଇପାରିବେ ଏବଂ ସମସ୍ତ ଏଚ୍‌ଟି-ଇଏଚ୍‌ଟି ଗ୍ରାହକମାନେ ବିଳମ୍ବିତ ସରଚାର୍ଜ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିପରି ଦୀର୍ଘଦିନରୁ ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକମାନେ ତୁରନ୍ତ ଟିପିସିଓଡିଏଲ୍‌ର ଗ୍ରାହକ ସେବା କେନ୍ଦ୍ର, ସବ୍‌ଡିଭିଜନ, ଡିଭିଜନ, ସେକ୍ସନ ଅଫିସ ଜରିଆରେ କିମ୍ବା ୧୯୧୨, ୧୮୦୦୩୪୫୭୧୨୨ ନମ୍ବର ଡାଏଲ୍ କରି ପଞ୍ଜୀକରଣ କରିପାରିବେ। ନଚେତ୍ ଗ୍ରାହକମାନେ ୯୧୨୪୯୯୮୭୨୯ ନମ୍ବରରେ ହ୍ୱାଟ୍ସଆପ୍ କରି ମଧ୍ୟ ପଞ୍ଜୀକରଣ କରିପାରିବେ। ଅପରପକ୍ଷରେ ଟିପିସିଓଡିଏଲ୍‌ର 'ଗାଁ ଚାଲ' ଶିବିରରେ ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟା ସୁବିଧା ପ୍ରଦାନ କରାଯାଉଛି। ଦୀର୍ଘଦିନର ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକମାନଙ୍କ ଲାଗି ଉକ୍ତ ସ୍କିମ୍ ଏକ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ଯେହେତୁ ଏହି ସ୍କିମ୍ ସୀମିତ ଅବଧି ଲାଗି ଉପଲବ୍ଧ। ତେଣୁ ଦୀର୍ଘଦିନ ଧରି ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକମାନେ ତୁରନ୍ତ ଏଥିରେ ନିଜକୁ ପଞ୍ଜୀକରଣ କରି ଉକ୍ତ ସ୍କିମ୍ ଅଧୀନରେ ପ୍ରଦାନ କରାଯାଉଥିବା ସୁବିଧାର ଲାଭ ହାସଲ କରିପାରିବେ।




ଜୀ ସାର୍ଥକ ପକ୍ଷରୁ ଗୁରୁବାର ସ୍ଥାନୀୟ ଅଶୋକନଗରଠାରେ ଆୟୋଜିତ ଜୀ ସାର୍ଥକ ଫିଲ୍ମସର ନୂଆ ଓଡ଼ିଆ ସିନେମା 'ବନ୍ଦିନୀ'ର ଅଡିଓ ଓ ପୋଷ୍ଟର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ କଳାକାର, ବନ୍ଦିନୀ ଟିମ୍ ଓ ଜୀ ସାର୍ଥକର ବରିଷ୍ଠ ଅଧିକାରୀମାନେ ବନ୍ଦିନୀର ଅଡିଓ ଓ ପୋଷ୍ଟର ରିଲିଜ କରୁଛନ୍ତି।

# ଗୋଦ୍‌ରେଜ୍‌ର ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏୟାର କଣ୍ଡିଶନର

**ଭୁବନେଶ୍ୱର,୧୬।୨**

ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଆଣ୍ଟି ଲିକ୍ ପ୍ରଯୁକ୍ତିକୁ ବ୍ୟବହାରକରି ପ୍ରସ୍ତୁତ କରାଯାଇଥିବା ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏୟାର କଣ୍ଡିସନରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ପକ୍ଷରୁ ମଧ୍ୟ ଉକ୍ତ ପ୍ରଯୁକ୍ତିର ପେଟେଣ୍ଟ ପାଇଁ ଆବେଦନ କରାଯାଇଛି। ବିଶେଷକରି ଚିନ୍ତାଶୀଳ ଭାବେ ବସ୍ତୁ ତିଆରି କରିବା ଦର୍ଶନକୁ ନେଇ ପ୍ରସ୍ତୁତ ଶିଳ୍ପର ଏହି ପ୍ରଥମ ନବସୃଜନ ଆଜିର ଦିନରେ ଏସି ବ୍ୟବହାରକାରୀମାନେ ସାମ୍ନା କରୁଥିବା ଅନେକ ସମସ୍ୟାର ସମାଧାନ କରିପାରିବ। ସେହିଭଳି ଗୋଦ୍‌ରେଜ୍ ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏସିରେ ବ୍ୟବହାର କରାଯାଇଥିବା ସମ୍ପୂର୍ଣ୍ଣ ନୂଆ ଆଣ୍ଟି ଲିକ୍ ପ୍ରଯୁକ୍ତିର ଲକ୍ଷ୍ୟ ହେଉଛି, ଏସିରୁ ହେଉଥିବା ଲିକ୍ ପାଇଁ ସ୍ଥାୟୀ ସମାଧାନ ପ୍ରଦାନ କରିବା। ଏଥିରେ ୫ଇନ୍-୧ କନ୍‌ଭର୍ଟିବଲ୍ କୁଲିଂ ପ୍ରଯୁକ୍ତି, ଆଇ-ସେନ୍ସ ପ୍ରଯୁକ୍ତି, ଇନ୍‌ଭର୍ଟର ପ୍ରଯୁକ୍ତି, ଆର୍‌୩୨ ପରିବେଶ ମିତବ୍ୟୟୀ ରେଫ୍ରିଜରାଣ୍ଟ, ୧୦୦% କପର କଏଲ୍ ଏବଂ କଳଙ୍କିବିହୀନ ପାଇପ୍ ଭଳି ସୁବିଧା ରହିଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପସଭାପତି କମଳ ନନ୍ଦୀ କହିଛନ୍ତି, ଗ୍ରାହକମାନେ ସାମ୍ନା କରୁଥିବା ଯେକୌଣସି ପ୍ରକାର ସମସ୍ୟାକୁ ଅତ୍ୟାଧୁନିକ ପ୍ରଯୁକ୍ତିର ଅଭିନବ ଉପାୟରେ ସମାଧାନ କରିବା ଲାଗି ଆମେ ନିରନ୍ତର ଭାବେ କାର୍ଯ୍ୟ କରୁଛୁ। ଆମର ଗବେଷଣା ଓ ଡିଜାଇନ୍ ସେଣ୍ଟରରେ ଏକାଧିକ ପରୀକ୍ଷଣ ପରେ ଆମେ ଉପଯୁକ୍ତ ଆଣ୍ଟି ଲିକ୍ ପ୍ରଯୁକ୍ତିର ବିକାଶ କରିଥିଲୁ ଏବଂ ଭାରତର ପ୍ରଥମ ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏସି ଆଣିବାରେ ଅଗ୍ରଦୂତ ହୋଇଥିଲୁ। ଏହା ଗ୍ରାହକମାନଙ୍କୁ ଏସି ଲିକ୍ ସମସ୍ୟାରୁ ଆଶ୍ୱସ୍ତି ପ୍ରଦାନ କରିବ। ଗ୍ରାହକମାନେ ଦୀର୍ଘଦିନରୁ ଏ ନେଇ ଚିନ୍ତିତ ଅଛନ୍ତି। ଆଗାମୀ ଗ୍ରୀଷ୍ମଋତୁ ପାଇଁ ଉତ୍ପାଦର ଏକ ଦୃଢ଼ ବର୍ଗମାଳା ସହ ଗତ ବର୍ଷ ତୁଳନାରେ ଏସି ବିକ୍ରିରେ ୨ଗୁଣା ବୃଦ୍ଧି ହାସଲ କରିବାକୁ ଆମେ ଆଶା ରଖିଛୁ।

# ଓଡ଼ିଶା ବଜାରରେ ପ୍ରବେଶ କରିବ ବର୍ଗର ସିଂ

**ଭୁବନେଶ୍ୱର,୧୬।୨**

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ ତଥା ଭାରତ ନିର୍ମିତ ବର୍ଗର ଚେନ୍ 'ବର୍ଗର ସିଂ' ପ୍ରଥମ ଥର ପାଇଁ ଓଡ଼ିଶା ବଜାରରେ ପ୍ରବେଶ କରିବାକୁ ଯାଉଛି। ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା, ସମ୍ବଲପୁର ଭଳି ୮ଟି ପ୍ରମୁଖ ସହରରେ ତା'ର ନୂଆ ବିକ୍ରୟ କେନ୍ଦ୍ର ଖୋଲିବା ସହ ଉକ୍ତ ବିକ୍ରୟ କେନ୍ଦ୍ରରେ ୧୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତ ପ୍ରଦାନ କରିବ ବୋଲି ବର୍ଗର ସିଂ ପକ୍ଷରୁ କୁହାଯାଇଛି। ବିଶେଷକରି କ୍ୱିକ୍ ସର୍ଭିସ୍ ରେଷ୍ଟୁରାଣ୍ଟ (କ୍ୟୁଏସ୍‌ଆର୍) ଚେନ୍ ଭାରତର ପୂର୍ବାଞ୍ଚଳ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଯଥା ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶା ବଜାରରେ ତା'ର ଯୋଗାଣ ଶୃଙ୍ଖଳରେ ବୃଦ୍ଧି ଘଟାଇବାକୁ ଯୋଜନା ପ୍ରସ୍ତୁତ କରିଥିବା ବେଳେ ନିକଟରେ କୋଲକାତା ଠାରେ ମଧ୍ୟ ଏକ ବୃହତ୍ ଗୋଦାମ ସ୍ଥାପନ ସମ୍ପର୍କରେ ବର୍ଗର ସିଂ ଘୋଷଣା କରିଥିଲା।

ଏ ସମ୍ପର୍କରେ ବର୍ଗର ସିଂର ପ୍ରତିଷ୍ଠାତା ତଥା ଚିଫ୍ ଏକ୍ସିକ୍ୟୁଟିଭ ଅଫିସର କବିର ଜିତ ସିଂ କହିଛନ୍ତି, ଆମେ ଓଡ଼ିଶାକୁ ଆମ ବ୍ୟବସାୟ ସମ୍ପ୍ରସାରିତ କରି ଭାରତ ଉପଯୋଗୀ ବର୍ଗରର ଉତ୍ପାଦ ସବୁ ବର୍ଗଙ୍କୁ ଯୋଗାଇଦେବୁ। ସେହିଭଳି ଆମର ଉତ୍ପାଦ ବର୍ଗଗୁଡ଼ିକୁ ଓଡ଼ିଶା ବଜାରରେ ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଛୁ। ଏପରିକି ଆମେ ଆଶା କରୁଛୁ ଯେ ବର୍ଗର ସିଂ ସାମାନ୍ୟ ବର୍ଗରକୁ ଅପ୍ରତ୍ୟାଶିତ ଭାବେ ଖାଦ୍ୟ ବର୍ଗରେ ସାମିଲ କରାଇବା ସହ ଉକ୍ତ ଅଞ୍ଚଳରେ ଏକ ଉଚ୍ଚତର ସ୍ତରକୁ ନେଇଯିବା ଏବଂ ଆମ ଗ୍ରାହକଙ୍କ ହୃଦୟ ଜିତିବା ପରମ୍ପରା ଜାରି ରଖିଛି ବୋଲି କବିର ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୨ରେ ଏହାର ଆରମ୍ଭ ହୋଇଥିଲା।

# 'ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବ'

## ପିଏମ୍ ଗତିଶକ୍ତି ଓ ଜାତୀୟ ଲଜିଷ୍ଟିକ୍ସ ନୀତି ଉପରେ ବିସ୍ତୃତ ଆଲୋଚନା

**ଭୁବନେଶ୍ୱର,୧୬।୨**




କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର 'ପିଏମ୍ ଗତିଶକ୍ତି ଓ ଜାତୀୟ ଲଜିଷ୍ଟିକ୍ସ ନୀତି' ଶୀର୍ଷକ ବିଷୟବସ୍ତୁ ଉପରେ ପୂର୍ବ ଜୋନ୍ ସମ୍ମିଳନୀ ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲ ପରିସରରେ ଆୟୋଜିତ ହୋଇଯାଇଛି। ବିଶେଷ କରି ଭାରତ ସରକାର ଅଧୀନରେ ଥିବା ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ସମ୍ବୋଧିତ କରି କହିଥିଲେ, ଲଜିଷ୍ଟିକ୍ସ ହେଉଛି ଦେଶ ପାଇଁ ସବୁଠୁ ବଡ଼ ଆହ୍ୱାନ। ଏପରିକି ପିଏମ୍ ଗତିଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହାଦ୍ୱାରା ପରିବହନ କ୍ଷେତ୍ରର ଏକ ବୈପ୍ଳବିକ ପରିବର୍ତ୍ତନ ସହ ବିଭିନ୍ନ ବିଭାଗରେ ରହିଥିବା ବାଧକଗୁଡ଼ିକ ଦୂର କରିବାରେ ଦୀର୍ଘକାଳୀନ ଭିତ୍ତିରେ ସହାୟତା ମିଳିବ। ସେହିଭଳି ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟକୁ ଗୋଟିଏ ପ୍ଲାଟ୍‌ଫର୍ମକୁ ଆଣିବା ସହ ଦେଶ ମଧ୍ୟରେ ଏହା ବହୁ ପରିମାଣରେ ଖଣି ଓ ମାଲ ପରିବହନ ଦିଗରେ ବେଶ୍ ସହାୟକ ହୋଇପାରିବ। ଏପରିକି କେବଳ ଓଡ଼ିଶା ଦେଶର ୧୪ରୁ ୧୫ଟି ରାଜ୍ୟକୁ ତାପଜ କୋଇଲା ପରିବହନ କରୁଛି, ପୂର୍ବାଞ୍ଚଳ କ୍ଷେତ୍ରରେ ଲଜିଷ୍ଟିକ୍ସ ସୁବିଧାର ବିକାଶ ଆବଶ୍ୟକତା ଉପରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ଇସ୍ପାତ ମନ୍ତ୍ରଣାଳୟର ସଚିବ ନଗେନ୍ଦ୍ର ନାଥ ସିହ୍ନା କହିଥିଲେ, ଇସ୍ପାତ କ୍ଷେତ୍ର ପାଇଁ ଲଜିଷ୍ଟିକ୍ସ ଏକ ଜୀବନ ଓ ମୃତ୍ୟୁ ପରିସ୍ଥିତି ଭଳି ସମସ୍ୟା ଲାଗି ରହିଛି। ଏପରିକି ଗୋଟିଏ ଟନ୍ ଇସ୍ପାତ ଉତ୍ପାଦନ ଲାଗି ୪ ଟନ୍ ସାମଗ୍ରୀ ପରିବହନ କରିବାକୁ ପଡ଼ିଥାଏ। ତେଣୁ ୧୨୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲାଗି ପ୍ରାୟ ୬୦୦ନିୟୁତ ଟନ୍ ସାମଗ୍ରୀକୁ ସାରା ଦେଶରେ ପରିବହନ କରାଯିବାର ଆବଶ୍ୟକତା ରହିଛି। ଅପରପକ୍ଷରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏମ୍. ନାଗରାଜୁ କହିଥିଲେ, ପିଏମ୍ ଗତିଶକ୍ତି କାର୍ଯ୍ୟକ୍ରମରେ ନିହିତ ରହିଥିବା ସମନ୍ୱୟ ଦୃଷ୍ଟିକୋଣ ଉତ୍ପାଦନ କ୍ଷମତା ବଢ଼ାଇବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। ଏଥିସହିତ ଭିତ୍ତିଭୂମି ନିର୍ମାଣରେ ବର୍ଜ୍ୟବସ୍ତୁ ପରିମାଣ ମଧ୍ୟ ହ୍ରାସ କରିବ। ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ୪ ରାଜ୍ୟରେ ପ୍ରାକୃତିକ ସମ୍ବଳ ଭର୍ତ୍ତି ହୋଇରହିଛି ବୋଲି ନାଗରାଜୁ କହିଥିଲେ। ଦେଶର ଶିଳ୍ପ ବିକାଶରେ ଏହି ସବୁ ରାଜ୍ୟ ଦୃଢ଼ ମୂଳ ଦୁଆ ନିର୍ମାଣ କରିବାରେ ସହାୟକ ହୋଇପାରିବେ ବସ୍ତୁ ଓ ସାମଗ୍ରୀର ବାଧାମୁକ୍ତ ଓ ବ୍ୟୟସାପେକ୍ଷ ପରିବହନ ସୁନିଶ୍ଚିତ କରିବା ଲାଗି ଏ ସବୁ ରାଜ୍ୟରେ ଏକ ବ୍ୟବସ୍ଥିତ ଲଜିଷ୍ଟିକ୍ସ ନୀତି ବିଶେଷ ସହାୟକ ହୋଇପାରିବ। ଝାଡ଼ଖଣ୍ଡ ସରକାରଙ୍କ ଖଣି ସଚିବ ଅବୁବାକର ସିଦ୍ଦିକି ପି, ଏନ୍‌ଏଲ୍‌ସିଆଇଏଲ୍‌ର ଅଧ୍ୟକ୍ଷ ପ୍ରସନ୍ନ କୁମାର ମୋଟୁପଲ୍ଲୀ ମଧ୍ୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ।

## ସଂକ୍ଷେପରେ

### ଲାଞ୍ଚ: ଭିଜିଲାନ୍ସ ଜାଲରେ ଆର୍‌ଆଇ


ସତ୍ୟନାରାୟଣ କଉଡ଼ି

**କୁଚିଣ୍ଡା, ୧୬।୨(ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ତହସିଲ ଅନ୍ତର୍ଗତ ଗୋଛରା ରାଜସ୍ୱ ନିରୀକ୍ଷକ ସତ୍ୟନାରାୟଣ କଉଡି ଗୁରୁବାର ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ବିଭାଗ ହାତରେ ଧରାପଡି ଗିରଫ ହୋଇଛନ୍ତି। ଗୋଛରା ପଞ୍ଚାୟତ ଗୁରୁଆଁ ଗ୍ରାମର ଖତୁ କିଷାନ ନାମକ ବ୍ୟକ୍ତି ଜମି ପଟ୍ଟା ପାଇଁ କୁଚିଣ୍ଡା ତହସିଲରେ ଆବେଦନ କରିଥିଲେ। ଏ ସମ୍ପର୍କରେ କୁଚିଣ୍ଡା ତହସିଲରେ ଏକ ମ୍ୟୁଟେସନ ମାମଲା ରୁଜୁ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ତହସିଲ ପକ୍ଷରୁ ଗୋଛରା ଆର୍‌ଆଇଙ୍କୁ ନିର୍ଦ୍ଦେଶ ରହିଥିଲା। ମାତ୍ର ରିପୋର୍ଟ ଦେବା ପାଇଁ ଆର୍‌ଆଇ ଦରଖାସ୍ତକାରୀଙ୍କୁ କୁଆଡେ ଟଙ୍କା ଲାଞ୍ଚ ମାଗିଥିଲେ। ଖତୁ ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଡିଏସ୍‌ପି କବିତା ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଗୋଛରା ଆର୍‌ଆଇ ଅଫିସ ପାଖରେ ଛକି ବସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଆର୍‌ଆଇ କଉଡି ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଅତର୍କିତ ଚଢାଉ କରି ରାସାୟନିକ ପ୍ରଲେପ ଦିଆ ଟଙ୍କା ଜବତ ସହ ତାଙ୍କୁ ଗିରଫ କରିଥିଲେ। ପରେ କୁଚିଣ୍ଡା ମହୁଲଡିହିସ୍ଥିତ ତାଙ୍କ ଭଡା ଘରେ ମଧ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି। ଏ ନେଇ ଭିଜିଲାନ୍ସ ବିଭାଗରେ କେସ୍ ନଂ.୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ୩୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୬।୨(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ପୋଲିସ ନିକଟରେ ଗୁରୁବାର ୩୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ହାର୍ଡକୋର ମାଓବାଦୀ ରହିଛନ୍ତି। ଏମାନଙ୍କ ପାଇଁ ଛତିଶଗଡ଼ ସରକାର ୩ ଲକ୍ଷ ଲେଖାଏ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ବର୍ତ୍ତମାନ ଛତିଶଗଡ଼ରେ ବହୁ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବାରୁ ଏହି ମାଓବାଦୀମାନେ ଭୟଭୀତ ହୋଇ ଆତ୍ମସମର୍ପଣ କରିଥିବା ସୁକ୍‌ମା ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଏବେ ଛତିଶଗଡ଼ରେ ପୋଲିସ ଓ ସିଆରପିଏଫ ଦ୍ୱାରା ବହୁ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ପ୍ରତି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ, ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ପ୍ରଭାବିତ ହୋଇ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ତେବେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ଥଇଥାନ କରିବା ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

### ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

**ଏୟୁସିସିବି ଶାଖାରୁ ଅର୍ଥ ଆତ୍ମସାତ୍ ମାମଲା**

**କାମାକ୍ଷାନଗର, ୧୬।୨(ଡି.ଏନ୍.ଏ.):** କାମାକ୍ଷାନଗରସ୍ଥିତ ଅନୁଗୋଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏୟୁସିସିବି) ଶାଖାରୁ ଅର୍ଥ ଆତ୍ମସାତ୍ ମାମଲାର ରାୟ ବୁଧବାର ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ସରୋଜିନୀ ସାହୁ ଏହାର ଶୁଣାଣି କରି ଅଭିଯୁକ୍ତ ସଞ୍ଜୟ ଶତପଥୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୩ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଏୟୁସିସିବିର କାମାକ୍ଷାନଗର ଶାଖାରେ କାର୍ଯ୍ୟରତ କର୍ମଚାରୀ ସଞ୍ଜୟ କୁମାର ଶତପଥୀ, ସହଦେବ ସାହୁ, ଅକ୍ଷୟ କୁମାର ମୁଦୁଲି, ଶାନ୍ତନୁ କୁମାର ବରାଳ ୧ କୋଟି ୧୫ ଲକ୍ଷ ୩୦୦ ଟଙ୍କାର ଅର୍ଥ ଆତ୍ମସାତ୍ କରିଥିବା ଅଡିଟ୍ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ତତ୍କାଳୀନ ବ୍ୟାଙ୍କ ସମ୍ପାଦକ ଭକ୍ତେଶ୍ୱର ମଲ୍ଲିକ ଭୁବନେଶ୍ୱରସ୍ଥିତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୭/୧୯, ଦଫା ୪୦୯, ୪୬୭, ୪୬୮, ୪୭୧, ୪୭୭ (କ), ୧୨୦(ବି) ଦଫାରେ ମାମଲା ରୁଜୁ ହୋଇଥିଲା। ଡିଏସପି ମନୋଜ କୁମାର ସାମନ୍ତ ଏହାର ତଦନ୍ତ କରି କୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଅଭିଯୁକ୍ତ ସଞ୍ଜୟ ବିଚାରାଧୀନ ବନ୍ଦୀ ଥିବାବେଳେ ଅଗ୍ରାଧିକାର ଭିତ୍ତିରେ ତାଙ୍କ ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ଅଶୋକ କୁମାର ଖୁଣ୍ଟିଆ ଏବଂ କ୍ୟାଟର ଏପିପି ସନ୍ଦୀପ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଦୁର୍ନୀତି ପ୍ରମାଣ ଥାଇ କାର୍ଯ୍ୟାନୁଷ୍ଠାନ ନାହିଁ

## ଚିଠି ଚାପି ଦେଇଛି ବନ ବିଭାଗ

- **ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନରେ ଅର୍ଥ ତୋସରପାତ**
- **ମୃତକଙ୍କ ପରିବାର ପାଇଁ ଆର୍ଥିକ ସହାୟତାକୁ ଅନ୍ୟମାନଙ୍କୁ ପ୍ରଦାନ**

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ସ୍ୱଚ୍ଛ ଶାସନ ଓ ଦୁର୍ନୀତିମୁକ୍ତ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ସରକାର' ଓ ୫-'ଟି'କୁ ଗୁରୁତ୍ୱ ଦେଉଥିବାବେଳେ ବନ ବିଭାଗ କିନ୍ତୁ ବେପରୁଆ। ସଲାସୁତୁରାରେ କାମ ଚାଲିଥିବାବେଳେ ଉପରିସ୍ଥ ଅଧିକାରୀଙ୍କ ଲାଞ୍ଚଖୋର ମନୋଭାବ ବନ ବିଭାଗକୁ ଦୁର୍ନୀତିରେ ବୁଡ଼ାଇବାରେ ଲାଗିଛି। ବନ ବିଭାଗରେ ଏଭଳି କଳା କାରବାରର ଅନେକ ନଜିର ରହିଥିବାବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ରାଜ୍ୟର ଜଙ୍ଗଲ ସମ୍ପଦ ଓ ବନ୍ୟପ୍ରାଣୀ ଆଜି ଅସୁରକ୍ଷିତ ହୋଇପଡିଛି।

ଫରେଷ୍ଟ ଗାର୍ଡ କିମ୍ବା ଫରେଷ୍ଟର ବା ରେଞ୍ଜରଙ୍କ ପରେ ଏବେ ଜଣେ ଡିଏଫ୍‌ଓଙ୍କ ବିରୋଧରେ ଆର୍ଥିକ ତୋସରପାତର ଅଭିଯୋଗ ଆସିଛି। କଞ୍ଜରଭେଟର ବା ସଂରକ୍ଷକ ପଦବୀ ପାଇଁ ପଦୋନ୍ନତି ପାଇବା ଅପେକ୍ଷାରେ ଥିବା ସମ୍ପୃକ୍ତ ଡିଏଫ୍‌ଓଙ୍କ ବିରୋଧରେ ଦୁର୍ନୀତିର ପ୍ରମାଣ ମିଳିଥିଲେ ମଧ ବନ ବିଭାଗ ଫାଇଲକୁ ଚାପି ଦେଇଛି। ଦୁଇମାସ ହେଲାଣି ଉକ୍ତ ଡିଏଫ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପିସିସିଏଫ୍‌ଙ୍କୁ ଚିଠି ହୋଇଥିଲେ ବି ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଓ ବିଭାଗୀୟ ଚିଠିରୁ ମିଳିଥିବା ତଥ୍ୟ ଅନୁସାରେ, ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନରେ ଚଞ୍ଚକତା କରାଯାଇ ଦୁଇଥର ୬ ଲକ୍ଷ ଟଙ୍କା ହିସାବରେ ମୋଟ ୧୨ ଲକ୍ଷ ଟଙ୍କା ତୋସରପାତ କରାଯାଇଛି। କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ମୃତ୍ୟୁ ପରେ ଦିଆଯାଉଥିବା ଆର୍ଥିକ ଅନୁଦାନରେ ହେରଫେର କରାଯାଇଛି। ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ୨୯୧ଟି ମାମଲାରେ ଆର୍ଥିକ ଅନୁଦାନ ପାଇଁ କେନ୍ଦୁପତ୍ର ପିସିସିଏଫ୍‌ଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଏଥିମଧ୍ୟରୁ କେନ୍ଦୁପତ୍ର ପିସିସିଏଫ୍ ୨୨୯ ମାମଲାକୁ ଅନୁମୋଦନ ଦେବା ସହିତ ମୋଟ ୨ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହିସବୁ ଟଙ୍କା ମୃତ କେନ୍ଦୁପତ୍ର ତୋଳାଳିଙ୍କ ନୋମିନିମାନଙ୍କୁ ଦିଆଯିବା କଥା। କିନ୍ତୁ ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ମାତ୍ର ୨୧୦ ଜଣଙ୍କୁ ୨ କୋଟି ୪ ଲକ୍ଷ ଦେଇଥିଲେ। ତେବେ ହିତାଧିକାରୀଙ୍କ ଜମା ଖାତା ଯାଞ୍ଚ ବେଳେ ୨୨ଜଣ ହିତାଧିକାରୀଙ୍କୁ ୧୩ ଲକ୍ଷ ଟଙ୍କା ଦିଆଯାଇ ନ ଥିବା ଜଣାପଡ଼ିଥିଲା। ଏଥିସହିତ ମଞ୍ଜୁରୀ ନ ହୋଇ ଥିବା ଲୋକଙ୍କୁ ୬ ଲକ୍ଷ ଟଙ୍କା ଦିଆଯାଇଥିବାବେଳେ ଆଉ ୬ ଲକ୍ଷ ଟଙ୍କା ଡବଲ ପେମେଣ୍ଟ ମଧ କରାଯାଇଛି। ଖାଲି ସେତିକି ନୁହେଁ, ପେମେଣ୍ଟ କରିବା ପାଇଁ କୌଣସି ରେକର୍ଡ ମଧ ରଖାଯାଇ ନାହିଁ। ମନଇଚ୍ଛା ଡବଲ ପେମେଣ୍ଟ କରିବା ସହିତ କେନ୍ଦୁପତ୍ର ପିସିସିଏଫ୍ ପାଖରେ ସମାନ ନାଁକୁ ବାରମ୍ବାର ମଞ୍ଜୁରୀ ପାଇଁ ପଠା ଯାଇଥିବାର ଚାଞ୍ଚଲ୍ୟକର ଘଟଣା ମଧ ଘଟିଛି। ଦେବପ୍ରିୟ କମ୍ପ ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ଥିବାବେଳେ ଏହିସବୁ ଅନିୟମିତତା ହୋଇଥିବା ଜଣାପଡିଥିଲା। ଏପରିକି ତଦନ୍ତ ବେଳେ ସେ କୌଣସି ରେକର୍ଡ / ଫାଇଲ / ରେଜିଷ୍ଟର ଦେଖାଇ ପାରି ନ ଥିଲେ। ଏହି ଆର୍ଥିକ ଅନିୟମିତତା ବିଷୟରେ ବଲାଙ୍ଗୀର କେନ୍ଦୁପତ୍ର ସର୍କଲର ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ(ସିସିଏଫ୍) ଗତ ଡିସେମ୍ବର ୭ରେ ନିଜ ଅଫିସ ମେମୋ ନଂ.୨୦୯୩/୪ KL/୨୦୨୨ରେ କେନ୍ଦୁପତ୍ର ପିସିସିଏଫ୍‌ଙ୍କୁ ଜଣାଇଛନ୍ତି। ତେବେ ସରକାରୀ ନିୟମାନୁସାରେ, ଉକ୍ତ ଚିଠି ଆଧାରରେ ଦେବପ୍ରିୟ କମ୍ପଙ୍କ ବିରୋଧରେ ପ୍ରୋସିଡିଂ ଆରମ୍ଭ ହେବା ସହ ତାଙ୍କଠାରୁ ୧୨ ଲକ୍ଷ ଟଙ୍କା ରିକଭରି କରାଯିବା କଥା। କିନ୍ତୁ ଦୁଇମାସ ପରେ ବି ବିଭାଗ ପକ୍ଷରୁ ଏଯାଏ ସେପରି କିଛି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ବର୍ତ୍ତମାନ ଦେବପ୍ରିୟ ବୌଦ୍ଧ ଡିଏଫ୍‌ଓ ଭାବରେ ଅବସ୍ଥାପିତ ଥିବାବେଳେ ପ୍ରମୋଶନ ପାଇବାକୁ ଚେଷ୍ଟା ଚଳାଇଥିବା ଶୁଣାଯାଉଛି। ଉଲ୍ଲେଖଯୋଗ୍ୟ, ଡିଏଫ୍‌ଓ ଦେବପ୍ରିୟ ବୌଦ୍ଧ ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅରୁଣ ମେଣ୍ଡିଲିଙ୍କୁ ମାସିକ ଦରମା ଦେଉଥିବା ନେଇ ଅଭିଯୋଗ ହୋଇଥିଲେ ମଧ ତାଙ୍କ ବିରୋଧରେ ବନ ବିଭାଗ କିଛି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏନେଇ ତତ୍କାଳୀନ ଟିଟିଲାଗଡ଼ ଡିଏଫ୍‌ଓ ଦେବପ୍ରିୟ ଏବଂ କେନ୍ଦୁପତ୍ର ପିସିସିଏଫ୍ ପୁସା ମାକ୍ରୋଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ପାଠପଢ଼ାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦେବାକୁ ଧର୍ମେନ୍ଦ୍ରଙ୍କ ପରାମର୍ଶ

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ସ୍କୁଲ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ହେଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ସ୍କୁଲ ଶିକ୍ଷାକୁ ମଜଭୁତ କରିବା ପାଇଁ ଭୁବନେଶ୍ୱର ଠାରେ ଗୁରୁବାର ଦୁଇଦିନିଆ ଷ୍ଟାର୍ସ(ଷ୍ଟ୍ରେଙ୍ଗ୍ଥେନିଂ ଟିଚିଂ-ଲର୍ଣ୍ଣିଂ-ଆଣ୍ଡ୍ ରେଜଲ୍ଟ ଫର୍ ଷ୍ଟେଟ୍ସ)ର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ଯୋଗ ଦେଇ ସୂଚନା ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବୈଠକର ପ୍ରଥମ ଦିନରେ 'ଷ୍ଟାର୍ସ' ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟ ଯଥା ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ହିମାଚଳ ପ୍ରଦେଶରେ ଯୋଜନାର ରୂପରେଖ ଏବଂ ଅଗ୍ରଗତିର ସମୀକ୍ଷା କରାଯାଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷା ନୀତି ଆଧାରରେ ଶିକ୍ଷା କ୍ଷେତ୍ରକୁ ମଜଭୁତ କରିବା ଦିଗରେ ଉପସ୍ଥିତ ଅଧିକାରୀ ଏବଂ ଜିଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଅଧ୍ୟାପକମାନଙ୍କୁ ଆହ୍ୱାନ କରିଛନ୍ତି। ଅଭିନବ ପଦ୍ଧତିରେ ଶିକ୍ଷା ଦାନ କରିବା ସହ ପାଠପଢାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦେବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

# ଯୁବତୀଙ୍କ ଗଳା କାଟି ହତ୍ୟା, ଅଭିଯୁକ୍ତ ଫେରାର

**ପାଇକମାଳ, ୧୬।୨(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ଥାନା ଜର୍ଜଗଡ଼ ଗ୍ରାମରେ ଗୁରୁବାର ଜଣେ ଯୁବତୀଙ୍କୁ ଗଳା କାଟି ହତ୍ୟା କରାଯାଇଛି। ମୃତା ଯୁବତୀ ଜଣକ ହେଲେ ଉକ୍ତ ଗ୍ରାମର ନମିତା ଶତନାମୀ(୨୧)। ସେହିପରି ହତ୍ୟାକାଣ୍ଡର ପ୍ରତିରୋଧ କରିବାକୁ ଯାଇ ଅଭିଯୁକ୍ତଙ୍କ ଆକ୍ରମଣରେ ମୃତା ଯୁବତୀଙ୍କ ସାନ ଭଉଣୀ ସରୋଜିନୀ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପାଇକମାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ସରୋଜିନୀଙ୍କ ଏତଲା କ୍ରମେ ପାଇକମାଳ ଥାନା ପୋଲିସ ଦଫା ୩୦୨, ୩୦୭ ଆଇପିସିରେ ଏକ ମାମଲା (ନଂ.୪୫/୨୩) ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ନମିତା ଓ ସରୋଜିନୀ ଗାଧୋଇବା ପାଇଁ ଗ୍ରାମ ନିକଟ ନାଳକୁ ଯାଇଥିଲେ। ଗାଧୋଇବା ପୂର୍ବରୁ ନମିତା ନାଳ ଉପରକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଅଭିଯୁକ୍ତ ଜଣଙ୍କ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକୁ କାଟି ଦେଇଥିଲେ। ଏହି ସମୟରେ ନମିତାଙ୍କ ଚିତ୍କାର ଶୁଣି ସରୋଜିନୀ ନାଳ ପାର ହୋଇ ଘଟଣାସ୍ଥଳରେ ପହଞ୍ଚି ପ୍ରତିରୋଧ କରିଥିଲେ। କିନ୍ତୁ ଅଭିଯୁକ୍ତ ଜଣଙ୍କ ସରୋଜିନୀଙ୍କୁ ମଧ ଆକ୍ରମଣ କରିଥିଲେ ଏବଂ ନିକଟସ୍ଥ ଜଙ୍ଗଲ ଭିତରକୁ ଖସି ପଳାଇଥିଲେ। ଖବର ପାଇ ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ବଡେଇ ଓ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲେ। ସାଇଣ୍ଟିଫିକ ଅଫିସର ସୁଶ୍ରୀ ପ୍ରିୟଦର୍ଶିନୀ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। କିଛିଦିନ ତଳେ ଜଣେ ରାଜମିସ୍ତ୍ରୀ ତାଙ୍କ ଘରେ ସିମେଣ୍ଟ ପଲସ୍ତରା କାମ କରୁଥିଲେ ଏବଂ ସେ ଏହି ଘଟଣା ଭିଆଇଛନ୍ତି ବୋଲି ସରୋଜିନୀ ପୋଲିସ ଆଗରେ ବୟାନ ଦେଇଛନ୍ତି। ସେହିପରି ହତ୍ୟାକାଣ୍ଡ ସମୟରେ ଉକ୍ତ ମିସ୍ତ୍ରୀଙ୍କ ହାତରୁ ଏକ ମୋବାଇଲ ଛଡାଇ ଆଣି ଥାନାରେ ଦେଇଥିବା ସରୋଜିନୀ କହିଛନ୍ତି। ଏ ନେଇ ଥାନାଧିକାରୀ ବଡେଇଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କଠାରୁ ଝାମ୍ପିନେଲେ ଲକ୍ଷେ ଟଙ୍କା

**ଢେଙ୍କାନାଳ ଅଫିସ, ୧୬।୨**


ଗାଡ଼ିରୁ ପଡ଼ି ଆହତ ହୋଇଥିବା ସୁନନ୍ଦା।

ଢେଙ୍କାନାଳ ସହର ଆନନ୍ଦ ବଜାର ନିକଟରୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜଣେ ମହିଳାଙ୍କଠାରୁ ୧ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ହୋଇଛନ୍ତି ସୁନନ୍ଦା ରାଉତ। ସଦର ଥାନା ଦାମୋଦରନାଳୀ ଗ୍ରାମର ସୁନନ୍ଦା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଥିବା ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ଉଠାଇ ସ୍ୱାମୀ ହେମନ୍ତ କୁମାର ରାଉତଙ୍କ ସହ ସ୍କୁଟିରେ ଘରକୁ ଫେରୁଥିଲେ। ଉଠାଇଥିବା ଟଙ୍କା, ୪ଟି ପାସ୍‌ବୁକ୍, ୫ଟି ଏଟିଏମ୍ କାର୍ଡ, ଏକ ପାନକାର୍ଡକୁ ପଲିଥିନ୍ ବ୍ୟାଗ୍‌ରେ ରଖି ସୁନନ୍ଦା ଧରିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଉକ୍ତ ପଲିଥିନ ବ୍ୟାଗ୍ ଝାମ୍ପି ନେଇଥିଲେ। ହେମନ୍ତ ସ୍କୁଟିରେ ଅଭିଯୁକ୍ତଙ୍କ ପିଛା କରୁଥିବାବେଳେ ସୁନନ୍ଦା ରାସ୍ତାରେ ଗାଡ଼ିରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ନଂ. ୧୦୧/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ଘଟଣା ପରେ ସହରରେ ଲୁଟେରା ଗୋଷ୍ଠୀ ସକ୍ରିୟ ହୋଇଉଠିଥିବା ସ୍ପଷ୍ଟ ହୋଇଛି। ପୋଲିସ ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ସହ ସହରରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।


ମହାଶିବରାତ୍ରିର ଅବ୍ୟବହିତ ପୂର୍ବରୁ ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠ ପାର୍ବତୀସାଗର ନିକଟରେ ସର୍ବବୃହତ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି।

# ଲୋକନାଥ ପୀଠରେ ଲାଗିଲା ସର୍ବବୃହତ ଦୀପ

**ପୁରୀ ଅଫିସ, ୧୬।୨**

ମହାଶିବରାତ୍ରିର ଅବ୍ୟବହିତ ପୂର୍ବରୁ ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠ ପାର୍ବତୀସାଗର ନିକଟରେ ସର୍ବବୃହତ ଏକାଦଶତମ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଦୀପ ଆସି ଏହି ବୃହତକାୟ ଦୀପ ପ୍ରଜ୍ୱଳିତ ହୋଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀପକୁ ପ୍ରଜ୍ୱଳନ କରିଥିଲେ। ୮ଫୁଟ ଲମ୍ବ, ୬ଫୁଟ ଓସାର ଏବଂ ଦୁଇ ଫୁଟ ଗଭୀର ବିଶିଷ୍ଟ ଦେଶର ଏହି ସର୍ବ ବୃହତ ଦୀପ ୧୯ତାରିଖ ଶନିବାର ପ୍ରତ୍ୟୁଷ ପର୍ଯ୍ୟନ୍ତ ପ୍ରଜ୍ୱଳିତ ହେବ। ତିନିଦିନ ଧରି ଏହି ଦୀପରେ ପ୍ରାୟ ୪ କୁଇଣ୍ଟାଲ ଗୁଆ ଘିଅ ଢଳାଯିବ। ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପରେ ଏହି ଦୀପକୁ ପାର୍ବତୀ ସାଗରରେ ବିସର୍ଜନ କରାଯିବ। ପ୍ରାୟ ୧୨ଇଞ୍ଚ ଗୋଲେଇର ଶହେ ଫୁଟ ବଳିତା ଏଥିରେ ଜଳିବ। ଜଗତ କଲ୍ୟାଣ ପାଇଁ ଏହି ବୃହତ୍ ଜାଗର ଦୀପ ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳିତ କରାଯାଉଥିବା ଉଦ୍ୟୋକ୍ତା ରାମକୃଷ୍ଣ ହୋତା ସୂଚନା ଦେଇଛନ୍ତି।

# ସମୁଦ୍ରରେ ଡଙ୍ଗା ବୁଡ଼ି ମତ୍ସ୍ୟଜୀବୀ ମୃତ

**ଗଞ୍ଜାମ, ୧୬।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ପୋଡ଼ମପେଟା ଗ୍ରାମର ମତ୍ସ୍ୟଜୀବୀ ଏନ. କାଳିଆ (୩୫) ସମୁଦ୍ରକୁ ମାଛ ମାରିବାକୁ ଯିବାବେଳେ ଡଙ୍ଗା ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଗୁରୁବାର ଭୋର ସମୟରେ କାଳିଆ ଡଙ୍ଗା ନେଇ ମାଛ ଧରିବାକୁ ସମୁଦ୍ରକୁ ଯାଉଥିଲେ। ହଠାତ୍ ଉଚ୍ଚ ଜୁଆର ଯୋଗୁ ଡଙ୍ଗାଟି ଓଲଟି ପଡ଼ିଥିଲା। କାଳିଆ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ରମ୍ଭା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ପଠାଇଛି।

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

## ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡିଙ୍କ ପୁନଃ ନିଯୁକ୍ତିକୁ ଚ୍ୟାଲେଞ୍ଜ

- **ଏପ୍ରିଲ ୬ରେ ପରବର୍ତ୍ତୀ ଶୁଣାଣି**

**କଟକ ଅଫିସ, ୧୬।୨**

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ପଦରେ ଅବସରପ୍ରାପ୍ତ ପ୍ରଶାସକ ଗୋପବନ୍ଧୁ ଶତପଥୀଙ୍କ ପୁନଃ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଆଗତ ମାମଲାରେ ହାଇକୋର୍ଟ ନିଯୁକ୍ତି ଉପରେ ଗୁରୁବାର ଅନ୍ତରୀଣ ରହିତାଦେଶ ଦେଇଛନ୍ତି। ଏଥିସହ ସମବାୟ ନିବନ୍ଧକଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବେଣୁମାଧବ ତ୍ରିପାଠୀଙ୍କ ପକ୍ଷରୁ ଦାଏର ଏହି ମାମଲାର ଶୁଣାଣି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠରେ ହୋଇଥିଲା। ଆସନ୍ତା ଏପ୍ରିଲ ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ପଦରୁ ଗୋପବନ୍ଧୁ ଶତପଥୀ ଅବସର ଗ୍ରହଣ କରିଥିଲେ। ପରେ ସରକାର ପୁଣି ୧ ବର୍ଷ ପାଇଁ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଗଲା ବୋଲି ୨୦୨୨ ମାର୍ଚ୍ଚ ୯ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ବେଆଇନ ଦର୍ଶାଇ ବେଣୁମାଧବ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ବିଚାର କରି ଗତ ଜାନୁୟାରୀ ୨୫ରେ ତାଙ୍କ ପୁନଃ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବି ସେହି ଜାନୁୟାରୀ ୨୫ରେ ତାଙ୍କୁ ପୁନଃନିଯୁକ୍ତି ଦିଆଯିବା ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ବେଣୁମାଧବ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ବିଚାର ପାଇଁ ଗ୍ରହଣ କରିବା ସହ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ରାଜ୍ୟ ସରକାର, ସମବାୟ ବ୍ୟାଙ୍କ ସମେତ ଅନ୍ୟମାନଙ୍କୁ ଜବାବ ଦେବାକୁ ନୋଟିସ୍ ଜରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି।

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

## ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟ ଶୂନ୍ୟ ମାମଲା



- **ମାର୍ଚ୍ଚ ୯ରେ ପରବର୍ତ୍ତୀ ଶୁଣାଣି**

**କଟକ ଅଫିସ, ୧୬।୨**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୬ଟି ସଦସ୍ୟ ପଦ ଖାଲି ପଡିଛି। ଏହାଦ୍ୱାରା ଆୟୋଗ ସମ୍ପୂର୍ଣ୍ଣ ଅଚଳ ସ୍ଥିତିରେ ପହଞ୍ଚିଛି। ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଗୁରୁବାର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଇନ୍‌ର କାର୍ଯ୍ୟକାରିତା ପାଇଁ ପ୍ରତିଷ୍ଠିତ ସଂସ୍ଥାର ପଦବୀ ପୂରଣ ନ କରିବା ଦ୍ୱାରା ଏହାର ଉଦ୍ଦେଶ୍ୟକୁ ବିଫଳ କରାଯାଉଛି ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ତେବେ ଆୟୋଗର ସ୍ଥିତି ବିଷୟରେ ଜବାବ ଦାଖଲ ପାଇଁ ସରକାର ସମୟ ନେଇଛନ୍ତି। ଏଥିପାଇଁ ଅଦାଲତ ଅନୁମତି ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଶିଶୁ ଅଧିକାର ସୁରକ୍ଷା ଆଇନ ୨୦୦୫ ପାଇଁ କମିଶନ୍‌ର ଉପଧାରା ୧୭ ଅଧୀନରେ ୨୦୧୦ ସେପ୍ଟେମ୍ବର ୩୦ରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରତିଷ୍ଠା ହୋଇଥିଲା। ଏଥିରେ ଜଣେ ଅଧ୍ୟକ୍ଷ ଓ ୬ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହିଛି। ୨୦୨୨ ଅକ୍ଟୋବର ୧୪ରେ ଆୟୋଗର ଅଧ୍ୟକ୍ଷା ଭାବେ ମନ୍ଦାକିନୀ କରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସଦସ୍ୟ ପଦରେ କେହି ନାହାନ୍ତି। ୨୦୨୦ ମେ' ୧୯ରୁ ୪ଟି ସଦସ୍ୟ ପଦ ଖାଲି ପଡ଼ିଛି। ସେହିପରି ୨୦୨୧ ଜାନୁୟାରୀ ୧୦ରେ ଗୋଟିଏ ଓ ୨୦୨୨ ଅଗଷ୍ଟ ୨୫ ତାରିଖରୁ ଆଉ ଏକ ସଦସ୍ୟ ପଦ ଖାଲିପଡିଛି। ସଦସ୍ୟ ପଦ ଖାଲି ହେବାର ୬ ମାସ ମଧ୍ୟରେ ତାହା ପୂରଣ ହେବା କଥା। ପୁଣି କୌଣସି ବୈଠକର ନିଷ୍ପତ୍ତି ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ମିଶାଇ ୪ ଜଣଙ୍କ କୋରମ ବାଧ୍ୟତାମୂଳକ ରହିଛି। ଗତ ଜାନୁୟାରୀ ୩୧ ତାରିଖ ସୁଦ୍ଧା ୨୩୭୨ ମାମଲା ଆୟୋଗରେ ବିଚାରାଧୀନ ରହିଛି। ଏହାବାଦ୍ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ମୂଲ୍ୟବାନ ସେବା ଯୋଗାଉଥିବା ଏକ ସଂସ୍ଥା। ଏଥିରେ କୌଣସି କୋର୍ଟ ଫି' ଲାଗେନାହିଁ। ଓକିଲଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ମଧ ନାହିଁ। କେବଳ ସେତିକି ନୁହେଁ, ନ୍ୟାୟିକ ବ୍ୟବସ୍ଥାରେ ଅଦାଲତର ମାମଲା ଚାପକୁ ହ୍ରାସ କରିବାରେ ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଦୃଷ୍ଟିରୁ ତୁରନ୍ତ ଆୟୋଗରେ ସଦସ୍ୟ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର କୁମାର ଦାସ ଗତ ୮ ତାରିଖରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଅଦାଲତ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଗୁରୁବାର ପ୍ରଥମ ଶୁଣାଣି କରିଛନ୍ତି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ପୁଚୁ
ପରିବାରବର୍ଗ


ଗୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ମହିଳା ଓ ପୁରୁଷ ଦଳ ପୁରସ୍କୃତ




ମାନପତ୍ର ସହ ଅତିଥିଙ୍କ ଗହଣରେ ଓଡ଼ିଶା ପୁରୁଷ ଓ ମହିଳା ଚେସ୍ ଦଳ।

**ଜାତୀୟ ଦଳଗତ ଚେସ୍**

ଭୁବନେଶ୍ୱର, ୧୬।୨ (କ୍ରୀଡ଼ା ପ୍ରତିନିଧି) ତାମିଲନାଡୁର ପୋଲାଚୀଠାରେ ଚଳିତ ମାସ ୧୦ରୁ ୧୬ ପର୍ଯ୍ୟନ୍ତ ଜାତୀୟ ଦଳଗତ ଚେସ୍ (ପୁରୁଷ ଓ ମହିଳା) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ମହିଳା ଓ ପୁରୁଷ ଦଳ ୭ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। କ୍ୟାଣ୍ଡିଡେଟ ମାଷ୍ଟର (ସିଏମ୍) ଅପରାଜିତା ଗୋଚ୍ଛିକାର, ସ୍ମାରକୀ ମହାନ୍ତି, ଅନନ୍ୟା କବି, ଆଦ୍ୟାଶା ପଟ୍ଟନାୟକ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପୁରୁଷ ଦଳରେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସିଦ୍ଧାନ୍ତ ମହାପାତ୍ର, ଆଇଏମ୍ ଉତ୍କଳ ରଞ୍ଜନ ସାହୁ, ରାଜେଶ ନାୟକ, ନିଲସୁ ପଟ୍ଟନାୟକ ଓ ତପନ ବଡମୁଣ୍ଡି ସାମିଲ ଥିଲେ। ଅପରାଜିତା ଗୋଚ୍ଛିକାର ଓ ସିଦ୍ଧାନ୍ତ ମହାପାତ୍ର ଯଥାକ୍ରମେ ଓଡ଼ିଶା ମହିଳା ଓ ପୁରୁଷ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଦଳର ଏପରି ସଫଳତା ପାଇଁ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ) ସଭାପତି ଜି. ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ଏଆଇସିଏଫ୍ ଯୁଗ୍ମ ସଚିବ ରଞ୍ଜନ ମହାନ୍ତି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସେମିଫାଇନାଲରେ ଅଷ୍ଟ୍ରେଲିଆ

**ମହିଳା ଟି୨୦ ବିଶ୍ୱକପ୍**

**ଜିକ୍ବେବର୍ହା (ଦକ୍ଷିଣ ଆଫ୍ରିକା), ୧୬।୨ (ପି.ଟି.):** ବେଥ୍ ମୁନି ଓ ଏଲିସା ହିଲିଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଶ୍ରୀଲଙ୍କାଙ୍କୁ ୧୦ ଉଇକେଟରେ ପରାସ୍ତ କରି ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଆଇସିସି ମହିଳା ଟି୨୦ କ୍ରିକେଟର ସେମିଫାଇନାଲରେ ପ୍ରବେଶ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୧୨ ରନ କରିଥିଲା। ଅଷ୍ଟ୍ରେଲିଆ ସଫଳ ବୋଲର ମେଗାନ ସ୍କଟ ୨୪ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୫.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ହିଲି (୪୩ ବଲ୍‌ରୁ ୫୪*) ଓ ମୁନି (୫୩ ବଲ୍‌ରୁ ୫୬) ପ୍ରଥମ ଉଇକେଟରେ ଅପରାଜିତ ୧୧୩ ରନ ଯୋଗ କରି ସେମାନଙ୍କ ଦଳ ପାଇଁ ସହଜ ବିଜୟ ଆଣି ଦେଇଥିଲେ। ଅଷ୍ଟ୍ରେଲିଆ ଏ ପର୍ଯ୍ୟନ୍ତ ଖେଳିସାରିଥିବା ସମସ୍ତ ୩ଟି ଗେମ୍‌ରେ ବିଜୟ ହାସଲ କରି ଗ୍ରୁପ୍-୧ର ଶୀର୍ଷ ସ୍ଥାନ ପକ୍କା କରିପାରିଛି। ଶ୍ରୀଲଙ୍କା ୩ଟି ମ୍ୟାଚରୁ ଦୁଇଟି ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଶନିବାର ଗ୍ରୁପ୍ ପର୍ଯ୍ୟାୟରେ ଏହାର ଶେଷ ମ୍ୟାଚ ଆୟୋଜକ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବାକୁ ଥିବାବେଳେ ଏହାର ଦିନକ ପରେ ନ୍ୟୁଜିଲାଣ୍ଡକୁ ଭେଟିବ ଶ୍ରୀଲଙ୍କା।


**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୧୭.୦୨.୨୦୨୩



✓ଅଖିଳ କୁମାର ନାୟକ
ଆବିର୍ଭାବ : ତା.୦୨.୧୦.୧୯୫୫
ତିରୋଧାନ : ତା.୦୭.୦୨.୨୦୨୩
ସାନସଲାର, କେନ୍ଦ୍ରାପଡା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୨୭୮୦

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୧୭.୦୧.୨୦୨୩



✓ବିଦ୍ୟୁତ ଲତା ଦାଶ
ଆବିର୍ଭାବ : ତା.୧୦.୦୪.୧୯୫୧
ତିରୋଧାନ : ତା.୦୮.୦୧.୨୦୨୩
ଢୋଲ ବିରଞ୍ଚିଦାସ ପୁର, ଗବକୁଣ୍ଡ, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର : ମିଲୁ, ଦିଲୁ, ପରିବାରବର୍ଗ, ବନ୍ଧୁ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ
ଧ-୨୭୮୧

**CLASSIFIED DISPLAY** ALL EDITION - B/W (Everyday)
for Booking Contact: 0674-2580385, 9178722970, 8018240892, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ଫାଇନାନ୍ସ**
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫୁଟ୍‌ବଲ କିମ୍ବଦନ୍ତୀ ତୁଳସୀଦାସଙ୍କ ପରଲୋକ

କୋଲକାତା, ୧୬।୨(ପି.ଟି.)

ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଥା ଅଲିମ୍ପିଆନ ତୁଳସୀଦାସ ବଳରାମଙ୍କ ୮୭ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୧୯୫୦ ଦଶକରୁ ୬୦ ଦଶକ ମଧ୍ୟରେ ଭାରତୀୟ ଫୁଟବଲର ଶ୍ରେଷ୍ଠ ସମୟରେ ବଳରାମ, ଚୁନି ଗୋସ୍ୱାମୀ ଓ ପିକେ ବାନାର୍ଜୀ କମ୍ବିନେଶନ ଜାତୀୟ ଦଳର ତ୍ରିମୂର୍ତ୍ତି ଭାବେ ପରିଚିତ ଥିଲେ। ସିକନ୍ଦରାବାଦ ସହର ଉପକଣ୍ଠସ୍ଥିତ ଆମ୍ମୁଗୁଡାରେ ଜନ୍ମଗ୍ରହଣ କରିଥିବା ବଳରାମ ଶେଷ ସମୟରେ ହୁଗୁଳି ନଦୀକୂଳସ୍ଥିତ ଉତ୍ତରପଡ଼ାର ଏକ ଫ୍ଲାଟ୍‌ରେ ବାସ କରୁଥିଲେ। ୧୯୬୨ ଏସିଆନ ଗେମ୍ସ ଚାମ୍ପିୟନ ଗତବର୍ଷ ଡିସେମ୍ବର ୨୬ରେ ମୂତ୍ର ସଂକ୍ରମଣଜନିତ ରୋଗରେ ପୀଡ଼ିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୯୬୦ ରୋମ୍ ଅଲିମ୍ପିକ୍ସରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ। ଅଲିମ୍ପିକ୍ସର ଏହି ସଂସ୍କରଣରେ ହଙ୍ଗେରୀ, ଫ୍ରାନ୍ସ ଓ ପେରୁ ସହିତ ଭାରତ 'ଗ୍ରୁପ୍ ଅଫ୍ ଡେଥ୍'ରେ ସ୍ଥାନ ପାଇଥିଲା। ଭାରତ ଏହାର ଓପନିଂ ମ୍ୟାଚ ହଙ୍ଗେରୀଠାରୁ ୧-୨ରେ ପରାସ୍ତ ହୋଇଥଲା। ବଳରାମ ଭାରତ ତରଫରୁ ଏକ ମାତ୍ର ଗୋଲ ୭୯ତମ ମିନିଟ୍‌ରେ ସ୍କୋର କରିଥିଲେ। ସେ ଆହୁରି



ତୁଳସୀଦାସ ବଳରାମ

ମଧ୍ୟ ଗେମ୍ସରେ ପେରୁ ବିପକ୍ଷରେ ଏକ ଗୋଲ ଦେଇଥିଲେ। ଏହାର କିଛିଦିନ ପରେ ବଳରାମଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଫ୍ରାନ୍ସ ବିପକ୍ଷ ମ୍ୟାଚ୍‌ରେ ଭାରତ ବିପର୍ଯ୍ୟୟ ସୃଷ୍ଟି କରିବା ପରିସ୍ଥିତି ସୃଷ୍ଟି କରିଥିଲା। ଜାକର୍ତ୍ତା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବେଳେ ଭାରତ ଫାଇନାଲରେ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଦେଇଥିଲା। ଭାରତର ଏହା ଥିଲା ଦ୍ୱିତୀୟ ଅନ୍ତର୍ଜାତୀୟ ସଫଳତା। ଏପର୍ଯ୍ୟନ୍ତ ଏହାର ପୁନରାବୃତ୍ତି ଘଟି ନାହିଁ। ଗୋଲ ସ୍କୋରିଂ ବ୍ୟତୀତ ତାଙ୍କ ନିକଟରେ ଚମତ୍କାର ବଲ୍ କଣ୍ଟ୍ରୋଲ, ଡ୍ରିବଲିଂ ଓ ପାସିଂ ଦକ୍ଷତା ରହିଥିଲା। ମାତ୍ର ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁ ତାଙ୍କ କ୍ୟାରିୟର (୧୯୫୫ରୁ ୧୯୬୩) ସଂକ୍ଷିପ୍ତ ହୋଇଯାଇଥିଲା। ମାତ୍ର ୨୭ ବର୍ଷ ବୟସରେ ସେ ଖେଳ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ବଳରାମ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ପ୍ରତିଯୋଗିତାରେ ଭାରତ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଦେଶ ପକ୍ଷରୁ ସେ ମୋଟ ୩୬ଟି ମ୍ୟାଚ ଖେଳି ୧୦ ଗୋଲ ସ୍କୋର କରିଥିଲେ। ତନ୍ମଧ୍ୟରେ ଏସିଆନ ଗେମ୍ସରେ ୪ ଗୋଲ ସାମିଲ ଥିଲା। ସନ୍ତୋଷ ଟ୍ରଫିରେ ସେ ଉଭୟ ବେଙ୍ଗଲ ଓ ହାଇଦ୍ରାବାଦ ତରଫରୁ ଖେଳି ସଫଳ ହୋଇଛନ୍ତି। ଜଣେ ସକ୍ରିୟ ଫୁଟ୍‌ବଲର ହିସାବରେ ଅବସର ନେବା ପରେ ସେ ସ୍ୱିଡେନରେ ଗୋଥିଆ କପ୍‌ରେ ଭାଗ ନେଇଥିବା କଲିକତା ମେୟର୍ସ ଟିମ୍‌ର କୋଚ୍ ଭାବେ କାର୍ଯ୍ୟ କରିଥିଲେ। ସେ ଆହରି ମଧ୍ୟ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ଜଣେ ଟ୍ୟାଲେଣ୍ଟ ସ୍କାଟର ଭାବେ କାର୍ଯ୍ୟ କରିଥିଲେ।


**Classified Everyday**
0674-2580101, 2549949


REAL ESTATE

**SALE**

**Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

ଭୁବନେଶ୍ୱର–ପୁରୀ **Bypass** ସାଇ ମନ୍ଦିର **NH side** ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି **plot 30ft.** ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। **9937450545.** D-74813

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

**New Cancer Hospital** ନାଇକର, ଜଟଣୀରେ ବର୍ଗଫୁଟ ୩୦୦–୫୦୦ ଜାଗା ବିକ୍ରି ହେଉଛି। **9437621753.** D-73683

ନଖରା–ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-2773

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡିଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

**30'road, boundary** ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,00,000/-ରେ** ମିଳୁଛି। **9937391249, 6371915941.** D-74195


CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706



Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

Newly open health benefits SPA special offer @999 Nayapalli. 7846814019. D-73682

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761


BUSINESS

କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ଛ' ଚକିଆ ୧୨ଟନ୍ କ୍ଷମତା ବିଶିଷ୍ଟ ଗାଡ଼ି/ ଟ୍ରକ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। ମୋବାଇଲ– **9338375318, 9692679472, 8763436231.** D-60973


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

Affidavit No-304, dt 15/02/23 before Notary Public, Koraput. I Mrs Meherajan Bibi, W/o Sheik Latif Ali resident of Goutam Nagar, Koraput, Dist.-Koraput (Odisha). My actual name is Meherajan Bibi as per my Passport No: R6751671. Aadhaar card and Pan card No: AXPPB1319P, but in my son's namely Sheik Arbaz Ali Passport No: R6758523 my name has been wrongly mentioned as Moharjan Bibi instead of Meherajan Bibi due to wrong information. That Meherajan Bibi and Moharjan Bibi both are one and the same person, that I swear this affidavit to file before the passport authority in support of my above said version for rectify/ correction my name my son's Passport.
D-2785

**LEGAL NOTICE**

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ ସିଭିଲ କେସ୍ ନଂ–୬୭/୨୦୨୨
ଜିତେନ କୁମାର ପଟ୍ଟନାଏକ .....ବାଦୀ
ବନାମ
ସୁର୍ଯ୍ୟ କୁମାର ମହାନ୍ତି ....ପ୍ରତିବାଦୀ

ପ୍ରାପ୍ତେଷୁ କ୍ରମିକ.–ନଂ ୧. ସୁର୍ଯ୍ୟ କୁମାର ମହାନ୍ତି, ବୟସ–୯୨ବର୍ଷ, ପି–✓ ଉଦୟ ଚନ୍ଦ୍ର ମହାନ୍ତି, ଗ୍ରାମ–ହରେକୃଷ୍ଣପୁର, ପୋ–ରାମଗଡ, ଥାନା/ଜିଲ୍ଲା–ବୌଦ୍ଧ। ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ କେସ୍ ନଂ–୬୭/୨୦୨୨ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ ଆସନ୍ତା ତା ୦୬।୦୩।୨୩ ରିଖ ଦିବା ଘ ୧୦.୩୦ମି ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର/.– ସିଭିଲ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ
ଧ-୨୭୮୪


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଜନ୍ମଦିନ ଶୁଭେଚ୍ଛା**



ସୁଶ୍ରୀ କାବ୍ୟା ସ୍ମରଣିକା (ଗୁଗୁ)
ଆଜି ତୁମର ତୃତୀୟ ବାର୍ଷିକ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥକୁ ସର୍ବଦା କୁସୁମିତ କରିବା ସହିତ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏହାହିଁ ଆମର ପ୍ରାର୍ଥନା।
ଶୁଭେଚ୍ଛା ସହ: ସାବିତ୍ରୀ ସାହୁ, କାହ୍ନୁ ଚରଣ ସାହୁ, କେଶବ, ବସୁଧା, ପରିବାର, ସାଇଁ।
ଧ-୨୭୭୮

**ଜନ୍ମଦିନ ଶୁଭେଚ୍ଛା**



ଆରାଧ୍ୟା ସାହୁ (ପୁଚୁ)
VIM-519, Sailashree Vihar, Bhubaneswar
ଶୁଭେଚ୍ଛା ସହ :- ପାପା, ମାମା, ଜେଜେବାପା, ଜେଜେମା, ଦାଦା, ଖୁଡ଼ି, ବଡ଼ଅଜା, ବଡ଼ଆଇ, ସାନଅଜା, ସାନଆଇ, ମାମୁଁ ମାନେ ଓ ପରିବାରବର୍ଗ।
ଧ-୭୩୩୬୯

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ସର୍ବ ପ୍ରଥମ ସଂସ୍କରଣ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ୫ଟି ଫ୍ରାଞ୍ଚାଇଜ୍ ଦଳକୁ ନେଇ ଏହି ପ୍ରତିଯୋଗିତା ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଲିଗ୍‌ରେ ମୋଟ ୨୨ଟି ମ୍ୟାଚ ଖେଳାଯିବ। ମ୍ୟାଚଗୁଡ଼ିକ ମୁମ୍ବାଇର ବ୍ରାବୋର୍ନ ଓ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଖେଳାଳି ନିଲାମ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି। ଏଥିରେ ୫୯.୫ କୋଟି ଟଙ୍କା ବିନିମୟରେ ମୋଟ ୮୭ ଖେଳାଳି କିଣା ଯାଇଥିବାବେଳେ ଭାରତର ସ୍ମୃତି ମନ୍ଧାନା ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି।**

# ଓମେନ୍ସ ପ୍ରିମିୟର ଲିଗ୍


ସ୍ମୃତି ମନ୍ଧାନା


ଆଶ୍ଲେ ଗାର୍ଡନର

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସର୍ବ ପ୍ରଥମ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ କ୍ଷେତ୍ର ପ୍ରସ୍ତୁତ। ପ୍ରଥମ ସଂସ୍କରଣରେ ୫ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଜାଏଣ୍ଟ୍ସ, ୟୁପି ୱାରିଅର୍ଜ ଓ ମୁମ୍ବାଇ ଇଣ୍ଡିଆନ୍ସ। ପ୍ରତିଯୋଗିତାର ଖେଳାଳି ନିଲାମ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି। ଏଥିରେ ୫୯.୫ କୋଟି ଟଙ୍କା ବିନିମୟରେ ମୋଟ ୮୭ ଖେଳାଳି କିଣା ଯାଇଥିବା ବିସିସିଆଇ ସୂତ୍ରରୁ ପ୍ରକାଶ କରାଯାଇଛି।

**୩ ଟପିଲେ ୩ କୋଟି:** ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମରେ ୭ ଖେଳାଳି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ କିଣା ଯାଇଛନ୍ତି। ଏପରିକି ୩ ଖେଳାଳି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ମଧ୍ୟ କିଣାଯାଇଛନ୍ତି। ସେମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି ଭାରତୀୟ ଓପନର ସ୍ମୃତି ମନ୍ଧାନା। ତାଙ୍କ ମୂଲ୍ୟ ରହିଛି ୩.୪ କୋଟି ଟଙ୍କା। ତାଙ୍କ ତଳକୁ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଆଶ୍‌ଲେ ଗାର୍ଡନର ୩.୨ ଓ ଇଂଲଣ୍ଡର ନାତାଲି ସ୍କିଭର-ବ୍ରଣ୍ଟଙ୍କ ମୂଲ୍ୟ ୩.୨ କୋଟି ଟଙ୍କା ରହିଛି। କେବଳ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିଅର୍ଜ ସମ୍ପୂର୍ଣ୍ଣ ୧୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ମାତ୍ର ଏହି ଦୁଇ ଦଳ ଆବଶ୍ୟକ ୧୮ ଖେଳାଳି କିଣିବାରେ ସମର୍ଥ ହୋଇନାହାନ୍ତି। ଯଥାକ୍ରମେ ୧୭ ଓ ୧୬ ଖେଳାଳି କିଣି ସମସ୍ତ ଅର୍ଥ ସାରିଛନ୍ତି। କେବଳ ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପୂରା ୧୮ ଖେଳାଳି କିଣିବାରେ ସକ୍ଷମ ହୋଇଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ନିକଟରେ ଯଥାକ୍ରମେ ୫ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ବଳିଛି। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଖେଳାଳି କୋଟା ପୂରଣ ପାଇଁ ମାତ୍ର ୧୧.୬୫ କୋଟି ଟଙ୍କା ଆବଶ୍ୟକ କରିଛି।

**ମନ୍ଧାନାଙ୍କ ପାଇଁ ଦୌଡ଼:** ସ୍ମୃତି ମନ୍ଧାନା ଡବ୍ଲ୍ୟୁପିଏଲ୍ ନିଲାମରେ ଦାମୀ ଖେଳାଳି ସାବ୍ୟସ୍ତ ହୋଇଥିଲେ। ତାଙ୍କ ନାଁ ନିଲାମ ପ୍ରକ୍ରିୟାରେ ଆସିବା ମାତ୍ରେ ଘୋଡ଼ା ଦୌଡ଼ ଆରମ୍ଭ ହୋଇ ଯାଇଥିଲା। ତାଙ୍କ ପାଇଁ ୨୮ ଥର ପାଡେଲ ଉଠିଥିଲା, ଯାହାକି କୌଣସି ଖେଳାଳିଙ୍କ କ୍ଷେତ୍ରରେ ସର୍ବାଧିକ। ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ମଧ୍ୟରେ ମୁଖ୍ୟତଃ ଦୌଡ଼ ଲାଗିଥିଲା। ଶେଷରେ ସେ ତାଙ୍କ ବେସ୍ ପ୍ରାଇସ୍‌ଠାରୁ ୬.୮ ଗୁଣା ଅଧିକ ମୂଲ୍ୟରେ ବାଙ୍ଗାଲୋର ଦଳକୁ ଯାଇଥିଲେ। କୌଣସି ଖେଳାଳିଙ୍କ ପାଇଁ ଦୁଇ ଫ୍ରାଞ୍ଚାଇଜ୍ ମଧ୍ୟରେ ଏତେ ସମୟ ପ୍ରତିଦ୍ୱନ୍ଦ୍ୱିତା ଏହା ପ୍ରଥମ ଥିଲା। ଅନ୍ୟପକ୍ଷରେ ୫ ଖେଳାଳିଙ୍କ ପାଇଁ ୪ ଫ୍ରାଞ୍ଚାଇଜ୍ ମଧ୍ୟରେ ଦୌଡ଼ ଦେଖିବାକୁ ମିଳିଥିଲା। ସେମାନେ ହେଲେ ହରମନପ୍ରୀତ କୌର, ଦୀପ୍ତି ଶର୍ମା, ବେଥ୍ ମୁନୀ, ମାରିଜାନେ କାପ୍ ଓ ତାଲିଆ ମ୍ୟାକ୍‌ଗ୍ରା।

**ଅଷ୍ଟ୍ରେଲୀୟ ଖେଳାଳିଙ୍କ ଚାହିଦା:** ଅନ୍ତର୍ଜାତୀୟ ସ୍ତରରେ ମହିଳା କ୍ରିକେଟରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନର ପ୍ରଭାବ ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମ ଉପରେ ପଡ଼ିଥିଲା। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲୀୟଙ୍କ ଚାହିଦା ଅଧିକ ରହିଥିଲା। ନିଲାମରେ ୩୦ ବିଦେଶୀ ଖେଳାଳି ବିକ୍ରି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪ ଅଷ୍ଟ୍ରେଲିଆର ଥିଲେ। ଅଷ୍ଟ୍ରେଲିଆ ଖେଳାଳିଙ୍କ ପାଇଁ ଫ୍ରାଞ୍ଚାଇଜ୍‌ମାନେ ୧୪.୨୫ କୋଟି ଟଙ୍କା ବ୍ୟୟ କରିଥିଲେ। ଯାହାକି ୫ ଦଳର ମୋଟ ଖର୍ଚ୍ଚର ପାଖାପାଖି ଏକ ଚତୁର୍ଥାଂଶ। ୫୭ ଜଣ ଭାରତୀୟ ଖେଳାଳି ୩୨.୨ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ଏ କ୍ଷେତ୍ରରେ ଇଂଲଣ୍ଡ ଖେଳାଳିମାନେ ତୃତୀୟ ସ୍ଥାନରେ ରହିଥିଲେ। ଏହାର ୭ ଖେଳାଳି ୭.୩୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ସହଯୋଗୀ ଦେଶ ଗୁଡ଼ିକ ମଧ୍ୟରୁ କେବଳ ତାରା ନୋରିସଙ୍କୁ କ୍ୟାପିଟାଲ୍ସ କିଣିଥିଲା। ନୋରିସ ହେଉଛନ୍ତି ଆମେରିକାର ବାମହାତୀ ସିମର। ୨୦୨୨ରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ତେବେ ୨୦୧୪ରୁ ୨୦୨୨ ମଧ୍ୟରେ ସେ ଇଂଲଣ୍ଡରେ ୧୦୦ରୁ ଊର୍ଦ୍ଧ୍ୱ ପେସାଦାର ସୀମିତ ଓଭର ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ୫୭ ଖେଳାଳିଙ୍କ ପାଇଁ ନିଲାମରେ ୫୪.୨୫ କୋଟି ଟଙ୍କା ବ୍ୟୟ ହୋଇଥିଲା। ୩୦ ଅନ୍‌କ୍ୟାପେଡଙ୍କ ପାଇଁ ୫.୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ବିଦେଶର ମାତ୍ର ଜଣେ ଅନ୍‌କ୍ୟାପେଡ ଖେଳାଳି ଅଷ୍ଟ୍ରେଲିଆର ଲୌରା ହାରିସ ବିକ୍ରି ହୋଇଥିଲେ। ତାଙ୍କୁ କ୍ୟାପିଟାଲ୍ସ ୪୫ ଲକ୍ଷ ଟଙ୍କାରେ କିଣିଥିଲା। ଅନ୍‌କ୍ୟାପେଡ ଭାବେ ସେ ଥିଲେ ଦ୍ୱିତୀୟ ସର୍ବାଧିକ ମହଙ୍ଗା ଖେଳାଳି। ତନୁଜା କନୱର ୫୦ ଲକ୍ଷ ଟଙ୍କାରେ ଜାଏଣ୍ଟ୍ସ ଦଳକୁ ଯାଇ ଏହି ତାଲିକାର ଶୀର୍ଷରେ ଅଛନ୍ତି।

**ଅଲ୍‌ରାଉଣ୍ଡରଙ୍କ ଉପରେ ଫୋକସ:** ନିଲାମ ସମୟରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ହାତରେ ୧୨ କୋଟି ଟଙ୍କା ଲେଖାଏ ରହିଥିବାରୁ ସେମାନେ ଅଲ୍‌ରାଉଣ୍ଡରଙ୍କୁ ଫୋକସ କରିଥିଲେ। ନିଲାମରେ ବିକ୍ରି ହୋଇଥିବା ଖେଳାଳିଙ୍କ ମଧ୍ୟରୁ ୪୬ ଜଣ ଥିଲେ ଅଲ୍‌ରାଉଣ୍ଡର। ଏମାନଙ୍କ ମଧ୍ୟରୁ ପ୍ରତି ଦଳରେ ଅତିକମ୍‌ରେ ୭ ଜଣ ଲେଖାଏ ରହିଛନ୍ତି। ଓଭରଅଲ୍ ଅଲ୍‌ରାଉଣ୍ଡରଙ୍କ ପାଇଁ ୩୪.୩ କୋଟି ଟଙ୍କା ବିକ୍ରି ହୋଇଥିବା ଜଣାଯାଇଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆର ୯ ଖେଳାଳିଙ୍କ ପାଇଁ ୯.୬ କୋଟି ଟଙ୍କା ସାମିଲ। ମାତ୍ର ୧୭ ଜଣ ସ୍ପେଶାଲିଷ୍ଟ ବୋଲର ନିଲାମ ସମୟରେ ବିକ୍ରି ହୋଇଛନ୍ତି। ଅନ୍ୟ ୨୪ ଜଣଙ୍କ ମଧ୍ୟରେ ସ୍ପେଶାଲିଷ୍ଟ ବ୍ୟାଟର କିମ୍ବା ଉଇକେଟ କିପର ବ୍ୟାଟର ରହିଛନ୍ତି। ଆଇସିସି ର୍‍ୟାଙ୍କିଙ୍ଗର ଟପ୍-୧୦ରେ ଥିବା ବୋଲରଙ୍କ ମଧ୍ୟରୁ ମାତ୍ର ୬ ଜଣ ବିକ୍ରି ହୋଇଛନ୍ତି। ଏହି ୬ ଜଣଙ୍କ ମଧ୍ୟରୁ ୩ ଜଣ ଅଲ୍‌ରାଉଣ୍ଡର।

**ହାପି ବିଡର ଦିଲ୍ଲୀ କ୍ୟାପିଟାଲ୍ସ:** ଅକ୍ସନ ଟେବୁଲରେ ସବୁଠାରୁ ସକ୍ରିୟ ରହିଥିଲା କ୍ୟାପିଟାଲ୍ସ ଟିମ୍। ଏହି ଦଳ ୩୮ ଖେଳାଳିଙ୍କ ପାଇଁ ବିଡ୍ କରିଥିଲା ଏବଂ ୧୮ ଖେଳାଳି କିଣିଥିଲା। ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ବେସ୍ ପ୍ରାଇସ୍‌ରେ ହିଁ ନେଇଥିଲା। ୟୁପି ୱାରିଅର୍ଜ ବିଡ୍ ଲଗାଇଥିବା ୧୫ ଖେଳାଳିଙ୍କ ମଧ୍ୟରୁ ୭ ଜଣଙ୍କୁ ବେସ୍ ପ୍ରାଇସ୍‌ରେ କିଣି ପାରିଥିଲା।

**ସର୍ବକନିଷ୍ଠ ଓ ବୟସ୍କ:** ଖେଳାଳି ନିଲାମରେ ସବୁଠାରୁ ବୟସ୍କ ଖେଳାଳିଭାବେ ବିକ୍ରି ହୋଇଥିଲେ ଜାସିଆ ଅଖତର। ସେ ହେଉଛନ୍ତି ଜଣେ ୩୪ ବର୍ଷୀୟ ଅନ୍‌କ୍ୟାପେଡ ଭାରତୀୟ। ବିକ୍ରି ହୋଇଥିବା ଖେଳାଳିଙ୍କ ମଧ୍ୟରେ ଆଉ ୩ ଖେଳାଳି ଟୁର୍ନାମେଣ୍ଟ ଆରମ୍ଭ ବେଳକୁ ୩୪ ବର୍ଷରୁ ଊର୍ଦ୍ଧ୍ୱ ହୋଇ ଯାଇଥିବେ। ଏମାନେ ହେଲେ ଇରିନ ବର୍ନ୍ସ, ଶବନମ ଇସମାଇଲ ଓ ହରମନପ୍ରୀତ। ସର୍ବକନିଷ୍ଠ ଖେଳାଳିଙ୍କ ମଧ୍ୟରେ ୨ ଜଣ ୧୫ ବର୍ଷୀୟ ରହିଥିବା ଜଣାଯାଇଛି। ସେମାନେ ହେଲେ ସୋନମ ଯାଦବ ଓ ଶବନମ ଶକିଲ। ସୋନମ ଜୁଲାଇ ୨୦୦୭ରେ ଜନ୍ମ ହୋଇଥିଲେ। ଶକିଲ ହେଉଛନ୍ତି ତାଙ୍କଠାରୁ ୧ ମାସ ବଡ଼। ବିଦେଶୀ ଖେଳାଳିଙ୍କ ମଧ୍ୟରେ ସର୍ବକନିଷ୍ଠ ଅଛନ୍ତି ଆଲିସେ କାପ୍‌ସେ। ୨୦୦୪ ଅଗଷ୍ଟରେ ଜନ୍ମିତ ଇଂଲଣ୍ଡର କାପ୍‌ସେଙ୍କୁ ଏବେ ୧୮ ବର୍ଷ।

## ବିଭିନ୍ନ ଦଳର ଶକ୍ତି ଓ ଦୁର୍ବଳତା

**ଡବ୍ଲ୍ୟୁପିଏଲ୍‌ର ପ୍ରଥମ ସଂସ୍କରଣରେ ଅଂଶଗ୍ରହଣ କରୁଥିବା ୫ ଫ୍ରାଞ୍ଚାଇଜ୍ ଦଳର ଖେଳାଳି ତାଲିକା ଚୂଡ଼ାନ୍ତ ହୋଇଯାଇଛି। ବିଭିନ୍ନ ଦଳର ଶକ୍ତି ଓ ଦୁର୍ବଳତାକୁ ନେଇ ଏହି ଉପସ୍ଥାପନା..**


ହରମନପ୍ରୀତ କୌର


ନାତାଲି ସ୍କିଭର-ବ୍ରଣ୍ଟ

### ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ଖେଳାଳି: ୧୮, ଖର୍ଚ୍ଚ: ୧୧.୯ କୋଟି

ମୁଖ୍ୟ ଖେଳାଳି: ପୁରୁଷ ଆଇପିଏଲ୍‌ରେ ବିରାଟ କୋହଲି, ଏବି ଡି'ଭିଲର୍ସ ଓ କ୍ରିସ୍ ଗେଲ୍‌ଙ୍କୁ ନେବାଭଳି ମହିଳା ପ୍ରିମିୟର ଲିଗ୍‌ରେ ଏହି ଫ୍ରାଞ୍ଚାଇଜ୍ ସ୍ମୃତି ମନ୍ଧାନା, ୪ ଥର ଟି୨୦ ବିଶ୍ୱକପ ବିଜୟିନୀ ଏଲିସେ ପେରୀ ଓ ଦକ୍ଷିଣ ଆଫ୍ରିକାର ଡାନେ ଭାନ୍ ନିକର୍କଙ୍କ ପରି ନିର୍ଭୀକ ଖେଳାଳିଙ୍କୁ ନିଜ ଦଳରେ ସାମିଲ କରିଛି।

ଶକ୍ତି: ଏହି ଦଳର ତାରକା ଖଚିତ ବିଦେଶୀ ଖେଳାଳିମାନେ ବହୁଗୁଣ ସମ୍ପନ୍ନ। ପେରୀ, ସୋଫି ଡେଭିନେ, ଭାନ୍ ନିକର୍କ, ହିଥର ନାଇଟ ଆଦି ସମସ୍ତେ ବ୍ୟାଟିଂ ଓ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ଏହା ବ୍ୟତୀତ ବିସ୍ଫୋରକ ବ୍ୟାଟିଂ କରୁଥିବା ମନ୍ଧାନା, ରିଚା ଘୋଷ, ରେଣୁକା ସିଂ ଆଦି ହାଇ ପ୍ରୋଫାଇଲ ଭାରତୀୟ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ଖେଳାଳି। ଏମାନେ ମ୍ୟାଚର ମୋଡ଼ ବଦଳାଇବାକୁ ସକ୍ଷମ।

ଦୁର୍ବଳତା: ଏହି ଦଳରେ କ୍ୱାଲିଟି ଭାରତୀୟ ରିଷ୍ଟ ସ୍ପିନର ନାହାନ୍ତି। ମୁମ୍ବାଇର ଲାଲ ମାଟିରେ ସେମାନଙ୍କ ଅନୁପସ୍ଥିତି ଅନୁଭୂତ ହୋଇପାରେ।

### ମୁମ୍ବାଇ ଇଣ୍ଡିଆନ୍ସ

ଖେଳାଳି: ୧୭, ଖର୍ଚ୍ଚ: ୧୨ କୋଟି

ମୁଖ୍ୟ ଖେଳାଳି: ହରମନପ୍ରୀତ କୌର, ନାତାଲି ସ୍କିଭର-ବ୍ରଣ୍ଟ ଓ ପୂଜା ବସ୍ତ୍ରକାର କୌଣସି ପରିସ୍ଥିତିରେ ମ୍ୟାଚର ମୋଡ଼ ବଦଳାଇବାକୁ ସକ୍ଷମ। ୨୦୧୩ରେ ମୁମ୍ବାଇରେ ହିଁ ହରମନପ୍ରୀତ କ୍ୟାରିୟରରେ ପ୍ରଥମ ବିଶ୍ୱକପ ଶତକ ହାସଲ କରିଥିଲେ। ଉଭୟ ପେସ୍ ଓ ସ୍ପିନ ଖେଳିବାକୁ ସ୍କିଭର-ବ୍ରଣ୍ଟ ମାହିର। ସେ କ୍ୱାଲିଟି ମିଡିୟମ ପେସ୍ ବୋଲିଂ ମଧ୍ୟ କରିଥାନ୍ତି। ବସ୍ତ୍ରକାର ହେଉଛନ୍ତି ଲୋୟର ଅର୍ଡରରେ ଜଣେ ବିଗ୍-ହିଟର। ମିଡିଲ ଓଭରରେ ସେ ଭଲ ବୋଲିଂ କରିଥାନ୍ତି।

ଶକ୍ତି: ବ୍ୟାକ୍‌ଅପ୍ ଖେଳାଳି ଦଳର ମୁଖ୍ୟ ଶକ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳର ଏକାଧିକ ଖେଳାଳି ଏଥିରେ ଅଛନ୍ତି।

ଦୁର୍ବଳତା: ଉଇକେଟ କିପର ୟାସ୍ତିକା ଭାଟିଆଙ୍କର କେହି ବ୍ୟାକ୍‌ଅପ୍ ନାହାନ୍ତି। ଏହା ବ୍ୟତୀତ ଦଳରେ ଭାରତୀୟ ଦ୍ରୁତ ବୋଲରଙ୍କ ଅଧିକ ବିକଳ୍ପ ମଧ୍ୟ ନାହାନ୍ତି।

### ଗୁଜରାଟ ଜାଏଣ୍ଟ୍ସ

ଖେଳାଳି: ୧୮, ଖର୍ଚ୍ଚ: ୧୧.୫ କୋଟି

ମୁଖ୍ୟ ଖେଳାଳି: ଘରୋଇ କ୍ରିକେଟରେ ସ୍ନେହ ରାଣାଙ୍କ ପର୍ଯ୍ୟାପ୍ତ ଅଭିଜ୍ଞତା ଥିବାରୁ ସେ ଗୁଜରାଟ ଜାଏଣ୍ଟ୍ସ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ରେଲୱେ ଦଳର ମୁଖ୍ୟ କୋଚ୍ ନୁଶିନ ଅଲୀ ଖାଦିରଙ୍କ ଉପସ୍ଥିତି ମଧ୍ୟ ଦଳକୁ ଫାଇଦାରେ ରଖିବ। ଏହା ବ୍ୟତୀତ ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନରଙ୍କ ଉପସ୍ଥିତି ମଧ୍ୟ ଦଳକୁ ଫାଇଦାରେ ରଖିବ। ବିକ୍ରି ହେବାର ଗୋଟିଏ ଦିନପରେ ସେ ଟି୨୦ରେ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଛନ୍ତି।

ଶକ୍ତି: ଦଳରେ ବିଭିନ୍ନ ବିଭାଗ ପାଇଁ ଭଲ ସ୍ପେଶାଲିଷ୍ଟ ବିଦେଶୀ ଖେଳାଳି ଅଛନ୍ତି। ଡିଅଣ୍ଡ୍ରା ଡୋଟିନ ଓ ଆନାବେଲ ସୁଥରଲାଣ୍ଡଙ୍କ ପରି ସିମ୍- ବୋଲିଂ ଅଲ୍‌ରାଉଣ୍ଡର ମ୍ୟାଚର ମୋଡ଼ ପରିବର୍ତ୍ତନ କରିବାର ଦକ୍ଷତା ରଖିଛନ୍ତି।

ଦୁର୍ବଳତା: ଅଭିଜ୍ଞ ଭାରତୀୟ ଖେଳାଳିଙ୍କ ଅଭାବ ଅନୁଭୂତ ହେବ। ହର୍ଲିନ ଦେଓଲ, ଏସ. ମେଘନା ଓ ଡି. ହେମଲତାଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନୀୟ ଖେଳାଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ଥିତି ସମ୍ଭାଳିବାକୁ ନାହାନ୍ତି।

### ୟୁପି ୱାରିୟର୍ଜ

ଖେଳାଳି ୧୬, ଖର୍ଚ୍ଚ: ୧୨ କୋଟି

ମୁଖ୍ୟ ଖେଳାଳି: ୱାରିୟର୍ଜର ଟପ୍ ଅର୍ଡରରେ ଆଲିସା ହିଲି ମୁଖ୍ୟ ଭୂମିକା ଗ୍ରହଣ କରିବେ। ତାଙ୍କ ନିକଟରେ ପର୍ଯ୍ୟାପ୍ତ ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ସେ ବିଶ୍ୱର ଅନ୍ୟତମ ବିସ୍ଫୋରକ ବ୍ୟାଟରଭାବେ ପରିଚିତ। ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କ ଷ୍ଟ୍ରାଇକ୍ ହାର ୧୨୮.୨୬ ରହିଛି। ବିଶେଷ ପରିସ୍ଥିତିରେ ସେ ଏକାକୀ ଦଳକୁ ଜିତାଇବାର ଦକ୍ଷତା ରଖିଛନ୍ତି। ଦୀପ୍ତି ଶର୍ମା ଦ୍ୱିତୀୟ ଭାରତୀୟ ମହଙ୍ଗା ଖେଳାଳିଭାବେ ଏହି ଦଳକୁ ୨.୬ କୋଟି ଟଙ୍କାରେ ଯାଇଛନ୍ତି। ମୁମ୍ବାଇର ସ୍ପିନ୍ ଫ୍ରେଣ୍ଡଲୀ କଣ୍ଡିଶନରେ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ ଦେଖାଇବା ଆଶା ରହିଛି।

ଶକ୍ତି: ୱାରିୟର୍ଜ ହେଉଛି ଏକ ସନ୍ତୁଳିତ ଦଳ। ଦୀପ୍ତି, ଦେବୀକା ବୈଦ୍ୟ, ପାର୍ଶଭି ଚୋପ୍ରା, ଟାହଲିଆ ମ୍ୟାକଗ୍ରା ଓ ଗ୍ରେସ୍ ହାରିସଙ୍କ ପରି ଦକ୍ଷ ଅଲ୍‌ରାଉଣ୍ଡର ଏହି ଦଳରେ ରହିଛନ୍ତି। ଉଭୟ ବ୍ୟାଟ୍ ଓ ବଲ୍‌ରେ ଏମାନେ ଖେଳର ମୋମେଣ୍ଟମ ବଦଳାଇ ଦେଇପାରିବେ। ସ୍ପିନର ତ୍ରୟ ରାଜେଶ୍ୱରୀ ଗାଏକ୍ୱାଡ, ସୋଫି ଏକେଲଷ୍ଟୋନ ଓ ଦୀପ୍ତିଙ୍କ ଉପସ୍ଥିତି ଏବଂ ଶବନିମ ଇସମାଇଲ ଓ ଅଞ୍ଜଳି ସର୍ଭାନିଙ୍କ ପେସ୍ ଦଳକୁ ବୋଲିଂ ବିଭାଗରେ ବେଶ୍ ଶକ୍ତିଶାଳୀ କରିଛି। ଟପ୍ ଅର୍ଡରରେ ହିଲି, ୧୯ ବର୍ଷରୁ କମ୍ ଭାରତୀୟ ଓପନର ଶ୍ୱେତା ଶେରାୱତ ଓ ମ୍ୟାକଗ୍ରା ରହିଛନ୍ତି।

ଦୁର୍ବଳତା: କିରନ ନଭଗିରେ ଓ ବିଶେଷ ଜଣାଶୁଣା ନ ଥିବା ଲକ୍ଷ୍ମୀ ଯାଦବଙ୍କ ଉପରେ ମିଡିଲ ଅର୍ଡର ବ୍ୟାଟିଂ ନିର୍ଭର କରିବ। ଯଦି ଇନିଂସ ଆରମ୍ଭରେ ଶୀଘ୍ର ଉଇକେଟ ପଡ଼ିଯାଏ ତେବେ ଆଙ୍କର ଭୂମିକା ନେବାପାଇଁ ମଧ୍ୟ ଦଳରେ ସେମିତି ଅଧିକ ଖେଳାଳି ନାହାନ୍ତି।

### ଦିଲ୍ଲୀ କ୍ୟାପିଟାଲ୍ସ

ଖେଳାଳି: ୧୮, ଖର୍ଚ୍ଚ: ୧୧.୬୫ କୋଟି

ମୁଖ୍ୟ ଖେଳାଳି: ନିଜ ନେତୃତ୍ୱରେ ମେଗ୍ ଲାନିଂ ଏକାଧିକ ଥର ଅଷ୍ଟ୍ରେଲିଆକୁ ବିଶ୍ୱକପ ବିଜେତା କରିଛନ୍ତି। ଜେମିମା ରୋଡ୍ରିଗ୍ୱେଜ, ଶେଫାଳି ବର୍ମା ଓ ମାରିଜାନେ କାପ୍ସଙ୍କ ଫର୍ମ। ମଧ୍ୟ ଦଳପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

ଶକ୍ତି: ଶେଫାଳି, ରୋଡ୍ରିଗ୍ୱେଜ ଓ ଲାନିଂଙ୍କୁ ନେଇ କ୍ୟାପିଟାଲ୍ସର ଟପ୍ ଅର୍ଡର ବେଶ୍ ଶକ୍ତିଶାଳୀ। ପୁନମ ଯାଦବ, ଜେସ ଜୋନାସେନ, ରାଧା ଯାଦବ, ଶିଖା ପାଣ୍ଡେ, ଅରୁନ୍ଧତୀ ରେଡ୍ଡୀ ଓ ମାରିଜାନେ କାପ୍‌ଙ୍କୁ ନେଇ ଏହାର ବୋଲିଂ ଗ୍ରୁପ୍‌ରେ ମଧ୍ୟ ଅନେକ ଅନ୍ତର୍ଜାତୀୟ ଅଭିଜ୍ଞ ଖେଳାଳି ରହିଛନ୍ତି।

ଦୁର୍ବଳତା: ଏହି ଦଳରେ ତାନିଆଙ୍କର ବ୍ୟାକ୍‌ଅପ୍ ଉଇକେଟ କିପର କେହି ନାହାନ୍ତି। ଏହା ଆବଶ୍ୟକ ସମୟରେ ଚିନ୍ତାର କାରଣ ହୋଇପାରେ।

## ସଫଳତା

ବିରହମପୁର ଗୋସାଣୀ ନୂଆଗାଁ
ମଧୁସ୍ମିତା କରି ପଣ
ଆଫ୍ରିକାର ଉଚ୍ଚତମ କିଲମାଞ୍ଜାରୋ
ଶୃଙ୍ଗ କଲା ଆରୋହଣ
କଷଟି ପଥର ବଣ
ମାଇନସ ତାପମାତ୍ରା କଷ୍ଟ ସହି
ଫୁଟାଏ ବିଜୟ ବାଣ।

ଫାଷ୍ଟ ଓମେନ୍ସ ପ୍ରିମିୟର ଲିଗ୍‌ର
ନିଲାମରେ ପାଇ ସ୍ଥାନ
ସୋପିଆଁ ଜିଲାର ଜେସିଆ ଅଖତର
ହୋଇଛି ନମ୍ବର ୱାନ
ଏ ଜମ୍ମୁ କଶ୍ମୀର ଜହ୍ନ
ରାଜ୍ୟକୁ ଓମେନ୍ସ କ୍ରିକେଟ ମ୍ୟାପ୍‌ରେ
ସ୍ଥାନ ଦେଇ ହେଲା ଧନ୍ୟ।



ଡବ୍ଲ୍ୟୁପିଏଲ୍ କଣ୍ଟ୍ରାକ୍ଟରେ ସ୍ଥାନପାଇ
କ୍ରିକେଟର ମିନ୍ନୁ ରାଣୀ
ସଂଘର୍ଷ ଯୁଦ୍ଧରେ ଏ ନୂଆ ସୋପାନ
କହେ ତ୍ୟାଗ ଫଳ ମଣି
ପୁଅ ହେଉ ଝିଅ ପୁଣି
ଲକ୍ଷ୍ୟ ନିଷ୍ଠା ତ୍ୟାଗ ଧୈର୍ଯ୍ୟ ସଫଳତା
ବଡ଼ ମନ୍ତ୍ର ଥାଅ ଜାଣି।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୭/୨୦୨୩ Bhubaneswar, Friday, February 17/ 2023

# ଟପ୍ ଅର୍ଡର ଚିନ୍ତାରେ ଭାରତ

**ନୂଆଦିଲ୍ଲୀ, ୧୬।୨(ପି.ଟି)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ୪ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହେବ। ଭାରତ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ରହିଥିବା ବେଳେ ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଦଳ ସାମାନ୍ୟ ଚିନ୍ତାରେ ରହିଛି। ଅଧିନାୟକ ରୋହିତ ଶର୍ମା ଶତକ ହାସଲ କରି ଫର୍ମକୁ ଫେରିଥିଲେ ମଧ୍ୟ ଲୋକେଶ ରାହୁଲଙ୍କ ଫର୍ମ ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ନାଗପୁରର ଧିମା ଟ୍ରାକ୍‌ରେ ଚମତ୍କାର ଧୈର୍ଯ୍ୟର ପରିଚୟ ଦେଇ ରୋହିତ ଶର୍ମା ଶତକ ହାସଲ କରିଥିଲେ। ତେବେ ଟପ୍ ଅର୍ଡରରେ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। ୩ ନେଟ୍ ବୋଲର ସୌରଭ କୁମାର, ପୁଲକିତ ନାରଙ୍ଗ ଓ ହ୍ରିତିକ ଶୋକିନଙ୍କୁ କୋହଲି ବୁଧବାର ଖେଳିଥିଲେ। ଭାରତୀୟ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ସେସନ୍ ପାଇଁ ପିଚ୍‌ରେ ରଫ୍ ମାର୍କ ତିଆରି କରାଯାଇଥିଲା। ତେଣୁ ଦ୍ୱିତୀୟ ଟେଷ୍ଟରେ ନାଥନ ଲିୟନ୍ ଓ ଟଡ୍ ମର୍ଫିଙ୍କ ବିପକ୍ଷରେ କୋହଲିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।





ଅଭ୍ୟାସ ଅବସରରେ ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଓ ଶ୍ରେୟସ ଆୟାର।

**ରାହୁଲଙ୍କ ପାଇଁ ଶେଷ ସୁଯୋଗ:** ନୂଆଦିଲ୍ଲୀ ଟେଷ୍ଟ ଓପନିଙ୍ଗ ବ୍ୟାଟର ଲୋକେଶ ରାହୁଲଙ୍କ ପାଇଁ ଶେଷ ସୁଯୋଗ। ଭାରତୀୟ ଦଳରେ ଓପନିଙ୍ଗ ସ୍ଥାନ ପାଇଁ ଏକାଧିକ ବିକଳ୍ପ ରହିଛି। ରେଡ୍ ହଟ୍ ଫର୍ମରେ ଥିବା ଶୁବମନ ଗିଲ୍‌ଙ୍କୁ ବାଦ୍ ଦେଇ ଦଳ ଲୋକେଶ ରାହୁଲଙ୍କୁ ଦଳରେ ସ୍ଥାନ ଦେଇଛି। ରାହୁଲ ଭାରତ ପାଇଁ ୪୬ ଟେଷ୍ଟ ଖେଳି ସାରିଥିବା ବେଳେ ତାଙ୍କର ଆଭରେଜ ମାତ୍ର ୩୪ ରହିଛି। ଦ୍ୱିତୀୟ ଟେଷ୍ଟରେ ବିଫଳ ହେଲେ ରାହୁଲଙ୍କ ପାଇଁ ଭାରତୀୟ ଦଳର ରାସ୍ତା ବନ୍ଦ ହେବାର ସମ୍ଭାବନା ରହିଛି। ଶୁବମାନ ଗିଲ୍‌ଙ୍କ ଅଷ୍ଟ୍ରେଲିଆ ବିପକ୍ଷ ରେକର୍ଡ ଚମତ୍କାର ଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ଭଲ ପ୍ରଦର୍ଶନ ନ ଦେଲେ ରାହୁଲ ବାଦ୍ ପଡିବାର ସମ୍ଭାବନା ଅଧିକ।

**ଆଜି ଦ୍ୱିତୀୟ ଟେଷ୍ଟ**
**ମ୍ୟାଚ୍ ସମୟ: ସକାଳ ୯.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ମଧ୍ୟକ୍ରମ ଉପରେ ଗୁରୁତ୍ୱ:** ଦ୍ୱିତୀୟ ଟେଷ୍ଟ ପୂର୍ବରୁ ମଧ୍ୟକ୍ରମ ବ୍ୟାଟିଂକୁ ବେଶ୍ ପ୍ରଶଂସା କରିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ୍। ନିକଟ ଅତୀତରେ ଭାରତୀୟ ଦଳର ଟପ୍ ଅର୍ଡର ସଂଘର୍ଷ କରିଥିବା ବେଳେ ଶ୍ରେୟସ ଆୟାର, ରିଷଭ ପନ୍ତ ଏବଂ ରବୀନ୍ଦ୍ର ଜାଡେଜା ହିଁ ଦଳକୁ ସଙ୍କଟରୁ ଉଦ୍ଧାର କରିଛନ୍ତି। ପ୍ରଥମ ଟେଷ୍ଟରେ ମଧ୍ୟ ଜାଡେଜା ଓ ଅକ୍ଷର ପଟେଲ ସମାନ ଦାୟିତ୍ୱ ନିର୍ବାହ କରିଥିଲେ। ଜମଥା ପରି ଧିମା ନ ହେଲେ ମଧ୍ୟ ଅରୁଣ ଜେଟଲୀ ଷ୍ଟାଡିୟମର ପିଚ୍ ଧିମା ରହିବ। ଏହା ସହିତ ପୁନର୍ବାର ଭାରତୀୟ ମିଡିଲ ଅର୍ଡର ବ୍ୟାଟିଂ ଉପରେ ସମସ୍ତଙ୍କ ନଜର ରହିବ। ଏହି ଷ୍ଟାଡିୟମର ଉଭୟ ପାର୍ଶ୍ୱର ବାଉଣ୍ଡାରି ସାମାନ୍ୟ ଛୋଟ ଥିବାରୁ ବ୍ୟାଟର ଏହାର ଫାଇଦା ଉଠାଇବାକୁ ପ୍ରୟାସ କରିପାରନ୍ତି।

**ଶ୍ରେୟସ ବନାମ ସୂର୍ଯ୍ୟକୁମାର:** ୩୧ ଦିନ ଧରି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟରୁ ଦୂରେଇ ରହିବା ପରେ ଶ୍ରେୟସ ଆୟାର ଦଳକୁ ଫେରିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ସେ ଚୂଡାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି। ତେବେ ପ୍ରତ୍ୟାବର୍ତ୍ତନ ପରେ ତୁରନ୍ତ ୫ ଦିନିଆ ମ୍ୟାଚର କାର୍ଯ୍ୟଭାର ସମ୍ଭାଳିବାରେ ଆୟର ସମର୍ଥ ହେବେ କି ନାହିଁ ତାହା ବଡ ପ୍ରଶ୍ନ ରହିଛି। ଅନ୍ୟ ପକ୍ଷରେ ଯଦି ଆୟର ନ ଖେଳନ୍ତି ତେବେ ସୂର୍ଯ୍ୟକୁମାରଙ୍କୁ ଆଉ ଏକ ସୁଯୋଗ ମିଳିବ।

**ପୂଜାରାଙ୍କ ଶତକୀୟ ଟେଷ୍ଟ:** ଭାରତୀୟ ଟେଷ୍ଟ ବ୍ୟାଟିଂର ମେରୁଦଣ୍ଡ ଭାବରେ ବିଗତ ୧୩ ବର୍ଷ ଧରି ଖେଳିଥିବା ଚେତେଶ୍ୱର ପୂଜାରା ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ନିଜର ୧୦୦ ତମ ଟେଷ୍ଟ ଖେଳିବେ। ୧୩ତମ ଭାରତୀୟ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିବାକୁ ଯାଉଛନ୍ତି। ୯୯ ଟେଷ୍ଟରୁ ୪୪ ଆଭରେଜରେ ୧୯ ଶତକ ଓ ୩୪ ଅର୍ଦ୍ଧଶତକ ସହିତ ୭୦୨୧ ରନ୍ ସଂଗ୍ରହ କରିଛନ୍ତି। ଶତକୀୟ ଟେଷ୍ଟରେ ପୂଜାରା କ୍ୟାରିୟରର ବିଂଶତମ ଶତକ ହାସଲ କରିବା ଲକ୍ଷ୍ୟରେ ରହିବେ।

# ସେଲ୍‌ଫି ପାଇଁ ପୃଥ୍ୱୀ ଶ'ଙ୍କୁ ଆକ୍ରମଣ

**ମୁମ୍ବାଇ, ୧୬।୨**

ସେଲ୍‌ଫି ଉଠାଇବାକୁ କେନ୍ଦ୍ର କରି ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କୁ ଆକ୍ରମଣ ହୋଇଛି। ପୃଥ୍ୱୀଙ୍କ ସାଙ୍ଗ ଏ ନେଇ ପୋଲିସ ନିକଟରେ ଅଭିଯୋଗ କରିଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ଅଭିଯୋଗ ଅନୁସାରେ ୮ ଜଣ ଲୋକ ପୃଥ୍ୱୀଙ୍କ ଗାଡିକୁ ପିଛା କରିବା ପରେ ବେସ୍ ବଲ୍ ବ୍ୟାଟରେ ପିଟି କାରର ଆଗପଟ କାଚ ଭାଙ୍ଗି ଦେଇଥିଲେ। ମୁମ୍ବାଇ ବିମାନ ବନ୍ଦରର ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବା ବେଳେ ଶୋଭିତ୍ ଠାକୁର ଏବଂ ସପନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ୍ୟ ଉଭୟ ପୃଥ୍ୱୀଙ୍କୁ ଛାଡି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ଗାଡିକୁ ପିଛା କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ତେବେ ଶୋଭିତ ଏବଂ ସପନା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଉଭୟ ୫୦ ହଜାର ଟଙ୍କା ଦାବି କରିଥିବା ବେଳେ ପଇସା ନ ମିଳିଲେ ମିଛ ମାମଲାରେ ଫସାଇବାକୁ ଧମକ ଦେଇଥିଲେ। ପୃଥ୍ୱୀ ଶ' ପ୍ରଥମେ ଆକ୍ରମଣ କରିଥିବା ନେଇ ଶୋଭିତ ଓ ସପ୍‌ନାଙ୍କ ଓକିଲ ଅଲୀ କାଶିଫ ଖାନ୍ ବୟାନ ଦେଇଛନ୍ତି। ଏହା ସହିତ ଏକ ଭିଡିଓରେ ସପନା ଏବଂ ପୃଥ୍ୱୀ ଏକ ବେସ୍ ବଲ୍ ବ୍ୟାଟକୁ ଛଡାଇବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ପରେ ସପନାଙ୍କୁ ଓଶିୱାରା ପୋଲିସ ଷ୍ଟେଶନରେ ଅଟକ ରଖାଯାଇଥିବା ଜଣାପଡିଛି।



ପୃଥ୍ୱୀଙ୍କୁ ଆକ୍ରମଣ ସମୟର ଦୃଶ୍ୟ।

# ସୋହିନୀ, ଆରାଧ୍ୟା ସମ୍ବର୍ଦ୍ଧିତ




ସୋହିନୀ, ଆରାଧ୍ୟାଙ୍କୁ ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୧୬।୨**
**(କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ**

ଭୋପାଳରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଟେନିସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ସୋହିନୀ ମହାନ୍ତି ଓ ଆରାଧ୍ୟା ବର୍ମାଙ୍କୁ ଗୁରୁବାର ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋହିନୀ-ଆରାଧ୍ୟା ଯୋଡ଼ି ବାଳିକା ଡବଲ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଫାଇନାଲରେ ଏହି ଯୋଡ଼ି ମଧ୍ୟପ୍ରଦେଶ ଯୋଡ଼ିଙ୍କୁ ୭-୬, ୭-୬ ସେଟ୍‌ରେ ହରାଇ ଦେଇଥିଲେ। ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୋହିନୀ ଓ ଆରାଧ୍ୟାଙ୍କୁ ୨୫,୦୦୦ ଟଙ୍କା ଲେଖାଏ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କ କୋଚ୍ ସୟଦ ଫରହାନ ଅଲୀ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିଲେ। ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ପାଇଁ ରାଜ୍ୟର ଖେଳାଳିଙ୍କୁ ଅଧିକ ଅଭ୍ୟାସ ସୁଯୋଗ ଦେବା ଲକ୍ଷ୍ୟରେ ଓଡ଼ିଶା ଟେନିସ ଆସୋସିଏଶନ ଏକାଧିକ ଏଆଇଟିଏ ଟୁର୍ନାମେଣ୍ଟ ଆୟୋଜନର ଲକ୍ଷ୍ୟ ରଖିଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଏବଂ ଆସୋସିଏଶନର ଅନ୍ୟ ସଦସ୍ୟଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

# କ୍ଷମା ମାଗିଲା ଆଇସିସି

**ଦୁବାଇ, ୧୬।୨(ପି.ଟି.)**

ଟେଷ୍ଟ ଟିମ୍ ର୍ୟାଙ୍କିଙ୍ଗରେ ବୈଷୟିକ ତ୍ରୁଟି ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କ୍ଷମା ମାଗିଛି। ବୁଧବାର ପ୍ରଥମେ ଭାରତକୁ ନମ୍ବର ୧ ଟେଷ୍ଟ ଦଳ ଭାବେ ଘୋଷଣା କରିବାର କିଛି ସମୟ ପରେ ଏହାର ଅପ୍‌ଡେଟ୍ ତାଲିକାରେ ରୋହିତ ଶର୍ମାଙ୍କ ଦଳକୁ ନମ୍ବର ୨ ବୋଲି ଦର୍ଶାଇଥିଲା। ନାଗପୁରରେ ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ବିପକ୍ଷରେ ଇନିଂସ ଓ ୧୩୨ ରନ ବିଜୟ ପରେ ଆଇସିସି ରୋହିତଙ୍କ ଦଳକୁ ନମ୍ବର ୱାନ୍ ଦଳ ବୋଲି ଘୋଷଣା କରିଥିଲା। ଗୁରୁବାର ଆଇସିସି ନିଜ ତ୍ରୁଟିକୁ ସ୍ୱୀକାର କରିବା ସହ ବୈଷୟିକ ତ୍ରୁଟି ଯୋଗୁ ଆଇସିସି ୱେବ୍‌ସାଇଟ୍‌ରେ ଭୁଲବଶତଃ ଭାରତକୁ ନମ୍ବର ୱାନ ଦଳ ଭାବେ ଦର୍ଶାଯାଇଥିଲା ବୋଲି କହିଛି। ଏହି କାର୍ଯ୍ୟ ପାଇଁ ଆଇସିସି କ୍ଷମା ପ୍ରାର୍ଥନା ମଧ୍ୟ କରିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଜିମ୍ବାୱେର ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ପରେ ଆଇସିସି ଏହାର ଟେଷ୍ଟ ଟିମ୍ ର୍ୟାଙ୍କିଙ୍ଗ ତାଲିକାରେ ଅପ୍‌ଡେଟ୍ କରିଥିଲା। ଦିଲ୍ଲୀରେ ଶୁକ୍ରବାର ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଅଷ୍ଟ୍ରେଲିଆ ନମ୍ବର ୱାନ ର୍ୟାଙ୍କିଙ୍ଗ ଦଳ ଭାବେ ଖେଳିବ। ଅଷ୍ଟ୍ରେଲିଆର ରେଟିଙ୍ଗ ପଏଣ୍ଟ ବର୍ତ୍ତମାନ ୧୨୬ ରହିଥିବା ବେଳେ ଭାରତର ୧୧୫ ରହିଛି। ଭାରତ ବର୍ତ୍ତମାନ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୧-୨୩ ଫାଇନାଲ ଦୌଡ଼ରେ ରହିଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟର ଫାଇନାଲ ପାଇଁ ଅଷ୍ଟ୍ରେଲିଆ ମଧ୍ୟ ଅନ୍ୟତମ ଦାବିଦାର ରହିଛି। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍ ୭ରୁ ୧୧ ଲଣ୍ଡନସ୍ଥିତ ଓଭାଲଠାରେ ଖେଳାଯିବ।

**ଟିମ୍ ର୍ୟାଙ୍କିଙ୍ଗ୍‌ରେ ତ୍ରୁଟି ଘଟଣା**

## ଜଙ୍ଗ୍‌ଙ୍କୁ ହରାଇ କ୍ୱାର୍ଟରରେ ନାଗାଲ

**ଚେନ୍ନାଇ, ୧୬।୨ (ପି.ଟି.):** ସୁମିତ ନାଗାଲ ଏଠାରେ ଚାଲିଥିବା ଚେନ୍ନାଇ ଓପନ ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ଲଢୁଆ ପ୍ରତ୍ୟାବର୍ତ୍ତନ ସହ ଚାଇନିଜ୍ ତାଇପେର ଜାସନ ଜଙ୍ଗ୍‌ଙ୍କୁ ୩-୬, ୬-୨, ୬-୦ରେ ହରାଇ ଦେଇଛନ୍ତି। ଏଥି ସହିତ ସେ ଭାରତୀୟ ଚ୍ୟାଲେଞ୍ଜକୁ ଉଜ୍ଜୀବିତ ରଖିଛନ୍ତି। ୨୫ ବର୍ଷୀୟ ଭାରତୀୟ ଖେଳାଳି କ୍ୱାଲିଫାଇଙ୍ଗ ଜରିଆରେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏଟିପି ର୍ୟାଙ୍କିଙ୍ଗରେ ୫୦୬ ନମ୍ବର ସ୍ଥାନରେ ରହିଥିବା ନାଗାଲ କ୍ୱାର୍ଟରଫାଇନାଲରେ ଗ୍ରେଟ୍ ବ୍ରିଟେନର ଜେ କ୍ଲାର୍କ (୩୧୩)ଙ୍କୁ ଭେଟିବେ। କ୍ଲାର୍କ ୩-୬, ୬-୩, ୬-୪ରେ ଦିମିତାର କୁଜ୍‌ମାନୋଭଙ୍କୁ ପରାସ୍ତ କରି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ଜେମ୍ସ ଡକ୍‌ୱର୍ଥ ସର୍ବିଆର ହମାଦ ମେଡ୍‌ଜୋଭିଚ୍‌ଙ୍କୁ ୬-୨, ୭-୬ (୩)ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟତମ ଖେଳାଳି ମାକ୍ସ ପର୍ସେଲ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।




# ସୁପର୍-୮ରେ ଓଡ଼ିଶା

**ଭୁବନେଶ୍ୱର, ୧୬।୨**
**(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜସ୍ଥାନର ଆଜମେରରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦୃଷ୍ଟିବାଧିତ ନାଗେଶ ଟ୍ରଫିର ସୁପର-୮ରେ ପ୍ରବେଶ କରିଛି ଓଡ଼ିଶା । ଗୁରୁବାର ଜମ୍ମୁ-କଶ୍ମୀରକୁ ୮ ଉଇକେଟରେ ହରାଇଥିବା ଓଡ଼ିଶା କ୍ରମାଗତ ତୃତୀୟ ଗ୍ରୁପ୍ ମ୍ୟାଚ ଜିତିବା ପରେ ସୁପର-୮ରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ୨୦ ଓଭରରେ ୧୫୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଏମ୍‌ଡି ଅଜିମ୍ ସର୍ବାଧିକ ୫୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ତପନ କୁମାର ଗୌଡ, ସୁଖରାମ ମାଝି, ନକୁଳ ବଡନାୟକ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଏମ୍‌ଡି ଜାଫର ଇକବାଲ ଗୋଟିଏ ଉଇକେଟ ହାସଲ କରିଥିଲେ। ଜବାବରେ ଓଡ଼ିଶା ୧୧.୪ ଓଭରରେ ଦୁଇ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଲାଲ ପ୍ରସାଦ ସୋରେନ୍ ସର୍ବାଧିକ ୮୨ ଓ ଶୁକଦେବ ସୋରେନ ୫୫ ରନ୍ କରିଥିଲେ। ଲାଲ ପ୍ରସାଦଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଶୁକ୍ରବାର ଓଡ଼ିଶା ଚତୁର୍ଥ ଲିଗ୍ ମ୍ୟାଚରେ ଆୟୋଜକ ରାଜସ୍ଥାନକୁ ଭେଟିବ।

**ଦୃଷ୍ଟିବାଧିତ ନାଗେଶ ଟ୍ରଫି**




ଲାଲ ପ୍ରସାଦ ପୁରସ୍କାର ଗ୍ରହଣ କରୁଛନ୍ତି।

# ରଣଜୀ ଫାଇନାଲ: ଦୃଢ଼ ସ୍ଥିତିରେ ସୌରାଷ୍ଟ୍ର

**କୋଲକାତା, ୧୬।୨(ପି.ଟି)**

ଐତିହାସିକ ଇଡେନ ଗାର୍ଡେନ୍ସରେ ଗୁରୁବାର ବେଙ୍ଗଲ ଓ ସୌରାଷ୍ଟ୍ର ମଧ୍ୟରେ ରଣଜୀ ଟ୍ରଫି ଫାଇନାଲ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ସୌରାଷ୍ଟ୍ର ଦୃଢ ସ୍ଥିତିରେ ରହିଛି। ସୌରାଷ୍ଟ୍ର ପାଇଁ ଗ୍ରୀନ୍ ଟ୍ରାକ ପ୍ରସ୍ତୁତ କରିବା ବେଙ୍ଗଲ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି। ଦୁଇ ବାମହାତୀ ପେସ୍ ବୋଲର ଜୟଦେବ ଉନାଡକଟ ଓ ଚେତନ ସାକାରିୟାଙ୍କ ଘାତକ ବୋଲିଂ ବଳରେ ବେଙ୍ଗଲକୁ ମାତ୍ର ୧୭୪ ରନରେ ସୀମିତ ରଖିଥିଲା ସୌରାଷ୍ଟ୍ର। ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୨ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରିଛି। ଟସ୍ ଜିତି ବୋଲିଂ କରିଥିବା ସୌରାଷ୍ଟ୍ର ପକ୍ଷରୁ ଉନାଡକଟ, ସାକାରିୟା ଓ ଚିରାଗ ଜାନି ଘାତକ ବୋଲିଂ କରିଥିଲା। ଟପ୍ ଅର୍ଡରରେ ସୁମନ୍ତ ଗୁପ୍ତା(୧), ଅଭିମନ୍ୟୁ ଈଶ୍ୱରନ୍(୦) ଓ ସୁଦୀପ ଘରାମି(୦) ଦୁଇ ଓଭର ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ବେଙ୍ଗଲ ୬୬ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ସ୍ପିନ ବୋଲିଂ ଅଲରାଉଣ୍ଡର ଶାହବାଜ ଅହମଦ(୬୯) ଓ ଉଇକେଟ କିପର ଅଭିଷେକ ପୋରେଲ(୫୦)ଙ୍କ ମଧ୍ୟରେ ସପ୍ତମ ଉଇକେଟରେ ୧୦୧ ରନ୍‌ର ଭାଗିଦାରି ହେବାରୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ବେଙ୍ଗଲ ୫୪.୧ ଓଭରରେ ୧୭୪ ରନରେ ଅଲଆଉଟ ହୋଇଥିଲା। ଜୟଦେବ ଉନାଡକଟ ଓ ଚେତନ ସାକାରିୟା ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଚିରାଗ ଜାନି ଓ ଧର୍ମେନ୍ଦ୍ର ସିଂ ଜାଡେଜା ୨ଟି ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ହାସଲ ପରେ ଚେତନ ସାକାରିୟା ।

ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ସୌରାଷ୍ଟ୍ର ହାତରେ ୮ ଉଇକେଟ ଥିବା ବେଳେ ଦଳ ୯୩ ରନ୍ ପଛରେ ରହିଛି। ଓପନର ତଥା ଉଇକେଟ କିପର ହାର୍ଭିକ୍ ଦେଶାଇ ୩୮ ଓ ନାଇଟ ୱାଚମ୍ୟାନ ଚେତନ ସାକାରିୟା ୨ ରନ୍‌ରେ କ୍ରିଜରେ ଉପସ୍ଥିତ ଅଛନ୍ତି। ଜୟ ଗୋହିଲ୍ ୬ ଓ ବିଶ୍ୱରାଜ ଜାଡେଜା ୨୫ ରନ୍ କରି ପ୍ୟାଭିଲିୟନ୍ ଫେରିଛନ୍ତି। ଆକାଶ ଦୀପ୍ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ-୫୪.୧ ଓଭରରେ ୧୭୪/୧୦(ଶାହବାଜ ଅହମଦ-୬୯, ଅଭିଷେକ ପୋରେଲ୍-୫୦, ଆକାଶ ଘଟକ-୧୭, ଚେତନ ସାକାରିୟା-୩/୩୩, ଜୟଦେବ ଉନାଡକଟ-୩/୪୪, ଧର୍ମେନ୍ଦ୍ର ସିଂ ଜାଡେଜା-୨/୧୯)। ସୌରାଷ୍ଟ୍ର ପ୍ରଥମ ଇନିଂସ-୧୭ ଓଭରରେ ୮୧/୨ (ହାର୍ଭିକ ଦେଶାଇ-୩୮*, ବିଶ୍ୱରାଜ ଜାଡେଜା-୨୫, ମୁକେଶ କୁମାର-୧/୨୩, ଆକାଶ ଦୀପ୍-୧/୨୮)।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ